# ସାହିତ୍ୟ

# ଓ

# ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର କେତେକ ଦିଗ

ଶିବଦାସ ଘୋଷ

# ମୁଖବନ୍ଧ

୧୯୬୪ ମସିହାର ୨୬,୨୭ ଓ ୨୮ ଜୁନ୍‌ରେ କଲିକତା ମୁସଲିମ୍ ଇନ୍‌ଷ୍ଟିଚ୍ୟୁଟ୍ ହଲ୍‌ରେ ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) ପଶ୍ଚିମବଙ୍ଗ ରାଜ୍ୟ କମିଟି ଉଦ୍ୟୋଗରେ ଏକ ରାଜନୈତିକ ଶିକ୍ଷାଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିକ୍ଷାଶିବିରଟିକୁ ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) ର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ, ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ୍ ଶିବଦାସ ଘୋଷ ପରିଚାଳନା କରିଥିଲେ । ଏହି ଶିକ୍ଷାଶିବିରରେ ମୂଳତଃ ମାର୍କ୍ସବାଦ୍ ଓ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ, ଆନ୍ତର୍ଜାତିକ ଓ ଜାତୀୟ ପରିସ୍ଥିତି, କମ୍ୟୁନିଷ୍ଟ ଚରିତ୍ର ଗଠନ ଓ ପାର୍ଟି ସଙ୍ଗଠନ ସମ୍ପର୍କରେ ସେ ଆଲୋଚନା କରିଥିଲେ । ଟେପ୍ ରେକର୍ଡରୁ ଉଠାଯାଇଥିବା ଏହି ମାର୍କ୍ସବାଦ ଓ ବିଜ୍ଞାନ ସଂକ୍ରାନ୍ତୀୟ ଅଂଶଟିକୁ ସମ୍ପାଦିତ କରି ୧୯୯୦ ମସିହା ଏପ୍ରିଲ ୨୪ ତାରିଖ ଦିନ ଏହାକୁ ପ୍ରଥମେ ପ୍ରକାଶ କରାଯାଇଥିଲା ।

ଏହି ତିନିଦିନିଆ ରାଜନୈତିକ ଶିକ୍ଷାଶିବିରରେ ଅନେକ ଗୁଡିଏ ଆଲୋଚନାର ବିଷୟବସ୍ତୁ ରହିଥିବାରୁ ମାର୍କ୍ସବାଦ ଓ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ସଂକ୍ରାନ୍ତୀୟ ଆଲୋଚନା ସ୍ୱାଭାବିକ ଭାବେ ସଂକ୍ଷେପରେ କରାଯାଇଛି । ତା’ ସତ୍ତ୍ୱେ ବି ଏହି ଆଲୋଚନା ପାଠକମାନଙ୍କ ମଧ୍ୟରେ ମାର୍କ୍ସବାଦ ଓ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ସଂକ୍ରାନ୍ତରେ ଏକ ମୌଳିକ ଧାରଣା ଗଢିତୋଳିବା କ୍ଷେତ୍ରରେ ବିରାଟ ଭୂମିକା ପାଳନ କରିବ ବୋଲି ଆମର ଆଶା ।

ଓଡ଼ିଆ ଭାଷାରେ ମାର୍କ୍ସବାଦ ଓ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ସଂକ୍ରାନ୍ତୀୟ ପୁସ୍ତକର ଅଭାବ ରହିଥିବାରୁ ଏବଂ ବିଜ୍ଞାନସମ୍ମତ ଦର୍ଶନ ସଂକ୍ରାନ୍ତରେ ଏକ ଯଥାର୍ଥ ଧାରଣା ଗଢ଼ିତୋଳିବା ଉଦ୍ଦେଶ୍ୟରେ ଏହା ଓଡ଼ିଆ ଭାଷାରେ ୨୦୦୬ ମସିହା ମେ’ ୧୦ ତାରୀଖରେ ପ୍ରଥମ ପ୍ରକାଶିତ ହୋଇଥିଲା । ଅଳ୍ପଦିନ ମଧ୍ୟରେ ପ୍ରକାଶିତ ସମସ୍ତ ପୁସ୍ତକ ଶେଷ ହୋଇଯିବାରୁ ଏବଂ ଏହାର ବ୍ୟାପକ ଚାହଦାକୁ ଅନୁଭବ କରି ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ଦ୍ୱାରା ପରିମାର୍ଜିତ ବର୍ତ୍ତମାନ ପୁସ୍ତକଟିର ଦ୍ୱିତୀୟ ମୁଦ୍ରଣ ପ୍ରକାଶ କରୁଛୁ । ଅନୁବାଦ ଓ ମୁଦ୍ରଣଜନିତ ସମସ୍ତ ତ୍ରୁଟିପାଇଁ ଆମେ ଦାୟୀ ।

ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ)
ପ୍ଲଟ ନଂ. ୬୧, ରୋଡ୍ ନଂ.-୩
ଗଙ୍ଗୋତ୍ରୀନଗର, ଭୁବନେଶ୍ୱର-୨
୨୦ ମାର୍ଚ୍ଚ ୨୦୧୦

**ଧୂର୍ଜଟୀ ଦାସ**

# ମାର୍କ୍ସବାଦ ଓ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର କେତେକ ଦିଗ

ଆଜିଠାରୁ ଆସନ୍ତା କେତେଦିନ ବ୍ୟାପୀ ଯେଉଁ ରାଜନୈତିକ ଶିକ୍ଷାଶିବିର ଏଠାରେ ଅନୁଷ୍ଠିତ ହେବ, ତାର ମୂଳ ଆଲୋଚ୍ୟ ବିଷୟ ହେଉଛି ମାର୍କ୍ସବାଦ । ପ୍ରଥମରୁ କହିଦେବା ଆବଶ୍ୟକ ଯେ, ଆମ ହାତରେ ଯେଉଁ ସୀମିତ ସମୟ ରହିଛି, ସେଥିରେ ମାର୍କ୍ସବାଦୀ ଦର୍ଶନର ସମସ୍ତ ଦିଗ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିବା ସମ୍ଭବ ନୁହେଁ । ତଥାପି ମାର୍କ୍ସବାଦର ଜରୁରୀ ଓ ମୂଲ୍ୟବାନ ବିଷୟ ଉପରେ ଯେତେଦୂର ସମ୍ଭବ ମୁଁ ଏହି କ୍ଲାସରେ ଆଲୋଚନା କରିବାପାଇଁ ଚେଷ୍ଟା କରିବି ।

### ମାର୍କ୍ସବାଦ ଚର୍ଚ୍ଚା କରିବା କାହିଁକି

ସର୍ବପ୍ରଥମେ ଗୋଟିଏ ବିଷୟ ସାଧାରଣଭାବେ ସମସ୍ତଙ୍କର ବୁଝିବା ଦରକାର ତାହା ହେଉଛି ଦୁନିଆରେ ଏତେସବୁ ଦର୍ଶନ ଥିବା ସତ୍ତ୍ୱେବି ଆମେ ବିଶେଷଭାବେ ମାର୍କ୍ସବାଦ ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଛୁ କାହିଁକି ବା ମାର୍କ୍ସବାଦ ସମ୍ପର୍କରେ ଆଲୋଚନା କରିବାପାଇଁ ଏତେ ଗୁରୁତ୍ୱ ଆରୋପ କରୁଛୁ କାହିଁକି ? ତାହା କ'ଣ ନିଛକ ଏଇଥିପାଇଁ ଯେ, ମାର୍କ୍ସବାଦ କେବଳମାତ୍ର ଏକ ଦର୍ଶନ ଏବଂ ଏକ ବିଶେଷ ଦର୍ଶନଭାବେ ହିଁ ଆମେ ତାହା ଜାଣିବାକୁ ଚାହୁଁଛୁ – ନା ଏହାର କୌଣସି ଭିନ୍ନ ଅର୍ଥ, ଭିନ୍ନ ତାତ୍ପର୍ଯ୍ୟ ରହିଛି ? ଆପଣମାନଙ୍କର ମନେରଖିବା ଦରକାର, ଆମ ନିକଟରେ ମାର୍କ୍ସବାଦ ସମ୍ପର୍କିତ ଆଲୋଚନା, ସ୍କୁଲ କଲେଜରେ ଛାତ୍ରମାନେ ଯେଉଁଭଳିଭାବେ ବିଭିନ୍ନ ଦର୍ଶନ, ବିଭିନ୍ନ ମତବାଦ ପଢ଼ନ୍ତି ବା ଆଲୋଚନା କରନ୍ତି, ଠିକ୍ ସେଭଳି ନୁହେଁ । ଆମେ ମାର୍କ୍ସବାଦକୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦର୍ଶନ ବୋଲି ମନେକରୁ, ଯାହା ଆଜିକାର ଦୁନିଆର ପ୍ରତ୍ୟେକ ମଣିଷ ଯିଏ ସମାଜ ପରିବର୍ତ୍ତନର ଧାରାକୁ ତ୍ୱରାନ୍ୱିତ କରିବାକୁ ଚାହେଁ ତା ନିକଟରେ ଏହା ଚର୍ଚ୍ଚା କରିବା ନିହାତି ପ୍ରୟୋଜନ । ମୁଁ ଜାଣେ ଏହି ବିଷୟକୁ କେନ୍ଦ୍ରକରି ଅନେକ ମତପାର୍ଥକ୍ୟ ରହିଛି । ଏହା ରହିପାରେ ଏବଂ ଏଥିରେ ଅସ୍ୱାଭାବିକ କିଛି ନାହିଁ । କିନ୍ତୁ ମୁଁ ଯାହା ସତ୍ୟବୋଲି ମନେକରେ ସେହିସବୁ ବିଷୟ ଆପଣମାନଙ୍କ ନିକଟରେ ତୋଳି ଧରିବାକୁ ଚେଷ୍ଟା କରିବି । ମୁଁ କହୁଛି ବୋଲି ମୋ କଥାଗୁଡିକ ସତ୍ୟ, ବିଷୟଟିକୁ ଏଭଳିଭାବେ ଆପଣମାନେ ଧରିନେବେ ନାହିଁ । ମୋର ଅନୁରୋଧ ମୋ କଥାଗୁଡିକୁ ଆପଣମାନେ ବିଚାର କରି ଗ୍ରହଣ କରିବେ, ଅନ୍ଧତାର ବଶବର୍ତ୍ତୀ ହୋଇ ନୁହେଁ । ଏଭଳିଭାବେ କୌଣସି ବିଷୟକୁ ମାନିନେବା ଭିତରେ ଏକ ଯାନ୍ତ୍ରିକତାର ଝୁଙ୍କ ବା ମାନସିକ ପ୍ରବଣତା କାମ କରିବାକୁ ବାଧ୍ୟ । ଆଉ ଯାନ୍ତ୍ରିକତାର ଏହି ଝୁଙ୍କ କେବଳ ସତ୍ୟାନୁସନ୍ଧାନକୁ ବିପଥଗାମୀ କରିଦିଏ ତାହାନୁହେଁ, ବହୁତ କ୍ଷତିବି

କରିଦେଇପାରେ । ତେଣୁ ମୁଁ କହୁଛି ବୋଲି ନୁହେଁ, ସମସ୍ତ ବିଷୟକୁ ବିଶ୍ଳେଷଣ କରି, ପରୀକ୍ଷା ନୀରିକ୍ଷା କରି ହିଁ ବକ୍ତବ୍ୟ ବିଷୟରେ ସତ୍ୟାସତ୍ୟ ଆପଣମାନଙ୍କୁ ଗ୍ରହଣ କରିବାକୁ ହେବ ।

ସମଗ୍ର ପୃଥିବୀର କେବଳ ଶୋଷିତ ମଣିଷ ହିଁ ନୁହଁନ୍ତି, ଗୋଟିଏ କଥାରେ କହିବାକୁ ଗଲେ ମାନବ ସଭ୍ୟତା ଆଜି ଚୁଡାନ୍ତ ସଙ୍କଟର ସମ୍ମୁଖୀନ । ଏହି ସଙ୍କଟର ମୂଳ କାରଣ କ'ଣ ଏବଂ କାହିଁକି ଏସବୁ ସମସ୍ୟା ଦେଉଛି, ସେଗୁଡିକୁ ଖୋଜି ବାହାର କରିବାର କାମଟି ବିଶେଷଭାବେ ଶୋଷିତ ମଣିଷ ନିକଟରେ ଅତ୍ୟନ୍ତ ଜରୁରୀ ହୋଇ ଦେଖାଦେଇଛି । ମୁଁ ମନେ କରେ ମାର୍କ୍ସବାଦୀ ଦର୍ଶନକୁ ଯଥାର୍ଥଭାବେ ଆୟତ୍ତ କରି ନପାରିଲେ ଏବଂ ଏହା ସମ୍ପର୍କରେ ସମ୍ୟକ ଜ୍ଞାନ ଓ ଉପଲବ୍ଧି ଅର୍ଜନ ନକଲେ ଆଜିକାର ଦିନରେ ଶୋଷିତ ମଣିଷ ବର୍ତ୍ତମାନ ଦୁନିଆର ନାନାବିଧ ସମସ୍ୟା ଓ ସଙ୍କଟର ଚରିତ୍ର ସମ୍ପର୍କରେ ଯଥାର୍ଥ ଧାରଣା ଗଢ଼ିତୋଳିବାକୁ ସକ୍ଷମ ହେବେ ନାହିଁ ଏବଂ ନାନାବିଧ ଅତ୍ୟାଚାର, ଅବିଚାର, ଅନ୍ୟାୟ ତଥା ବିଭିନ୍ନ ସମସ୍ୟା ହାତରୁ ନିଜକୁ ମୁକ୍ତ କରିପାରିବେ ନାହିଁ । ଜୀବନର ପ୍ରତ୍ୟେକ ବିଷୟରେ ହିଁ ଅର୍ଥନୈତିକ, ରାଜନୈତିକ, ସାମାଜିକ, ସାଂସ୍କୃତିକ ସମସ୍ତ କ୍ଷେତ୍ରରେ, 'କାହିଁକି ଏହା ଘଟୁଛି', କାହିଁକି ତାହା ଘଟୁଛି'– ଗୋଟାକ୍ପରେ ଗୋଟେ ପ୍ରଶ୍ନର ଢ଼େଉ ଉଠୁଛି । ମାର୍କ୍ସବାଦ ଛଡା ଏଭଳି ଅନ୍ୟ କୌଣସି ବିଜ୍ଞାନ ନାହିଁ ଯାହାକି ଏହିସବୁ କାହିଁକିର ଉତ୍ତର ସଠିକ୍‌ଭାବେ ଦେଇପାରେ । ତାହାଛଡା ମାର୍କ୍ସବାଦର କାମ କେବଳ ଦୁନିଆକୁ ବ୍ୟାଖ୍ୟା କରିବା ନୁହେଁ, ଦୁନିଆକୁ ପରିବର୍ତ୍ତନ କରିବା ବି ତାର କାମ, ତେଣୁ କ୍ରିୟାହୀନ ନିଷ୍ଫଳା ମତବାଦ ସହିତ ମାର୍କ୍ସବାଦର କୌଣସି ସମ୍ପର୍କ ନାହିଁ ।

## ମାର୍କ୍ସବାଦ ଏକ ବିଜ୍ଞାନ

ଆପଣମାନେ ନିଶ୍ଚେ ଲକ୍ଷ୍ୟ କରିଥିବେ, ମୁଁ ମୋର ବକ୍ତବ୍ୟରେ ମାର୍କ୍ସବାଦକୁ ଏକ ବିଜ୍ଞାନଭାବେ ଉଲ୍ଲେଖ କରିଛି, ଯଦିଓ ଦୁନିଆର ଶିକ୍ଷିତ ସମାଜ ନିକଟରେ ମାର୍କ୍ସବାଦ ସାଧାରଣଭାବେ ଏକ ଦର୍ଶନ ହିସାବରେ, ଏକ ସ୍କୁଲ ଅଫ୍ ଥଟ୍ (School of thought) ଏକ ବିଶେଷ ଚିନ୍ତାଧାରା ବା ମତବାଦ ହିସାବରେ ହିଁ ପରିଚିତ । କିନ୍ତୁ ମୁଁ ମାର୍କ୍ସବାଦକୁ ଯେମିତିଭାବେ ବୁଝିଛି, ସେଥିରେ ମୋ ମତରେ ମାର୍କ୍ସବାଦ ଅନ୍ୟାନ୍ୟ ବହୁ ଦର୍ଶନ ଭଳି କେବଳମାତ୍ର ଏକ ବିଶେଷ ମତବାଦ ବା 'ସ୍କୁଲ ଅଫ୍ ଥଟ୍' – ଏଭଳିଭାବେ ବୁଝିଲେ ଭୁଲ ହେବ । କାରଣ ସେ କ୍ଷେତ୍ରରେ ଏହା ହିଁ ମନେ ହେବ ଯେ, ମାର୍କ୍ସବାଦ୍ ଅନ୍ୟାନ୍ୟ ଦର୍ଶନର ସମ ପର୍ଯ୍ୟାୟଭୁକ୍ତ । ଏହିଭଳିଭାବେ ବୁଝିବାର ଅର୍ଥ ହେବ ସାଧାରଣ ମଣିଷ ନିଜର ଭଲ ଲାଗିବା ମନ୍ଦ ଲାଗିବା ଉପରେ ଇଚ୍ଛାକଲେ ମାର୍କ୍ସବାଦକୁ ଗ୍ରହଣ କରିପାରେ ବା ବର୍ଜନ କରିପାରେ । କିନ୍ତୁ ବିଷୟଟି ତାହା ନୁହେଁ । ବିଜ୍ଞାନ କ୍ଷେତ୍ରରେ ଏପରି ଘଟଣା ଘଟିପାରେ ନା । ବିଷୟଟିକୁ ଉଦାହରଣ ଦେଇ କହିଲେ ଆପଣମାନଙ୍କର ବୁଝିବାକୁ ସୁବିଧା ହେବ । ଧରନ୍ତୁ, ଯଦି କେହି କହନ୍ତି, ଫିଜିକ୍ସର ବିଭିନ୍ନ "ସ୍କୁଲ ଅଫ୍ ଥଟ୍" ଅଛି – ସେଥିରୁ ଯେକୌଣସି ଗୋଟାକୁ କେହି ବାଛି ନେଇ ପାରନ୍ତି, ତେବେ ନିଶ୍ଚେ କୌଣସି ଚିନ୍ତାଶୀଳ

ମଣିଷ ପାଇଁ ତାହା ଗ୍ରହଣଯୋଗ୍ୟ ହେବ ନାହିଁ । ବିଜ୍ଞାନ ଜଗତରେ ଏଭଳି ଚିନ୍ତାର କୌଣସି ସ୍ଥାନ ନାହିଁ । ବିଜ୍ଞାନ କ୍ଷେତ୍ରରେ ଯାହା ଘଟିପାରେ, ତାହା ହେଲା, କୌଣସି ଗୋଟାଏ ବିଷୟ ସମ୍ପର୍କରେ ଏକାଧିକ ବୈଜ୍ଞାନିକ ଏକାଧିକ 'ହାଇପୋଥେସିସ୍' ଠିଆ କରିପାରନ୍ତି । କିନ୍ତୁ ପରୀକ୍ଷା ନିରୀକ୍ଷା ମାଧ୍ୟମରେ ସେଇସବୁ 'ହାଇପୋଥେସିସ୍' ଭିତରୁ କେଉଁଟା ସତ୍ୟ, ବା ଯଦି ଏହା ଭିତରୁ କୌଣସି ଟି ବି ସତ୍ୟ ନ ହୋଇଥାଏ, ତାହା ବିଚାର କରି ହିଁ ନିର୍ଦ୍ଧାରଣ କରିବାକୁ ହୁଏ । ଏହି କାରଣରୁ ବିଜ୍ଞାନ ଦୁନିଆର ସମସ୍ତ ଦେଶର ସବୁ ମଣିଷଙ୍କ କ୍ଷେତ୍ରରେ ସମାନ ଭାବେ ପ୍ରଯୁଜ୍ୟ । ଦେଶ ଓ ଜାତିର ପାର୍ଥକ୍ୟ ସହିତ ବିଜ୍ଞାନର ସିଦ୍ଧାନ୍ତଗୁଡ଼ିକ ବଦଳିଯାଏ ନାହିଁ । ତେଣୁ ମୁଁ ଯେତେବେଳେ କହୁଛି, ମାର୍କ୍ସବାଦ ହେଉଛି ଏକ ବିଜ୍ଞାନ, ଆଉ ସେହି ବକ୍ତବ୍ୟ ଯଦି ସଠିକ୍ ହୁଏ – ଏହା କି ଧରଣର ବିଜ୍ଞାନ ସେ ଆଲୋଚନା ମୁଁ ପରେ କରିବି – ତେବେ ଗୋଟିଏ କଥା ଆମକୁ ନିଶ୍ଚିତ ହିଁ ସ୍ୱୀକାର କରିବାକୁ ହେବ ଯେ, ବିଜ୍ଞାନ ହିସାବରେ ଏହା ସମସ୍ତ ଦେଶର ସବୁ ମଣିଷଙ୍କ ପାଇଁ ପ୍ରଯୁଜ୍ୟ । ଏହାର କୌଣସି ଦେଶ ବା ଜାତି ରହିପାରେନା । ସବୁ ଦେଶ ସବୁ ମଣିଷ ଓ ସବୁ ଜାତିଙ୍କ ସାମ୍ନାରେ ଯେତେ ପ୍ରଶ୍ନ, ଯେତେ ଜିଜ୍ଞାସା ରହିଛି, ଏକମାତ୍ର ମାର୍କ୍ସବାଦ ହିଁ ତାର ସଠିକ୍ ଉତ୍ତର ଦେଇପାରେ । ତା'ପରେ ଗୋଟିଏ ପ୍ରଶ୍ନ ଆମ ପାଖରେ ରହିପାରେ, ତାହା ହେଉଛି ଆମେ ବିଜ୍ଞାନକୁ ଗ୍ରହଣ କରିବା ନା ବର୍ଜନ କରିବା ?

ଆମେ ସମସ୍ତେ ହିଁ ସ୍ୱୀକାର କରୁ ଯେ, ଆମେ ସତ୍ୟ ଜାଣିବାକୁ ଚାହୁଁ, ସତ୍ୟକୁ ସନ୍ଧାନ କରିବାକୁ ଚାହୁଁ ଏବଂ ଆମେ ଏକଥା ବି ଜାଣୁ ଯେ, ବିଜ୍ଞାନ ହେଉଛି ଏକମାତ୍ର ହତିଆର, ଯାହା ମଣିଷକୁ ସତ୍ୟର ସନ୍ଧାନ ଦେଇପାରେ । ବିଜ୍ଞାନଛଡ଼ା ଆମ ନିକଟରେ ସତ୍ୟକୁ ସଠିକ୍ଭାବେ ଜାଣିବାର ଅନ୍ୟ କୌଣସି ବାଟ ନାହିଁ । କୌଣସି ମନଗଢ଼ା ଚିନ୍ତା ଦ୍ୱାରା ଆମେ ସତ୍ୟକୁ ଜାଣିପାରୁ ନା, ଜାଣିବା ସମ୍ଭବ ବି ନୁହେଁ । ତେଣୁ ମାର୍କ୍ସବାଦ ବା ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଏକ ସାମଗ୍ରିକ ବିଜ୍ଞାନଭାବେ ଗଢ଼ି ଉଠିଛି, ସେହି ମାର୍କ୍ସବାଦ ବା ଦ୍ୱନ୍ଦ୍ୱମୂଳକ ବସ୍ତୁବାଦକୁ ଜାଣବା, ଉପଲବ୍ଧି କରିବା ଓ ବାସ୍ତବରେ ପ୍ରୟୋଗ କରିବାର କାମଟି କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ – ତାହା ଅପରିହାର୍ଯ୍ୟ । ତେଣୁ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ଚର୍ଚ୍ଚାକୁ କାହାରି ଇଚ୍ଛା ଅନିଚ୍ଛା ବା ଭଲ ଲାଗିବା – ମନ୍ଦ ଲାଗିବା ଉପରେ ଛାଡ଼ିଦେଲେ ଚଳିବ ନାହିଁ ।

ଏହି ବିଜ୍ଞାନ କହିଲେ ଆମେ କ'ଣ ବୁଝୁ ? ସାଧାରଣତଃ ବିଜ୍ଞାନ କହିଲେ ଆମେ ବୁଝୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ଅଙ୍କ ଶାସ୍ତ୍ର, ସମାଜବିଜ୍ଞାନ ଇତ୍ୟାଦି । ଏଗୁଡ଼ିକୁ ଆମେ ବିଜ୍ଞାନ କହୁ କାହିଁକି ? କାରଣ ଏଗୁଡ଼ିକ ପରୀକ୍ଷା ନୀରିକ୍ଷା ସାହାଯ୍ୟରେ ସତ୍ୟର ସନ୍ଧାନ କରେ । ବିଜ୍ଞାନର ଏହି ବିଭାଗଗୁଡ଼ିକ କେଉଁ ଧରଣର ସତ୍ୟର ସନ୍ଧାନ କରେ ? ଏଗୁଡ଼ିକ ଏକ ବସ୍ତୁର ବିଶେଷ ବିଶେଷ ବୈଶିଷ୍ଟ୍ୟ ବା ଏକ ନିର୍ଦ୍ଦିଷ୍ଟ ଘଟଣାକୁ ବିଭିନ୍ନ ଶାଖାରେ ବିଭକ୍ତ କରି ତାହାକୁ ପରିଚାଳିତ କରୁଥିବା ବିଶେଷ ନିୟମ ସମ୍ପର୍କରେ ଅନୁସନ୍ଧାନ କରିଥାଏ ଓ ବିଚାର ବିଶ୍ଳେଷଣ (Study) କରିଥାଏ । ଯେମିତି, ବସ୍ତୁର ରାସାୟନିକ ଗୁଣ ଓ କ୍ରିୟାକଳାପ ଏବଂ ରାସାୟନିକ ନିୟମ କାନୁନ୍କୁ ପର୍ଯ୍ୟାଲୋଚନା

କରେ 'Chemistry' ବା ରସାୟନ ବିଜ୍ଞାନ । ପୁଣି ଯେଉଁସବୁ ପଦାର୍ଥଗତ ନିୟମ ବା 'Physical Law' ଦ୍ୱାରା ବସ୍ତୁ ପରିଚାଳିତ ହୁଏ, ତାହାକୁ ବିଶ୍ଳେଷଣ (Study) ଏବଂ ପ୍ରୟୋଗ କରେ ପଦାର୍ଥ ବିଜ୍ଞାନ । ଏହିଭଳି ଭାବେ ଜୀବଜଗତର ନାନା ଧରଣର ପରିବର୍ତ୍ତନ ଓ କାର୍ଯ୍ୟକଳାପକୁ ଯେଉଁ ବିଜ୍ଞାନ ଅନୁଧାବନ କରିବାକୁ ଚେଷ୍ଟା କରେ ତାହା ହେଉଛି ଜୀବ ବିଜ୍ଞାନ । ପୁଣି ସମାଜ ପରିବର୍ତ୍ତନର ଧାରାକୁ ଉପଲବ୍ଧି କରିବା ଓ ପ୍ରଭାବିତ କରିବା ପାଇଁ ଯେଉଁ ବିଜ୍ଞାନ ଆମକୁ ସାହାଯ୍ୟ କରେ ତାହା ହେଲା ସମାଜ ବିଜ୍ଞାନ । ତାହାହେଲେ ଆମେ ଦେଖିବାକୁ ପାଇଲୁ ଯେ, ବିଜ୍ଞାନର ଏହି ଶାଖା ପ୍ରଶାଖାଗୁଡ଼ିକ ବସ୍ତୁର ବିଶେଷ ବିଶେଷ କାର୍ଯ୍ୟକଳାପ, ଗୁଣାବଳୀ ଓ ନିୟମକୁ ଜାଣିବାର ଓ ପ୍ରୟୋଗ କରିବାର ଚେଷ୍ଟା କରୁଛି । ଏଠାରେ ଗୋଟିଏ କଥା ନିହାତି ମନେ ରଖିବା ଦରକାର । ତାହା ହେଉଛି, ବିଜ୍ଞାନର ଏହି ବିଶେଷ ବିଭାଗଗୁଡ଼ିକ ଆପାତଃ ଦୃଷ୍ଟିରେ ବା Formally ଅଲଗା ହେଲେ ବି ବାସ୍ତବରେ ଏମାନେ ଅଲଗା ନୁହଁନ୍ତି । ଏମାନେ ସମସ୍ତେ ହିଁ ପରସ୍ପର ସମ୍ପର୍କଯୁକ୍ତ, ଏକ ସୂତ୍ରରେ ବନ୍ଧା – ଅନେକାଂଶରେ ଗଳାର ହାର ବା ନେକଲେସ୍ ସଦୃଶ । ତେଣୁ ଏକାଦା ଗୋଟିଏ ପ୍ରଶ୍ନ ଦେଖାଗଲା ଯେ, ଦୁନିଆରେ ଏଭଳି କୌଣସି ବିଜ୍ଞାନ ଅଛି କି, ଯେଉଁ ବିଜ୍ଞାନ ସମଗ୍ର ବସ୍ତୁଜଗତର ସମସ୍ତ ବିଶେଷ ନିୟମଗୁଡ଼ିକୁ, ସମସ୍ତ ବିଶେଷ ସତ୍ୟଗୁଡ଼ିକୁ ବ୍ୟାଖ୍ୟା କରିବାକୁ ଓ ସଂଯୋଜିତ (integrate) କରିବାକୁ ସକ୍ଷମ ? ଏହି ପ୍ରଶ୍ନର ଉତ୍ତରରେ ମୁଁ କହିବାକୁ ଚାହେଁ, ମାନବ ଇତିହାସରେ ଏଭଳି କୌଣସି ବିଜ୍ଞାନ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ପୂର୍ବରୁ ଗଢ଼ିଉଠି ନାହିଁ । ବିଜ୍ଞାନର ଅଗ୍ରଗତି ପଥରେ ମାନବ ସଭ୍ୟତାର ଏକ ବିଶେଷ ସ୍ତରରେ ପହଞ୍ଚି ଏକମାତ୍ର ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ହିଁ ଏ ଧରଣର ସାମଗ୍ରିକ ବିଜ୍ଞାନ (Comprehensive science) ଭାବେ ଗଢ଼ି ଉଠିଛି – ଯାହା ବିଜ୍ଞାନର ବିଭିନ୍ନ ଶାଖାରୁ ଆହାରିତ ସତ୍ୟ ବା ଜ୍ଞାନକୁ ସଂଯୋଜିତ (Co-ordination) କରି ଦୁନିଆ ସମ୍ପର୍କରେ ଏକ ସାମଗ୍ରିକ ଓ ସୁସାମଞ୍ଜସ୍ୟପୂର୍ଣ୍ଣ ଧାରଣା, କେତେଗୁଡ଼ିଏ ସାଧାରଣ ସତ୍ୟକୁ ତୋଳି ଧରିଛି । ଏହି କାରଣରୁ ହିଁ ପୁଣି ଦ୍ୱନ୍ଦ୍ୱମୂଳକ ବସ୍ତୁବାଦକୁ Co-ordination of science ବା Science of all sciences, ଅର୍ଥାତ୍ ବିଜ୍ଞାନର ସଂଯୋଜନ ବା 'ସମସ୍ତ ବିଜ୍ଞାନର ବିଜ୍ଞାନ' କୁହାଯାଏ । ଆଉ ଏହି ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ହିଁ ହେଉଛି ମାର୍କ୍ସବାଦର ଦାର୍ଶନିକ ଭିତ୍ତି ବା ବୁନିଆଦ । ଏହା ଏଭଳି ଏକ ଦର୍ଶନ ଯାହାର ଦୃଷ୍ଟିଭଙ୍ଗୀ ସାର୍ବଜନୀନ (Universal) ସମଗ୍ର ଦୁନିଆ ଯାହାର ବିଚରଣ କ୍ଷେତ୍ର ।

ବିଷୟଟିକୁ ଆଉ ଟିକିଏ ସ୍ପଷ୍ଟଭାବେ ବିଚାର କରାଯାଉ । ସମଗ୍ର ବସ୍ତୁଜଗତକୁ 'ଫରମାଲ ଲଜିକ୍' ଅନୁଯାୟୀ ଭିନ୍ନ ଭିନ୍ନ ଭାବରେ ଭାଗ କରି ଓ ବିଜ୍ଞାନର ବିଭିନ୍ନ ଶାଖା ପ୍ରଶାଖାରେ ପରୀକ୍ଷା ନିରୀକ୍ଷାର ଯେଉଁ ପଦ୍ଧତି ଚାଲୁରହିଛି ତାହାକୁ ପ୍ରୟୋଗ କରି ବସ୍ତୁର ଭିନ୍ନ ଭିନ୍ନ ବିଶେଷ କ୍ରିୟା, ବିଶେଷ ବିଶେଷ ନିୟମ ଓ ବିଶେଷ ବିଶେଷ ଗୁଣଗୁଡ଼ିକୁ ଆମେ ଅଲଗାଭାବେ ଜାଣୁଛୁ । କିନ୍ତୁ ମନେ ରଖିବା ଦରକାର, ବସ୍ତୁର ଏହି ଭିନ୍ନ ଭିନ୍ନ ନିୟମ ବା ଗୁଣଗୁଡ଼ିକୁ ଜାଣିଲେ ହିଁ ସେଥିରୁ ଆମେ ବସ୍ତୁ ସମ୍ପର୍କିତ ପୂର୍ଣ୍ଣାଙ୍ଗ ଧାରଣା (Matter Concept) ପାଇପାରୁନା ଯେମିତି– ମାନବ ସମାଜର ନୀତିନୈତିକତା, ପ୍ରଗତି-ପ୍ରତିକ୍ରିୟା

ସଂକ୍ରାନ୍ତୀୟ ନାନାବିଧ ସମସ୍ୟାର ସଠିକ୍ ସମାଧାନ ପାଉନା । ତେଣୁ କହୁଥିଲି ଏହି ବିଜ୍ଞାନରେ ବିଭିନ୍ନ ବିଭାଗରୁ ଆହରିତ ଯେଉଁ ବିଶେଷ ସତ୍ୟଗୁଡ଼ିକୁ ଆମେ ଜାଣି ପାରିଛୁ, ସେହି ବିଶେଷ ସତ୍ୟଗୁଡ଼ିକୁ ସଂଯୋଜିତ କରିବାର କାମଟି କରିବ କେଉଁ ବୈଜ୍ଞାନିକ ବା କେଉଁ ଧରଣର ବିଜ୍ଞାନ ? ଏହି କାମ ଆଇନ୍‌ଷ୍ଟାଇନ୍‌ଙ୍କ ଭଳି ଜଣେ ବୈଜ୍ଞାନିକ ମଧ୍ୟ କରିପାରବେ ନାହିଁ । କରିବା ସମ୍ଭବ ବି ନୁହେଁ । ଅଥଚ, ଏଭଳି ଏକ ସାମଗ୍ରିକ ବିଜ୍ଞାନ ଆମ ପାଇଁ ପ୍ରୟୋଜନ, ଯେଉଁ ବିଜ୍ଞାନ, ବିଜ୍ଞାନର ବିଭିନ୍ନ ଶାଖା ପ୍ରଶାଖାରୁ ଆହରିତ ସତ୍ୟ ବା ଜ୍ଞାନକୁ ସଂଯୋଜିତ କରିପାରେ, ଜୀବନରେ ତାର ତାତ୍ପର୍ଯ୍ୟ କ'ଣ, କାର୍ଯ୍ୟକାରିତା କ'ଣ, ସେ ସମ୍ପର୍କରେ ସ୍ୱଚ୍ଛଧାରଣା ଗଢ଼ି ତୋଳିପାରେ । ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ହେଉଛି ସେହି ଧରଣର ଏକ ସାମଗ୍ରିକ ବିଜ୍ଞାନ (Comprehensive Science) । ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ପୂର୍ବରୁ ଅନ୍ୟ କୌଣସି ଦର୍ଶନ ଏହି କାମଟି ପୂରାପୂରି ବା ସମ୍ପୂର୍ଣ୍ଣଭାବେ କରିପାରି ନାହିଁ । ଏହି ଚେଷ୍ଟା ଅନ୍ୟ କୌଣସି ଦର୍ଶନ ଯେ କରି ନାହିଁ ତା ନୁହେଁ । ଦର୍ଶନକୁ ବିଜ୍ଞାନ ଉପରେ ଭିତ୍ତିକରି ସଂଯୋଜିତ ବିଜ୍ଞାନ (Co-ordination of Science) ଭାବେ ଠିଆ କରିବାର ଚେଷ୍ଟା ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଗଢ଼ି ଉଠିବା ପୂର୍ବରୁ ବି ବହୁତ ହୋଇଛି । ଦୀର୍ଘ ସେହି ଇତିହାସ । ସେହି ଚେଷ୍ଟା କେତେବେଳେ ଦି ପାଦ ଆଗେଇଛି, କେତେବେଳେ ଦି ପାଦ ପଛେଇଛି । କିନ୍ତୁ ଏ ଧରଣର ଏକ ସାମଗ୍ରିକ ବିଜ୍ଞାନ ଗଢ଼ି ଉଠିବା ଭଳି ବାସ୍ତବ ପରିବେଶ ବା ପରିସ୍ଥିତି ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଗଢ଼ି ଉଠିବା ପୂର୍ବ ଯାଏଁ ତିଆରି ହୋଇ ନାହିଁ ଏବଂ ଏହି କାରଣରୁ ହିଁ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ପୂର୍ବରୁ କୌଣସି ଦର୍ଶନ ସାମଗ୍ରିକ ବିଜ୍ଞାନର ଚରିତ୍ର ନେଇ ଗଢ଼ି ଉଠିପାରି ନାହିଁ ।

ସୁତରାଂ ଏକଥା ସ୍ପଷ୍ଟ ଯେ, ଅନ୍ୟାନ୍ୟ ଦର୍ଶନ ସହିତ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ତଫାତ୍ ହେଉଛି ଅନ୍ୟ କୌଣସି ଦର୍ଶନ ପୂରାପୂରି ବିଜ୍ଞାନ ଭିତ୍ତିକ ନୁହେଁ । ଭିଭିନ୍ନ ଦାର୍ଶନିକଙ୍କର ନିଜସ୍ୱ ବିଚାରବୁଦ୍ଧି, ଆତ୍ମୋପଲବ୍ଧି ଓ ବୌଦ୍ଧିକ ଶକ୍ତି ଉପରେ ମୂଳତଃ ନିର୍ଭର କରି ହିଁ ଅନ୍ୟାନ୍ୟ ଦର୍ଶନଗୁଡ଼ିକ ଗଢ଼ିଉଠିଛି ଏବଂ ସେଗୁଡିକ ବିଜ୍ଞାନ ଉପରେ ମୁରବୀଗିରି ଜାହିର କରିବାକୁ ଚାହୁଁଛି । ସାମଗ୍ରିକ ବିଜ୍ଞାନ ବା Comprehensive Science ର ସ୍ଥାନରେ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଛଡ଼ା ଅନ୍ୟ କୌଣସି ଦର୍ଶନ ପହଞ୍ଚିପାରି ନାହିଁ – ଯେଉଁ ବିଜ୍ଞନ ମଣିଷକୁ ସମ୍ପୂର୍ଣ୍ଣରୂପେ ସତ୍ୟର ସନ୍ଧାନ ଦେଇପାରେ, ସତ୍ୟାନୁସନ୍ଧା କରିପାରେ ଏବଂ ଜୀବନକୁ ସମସ୍ତ ଦିଗରୁ ସଠିକ୍ ରାସ୍ତାରେ 'guide' ପରିଚାଳିତ କରିପାରେ । ଏହି କାମ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ପକ୍ଷରେ ସମ୍ଭବ ହେଲା କାହିଁକି ? କାରଣ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ଦର୍ଶନ ଯେଉଁ ସମୟରେ ଗଢ଼ିଉଠିଛି ସେହି ସମୟରେ ବିଜ୍ଞାନର ବିଭିନ୍ନ ବିଭାଗଗୁଡ଼ିକର ଏଭଳି ଅଗ୍ରଗତି ଘଟିଛି, ଯାହା ଫଳରେ ଏହି କାମ କରିବା ସେତେବେଳେ ତାହା ପକ୍ଷରେ ସମ୍ଭବ ହୋଇଛି, ଯେଉଁ ଘଟଣା ଘଟିବା ଏହି ଐତିହାସିକ କାରଣରୁ ହିଁ ପୂର୍ବରୁ ସମ୍ଭବ ନଥିଲା ।

## ମାର୍କ୍ସବାଦର ସିଦ୍ଧାନ୍ତ ଜାଣିଲେ ହିଁ
## ଜଣେ ମାର୍କ୍ସବାଦୀ ହୋଇଯାଏନା

ପ୍ରସଙ୍ଗକ୍ରମେ ଏଠାରେ ଗୋଟିଏ କଥା ଆପଣମାନଙ୍କୁ କହିଯିବାକୁ ଚାହେଁ, ଆପଣମାନଙ୍କର ମନେ ରଖିବା ଦରକାର ଯେ ଦ୍ୱନ୍ଦ୍ୱମୂଳକ ବିଚାର ପଦ୍ଧତି ଅନୁସରଣ କରିବା ହିଁ ହେଉଛି ମାର୍କ୍ସବାଦ । ତେଣୁ ମାର୍କ୍ସବାଦର ସିଦ୍ଧାନ୍ତଗୁଡ଼ିକ ଜଣାଥିଲେ ହିଁ ମାର୍କ୍ସବାଦକୁ ଆୟତ୍ତ କରାଯାଏନା । କାରଣ ମାର୍କ୍ସବାଦର ସିଦ୍ଧାନ୍ତ ଜାଣିଲେ ବି ଯଦି ମାର୍କ୍ସବାଦୀ ବିଚାର ପଦ୍ଧତି ଆପଣମାନେ ଆୟତ୍ତ କରି ନ ପାରନ୍ତି – ତେବେ ନୂତନ କୌଣସି ସମସ୍ୟା ବା ପରିସ୍ଥିତି ସମ୍ପର୍କରେ ଆଲୋକପାତ କରିବା ଆପଣମାନଙ୍କ ପକ୍ଷରେ ସମ୍ଭବ ହେବ ନାହିଁ । ସେ କ୍ଷେତ୍ରରେ Historical parallel ବା ‘Analogy’ ର ଅର୍ଥାତ୍ କୌଣସି ଏକ ଘଟଣା ସହିତ ସାଦୃଶ୍ୟପୂର୍ଣ୍ଣ ଅନ୍ୟ ଏକ ଘଟଣାକୁ ତୁଳନା କରିବାର ପଦ୍ଧତିର ଆଶ୍ରୟ ଗ୍ରହଣ କରିବା ଛଡ଼ା ଆପଣମାନଙ୍କ ପାଖରେ ଅନ୍ୟ କୌଣସି ଗତ୍ୟାନ୍ତର ରହିବ ନାହିଁ । ତେଣୁ ଏକଥା ପ୍ରତିମୂହୂର୍ତ୍ତରେ ଆପଣମାନଙ୍କର ମନେ ରଖିବା ଦରକାର ଯେ, ବିଭିନ୍ନ ମାର୍କ୍ସବାଦୀ ମନୀଷୀ ବା ଅଥରଟି ମାନଙ୍କର ବକ୍ତବ୍ୟଗୁଡ଼ିକ ମୁଖସ୍ଥ କରିବା ଅର୍ଥ ମାର୍କ୍ସବାଦ ଚର୍ଚ୍ଚା କରିବା ନୁହେଁ । କେବଳ ବହିପଢ଼ି ମାର୍କ୍ସବାଦ ଆୟତ୍ତ କରାଯାଏନା । ମାର୍କ୍ସବାଦର ବହି ପଢ଼ିବା ଏବଂ ମାର୍କ୍ସବାଦ ସମ୍ପର୍କରେ ଆଲୋଚନା କରିବା କାମଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ସଂଘର୍ଷ ଭିତରେ ନ ପଡ଼ିଲେ, ନିଜ ଭିତରେ ଓ ପାରିପାର୍ଶ୍ୱିକ ସହ ସଂଘର୍ଷକୁ ନ ଗଲେ ଏବଂ ଜୀବନରେ ପ୍ରୟୋଜନୀୟ ଓ ଉପଯୁକ୍ତ ସଂଗ୍ରାମ ପରିଚାଳନା ନକଲେ ମାର୍କ୍ସବାଦ ଆୟତ୍ତ କରିବା ସମ୍ଭବ ନୁହେଁ । ତେଣୁ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀମାନଙ୍କୁ କେବଳ ବିଜ୍ଞାନଭିତ୍ତିକ ହେବାକୁ ପଡ଼ିବ ତାହା ନୁହେଁ – ପରୀକ୍ଷା–ନୀରିକ୍ଷା, ପ୍ରମାଣିତ ସତ୍ୟ, ଯୁକ୍ତି ବିଜ୍ଞାନ ଓ ଇତିହାସ ଉପରେ ସେମାନଙ୍କୁ ନିର୍ଭର କରିବାକୁ ହେବ – ଅର୍ଥାତ୍ Criteria of Practice କର୍ମରେ ପ୍ରୟୋଗର ମାନଦଣ୍ଡ ଉପରେ ସେମାନଙ୍କୁ ଠିଆ ହେବାକୁ ପଡ଼ିବ । ସେଥିପାଇଁ ଆପଣମାନଙ୍କୁ ବାସ୍ତବ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଦାୟିତ୍ୱ ନେଇ କାମ କରିବାକୁ ହେବ । ଏକ ଦିଗରେ କାମ କରି ଚାଲିବା, ଅପର ଦିଗରେ ମାର୍କ୍ସବାଦ ଉପରେ ଚର୍ଚ୍ଚା ଓ ଆଲୋଚନା କରିବା – ଏହି ଦୁଇଟି କାମ ହିଁ ଆପଣମାନଙ୍କୁ ଜୀବନତମାମ ଚଳାଇଯିବାକୁ ହେବ । ଆପଣମାନେ ପ୍ରତ୍ୟେକ ଏହି ସଂଗ୍ରାମର ମଧ୍ୟଦେଇ ନିଜର ସଂସ୍କୃତିଗତମାନ ଯେତିକି ଉନ୍ନତ କରିବାକୁ ସକ୍ଷମ ହେବେ, ଯେତିକି ଉତ୍ତରୋତ୍ତର ଉନ୍ନତ କମ୍ୟୁନିଷ୍ଟ ଚରିତ୍ରର ଅଧିକାରୀ ହୋଇପାରିବେ ଏବଂ ଜ୍ଞାନକୁ ଯେତିକି ଶାଣିତ କରି ପାରିବେ, ମାର୍କ୍ସବାଦୀ ବିଚାର ପଦ୍ଧତି ଆୟତ୍ତ କରିବା କ୍ଷେତ୍ରରେ ବି ଆପଣମାନେ ସେତେବେଶୀ ସଫଳତା ଅର୍ଜନ କରିବାକୁ ସକ୍ଷମ ହେବେ ।

ବର୍ତ୍ତମାନ ଆଲୋଚନା କରି ଦେଖାଯାଉ, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ କ’ଣ କହୁଛି, ତାର ସିଦ୍ଧାନ୍ତ କ’ଣ, ତାହା ଯଥାର୍ଥରେ ବିଜ୍ଞାନ ଭାବରେ ଗଢ଼ି ଉଠିଛି କି ନାହିଁ ଏବଂ ମାନବ ସଭ୍ୟତାର ସାମ୍ନାରେ ଯେଉଁ ସବୁ ସଂକଟ ଦେଖା ଦେଇଛି, ସେହି ସବୁ ସଂକଟ ଉପରେ ସେ ଆଲୋକପାତ କରିପାରେ କି ନାହିଁ ଇତ୍ୟାଦି । ମୁଁ ପୂର୍ବରୁ କହିଛି, ସମସ୍ୟାର

ମୂଳ କାରଣ ଯଦି ଆମେ ବୁଝି ନପାରୁ ତେବେ ସମାଧାନର ପଥ ଆମ ପକ୍ଷରେ ଖୋଜି ପାଇବା ସମ୍ଭବ ନୁହେଁ । ଏଠାରେ ଆଉ ଏକ କଥା ବି ବୁଝିବାକୁ ହେବ, ତାହା ହେଉଛି ବିଜ୍ଞାନର ବିଭିନ୍ନ ଶାଖାରେ ପରୀକ୍ଷା ନିରୀକ୍ଷା କ୍ଷେତ୍ରରେ ବୈଜ୍ଞାନିକ ମାନେ କ'ଣ କରିଥାନ୍ତି ? ବିଜ୍ଞାନର ଉପାୟଗୁଡ଼ିକ ଦ୍ୱାରା, ବିଜ୍ଞାନର ହିଁ ବିଭିନ୍ନ ପ୍ରୟୋଗ ପଦ୍ଧତିକୁ କାମରେ ଲଗାଇ ଗବେଷଣା ସାହାଯ୍ୟରେ ସେମାନେ ଅନ୍ଧକାରରେ ଆଲୋକ ଜଳାନ୍ତି, ଅନ୍ଧକାର ଦୂର କରି ସେଗୁଡ଼ିକ ସମ୍ପର୍କରେ ସତ୍ୟ ଜାଣିବାକୁ ଚାହାନ୍ତି । କିନ୍ତୁ ଆମ ଜୀବନର ସମସ୍ୟା ଏଭଳି ନୁହେଁ ଯେ, ପଦାର୍ଥ ବିଦ୍ୟା ବା ରସାୟନ ଶାସ୍ତ୍ରର ସାହାଯ୍ୟ ନେଇ ଆମେ ତାର ଉତ୍ତର ଖୋଜି ପାଇପାରିବା । ସୁତରାଂ, ଏକଥା ସ୍ପଷ୍ଟ ଯେ, ପ୍ରତ୍ୟେକ ମଣିଷ ସାମ୍ନାରେ, ମାନବ ସଭ୍ୟତାର ସାମ୍ନାରେ ଯେଉଁ ପ୍ରଶ୍ନ ବା ସଂକଟ ଦେଖା ଦେଇଛି, ଅର୍ଥାତ୍ ଆମର ଯେଉଁ ଜୀବନ ଜିଜ୍ଞାସା ତାର ସାମଗ୍ରିକ ଓ ସଠିକ ଉତ୍ତର ପାଇବାକୁ ହେଲେ ବିଜ୍ଞାନର କୌଣସି ବିଶେଷ ଶାଖା ଆମକୁ ସାହାଯ୍ୟ କରି ପାରେନା । କିନ୍ତ, ଯେହେତୁ ପ୍ରତ୍ୟେକ ସମସ୍ୟା ହିଁ ଆହୁରି ବହୁ ସମସ୍ୟା ସହିତ ସଂପର୍କ ଯୁକ୍ତ, ତେଣୁ ଏଗୁଡ଼ିକ କାହା ଦ୍ୱାରା ସମ୍ବନ୍ଧିତ, କିଭଳିଭାବେ ପ୍ରଭାବିତ – ଏହି ବିଷୟଗୁଡ଼ିକୁ ଆମକୁ ଭଲଭାବେ ବୁଝିବାକୁ ହେବ । ସୁତରାଂ, ଏଭଳି ଏକ ବିଜ୍ଞାନ ସମାଜରେ ନିହାତି ପ୍ରୟୋଜନ ହୋଇ ଦେଖା ଦେଇଛି ଯାହା ଏହି ସମସ୍ୟା ଜର୍ଜରିତ ସମାଜରେ ସଠିକ ସମାଧାନର ପଥ ନିର୍ଦ୍ଦେଶ କରିପାରେ । ପୂର୍ବରୁ ହିଁ ଆମେ ଆଲୋଚନା କରିଛୁ ଯେ, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ହେଉଛି ସେହି ବିଜ୍ଞାନ – ଯେ କି ବିଜ୍ଞାନର ଶାଖାର ବିଭିନ୍ନ ମୌଳିକ ସିଦ୍ଧାନ୍ତ ଗୁଡ଼ିକୁ ସଂଯୋଜିତ କରି ଗଢ଼ି ଉଠିଛି ଏବଂ ସେହି ବିଜ୍ଞାନ ହିଁ ଆମକୁ ସଠିକ ପଥ ଦେଖାଇପାରେ । ତେଣୁ ମାର୍କ୍ସବାଦକୁ କେତେଗୁଡ଼ିଏ ଶାଶ୍ୱତ, ଅପରିବର୍ତ୍ତନୀୟ ଧାରଣାର ଭିତ୍ତିଭାବେ ନୁହେଁ, ଏହାକୁ ଏକ ବିଜ୍ଞାନଭାବେ ଆମକୁ ବୁଝିବାକୁ ହେବ । ମାର୍କ୍ସବାଦ ଯେଉଁ (Co-odinated Knowledge) ସଂଯୋଜିତ ଜ୍ଞାନ ବା (Comprehensive science) ସାମଗ୍ରିକ ବିଜ୍ଞାନଭାବେ ବିକାଶ ଲାଭ କରିଛି, ତାହାକୁ ବିଶେଷ ବିଶେଷ କ୍ଷେତ୍ରରେ, ଏକ ବିଶେଷ ଦେଶର ବିଶେଷ ପରିସ୍ଥିତିରେ ଏବଂ ବିଶେଷ ବିଶେଷ ଦ୍ୱନ୍ଦ୍ୱର ପରିପ୍ରେକ୍ଷିରେ ପ୍ରୟୋଗ କରିବାକୁ ହେବ ଏବଂ ଏହି ପ୍ରକ୍ରିୟାରେ ମାର୍କ୍ସବାଦୀ ଧାରଣାଗୁଡ଼ିକୁ କ୍ରମାଗତଭାବେ ସମୃଦ୍ଧ କରିବାକୁ ହେବ । ଆମକୁ ମନେ ରଖିବାକୁ ହେବ ଯେ, ମାର୍କ୍ସବାଦ କେବଳ ମାତ୍ର ଏକ ରାଜନୈତିକ ବା ଅର୍ଥନୈତିକ ଦୃଷ୍ଟିଭଙ୍ଗୀ ନୁହେଁ, ଏହା ଏକ ବିଶ୍ୱ ଦୃଷ୍ଟିଭଙ୍ଗୀ – World outlook ଏବଂ Guide to action । ତେଣୁ ମୁଁ ଏହାକୁ ବିଜ୍ଞାନ ସମ୍ମତ ସତ୍ୟ ବୋଲି ମନେ କରେ – ଯାହାକି ପରୀକ୍ଷା ନିରୀକ୍ଷା ଦ୍ୱାରା ପ୍ରମାଣିତ, ତେଣୁ ଦୁନିଆରେ ଏଭଳି କୌଣସି ସମସ୍ୟା ନାହିଁ ଯାହା ମାର୍କ୍ସବାଦର ପରିସର ଭୁକ୍ତ ନୁହେଁ ବା ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀ ସାହାଯ୍ୟରେ ସମାଧାନ କରାଯାଇପାରିବ ନାହିଁ । ତେଣୁ ମୁଁ ପୁଣି କହୁଛି ଯେ, ମାର୍କ୍ସବାଦୀ ବିଚାର ପଦ୍ଧତିକୁ ଆୟତ୍ତ କରିବା କାମଟି ଅତ୍ୟନ୍ତ ଜରୁରୀ ।

# ସତ୍ୟ ଜାଣିବାର ଉପାୟ

ବର୍ତ୍ତମାନ ସତ୍ୟ ଜାଣିବାର ଉପାୟ ସମ୍ପର୍କରେ ମୁଁ ଦୁଇ ଚାରୋଟି କଥା କହିବାକୁ ଚାହେଁ । ସତ୍ୟ ଜାଣିବା କ୍ଷେତ୍ରରେ ଜଣେ ବ୍ୟକ୍ତିର - ସେ ଯେତେବଡ଼ ମଣିଷ ହୁଅନ୍ତୁ ନା କାହିଁକି ତାଙ୍କର - ବ୍ୟକ୍ତିଗତ ମନୀଷା ବା ଧୀଶକ୍ତି ଉପରେ ଆମେ ନିର୍ଭର କରିବୁ, ନା ପରୀକ୍ଷା ନିରୀକ୍ଷା, ଇତିହାସ ଓ ଯୁକ୍ତି ବିଜ୍ଞାନକୁ ଆମେ ହତିଆର କରି ଚାଲିବୁ ? ମୁଁ ମନେକରେ ଏହା ହିଁ ଜରୁରୀ ପ୍ରଶ୍ନ । ମଣିଷର ଅଭିଜ୍ଞତାରୁ ଆମେ ଜାଣୁ ଯେ, ପରୀକ୍ଷା ନିରୀକ୍ଷା ଓ ବିଜ୍ଞାନ ଉପରେ ନିର୍ଭର କରିବା ହିଁ ଆମ ପାଇଁ ଯୁକ୍ତିଯୁକ୍ତ । କାରଣ ସେଥିରେ ଭୁଲ୍ ହେବାର ସମ୍ଭାବନା କମ୍ । ଆଉ ଏ କ୍ଷେତ୍ରରେ କେଉଁଠି ଯଦି କୌଣସି ଭୁଲ ହୁଏ, ତଥାପି ପରୀକ୍ଷା ନିରୀକ୍ଷା ପଥରେ ସେହି ଭୁଲ ଦିନେ ନା ଦିନେ ଧରା ପଡ଼ିବ । ତେଣୁ ଭୁଲ ହେଲେ ଭୁଲ ସଂଶୋଧନ କରିବାର ଏହା ହିଁ ହେଉଛି ଏକମାତ୍ର ପଥ । କିନ୍ତୁ ବ୍ୟକ୍ତି ଚିନ୍ତା ବା ବ୍ୟକ୍ତି ମନୀଷା ଉପରେ ନିର୍ଭର କଲେ ଭୁଲ ହେବାର ସମ୍ଭାବନା କେବଳ ଯେ ବେଶୀ ଥାଏ, ତାହା ନୁହେଁ, ବ୍ୟକ୍ତି ମନୀଷା ଉପରେ ଗଢ଼ି ଉଠିଥିବା ଯେ କୌଣସି ସିଦ୍ଧାନ୍ତ, ଯେ କୌଣସି ସମୟରେ ଚାଲେଞ୍ଜର ସମ୍ମୁଖୀନ ହୋଇପାରେ । କାରଣ ଯେ କୌଣସି ବ୍ୟକ୍ତି ବା ଏପରିକି ଜଣେ ମନୀଷୀଙ୍କର ଚିନ୍ତା ମଧ୍ୟ ଅସଲରେ ବ୍ୟକ୍ତି ଚିନ୍ତା ବା ବ୍ୟକ୍ତିର ନିଜସ୍ୱ ବିଶ୍ୱାସ ଛଡ଼ା ଅନ୍ୟକିଛି ନୁହେଁ । ସେ କ୍ଷେତ୍ରରେ ଯେକୌଣସି ମଣିଷର ବ୍ୟକ୍ତି ଚିନ୍ତାକୁ ସତ୍ୟ ବୋଲି ଗ୍ରହଣ କରିବାର ବିପତ୍ତି ହେଲା ଯେ, ଅନ୍ୟ କୌଣସି ବ୍ୟକ୍ତିର ଚିନ୍ତା ସହ ତାର ସିଧାସଳଖ ଦ୍ୱନ୍ଦ୍ୱ ଦେଖାଦେଇପାରେ । ତେବେ ଏଭଳି ଅବସ୍ଥାରେ ଆମେ ସତ୍ୟ ଜାଣିବୁ କିଭଳି ? ଏହିଭଳି ଏକ ପରିସ୍ଥିତି ଜୋର ଜବରଦସ୍ତି ଓ ଦୈହିକ ବଳ ଛଡା ସତ୍ୟ ଜାଣିବାତ ଦୂରର କଥା, କୌଣସି ମିମାଂସାରେ ପହଞ୍ଚିବା ଆମ ପକ୍ଷରେ ସମ୍ଭବ ହେବ ନାହିଁ । ତେଣୁ ଇତିହାସରେ ଦେଖାଯାଇଛି ଏହି ଧରଣର ବ୍ୟକ୍ତି ଚିନ୍ତା ଉପରେ ଗଢ଼ି ଉଠିଥିବା ନାନା ମତବାଦ - ବାହୁବଳ, ଅନ୍ଧ ବିଶ୍ୱାସ ଓ ଜୋର ଜବରଦସ୍ତି ଜରିଆରେ ସମାଜରେ ନିଜର ସ୍ଥାନ କରି ନେଇଛି ।

ଆମେ ସମସ୍ତେ ଜାଣୁ, ବିଭିନ୍ନ ବିଷୟ ସମ୍ପର୍କରେ ସମାଜରେ କୋଟି କୋଟି ମଣିଷର ଅସଂଖ୍ୟ ଧରଣର ଉପଲବ୍ଧି ଗଢ଼ି ଉଠିବା ଆଦୌ ଅସ୍ୱାଭାବିକ ନୁହେଁ । ଏହି କାରଣରୁ କୌଣସି ଏକ ବିଷୟ ସମ୍ପର୍କରେ ସତ୍ୟ ଗୋଟିଏ ହେଲେ ବି ସତ୍ୟ ସଂକ୍ରାନ୍ତୀୟ ଧାରଣା ଏକାଧିକ ଥାଇପାରେ । ଯେହେତୁ ସବୁ ମଣିଷଙ୍କର ମାନସିକ ଗଠନ ଏବଂ ଚିନ୍ତା ପଦ୍ଧତି ଏକାଭଳି ନୁହେଁ, ସେହି କାରଣରୁ ସତ୍ୟ ସଂକ୍ରାନ୍ତୀୟ ବ୍ୟାଖ୍ୟା ଭିନ୍ନ ଭିନ୍ନ ହେବାକୁ ବାଧ୍ୟ । ଅଥଚ ଯେକୌଣସି ବିଷୟ ସମ୍ପର୍କରେ ସତ୍ୟ ଗୋଟିଏ । ମାତ୍ର ମଜା କଥା ହେଉଛି, ଏହି ଧରଣର ବ୍ୟକ୍ତି ଚିନ୍ତାର ଯେଉଁମାନେ ପ୍ରବକ୍ତା ସେମାନଙ୍କର ପ୍ରତ୍ୟେକଙ୍କର ବିଶ୍ୱାସ ଯେ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ପ୍ରତ୍ୟେକଙ୍କର ଚିନ୍ତା ଚେତନାଗୁଡ଼ିକ ସତ୍ୟ ଏବଂ ମଣିଷର ମଙ୍ଗଳ ପାଇଁ, ସମାଜର ବିକାଶ ପାଇଁ ତାହା ବିଶେଷ ଭୂମିକା ପାଳନ କରିଚାଲିଛି । ଫଳରେ ଆପଣମାନେ ବୁଝିପାରୁଛନ୍ତି ଏହି ବିଷୟ ସମ୍ପର୍କରେ ସଠିକ ଓ ସ୍ୱଚ୍ଛ ଧାରଣା ଗଢ଼ି ତୋଳିବାକୁ ହେଲେ ଆପଣମାନଙ୍କୁ ଅନେକ ଗଭୀରକୁ ପ୍ରବେଶ କରିବାକୁ ହେବ । ଅର୍ଥାତ୍ କେଉଁ କେଉଁ

ସାମାଜିକ ପରିସ୍ଥିତିରେ ଏବଂ କି କି କାରଣରୁ ବିଭିନ୍ନ ମତବାଦ ଜନ୍ମ ନେଲା ଏବଂ ସମାଜର ସେହିସବୁ ମତବାଦ କି କି ଭୂମିକା ପାଳନ କଲା ଏବଂ କାହିଁକି ଯେ ପରବର୍ତ୍ତୀକାଳରେ ସେହିସବୁ ଧାରଣାଗୁଡ଼ିକ ସମୟର ଗତିରେ ଅକାମୀ ହୋଇପଡ଼ିଲା – ଏହି ସମସ୍ତ ବିଷୟକୁ ହିଁ ବାସ୍ତବତାର କଷଟି ପଥରରେ ଉଦ୍‌ଘାଟିତ କରିବାକୁ ଏବଂ ଆପଣମାନଙ୍କୁ ତାହା ବୁଝିବାକୁ ହେବ । ମାତ୍ର ଏଥିରେ ବିଭ୍ରାନ୍ତ ହେବା ଉଚିତ ନୁହେଁ ଯେ, ଯେକୌଣସି ବିଷୟ ସମ୍ପର୍କରେ ସତ୍ୟ ଏକ । ଗୋଟିଏ ବିଷୟ ସମ୍ପର୍କରେ ଏକାଧିକ ବା ବହୁ ସତ୍ୟର ଧାରଣା ଅଳୀକ କଳ୍ପନା ଛଡ଼ା ଅନ୍ୟ କିଛି ନୁହେଁ । ଗୋଟିଏ ବିଷୟ ସମ୍ପର୍କରେ ଏକା ପରିସ୍ଥିତିରେ ଏହି ମତଟି ବି ସତ୍ୟ, ସେହି ମତଟି ବି ସତ୍ୟ ଏଭଳି ହୋଇପାରେନା, ବିଷୟଟି ଏଭଳି ନୁହେଁ ଯେ, ଏହା ବୁଝିବା ପାଇଁ ଅଧିକ ଜ୍ଞାନ ଆବଶ୍ୟକ । କିନ୍ତୁ ବାସ୍ତବରେ ଦେଖାଯାଇଛି, ବହୁ ଜ୍ଞାନୀ ଗୁଣିଭାବେ ଖ୍ୟାତ ଓ ନାମୀଦାମୀ ଲୋକ ବି ସତ୍ୟର ଏକାଧିକ ରୂପ (Pluralism of thought) ର ସପକ୍ଷରେ କହି ଯାଇଛନ୍ତି ।

ଧରନ୍ତୁ ବୈଦ୍ୟୁତିକ ଶକ୍ତିକୁ କାମରେ ଲଗାଇ ଆମେ ଆଲୁଅ ଜଳାଇବାକୁ ଚାହୁଁ ବା ପଙ୍ଖା ବୁଲାଇବାକୁ ଚାହୁଁ । ଏହି ବୈଦ୍ୟୁତିକ ଶକ୍ତି ସମ୍ପର୍କରେ ବୈଜ୍ଞାନିକ ତତ୍ତ୍ୱଗୁଡ଼ିକ ସମାନ । କୌଣସି ଦେଶର ଐତିହ୍ୟର ତାରତମ୍ୟ ଉପରେ ଏହାର ପାର୍ଥକ୍ୟ ରହିପାରେ ନା । ଯେଉଁମାନେ ଇଲେକ୍‌ଟ୍ରିକାଲ ଇଞ୍ଜିନିୟର ସେମାନେ ବୈଦ୍ୟୁତିକ ଶକ୍ତି ସମ୍ପର୍କୀୟ ବିଜ୍ଞାନର ତତ୍ତ୍ୱଗୁଡ଼ିକୁ ଜାଣୁଛନ୍ତି ଏବଂ ଜାଣି କାର୍ଯ୍ୟକ୍ଷେତ୍ରରେ ସେଗୁଡ଼ିକୁ କାମରେ ଲଗାଉଛନ୍ତି– ତେବେ ଯାଇ ଆଲୁଅ ଜଳୁଛି, ପଙ୍ଖା ଚାଲୁଛି । ବୈଦ୍ୟୁତିକ ଶକ୍ତି ସଂକ୍ରାନ୍ତୀୟ ବିଜ୍ଞାନର ଏହି ନିୟମକୁ ଅସ୍ୱୀକାର କରି କେହି ଯଦି ନିଜସ୍ୱ ମନଗଢ଼ା ତତ୍ତ୍ୱ ଠିଆକରି କିଛି କରିବାକୁ ଯାଆନ୍ତି, ତେବେ ସେ ସଫଳ ହୋଇପାରିବେ ନାହିଁ । ସେ କ୍ଷେତ୍ରରେ ଏପରିକି ବୈଦ୍ୟୁତିକ ସକ୍ ଖାଇ ତାଙ୍କର ମୃତ୍ୟୁ ବି ହୋଇପାରେ । ତେଣୁ କହୁଥିଲି ବିଜ୍ଞାନର ବିଷୟ ଗୁଡ଼ିକ ଏଭଳି, ଯେଉଁଠି ଏ ଧରଣର ତର୍କ ଚଳିବ ନାହିଁ । ବିଜ୍ଞାନରେ ପରୀକ୍ଷିତ ଓ ପ୍ରମାଣିତ ସତ୍ୟ ହିଁ ଏକମାତ୍ର ସତ୍ୟ । ସେହି ପ୍ରମାଣିତ ସତ୍ୟର ସନ୍ଧାନ ଆମେ ପାଇପାରୁ ଯଦି ବିଜ୍ଞାନ ଉପରେ ଆମେ ନିର୍ଭରଶୀଳ ହେଉ । ତେଣୁ ସତ୍ୟକୁ ସଠିକ୍‌ଭାବେ ଜାଣିବାକୁ ହେଲେ ବିଜ୍ଞାନସମ୍ମତ ଯେଉଁ ଯୁକ୍ତିର ଧାରା, ସେହି ଧାରାକୁ ଆମକୁ ନିଶ୍ଚିତ ରୂପେ ଗ୍ରହଣ କରିବାକୁ ହେବ । ଆମେ ଯୁକ୍ତି ବିଜ୍ଞାନ ସମ୍ମୁଖରେ ସମର୍ପଣ କରିବା ଉଚିତ (We must submit to reason) ।

## ବିଜ୍ଞାନର ସିଦ୍ଧାନ୍ତ ସମ୍ପର୍କରେ ସଠିକ୍ ଉପଲବ୍ଧି

ଆମେ ଜାଣୁ ବିଜ୍ଞାନର ଅଗ୍ରଗତି କୌଣସି ସ୍ଥାନରେ ସ୍ଥିର ହୋଇ ରହିପାରେନା । ବିଜ୍ଞାନର ଅଗ୍ରଗତି ଘଟି ଚାଲିଛି ଓ ଭବିଷ୍ୟତରେ ମଧ୍ୟ ଘଟି ଚାଲିବ । ପୁଣି ବସ୍ତୁଜଗତରେ ବି ପ୍ରତିନିୟତ ପରିବର୍ତ୍ତନ ଘଟି ଚାଲିଛି । ଯେଉଁସବୁ ଉପକରଣ ସାହାଯ୍ୟରେ ଆମେ ଆଜି ବସ୍ତୁକୁ ପରୀକ୍ଷା ନିରୀକ୍ଷା କରୁଛୁ, ବସ୍ତୁକୁ ଜାଣିବାକୁ ଚାହୁଁଛୁ, ସେହି ସବୁ ଉପକରଣ ଏବଂ ପରୀକ୍ଷା ପଦ୍ଧତିଗୁଡ଼ିକ ବି କ୍ରମାଗତ ଉନ୍ନତରୁ ଉନ୍ନତତର ହେଉଛି କେବଳ ସେତିକି ନୁହେଁ, ଆମେ ଏହି ପକ୍ରିୟାରେ ଆଜି ଯାହା ଜାଣୁଛୁ, ସେ ସମ୍ପର୍କରେ ଆମର ଉପଲବ୍ଧି ବା ଧାରଣା

ବି କ୍ରମାଗତ ସମୃଦ୍ଧ ଓ ପରିବର୍ତ୍ତିତ ହେଉଛି – ତାହା ମଧ୍ୟ ଏକ ସ୍ଥାନରେ ସ୍ଥିର ହୋଇ ରହିପାରେନା । କାରଣ ଏକ ବିଶେଷ ସମୟରେ ମଣିଷ ହାତରେ ଯେତିକି ଉପକରଣ ବା ପରୀକ୍ଷା ନିରୀକ୍ଷାର ଉପାୟ ରହିଛି ତାହାକୁ ପ୍ରୟୋଗକରି ମଣିଷ ସତ୍ୟକୁ ଜାଣିଛି ବା ଜାଣିବାକୁ ଚେଷ୍ଟା କରିଛି – ଯାହାକୁ ଆମେ ପରୀକ୍ଷିତ ସତ୍ୟ କହୁଛୁଁ । ଏବେ ଐତିହାସିକ କାରଣରୁ ଯନ୍ତ୍ରପାତି ବା ପରୀକ୍ଷା ପଦ୍ଧତିରେ ବିଭିନ୍ନ ପ୍ରକାରର ସୀମାବଦ୍ଧତା ପାଇଁ ପୂର୍ବର ସେହି ବିଶେଷ ସମୟର ଜାଣିବାଟି ପରବର୍ତ୍ତୀକାଳରେ ଆହୁରି ଉନ୍ନତ ଯନ୍ତ୍ର ଓ ଉନ୍ନତ ପରୀକ୍ଷା ପଦ୍ଧତି ଭିତ୍ତିରେ ଜାଣିବା ପରିପ୍ରେକ୍ଷୀରେ ଅନେକାଂଶରେ (inadequate) ବା ଅସମ୍ପୂର୍ଣ୍ଣ ମନେ ହୋଇପାରେ । କିନ୍ତୁ ମନେ ରଖିବାକୁ ହେବ, ସେଥିପାଇଁ ଅତୀତର ଜାଣିବାଟିକୁ କୌଣସି ପ୍ରକାର ଭୁଲ ବୋଲି କୁହାଯାଇ ପାରିବ ନାହିଁ । ପାର୍ଥକ୍ୟ କେବଳ ଏହି ଜାଗାରେ ଯେ, ଆମେ ଅତୀତର ସୀମାବଦ୍ଧତାକୁ ଅତିକ୍ରମ କରିପାରିଛୁ । ତେଣୁ ସେହି ବିଷୟ ସମ୍ପର୍କରେ ଉନ୍ନତି ଓ ସମୃଦ୍ଧ ସିଦ୍ଧାନ୍ତରେ ପହଞ୍ଚି ପାରିଛୁ । ଏହି ପ୍ରକ୍ରିୟାରେ ହିଁ ଆମର ଧାରଣାଗୁଡ଼ିକ କ୍ରମାଗତ ଉନ୍ନତ ହେଉଛି, ସମୃଦ୍ଧ ହେଉଛି । ଏଠାରେ ମନେ ରଖିବା ଦରକାର ଯେ ଅତୀତରେ କୌଣସି ପରୀକ୍ଷିତ ସିଦ୍ଧାନ୍ତର ସ୍ଥାନ ପରବର୍ତ୍ତୀ କାଳରେ ଆଉ ଏକ ପରୀକ୍ଷିତ ସିଦ୍ଧାନ୍ତ ହିଁ ଅକ୍ତିଆର କରିପାରେ, କୌଣସି ବ୍ୟକ୍ତିର ଖିଆଲି ଚିନ୍ତା ଏହା କରିପାରେନା । ଏହିଭଳିଭାବେ ହିଁ ଜ୍ଞାନ ଜଗତ ବିକଶିତ ହେଉଛି, ଜ୍ଞାନର କ୍ରମାଗତ ଉନ୍ମେଷ ଘଟିଛି । ଆଉ ବିଜ୍ଞାନର ଆଲୋକରେ ବିଚାର କଲେ ଦେଖାଯିବ ଯେ, ଏହି ପ୍ରକ୍ରିୟାର ମାର୍କ୍ସବାଦର ସିଦ୍ଧାନ୍ତଗୁଡ଼ିକ ବି କ୍ରମାଗତ ସମୃଦ୍ଧ ହେଉଛି ।

ବସ୍ତୁଜଗତ ଓ ପ୍ରକୃତି ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଏହି ଯେ ପରିବର୍ତ୍ତନର କଥା କୁହା ହେଲା, ମନେ ରଖିବାକୁ ହେବ ଯେ, ସମାଜ କ୍ଷେତ୍ରରେ ବି ଏଇ ଏକା କଥା ପ୍ରଯୁଜ୍ୟ । କାରଣ ସମାଜରେ ପ୍ରତିମୂହୂର୍ତ୍ତରେ ପରିବର୍ତ୍ତନ ଘଟି ଚାଲିଛି, ପ୍ରତିଦିନ ନିତ୍ୟନୂତନ ସମସ୍ୟା ଦେଖା ଦେଉଛି । ଜୀବନକୁ କେନ୍ଦ୍ରକରି ନୀତିନୈତିକତା, ରାଜନୈତିକ ଆନ୍ଦୋଳନ, ଅର୍ଥନୈତିକ ବଣ୍ଟନ ବ୍ୟବସ୍ଥା, ବିଜ୍ଞାନ ସାଧନା, ଜୀବନ ସଂଗ୍ରାମ, ସବୁକିଛିକୁ କେନ୍ଦ୍ରକରି ହିଁ ନୂତନ ନୂତନ ପ୍ରଶ୍ନ ଓ ସମସ୍ୟା ପ୍ରତିଦିନ ସମାଜରେ ଦେଖାଦେଉଛି । ତେଣୁ ମାର୍କ୍ସବାଦୀ ବିଜ୍ଞାନରେ ବି ପ୍ରତି ମୂହୂର୍ତ୍ତରେ ଅଗ୍ରଗତି ବା ଡେ଼ଭଲପ୍‌ମେଣ୍ଟର ପ୍ରୟୋଜନ ଦେଖାଦେଇଛି । ଏହି କାରଣରୁ ହିଁ ମାର୍କ୍ସବାଦକୁ କ୍ରମାଗତ ସମୃଦ୍ଧ କରିବାକୁ ହେବ, ଜୀବନର ଗତି ସହିତ ତାଳ ରଖି ତାକୁ ବି ଆଗେଇବାକୁ ହେବ, ଯେପରିଭାବେ ବିଜ୍ଞାନର ଅଗ୍ରଗତି ଘଟି ଚାଲିଛି ।

ସତ୍ୟର ରୂପ ଏବଂ ଅବସ୍ଥାନ ସମ୍ପର୍କରେ ଏଠାରେ ଆଉ ଗୋଟେ ଦୁଇଟି ଦିଗ ସମ୍ପର୍କରେ ଆଲୋଚନା କରିବା ଦରକାର । ମୁଁ ଆଗରୁ କହିଛି ଯେ, ଆମେ ଜାଣୁ ବା ନ ଜାଣୁ ସତ୍ୟର ଅବସ୍ଥାନ ରହିଛି ଏବଂ ଯେକୌଣସି ବିଷୟ ସମ୍ପର୍କରେ ସତ୍ୟ ଗୋଟିଏ । ଏହି ସତ୍ୟ ଜାଣିବାର ଅର୍ଥ କ'ଣ ? ସାଧାରଣଭାବେ ସତ୍ୟ ଜାଣିବାର ଅର୍ଥ ହେଉଛି ଦୁନିଆ ସମ୍ପର୍କରେ, ବସ୍ତୁଜଗତ ସମ୍ପର୍କରେ, ବିଭିନ୍ନ ଘଟଣା ସମ୍ପର୍କରେ, ଜୀବନ ସମ୍ପର୍କରେ ସତ୍ୟ ଉପଲବ୍ଧି କରିବା । କିନ୍ତୁ ଗୋଟିଏ କଥା ଏଠାରେ ବିଶେଷଭାବେ ମନେ ରଖିବା ଦରକାର, ତାହା ହେଉଛି ସତ୍ୟ ଅବସ୍ଥାନ କରେ, ମାନେ ହିଁ ତାହା ନିର୍ଦ୍ଦିଷ୍ଟଭାବେ ଅବସ୍ଥାନ କରେ ।

ତେଣୁ ସତ୍ୟ ମାନେ ହିଁ ବିଶେଷ ସତ୍ୟ ଓ ନିର୍ଦ୍ଦିଷ୍ଟ ସତ୍ୟ (Particular and concrete truth) । ନିର୍ବିଶେଷ ସତ୍ୟର ଧାରଣା ହେଲା କାଳ୍ପନିକ । ସତ୍ୟ ଏହି ଅର୍ଥରେ ବିଶେଷ ସତ୍ୟ ଯେ, ବିଭିନ୍ନ ଘଟଣାର ଘାତ ପ୍ରତିଘାତ ମଧ୍ୟରେ, ବସ୍ତୁର କ୍ରିୟାକଳାପ ମଧ୍ୟରେ ହିଁ ସତ୍ୟ ଅବସ୍ଥାନ କରେ । ଅର୍ଥାତ୍ ବସ୍ତୁର କ୍ଷୁଦ୍ରାତିକ୍ଷୁଦ୍ର କଣିକା ବା ବିଶେଷ କୌଣସି ଘଟଣାର ଅବସ୍ଥାନର ଅର୍ଥ ହେଲା ଏକ ବିଶେଷ ପରିସ୍ଥିତି ମଧ୍ୟରେ ହିଁ ତାର ଅବସ୍ଥାନ । ଫଳରେ ବସ୍ତୁର ଅବସ୍ଥାନ ଯେଉଠିଁ ବିଶେଷ ଓ ନିର୍ଦ୍ଦିଷ୍ଟ ସେଠାରେ ସତ୍ୟର ଅର୍ଥ ବିଶେଷ ଓ ନିର୍ଦ୍ଦିଷ୍ଟ ସତ୍ୟ (Concrete and Particular truth) ହେବାକୁ ବାଧ୍ୟ । ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ସାହାଯ୍ୟରେ ଅଥବା ଇତିହାସର କଷଟି ପଥରରେ ବିଶ୍ଲେଷଣ କରି ସେହି ନିର୍ଦ୍ଦିଷ୍ଟ ସତ୍ୟ ସମ୍ପର୍କରେ ବିଶେଷ ଧାରଣାଟିକୁ ଆପଣମାନଙ୍କୁ ଗଢ଼ି ତୋଳିବାକୁ ହେବ । ସତ୍ୟ ସମ୍ପର୍କରେ ଆପଣମାନଙ୍କର ଧାରଣା ଯେତେ ଅଧିକ ସୁନିର୍ଦ୍ଦିଷ୍ଟ (Concrete) ହେବ, ତାହା ସେତିକି ଅଧିକ ସୃଜନଶୀଳ ଓ କ୍ରିୟାଶୀଳ ହେବ । ଆପଣମାନେ ଯେକୌଣସି ସମସ୍ୟାର ଗଭୀରକୁ ସେତେ ଅଧିକଭାବେ ପ୍ରବେଶ କରିବାର କ୍ଷମତା ଅର୍ଜନ କରିବେ । ବିପରୀତଦିଗରୁ ସତ୍ୟ ସମ୍ପର୍କରେ ଆପଣମାନଙ୍କର ଧାରଣା ଯେତେ ବେଶୀ ଉପରଠାଉରିଆ ହେବ, ସେତେ ବେଶୀ ତାହା ଅକାର୍ଯ୍ୟକାରୀ ହେବ ।

ଏଠାରେ ଆଉ ଗୋଟିଏ କଥା ମନେ ରଖିବା ଦରକାର ଯେ ପରିସ୍ଥିତି ବଦଳିଲେ, ସତ୍ୟର ସ୍ୱରୂପ ବଦଳିଯାଏ – ତେଣୁ କୌଣସି ବିଶେଷ ବିଷୟ ସଂକ୍ରାନ୍ତୀୟ ସତ୍ୟ ଧାରଣା ବି ବଦଳି ଯାଏ । ସେହି କାରଣରୁ ଶାଶ୍ୱତ (Absolute) ସତ୍ୟର ଧାରଣା ଅଚଳ । ସତ୍ୟ ଯେ ନାହିଁ ତାହା ନୁହେଁ, କିନ୍ତୁ ଶାଶ୍ୱତ ସତ୍ୟ ବୋଲି କିଛି ନାହିଁ । ଶାଶ୍ୱତ ସତ୍ୟର ଧାରଣା ମହା ମିଥ୍ୟା, ଯାହା ଜୀବନରେ ସତ୍ୟର ଅନୁଶୀଳନକୁ ବିଭ୍ରାନ୍ତ କରି ଦେଇଥାଏ । ଏକଥା ବୁଝିବା ଆବଶ୍ୟକ ଯେ ସତ୍ୟ ଅର୍ଥ ବିଶେଷ ସତ୍ୟ, ଶାଶ୍ୱତ ବା ନିର୍ବିଶେଷ ସତ୍ୟ ବୋଲି କିଛି ଅବସ୍ଥାନ କରେନା – ସେହିଭଳି ଏହି ପରିବର୍ତ୍ତନଶୀଳ ଦୁନିଆରେ ସତ୍ୟର ଧାରଣା ହେଲା ଆପେକ୍ଷିକ ସତ୍ୟର ଧାରଣା (Relative truth) । ଏହି କାରଣରୁ ହିଁ ସତ୍ୟର କ୍ଷମତା ଅମୋଘ ଏବଂ କୌଣସି ବିଷୟ ସମ୍ପର୍କରେ ସଠିକ୍ ସତ୍ୟ ଧାରଣା ଅର୍ଜନ କରିନପାରିଲେ ଅନ୍ଧକାର ଦରଣ୍ଡିବା ଛଡା ଆମର ଗତ୍ୟନ୍ତର ରହିବ ନାହିଁ । ଆପଣମାନେ ଯେଉଁମାନେ ସମାଜକୁ ବଦଳାଇବାକୁ ଚାହାଁନ୍ତି, ଦୁନିଆକୁ ବଦଳାଇବାକୁ ଚାହାଁନ୍ତି, ଏହି ପୁଞ୍ଜିବାଦୀ ଶୋଷଣର ଯନ୍ତାରୁ ମୁକ୍ତି ପାଇବାକୁ ଚାହାଁନ୍ତି, ସେମାନଙ୍କୁ ଜୀବନ ତମାମ୍ ସତ୍ୟର ସାଧନା କରିବାକୁ ହେବ । ମନେ ରଖିବାକୁ ହେବ ଯେ, ଏହି କାରଣରୁ ଶୋଷିତ ନୀପିଡ଼ିତ ମଣିଷ ପାଇଁ ସତ୍ୟ ସାଧନାର ପ୍ରଶ୍ନଟି ଅତ୍ୟନ୍ତ ଜରୁରୀ, କାରଣ ସତ୍ୟ ହେଲା ଅମୋଘ, ନିର୍ଣ୍ଣାୟକ (decisive) । ଅନ୍ୟଦିଗରେ ଏକ ବିଶେଷ ମୂହୂର୍ତ୍ତରେ ଏକ ବିଶେଷ ବିଷୟ ସମ୍ପର୍କରେ ସତ୍ୟ ହେଲା ପୂର୍ଣ୍ଣାଙ୍ଗ ସତ୍ୟ – ଅସମ୍ପୂର୍ଣ୍ଣ ବା ଅସ୍ପଷ୍ଟ ସତ୍ୟର ଧାରଣା ହେଉଛି ଅର୍ଥହୀନ ।

ଆଉ ଗୋଟିଏ ବିଷୟ ମନେରଖିବାକୁ ହେବ ଯେ ଦୁନିଆରେ ଏପରି କିଛି ନାହିଁ ଯାହା ଜାଣି ହେବ ନାହିଁ (Unknowble) । ବିଜ୍ଞାନ ଏପରି ଚିନ୍ତାକୁ ସଠିକ୍ ବୋଲି ମନେକରେନା । ଦୁନିଆରେ ଏପରି କିଛି ନାହିଁ – ଯାହା ମଣିଷର ଜ୍ଞାନର ଅତୀତ, ଯାହା

କୌଣସି ଦିନ ଜଣାଯାଇ ପାରିବ ନାହିଁ । ଏକଥା ଯେମିତି ସତ୍ୟ, ମାତ୍ର ଏକଥାର ଅର୍ଥ ଏହା ନୁହେଁ ଯେ, ଏକ ବିଶେଷ ସମୟରେ ମଣିଷ ସବୁକିଛି ଜାଣିବାକୁ ସକ୍ଷମ । ବାସ୍ତବତା ହେଲା ପ୍ରତିଦିନ ବିଜ୍ଞାନ ଓ ମାର୍କ୍ସବାଦ ନିତ୍ୟ ନୂତନ ବହୁ ପ୍ରଶ୍ନର ଉତ୍ତର ଦେଇ ଚାଲିଛି, ସେହିଭଳି ଏକ ବିଶେଷ ମୂହୂର୍ତ୍ତରେ ଆହୁରି ବହୁ ପ୍ରଶ୍ନ ଅମୀମାଂସିତ ରହି ଯାଇଛି, କାରଣ ଏହି ପରିବର୍ତ୍ତନଶୀଳ ଜଗତରେ ସବୁକିଛି ପ୍ରତିନିୟତ ପରିବର୍ତ୍ତନଶୀଳ । ତେଣୁ ଦିନେ ନା ଦିନେ ସମସ୍ତ ବିଷୟରେ ହିଁ ଜାଣିହେବ । ମାତ୍ର ଏକ ବିଶେଷ ମୂହୂର୍ତ୍ତରେ ସବୁକିଛି ଜାଣି ହେବ ବିଷୟଟି ଏଭଳି ନୁହେଁ । ପରିବର୍ତ୍ତନଶୀଳ ଦୁନିଆରେ ଏଇଟା ହିଁ ସ୍ୱାଭାବିକ ନିୟମ । ତେଣୁ ସବୁ ସମୟରେ ଜଣା ଅଜଣା ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଘର୍ଷ ରହିବ ହିଁ ରହିବ । ଆଉ ଏହି ଦ୍ୱନ୍ଦ୍ୱ ଯୋଗୁଁ ଜାଣିବାର ମଧ୍ୟ ଅନ୍ତ ନାହିଁ । ଜ୍ଞାନ ସାଧନାର ବିରାମ ନାହିଁ । ଆଜି ଯାଏଁ ଅମିମାଂସିତ ରହିଥିବା ବହୁପ୍ରଶ୍ନ ଯେତେବେଳେ ସମାଧାନ ହୋଇଯିବ, ସେତେବେଳେ ଆହୁରି ବହୁ ନୂତନ ସମସ୍ୟା ଓ ନୂତନ ପ୍ରଶ୍ନ ମଣିଷ ସାମନାରେ ଦେଖାଦେବ । ଏହି ଭଳିଭାବେ ହିଁ ସମାଜ, ସଭ୍ୟତା ଓ ଜ୍ଞାନ ବିଜ୍ଞାନର ଅଗ୍ରଗତି ଘଟି ଚାଲିଛି ।

ତେଣୁ ଏହି ନିତ୍ୟ ପରିବର୍ତ୍ତନଶୀଳ ଜଗତରେ କୌଣସି ସତ୍ୟ ଅପରିବର୍ତ୍ତନୀୟ ବା ଶାଶ୍ୱତ ନୁହେଁ କିମ୍ବା ନିର୍ବିଶେଷ ବା ଶାଶ୍ୱତ ସତ୍ୟ ବୋଲି କିଛି ରହିପାରେନା । ଏହି ବିଷୟଟିକୁ ପୁଣି ଥରେ ଉଲ୍ଲେଖ କରୁଛି ଯେ ବିଜ୍ଞାନର ଛାତ୍ରମାନେ କେହି କେହି ପ୍ରଶ୍ନ କରିପାରନ୍ତି ଯେ, ବିଜ୍ଞାନର ଅନେକ କ୍ଷେତ୍ରରେ ଯେଉଁ କନ୍‌ଷ୍ଟାଣ୍ଟ ବା ଧୃବକର ଉଲ୍ଲେଖ କରିବା ଦେଖିବାକୁ ମିଳେ – ସେହି କନ୍‌ଷ୍ଟାଣ୍ଟ ସମ୍ପର୍କରେ ସଠିକ୍ ଧାରଣା କ'ଣ ହେବ ? ଏହି 'କନ୍‌ଷ୍ଟାଣ୍ଟ' ବା ଧୃବକ କି ଭାବରେ ବୁଝା ପଡ଼ିବ ? ଏଠାରେ ବୁଝିବାକୁ ହେବ, ବିଜ୍ଞାନର ଏହି 'କନ୍‌ଷ୍ଟଣ୍ଟ' କଥାଟିର ମାନେ ହେଲା, ଗୋଟିଏ ବିଶେଷ ସମୟରେ, ଗୋଟିଏ ବିଶେଷ ସ୍ଥାନରେ, ଗୋଟିଏ ବିଶେଷ କ୍ଷେତ୍ରରେ, ଗୋଟିଏ ବିଶେଷ ବିଷୟରେ ଏହା କନ୍‌ଷ୍ଟାଣ୍ଟ – ଅର୍ଥାତ୍ at a given field, time, space and in the case of a given phenomenon, it is constant, ଏହିଠାରୁ ବେଶୀ କିଛି ନୁହେଁ । ବିଜ୍ଞାନର ଛାତ୍ରମାନେ ଏହି ଦୃଷ୍ଟିଭଙ୍ଗୀରେ ଯଦି ପ୍ରକୃତି ବିଜ୍ଞାନର ବିଭିନ୍ନ ଉଦାହରଣଗୁଡ଼ିକୁ ପରୀକ୍ଷା କରି ଦେଖିବେ, ତେବେ ସେମାନେ ନିଜେ ହିଁ ଏହାର ଅର୍ଥ ଏବଂ ତାତ୍ପର୍ଯ୍ୟ ବୁଝିବାକୁ ସକ୍ଷମ ହେବେ ।

## ବିଜ୍ଞାନ ଓ ମାର୍କ୍ସବାଦର ମୌଳିକ ସିଦ୍ଧାନ୍ତଗୁଡିକୁ ବାଦ ଦିଆଯାଇ ପାରିବ ନାହିଁ

ବସ୍ତୁଜଗତ ଓ ସମାଜ ଜୀବନରେ ସଦା ପରିବର୍ତ୍ତନଶୀଳ ଚରିତ୍ର ସମ୍ପର୍କିତ ପ୍ରଶ୍ନକୁ ପୁଣିଥରେ ଫେରିଯିବା । ଆମେ ଇତି ମଧ୍ୟରେ ଆଲୋଚନା କରିଛୁ ଯେ ବସ୍ତୁଜଗତ ଓ ସମାଜର ପରିବର୍ତ୍ତନର ନିୟମକୁ ଜାଣିବାକୁ ଯାଇ ବିଜ୍ଞାନ ଓ ମାର୍କ୍ସବାଦର ଚିନ୍ତା – ଚେତନା ଗୁଡ଼ିକ କ୍ରମାଗତ ଆହୁରି ପରିବର୍ତ୍ତିତ, ଉନ୍ନତ ଓ ସମୃଦ୍ଧ ହେଉଛି । ଏହା ବାସ୍ତବ ସତ୍ୟ ଏବଂ ଏହାକୁ ଅସ୍ୱୀକାର କରିବାର କୌଣସି ପ୍ରଶ୍ନ ଉଠି ପାରେନା । ମାତ୍ର ଆପଣମାନଙ୍କୁ ମନେ

ରଖିବାକୁ ହେବ ଯେ ବିଜ୍ଞାନ ଓ ମାର୍କ୍ସବାଦ କ୍ଷେତ୍ରରେ କେତେଗୁଡ଼ିଏ ବିଶେଷ ସିଦ୍ଧାନ୍ତ, ଧାରଣା ବା concept ରହିଛି ଯେଉଁଗୁଡିକ କି ବଜ୍ଞାନ ଓ ମାର୍କ୍ସବାଦର ମୌଳିକ ନୀତି (fundamentals) ବା (basic tenets) ଭାବେ ସ୍ୱୀକୃତ । ଦୀର୍ଘ ଦିନର ପରୀକ୍ଷା ନିରୀକ୍ଷା ବା ଅଭିଜ୍ଞତାର ଭିତ୍ତିରେ ହିଁ ସେଗୁଡିକ ବିଜ୍ଞାନର ମୌଳିକ ଦୀଗ ଭାବରେ ସ୍ୱୀକୃତ ହୋଇଛି । ବସ୍ତୁ (Matter)ର ଯେ ବସ୍ତୁତ୍ୱ (Mass) ରହିଛି, ଶକ୍ତି (Energy) ରହିଛି ବା ବସ୍ତୁକଣିକା ଯେତେ କ୍ଷୁଦ୍ର ହେଉନା କାହିଁକି ତାହା ଯେ କିଛି ନା କିଛି ବ୍ୟାପ୍ତି ଓ କାଳ (space and time)ରେ ଅବସ୍ଥାନ (Occupy) କରେ ଏବଂ ବସ୍ତୁ ମାତ୍ରେ ହିଁ ଯେ ପ୍ରତିନିୟତ ପରିବର୍ତ୍ତନଶୀଳ ଏବଂ ସେହି ପରିବର୍ତ୍ତନ ଯେ ନିୟମ ମାନି ଘଟିଥାଏ - ବସ୍ତୁର ଚରିତ୍ର ସମ୍ପର୍କିତ ଆଜି ଏହି ସବୁ ମୌଳିକ ଧାରଣା ଗଢି ଉଠିଛି - ତାହା ବିଜ୍ଞାନର କୌଣସି ଛାତ୍ର ଅସ୍ୱୀକାର କରିପାରିବେ ନାହିଁ । ତାହା ଯେକୌଣସି କାରଣରେ ହେଉ ବା ବିଜ୍ଞାନର ଉନ୍ନତି ନାମରେ ହେଉ ଯଦି କେହି ଏହିସବୁ ମୌଳିକ ଧାରଣା ବା Fundamental concept କୁ ଅସ୍ୱୀକାର କରିବାକୁ ଚାହେଁ ତେବେ ଆମକୁ କହିବାକୁ ହେବ ଯେ ଏ ଧରଣର ଚିନ୍ତା ବିଜ୍ଞାନ ବିରୋଧି, ବିଜ୍ଞାନ ସହିତ ଏହାର କୌଣସି ସମ୍ପର୍କ ନାହିଁ ।

ଆମେ ସମସ୍ତେ ଜାଣୁ ଯେ ଇତିହାସର ଗତିପଥରେ ଏକ ବିଶେଷ ସମୟରେ ସମାଜ ଶ୍ରେଣୀ ବିଭକ୍ତ ହୋଇଛି ଏବଂ ସମାଜ ବ୍ୟବସ୍ଥାର ପରିବର୍ତ୍ତନର ପଥରେ ଏହି ଶ୍ରେଣୀ ବିଭକ୍ତ ସମାଜର ସ୍ୱରୂପ ଓ ଚରିତ୍ରର ଐତିହାସିକ କାରଣରୁ ହିଁ ବହୁ ପରିବର୍ତ୍ତନ ଘଟିଛି । ଏହି ଶ୍ରେଣୀ ବିଭକ୍ତ ସମାଜ ଭିନ୍ନ ପରିସ୍ଥିତିରେ ଏବଂ ସମାଜ ବ୍ୟବସ୍ଥାର ପାର୍ଥକ୍ୟକୁ ଭିତିକରି ଯେଉଁ ରୂପରେ ଗଢ଼ି ଉଠିଥାଉନା କାହିଁକି ଏକ ଶ୍ରେଣୀ ବିଭକ୍ତ ସମାଜରେ ଯେ ଶ୍ରେଣୀ ଦ୍ୱନ୍ଦ୍ୱର ବିଲୋପ ହୋଇ ପାରେନା - ଏକଥା ଐତିହାସିକ ବସ୍ତୁବାଦର ଏକ ମୌଳିକ ସିଦ୍ଧାନ୍ତ । ଏଠାରେ କୌଣସି ମାର୍କ୍ସବାଦୀ ନେତା ଯଦି ଦୁନିଆର ପରିବର୍ତ୍ତନର କଥା ଉଲ୍ଲେଖ କରି କହିବେ ଯେ କୌଣସି ଏକ ବିଶେଷ ସମାଜ ଶ୍ରେଣୀ ବିଭକ୍ତ ସମାଜ ହେଲେ ବି ସେଠାରେ ଶ୍ରେଣୀ ଦ୍ୱନ୍ଦ୍ୱର ନିୟମ କାର୍ଯ୍ୟ କରେନା, ତେଣୁ ଶ୍ରେଣୀ ସଂଗ୍ରାମର ନୀତି ସେଠରେ ଅଚଳ - ତାହା ହେଲେ ଆଉ ଯାହା ହେଉ, ଏହି ପ୍ରକାର ଧାରଣାକୁ ସଠିକ୍ ମାର୍କ୍ସବାଦୀ ଚିନ୍ତା ବୋଲି ଗ୍ରହଣ କରାଯାଇ ପାରିବ ନାହିଁ । ପରିବର୍ତ୍ତନଶୀଳତାର ନାମରେ ଏହାକୁ ଉପସ୍ଥାପିତ କରାହେଲେ ବି, ଏହି ଚିନ୍ତା ମାର୍କ୍ସବାଦର ମୌଳିକ ସିଦ୍ଧାନ୍ତର ବିରୋଧୀ ।

ସମାଜରେ ପ୍ରଚଳିତ ବିଜ୍ଞାନ ବିରୋଧୀ - ନାନା ଚିନ୍ତା ଯୋଗୁଁ ବା ଶୋଷକ ସମ୍ପ୍ରଦାୟର ସ୍ୱାର୍ଥରେ ବିଜ୍ଞାନ ଚିନ୍ତାକୁ ପ୍ରଭାବିତ କରିବାକୁ ସକ୍ଷମ ହେଲେ ଯେମିତି ବିଜ୍ଞାନର ଅଗ୍ରଗତି ସାମୟିକଭାବେ ହେଲେ ବି କ୍ଷତିଗ୍ରସ୍ତ ଓ ବ୍ୟାହତ ହୁଏ - ମାର୍କ୍ସବାଦର ଅଗ୍ରଗତିର ଇତିହାସ କ୍ଷେତ୍ରରେ ମଧ୍ୟ ଆମେ ଅନୁରୂପ ଘଟଣା ଘଟିବା ଦେଖୁଛୁ । ବିଭିନ୍ନ ଦେଶରେ ଯେଉଁମାନେ ମାର୍କ୍ସବାଦୀ ବୋଲି ପରିଚିତ, ସେମାନେ ମାର୍କ୍ସବାଦୀ ଦର୍ଶନ ବା ଦ୍ୱନ୍ଦ୍ୱମୂଳକ ବସ୍ତୁବାଦକୁ ସଠିକ୍ଭାବେ ଉପଲବ୍ଧି କରି ପାରିଛନ୍ତି କି ନାହିଁ ଏବଂ ଜୀବନରେ ଏହି ବିଜ୍ଞାନକୁ ଯଥାଯଥଭାବେ ପ୍ରୟୋଗ କରିପାରିଛନ୍ତି କି ନାହିଁ 'Correct Process of thinking and correct process of movement' କୁ ଅନୁସରଣ କରି ପାରିଛନ୍ତି କି ନାହିଁ -

ତା ଉପରେ ନିର୍ଭର କରେ ମାର୍କ୍ସବାଦୀ ଆନ୍ଦୋଳନ କେତେ ଦୂର ତ୍ୱରାନ୍ୱିତ ହେବ ଅଥବା ତାର ଅଗ୍ରଗତିରେ ବାଧା ସୃଷ୍ଟି ହେବ ।

## ମାର୍କ୍ସବାଦର ଅଧ୍ୟୟନ କାହାରି ଇଚ୍ଛା ଅନିଚ୍ଛା ଉପରେ ନିର୍ଭର କରିପାରେନା

ସୁତରାଂ ମାର୍କ୍ସବାଦ ସମ୍ପର୍କରେ ଆମର ଧାରଣାଗୁଡ଼ିକ ଖୁବ୍ ସ୍ୱଚ୍ଛ ହେବା ପ୍ରୟୋଜନ । ମାର୍କ୍ସବାଦ ଅଥବା ବିପ୍ଲବୀ ଜୀବନ ଗ୍ରହଣ କରିବା କ୍ଷେତ୍ରରେ ଜଣକର ଦୃଷ୍ଟିଭଙ୍ଗୀ ଏଭଳି ହେବା ଉଚିତ ନୁହେଁ ଯେ, ଯେହେତୁ ସେ ମାର୍କ୍ସବାଦକୁ ଭଲପାଏ ଓ ଏ ଦିଗରେ ତାର ଆଗ୍ରହ ଅଛି, ତେଣୁ ସେ ମାର୍କ୍ସବାଦୀ । ଯେମିତି ଧରନ୍ତୁ ଜଣେ କ୍ରୀଡ଼ାକୁ ଭଲପାଏ ବୋଲି ସେ କ୍ରିଡ଼ାବିତ୍, ଜଣେ ଡ଼ାକ୍ତରୀ ପେଶାକୁ ଭଲପାଏ ବୋଲି ସେ ଡ଼ାକ୍ତର, ସେହିଭଳି ସେହି ଏକା କାରଣରୁ କେହି ଇଞ୍ଜିନିୟର ବା ପ୍ରଫେସର । ଏକଥା ଭାବିବା ଭୁଲ ଯେ କେବଳ ଜଣେ ମାର୍କ୍ସବାଦକୁ ଭଲପାଏ ବୋଲି ଓ ଏହା ପ୍ରତି ଆକୃଷ୍ଟ ବୋଲି ସେ ମାର୍କ୍ସବାଦୀ । ଜାଣି ହେଉ ବା ଅଜାଣତରେ ହେଉ ଏ ଧରଣର ଚିନ୍ତା ଦେଖାଦେଲେ ତାହା ମାର୍କ୍ସବାଦ ବା ବିପ୍ଲବୀ ରାଜନୀତିର ଅପରିସୀମ ଗୁରୁତ୍ୱକୁ ନ୍ୟୁନ କରିଦିଏ ଏବଂ ଏହାକୁ ଅନ୍ୟାନ୍ୟ ପେଶା ସହିତ ସମାନ କରିଦିଏ । ବିଷୟଟି ଏଭଳି ନୁହେଁ ଯେ ଆମ ସାମ୍ନାରେ ଅନେକ ଗୁଡ଼ିଏ ବିକଳ୍ପ (option) ରହିଛି,ତନ୍ମଧ୍ୟରୁ ଆମେ ମାର୍କ୍ସବାଦକୁ ଅନ୍ୟତମ ବିକଳ୍ପଭାବେ ଗ୍ରହଣ କରିଛୁ ।

ଆଉ ଗୋଟିଏ ଦିଗରୁ ବିଷୟଟିକୁ ଆପଣଙ୍କ ସମ୍ମୁଖରେ ରଖୁଛି । ଏହି ସମାଜରେ ଜଣେ ମଣିଷ, ସେ ବୈଜ୍ଞାନିକ ହୁଅନ୍ତୁ, ସାହିତ୍ୟିକ ହୁଅନ୍ତୁ, କ୍ରୀଡ଼ାବିତ୍ ହୁଅନ୍ତୁ, ଡ଼ାକ୍ତର, ଇଞ୍ଜିନିୟର ବା ପ୍ରଫେସର ଯାହା ହୁଅନ୍ତୁ ନା କାହିଁକି, ସେ ଏହି ସମାଜର ଜଣେ ମଣିଷ, ସମାଜ ସହିତ ସମ୍ପର୍କ ସ୍ଥାପନ ନ କରି ସେ ଚାଲିପାରିବେ ନାହିଁ । ଏହି ଯେ ଶୋଷଣମୂଳକ ସମାଜ ବ୍ୟବସ୍ଥା, ସେ ସେହି ସମାଜର ହିଁ ଜଣେ ନାଗରିକ, ଏବେ ପ୍ରଶ୍ନ ହେଲା ଏହି ସମାଜର ଜଣେ ମଣିଷ ହିସାବରେ ମୂଲ୍ୟବୋଧ ସମ୍ପର୍କରେ ତାଙ୍କର ନିଜସ୍ୱ ଧାରଣା କ'ଣ - ତାହା କ'ଣ ସେ ଭାବି ଦେଖିଛନ୍ତି ? ଯେଉଁ ଧାରଣା ନେଇ ସେ ଚାଲିଛନ୍ତି, ଜୀବନରେ ଯେଉଁ ମୂଲ୍ୟବୋଧ ସେ ପ୍ରତିନିୟତ ପ୍ରତିଫଳିତ କରୁଛନ୍ତି, ତାଙ୍କର ନିଜ ଜୀବନରେ ଏବଂ ସମାଜରେ ତାର ପ୍ରତିକ୍ରିୟା କ'ଣ ଓ ତାତ୍ପର୍ଯ୍ୟ କ'ଣ ସେ ସମ୍ପର୍କରେ ସେ ସଚେତନ କି ?

ବିଷୟଟି ଏମିତି ହୋଇପାରେନା ଯେ, ସେ ତାଙ୍କର ଚିନ୍ତା, ଚେତନା ଦ୍ୱାରା ସମାଜରେ କୌଣସି ପ୍ରତିକ୍ରିୟା ସୃଷ୍ଟି କରୁ ନାହାନ୍ତି । ସେ ଚାହାଁନ୍ତୁ ବା ନ ଚାହାଁନ୍ତୁ ତାଙ୍କର ଚାଲିଚଳନ, ସମାଜରେ ତାଙ୍କର ଅବସ୍ଥାନ କୌଣସି ନା କୌଣସି ପ୍ରତିକ୍ରିୟା ସୃଷ୍ଟି କରିବାକୁ ବାଧ୍ୟ । ହୁଏତ ସେ ଅନ୍ୟ ହାତରେ ଯନ୍ତ୍ର ବା କଣ୍ଢେଇ ହିସାବରେ ବ୍ୟବହୃତ ହେଉଛନ୍ତି, ନିଜକୁ ପ୍ରତି ମୂହୂର୍ତ୍ତରେ ଭୁଲ ବୁଝାଉଛନ୍ତି, ଅଥବା ଶୋଷଣମୂଳକ ସମାଜ ବ୍ୟବସ୍ଥା ବିରୁଦ୍ଧରେ ଯେତେ କମ୍ ହେଉ ପଛେ ଏକ ସଂଗ୍ରାମୀ ଭୂମିକା ପାଳନ କରୁଛନ୍ତି । ଏହି ଦୁଇଟି ମଧ୍ୟରୁ ଯେକୌଣସି ଗୋଟିଏ ସେ କରୁଛନ୍ତି । ଏମିତି ହୋଇପାରେନା ଯେ ସେ କୌଣସିଟି ବି କରୁ

ନାହାନ୍ତି । ଏ ସମ୍ପର୍କରେ ସଚେତନ ନୁହଁନ୍ତି ବୋଲି ଯଦି ଭାବନ୍ତି ଯେ ସେ ଏ କ୍ଷେତ୍ରରେ କୌଣସି ଭୂମିକା ହିଁ ପାଳନ କରୁ ନାହାନ୍ତି, ତାହା ହେଲେ ତାହା ହେବ ଏକ ଅଳୀକ କଳ୍ପନା ମାତ୍ର । ସାମ୍ପ୍ରତିକ ଶ୍ରେଣୀ ବିଭକ୍ତ ସମାଜରେ, ଶୋଷଣମୂଳକ ବ୍ୟବସ୍ଥାରେ କେହି ନିଜକୁ ମୁକ୍ତ ରଖିପାରିବେ ନାହିଁ । ଜଣେ ହୁଏତ ଭାବିପାରେ ସେ ଜଣେ ଖେଳାଳୀ, ଖେଳାଖେଳୀ କରନ୍ତି, ଫଳରେ ଶୋଷଣ ଓ ଅତ୍ୟାଚାର ସହିତ ତାଙ୍କର ସମ୍ପର୍କ ବା କ'ଣ ? କିନ୍ତୁ ଟିକେ ଗଭୀରଭାବେ ଭାବିଲେ ହିଁ ସେ ବୁଝିପାରିବେ ଯେ ସମାଜରେ ସମସ୍ତ କିଛି ସହିତ ପ୍ରତିଟି ମଣିଷର ସମ୍ପର୍କ ଅଛି । ଏହି ସମ୍ପର୍କର ସ୍ୱରୂପଟି କ'ଣ ତାହା ହିଁ ବୁଝିବା ଆବଶ୍ୟକ । ଏହା ବୁଝିବାକୁ ଚେଷ୍ଟା ନକରି, ଫାଙ୍କିମାରି କେହି ଏଡେଇ ଯାଇ ପାରିବେ ନାହିଁ । ହଁ ଏକଥା ଠିକ୍ ଯେ ନିଜେ ନ ଚାହିଁଲେ କାହାରିକୁ ଜୋର କରି କୌଣସି ବିଷୟ ବୁଝାଯାଇ ପାରିବ ନାହିଁ । ନିଜେ ଚାହିଁଲେ ତା ଇଛା ବିରୁଦ୍ଧରେ ଜୋର କରି କିଛି କରାଇ ନିଆଯାଇ ପାରିବ ନାହିଁ – ସେ ପ୍ରଶ୍ନ ଉଠିପାରେନା । ମାତ୍ର ଏ ବିଷୟ ସମ୍ପର୍କରେ ସଚେତନ ହେବା ଆବଶ୍ୟକ ଯେ ଜଣେ ଅଜାଣତରେ ହେଲେ ବି ନିଜ କାମ ଦ୍ୱାରା ଏଭଳି ଏକ ଶକ୍ତିର ହାତକୁ ଶକ୍ତିଶାଳୀ କରୁଛନ୍ତି ଯେଉଁ ଶକ୍ତି କି ବର୍ତ୍ତମାନର ଶୋଷଣମୂଳକ ଯନ୍ତ୍ରଟିକୁ ବଞ୍ଚାଇ ରଖିବା କାମରେ ନିୟୋଜିତ । ଜଣେ ଭାବିପାରେ ଯେ ସେ ତ ନିଜର ସ୍ୱାଧୀନ ଚିନ୍ତା ନେଇ ଚାଲିଛନ୍ତି, ଏଥିରେ କାହାର କିଛି କହିବାର ଅଛି ? ମାତ୍ର ସେ ଯଦି ତାଙ୍କର ମୁଣ୍ଡଟିକୁ ଖେଳାଇ ଥାଆନ୍ତେ ତେବେ – ଧରିପାରି ଥାଆନ୍ତେ ଯେ ସେ ଏହି ଧରଣର ଚିନ୍ତା ଦ୍ୱାରା ଇତିହାସରେ ମଣିଷର ଭୂମିକାକୁ ଅସ୍ୱୀକାର କରୁଛନ୍ତି । କାରଣ ଏକଥା ସମସ୍ତଙ୍କୁ ଜଣା ଅଛି ଯେ, ପ୍ରାଣୀଜଗତରେ ଅନ୍ୟାନ୍ୟ ଜୀବଜନ୍ତୁ ସହିତ ମଣିଷର ପାର୍ଥକ୍ୟ ଏହିଠାରେ ଯେ ଅନ୍ୟାନ୍ୟ ଜୀବଜନ୍ତୁ ଯେଉଁଠି ସମସ୍ତେ ହିଁ ପ୍ରାକୃତିକ ନିୟମର ଦାସ ଏବଂ ପରିବେଶ ସେମାନଙ୍କୁ ଯେମିତି ଚଳାଏ ସେମାନେ ସେମିତି ଚାଲନ୍ତି, ସେଠାରେ ମଣିଷ ହିଁ ହେଉଛି ତାର ଏକମାତ୍ର ବ୍ୟତିକ୍ରମ । ମଣିଷ ପ୍ରାକୃତିକ ନିୟମର ଦାସ ହୋଇ ରହିବାକୁ ଚାହିଁନାହିଁ, ରହିନାହିଁ । ସେ ପ୍ରକୃତିକୁ ଜୟ କରିବା ପାଇଁ ଚେଷ୍ଟା କରିଛି, ପ୍ରାକୃତିକ ନିୟମକୁ ଜାଣି ମଣିଷର କଲ୍ୟାଣରେ ତାକୁ ବ୍ୟବହାର କରି ସମାଜ ଓ ସଭ୍ୟତାର ଅଗ୍ରଗତି ଘଟାଇଛି । ସମାଜ ଓ ସଭ୍ୟତାର ଏହି ଅଗ୍ରଗତି ପଥରେ – ସେ ଯେମିତି ବସ୍ତୁଗତ ଉତ୍ପାଦନ(Material production) ଘଟାଉଛି – ସେହିଭଳି ଭାବଗତ ଉତ୍ପାଦନ(Spiritual production) ମଧ୍ୟ ଘଟାଇଛି । ତେଣୁ ମଣିଷଭାବେ ଜନ୍ମ ହେବାର ଏକ ବିରାଟ ତାତ୍ପର୍ଯ୍ୟ ରହିଛି । ମଣିଷ ଜୀବନର ମୂଲ୍ୟ ବିରାଟ । ତେଣୁ କହୁଥିଲି, ମଣିଷ ହୋଇ ଜନ୍ମ ନେଇ ଏହି ଜୀବନରେ ମୂଲ୍ୟବୋଧର ଧାରଣାକୁ କେହି ଅସ୍ୱୀକାର କରିପାରେ କି ? ତାହେଲେ ତ ଜଣେ ମଣିଷ, ମଣିଷ ନ ହୋଇ ଥିଲେ ବି ଚଳିଥାନ୍ତା । ସୁତରାଂ କେହି ଖେଳାଳୀ ହେଉ, ଇଞ୍ଜିନିୟର ହେଉ ବା ଯାହା ହୁଅନ୍ତୁ କାହିଁକି ଜୀବନର ମୂଳ ସମସ୍ୟାକୁ ତାଙ୍କୁ ବୁଝିବାକୁ ହିଁ ପଡ଼ିବ । ଆଉ ଏହି ସବୁ ସମସ୍ୟାକୁ ବୁଝିବା ଓ ଜାଣିବା ପାଇଁ ଆମ ପକ୍ଷରେ ମାର୍କ୍ସବାଦ ଜାଣିବା ନିହାତି ପ୍ରୟୋଜନ ଓ ଅତ୍ୟନ୍ତ ଜରୁରୀ ।

## ବସ୍ତୁଜଗତର ଅବସ୍ଥାନ ଚେତନା ନିରପେକ୍ଷ

ଦର୍ଶନର ଆହୁରି ଅନେକ ଦିଗ ରହିଛି ଯାହା ସମ୍ପର୍କରେ ଆପଣମାନଙ୍କର ସ୍ୱଚ୍ଛ ଧାରଣା ରହିବା ଆବଶ୍ୟକ । ଧରାଯାଉ ଏହି ଯେଉଁ ବସ୍ତୁଜଗତ ତାହା କ'ଣ ମଣିଷ ମନର ଅସ୍ତିତ୍ୱ ଉପରେ ନିର୍ଭରଶୀଳ ? ଅର୍ଥାତ୍ ଆମେ ଭାବୁଛୁ ବୋଲି କ'ଣ ଏହି ବସ୍ତୁଜଗତ ଅବସ୍ଥାନ କରୁଛି । ନା ବସ୍ତୁଜଗତର ଅବସ୍ଥାନ ଚେତନା ନିରପେକ୍ଷ – Independent of human consciousness ? ଏହି ପ୍ରଶ୍ନର ସଠିକ୍ ଉତ୍ତର ପାଇବା ପାଇଁ ମଧ୍ୟ ଆମକୁ ବିଜ୍ଞାନ ଉପରେ ନିର୍ଭର କରିବାକୁ ପଡ଼ିବ । ଏକଥାକୁ ଅସ୍ୱୀକାର କରାଯାଇପାରେନା ଯେ ଇତିହାସ ଓ ବିଜ୍ଞାନ ଦ୍ୱାରା ଏକଥା ସନ୍ଦେହାତୀତ ଭାବେ ପ୍ରମାଣିତ ହୋଇଛି ଯେ, ମହାଜାଗତିକ ବିବର୍ତ୍ତନର (Cosmic evolution) ପଥରେ ବିଶେଷ ବିଶେଷ ସ୍ତରରେ ପ୍ରଥମେ ପ୍ରାଣର ସ୍ପନ୍ଦନ, ଉଦ୍ଭିଦ, ତାପରେ ବିଭିନ୍ନ ଜୀବଜନ୍ତୁର ସୃଷ୍ଟି ହୋଇ ଏବଂ ମଣିଷ ଓ ମଣିଷ ମନର ସୃଷ୍ଟି ହୋଇଛି । କେତେଗୁଡିଏ ନିର୍ଜୀବ ବସ୍ତୁ ଜାହାକୁ ଆମେ ବିଶେଷଭାବେ ଅଜୈବିକ (Inorganic) ବସ୍ତୁ ବୋଲି କହୁ – ପରିବର୍ତ୍ତନର ଧାରାରେ ଦୀର୍ଘ ପଥ ଅତିକ୍ରମ କରି ଯେତେବେଳେ ଅନୁକୂଳ ପରିସ୍ଥିତିର ସୃଷ୍ଟି ହୋଇଛି, ସେତେବେଳେ ହିଁ ଜୈବିକ (Organic) ବସ୍ତୁର ସୃଷ୍ଟି ହୋଇଛି । ମାତ୍ର ଏହା ଭାବିବା ଭୁଲ ଯେ ଯେକୌଣସି ଜୈବିକବସ୍ତୁ ମାତ୍ରେ ହିଁ ତହା ଜୀବନ୍ତ ବସ୍ତୁ । ଏ ସମ୍ପର୍କରେ ସଠିକ୍ ଧାରଣା ହେଲା ଦୀର୍ଘ ପରିବର୍ତ୍ତନର ପଥରେ ମୂଳତଃ ଜୈବପଦାର୍ଥର ମିଳନର ମଧ୍ୟ ଦେଇ ଜୀବନ୍ତ ବସ୍ତୁକଣିକା ବା ଜୀବକୋଷର ସୃଷ୍ଟି ହୋଇଛି ଏବଂ ଏହି ଜୀବନ୍ତ ଜୀବକୋଷଗୁଡ଼ିକରୁ ଏକ ଦୀର୍ଘ ପରିବର୍ତ୍ତନର ପ୍ରକ୍ରିୟାରେ ଜୀବଜଗତ ସୃଷ୍ଟି ହୋଇଛି । ପୁଣି ଜୀବଜଗତର ଏକ ଦୀର୍ଘ ବିକାଶର ପ୍ରକ୍ରିୟା ମଧ୍ୟ ଦେଇ ମଣିଷ ସୃଷ୍ଟି ହୋଇଛି । ମଣିଷର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ତାର ମସ୍ତିଷ୍କର ଗଠନଶୈଳୀ । କାରଣ ତା ମଧ୍ୟରେ ଚିନ୍ତା କରିବାର ଶକ୍ତି ନିହିତ ରହିଛି । ଅନ୍ୟାନ୍ୟ ଜୀବଜନ୍ତୁ ସହିତ ମଣିଷର ଏହିଠାରେ ହିଁ ମୌଳିକ ପାର୍ଥକ୍ୟ । ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ଦ୍ୱାରା ଆମେ ମଣିଷର ଶରୀର ଏବଂ ବିଶେଷଭାବେ ମଣିଷର ମସ୍ତିଷ୍କର ଉନ୍ନତ ଗଠନ ଏବଂ ଏହି ମସ୍ତିଷ୍କ ମଧ୍ୟରେ ପ୍ରଶସ୍ତ ଓ ବିକଶିତ enlarged and developed cerebral cortex ର ଅବସ୍ଥାନ ସମ୍ପର୍କରେ ଜାଣିବାକୁ ପାଇଛୁ । ଏହିସବୁ ମିଶି ମଣିଷର ମସ୍ତିଷ୍କ ଏପରି ଏକ କ୍ଷମତା ଅର୍ଜନ କରିଛି ଯାହାକୁ ଇଂରାଜୀରେ Power of Translation of the human brain ବୋଲି କୁହାଯାଏ । ଏହା ହିଁ ମଣିଷକୁ ଚିନ୍ତା କରିବାର କ୍ଷମତା ଦେଇଛି ଏବଂ ଏହିଭଳି ଭାବେ ମଣିଷର ମନ ସୃଷ୍ଟି ହୋଇଛି । ଫଳରେ ଆପଣମାନେ ଦେଖିବାକୁ ପାଇଲେ ବସ୍ତୁର ପରିବର୍ତ୍ତନ ଧାରାରେ ପ୍ରାଣହୀନ ବସ୍ତୁରୁ ପ୍ରାଣର ସମ୍ଭାବନାପୂର୍ଣ୍ଣ ବସ୍ତୁ, ସେଥିରୁ ଜୀବନ୍ତ ବସ୍ତୁ – ସେହି ଧାରାରେ ହିଁ ଦୁନିଆରେ ବିଭିନ୍ନ ପ୍ରଣୀର ସୃଷ୍ଟି ହୋଇଛି ।

ଆମେ ଯେତେବେଳେ ବସ୍ତୁଜଗତର ପରିବର୍ତ୍ତନର କଥା କହୁଛୁ ଏବଂ ବାସ୍ତବ କ୍ଷେତ୍ରରେ ଯେ କୌଣସି ପରିବର୍ତ୍ତନର ଧାରା କଥା କହୁ ନା କାହିଁକି ତାହା ସଠିକ୍ ଭାବେ ବୁଝିବାକୁ ହେଲେ ଆମକୁ କେତେଗୁଡିଏ ପ୍ରାସଙ୍ଗିକ ବିଷୟ ଭଲଭାବେ ବୁଝିବାକୁ ହେବ । ଆମକୁ ବୁଝିବାକୁ ହେବ ଯେ, ବସ୍ତୁଜଗତର ଯେଉଁ ପରିବର୍ତ୍ତନ ସଂଘଟିତ ହେବା ଦେଖାଯାଏ,

ସେଠାରେ ଦୁଇ ଧରଣର ପରିବର୍ତ୍ତନ ଘଟିବା ଦେଖିବାକୁ ମିଳେ । ପ୍ରଥମତଃ ପ୍ରତିମୂହୂର୍ତ୍ତର ପରିବର୍ତ୍ତନ । ପ୍ରତ୍ୟେକ ମୂହୂର୍ତ୍ତରେ ବସ୍ତୁ ଭିତରେ ଯେଉଁ ପରିବର୍ତ୍ତନ ଘଟି ଚାଲିଛି, ତାହା ସାଧାରଣତଃ ସହଜ ବିଚାରରେ ଜାଣି ହୁଏ ନାହିଁ । ଏହିଭଳି ପ୍ରତିନିୟତ ବସ୍ତୁ କ୍ଷେତ୍ରରେ ଚାଲିଥିବା ପରିବର୍ତ୍ତନକୁ କ୍ରମ ପରିବର୍ତ୍ତନ, ଧୀର ପରିବର୍ତ୍ତନ, ବିବର୍ତ୍ତନ, ଅଥବା ପରିମାଣଗତ ପରିବର୍ତ୍ତନ ବୋଲି କୁହାଯାଏ ଇଂରାଜୀରେ ଯାହାକୁ evolutionary, gradual, slow of quantitative change । ବସ୍ତୁର ଦ୍ୱିତୀୟ ଆଉ ଏକ ଧରଣର ପରିବର୍ତ୍ତନ ଘଟିଥାଏ – ତାହା ପ୍ରଥମ ଧରଣର ପରିବର୍ତ୍ତନର ହିଁ ପରିଣତି ।

ଧୀରେ ଧୀରେ ପରିମାଣଗତ ପରିବର୍ତ୍ତନ ଧାରାରେ ବସ୍ତୁର ପରିବର୍ତ୍ତନର ସ୍ୱରୂପ ଓ ଚରିତ୍ର ଏଭଳି ଏକ ପର୍ଯ୍ୟାୟରେ ପହଞ୍ଚେ ଯେତେବେଳେ ସେହି ପରିବର୍ତ୍ତନଟି ସହଜରେ ଜଣାପଡିଯାଏ ଏବଂ ତାହା ବୁଝିବାକୁ କୌଣସି ଅସୁବିଧା ମଧ୍ୟ ହୁଏ ନାହିଁ । ଏହି ଦ୍ୱିତୀୟ ଧରଣର ପରିବର୍ତ୍ତନକୁ କୁହାଯାଏ ଆକସ୍ମିକ, ବୈପ୍ଳବିକ ଅଥବା ଗୁଣାତ୍ମକ ବା ଆମୂଳଚୁଳ ପରିବର୍ତ୍ତନ, ଇଂରାଜୀରେ ଯାହାକୁ କୁହାଯାଏ – abrupt, revolutionary, quantitative ବା radical change । ବିଜ୍ଞାନର ପରିଭାଷାରେ ଏହି ଦୁଇ ଧରଣର ପରିବର୍ତ୍ତନକୁ ବେଳେ ବେଳେ ଅବିଚ୍ଛିନ୍ନ ଓ ବିଚ୍ଛିନ୍ନ (continous and discontinous) ବୋଲି ମଧ୍ୟ କୁହାଯାଏ । ପରିମାଣଗତ ପରିବର୍ତ୍ତନର ଧାରାରେ ବସ୍ତୁ ଯେତେବେଳେ ରୂପାନ୍ତରିତ ହୋଇ transtional stage ବା nodal point ରେ ପହଞ୍ଚେ – ସେତେବେଳେ ହିଁ ବସ୍ତୁର ଏହି ଗୁଣଗତ ପରିବର୍ତ୍ତନ ଘଟିଥାଏ । ତେଣୁ ପରିବର୍ତ୍ତନର ପୂର୍ଣ୍ଣାଙ୍ଗ ରୂପଟିକୁ ବୁଝିବାକୁ ହେଲେ ଆମକୁ ଏହି ଦୁଇ ଧରଣର ପରିବର୍ତ୍ତନକୁ ବୁଝିବାକୁ ହେବ ।

ଏକଥା ସମସ୍ତେ ଜାଣନ୍ତି ଯେ ପ୍ରାଣ ଓ ପ୍ରାଣୀଜଗତର ପରିବର୍ତ୍ତନକୁ ଡ଼ାର୍‌ଉଇନ୍ ତାଙ୍କର ବିବର୍ତ୍ତନ ତତ୍ତ୍ୱ ଦ୍ୱାରା ବ୍ୟାଖ୍ୟା କରଛନ୍ତି । ଉଭୟ ମାର୍କ୍ସ ଓ ଏଙ୍ଗେଲସ୍, ଡାର୍‌ଉଇନ୍‌ଙ୍କ ଏହି ଆବିଷ୍କାରକୁ ଅତ୍ୟନ୍ତ ଗୁରୁତ୍ୱ ଦେଇଥିଲେ ଏବଂ ପ୍ରାଣର ସୃଷ୍ଟି ବା ପ୍ରାଣୀଜଗତର ବିକାଶ କ୍ଷେତ୍ରରେ ଡାରଉଇନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱ ଯେଉଁଭଳିଭାବେ ତଦାନୀନ୍ତନ ଭାବବାଦୀ ଚିନ୍ତାର ମୂଳରେ କୁଠାରଘାତ କରିଥିଲା, ତାହାକୁ ସ୍ୱାଗତ ଜଣାଇଥିଲେ । ମାତ୍ର ପରବର୍ତ୍ତୀକାଳରେ ବିଜ୍ଞାନର ଯେଉଁ ଦୃତ ଅଗ୍ରଗତି ଘଟିଲା ତାହା ସନ୍ଦେହାତୀତ ଭାବେ ପ୍ରମାଣ କଲା ଯେ ବସ୍ତୁ ଜଗତରେ ସାମଗ୍ରିକ ପରିବର୍ତ୍ତନକୁ କେବଳ ବିବର୍ତ୍ତନ ଅଥବା କ୍ରମପରିବର୍ତ୍ତନ ଦ୍ୱାରା ବୁଝିଲେ ହେବନାହିଁ, ଏହାକୁ ଗୁଣଗତ, ମୌଳିକ ଓ ବୈପ୍ଳବିକ ପରିବର୍ତ୍ତନ ସହ ମିଶାଇ ମଧ୍ୟ ବୁଝିବାକୁ ହେବ । ବିଜ୍ଞାନର ଏହି ସିଦ୍ଧାନ୍ତକୁ ଖିଆଲ ରଖିଲେ ଅଜୈବିକ ବସ୍ତୁରୁ ଜୈବିକ ବସ୍ତୁ, ଜୈବିକ ବସ୍ତୁର ବିକାଶ ଧାରାରେ ପ୍ରାଣର ସମ୍ଭାବନାପୂର୍ଣ୍ଣ ବସ୍ତୁ ଏବଂ ସେହି ବସ୍ତୁର ମିଳନ ମଧ୍ୟଦେଇ ପ୍ରାଣ ବା ପ୍ରାଣୀଜଗତର ଆବର୍ଭାବର ବିଷୟଟିକୁ ପରିମାଣଗତ ପରିବର୍ତ୍ତନ ଓ ଗୁଣଗତ ପରିବର୍ତ୍ତନ ପ୍ରକ୍ରିୟା ସାହାଯ୍ୟରେ ବୁଝିବାକୁ ଅସୁବିଧା ହେବ ନାହିଁ ।

# ମନ କ'ଣ

ଏହି ପ୍ରସଙ୍ଗରେ ଆଉ ଗୋଟିଏ ବିଷୟ ମଧ୍ୟ ମନେରଖିବା ଦରକାର । ତାହାହେଲା ବସ୍ତୁଜଗତ ବା ଯେକୌଣସି କ୍ଷେତ୍ରରେ ଦ୍ୱନ୍ଦ୍ୱ, ସଂଘର୍ଷ ଓ ମିଳନର ମଧ୍ୟ ଦେଇ ପ୍ରତିନିୟତ ପରିବର୍ତ୍ତନ ଘଟି ଚାଲିଛି - ଅର୍ଥାତ୍ ଘାତ-ପ୍ରତିଘାତ-ସଂଘାତ ଓ ମିଳନ ହେଲା ବସ୍ତୁଜଗତର ବୈଶିଷ୍ଟ୍ୟ । ବସ୍ତୁର ଏହି ଦ୍ୱନ୍ଦ୍ୱର ଦୁଇଟି ରୂପ- ଅନ୍ତର୍ଦ୍ୱନ୍ଦ ଓ ବହିର୍ଦ୍ୱନ୍ଦ୍ୱ । ଯେକୌଣସି ବସ୍ତୁ ବା ଯେକୌଣସି ସତ୍ତାର ଅଭ୍ୟନ୍ତରରେ ଯେଉଁ ଦ୍ୱନ୍ଦ୍ୱ ଓ ସଂଘର୍ଷ ଏବଂ ମିଳନର ପ୍ରକ୍ରିୟା କାର୍ଯ୍ୟକରେ ତାହାହେଲା ଅନ୍ତର୍ଦ୍ୱନ୍ଦ । ପୁଣି ବିଭିନ୍ନ ବସ୍ତୁ ମଧ୍ୟରେ ପାରସ୍ପରିକ ଘାତ-ପ୍ରତିଘାତ ବା ଦ୍ୱନ୍ଦ୍ୱ ଓ ସଂଘର୍ଷ ଏବଂ ମିଳନର ଯେଉଁ ପ୍ରକ୍ରିୟା କାର୍ଯ୍ୟକରେ ତାହାକୁ କୁହାଯାଏ ବହିର୍ଦ୍ୱନ୍ଦ୍ୱ । ବସ୍ତୁର ଏହି ଅନ୍ତର୍ଦ୍ୱନ୍ଦ୍ୱ ଓ ବହିର୍ଦ୍ୱନ୍ଦ୍ୱ ମଧ୍ୟଦେଇ ହିଁ ବସ୍ତୁର ପରିବର୍ତ୍ତନ ସୂଚିତ ହୁଏ । ବସ୍ତୁର ପରିମାଣଗତ ଓ ଗୁଣଗତ ପରିବର୍ତ୍ତନ ଏବଂ ଅନ୍ତର୍ଦ୍ୱନ୍ଦ୍ୱ ଓ ବହିର୍ଦ୍ୱନ୍ଦ୍ୱ ସମ୍ପର୍କରେ ଉଦାହରଣ ସହ କିଛି ଆଲୋଚନା ମୁଁ ପରେ ବସ୍ତୁର ପରିବର୍ତ୍ତନର ତିନୋଟି ମୂଳ ନୀତି ସମ୍ପର୍କରେ ଆଲୋଚନା କଲାବେଳେ କରିବି ।

ବର୍ତ୍ତମାନ ଆଉ ଗୋଟିଏ ବିଷୟ ମୁଁ ଆପଣମାନଙ୍କ ସାମ୍ନାରେ ଆଲୋଚନା କରୁଛି । ମନ ଆଗ ନା ବସ୍ତୁ ଆଗ, ଅର୍ଥାତ୍ ମନ ଏବଂ ବସ୍ତୁ ମଧ୍ୟରେ 'prior' କିଏ ଏବଂ ଏହାକୁ କେନ୍ଦ୍ର କରି ଦର୍ଶନ କ୍ଷେତ୍ରରେ ଦୀର୍ଘ ଦିନ ଧରି ବହୁ ବିତର୍କ ଚାଲିଛି । ମାତ୍ର ବିଜ୍ଞାନ ଏହି 'priority'ର ପ୍ରଶ୍ନଟିକୁ ସନ୍ଦେହାତୀତ ଭାବେ ପ୍ରମାଣ କରି ଦେଇଛି । ବସ୍ତୁ ଯେ ଚେତନା ନିରପେକ୍ଷ ଭାବେ ଅବସ୍ଥାନ କରେ, ଏହି ବିଷୟଟି ଆଜି ତର୍କର ଅତୀତ । ଆମେ ଆଉ ଗୋଟିଏ ବିଷୟ ସମ୍ପର୍କରେ ବି ଜାଣି ପାରୁଛୁ ଯେ, ପଞ୍ଚେନ୍ଦ୍ରିୟ ମାଧ୍ୟମରେ ବର୍ହିବିଶ୍ୱ ଓ ବାସ୍ତବ ପରିବେଶ ମଣିଷର ମସ୍ତିଷ୍କରେ ଯେଉଁ ଘାତ ପ୍ରତିଘାତ ସୃଷ୍ଟି କରୁଛି- ତାହାହିଁ ମଣିଷ ମସ୍ତିଷ୍କର ଯେଉଁ ବିଶେଷ କ୍ଷମତା power of Translation of human brain ବୋଲି କୁହାଯାଏ- ତାହାକୁ ଭିତ୍ତି କରି ହିଁ ଚିନ୍ତା ଓ ଭାବର ସୃଷ୍ଟି ହେଉଛି । ତେବେ ମନ କ'ଣ ? ମନ ହେଲା ମଣିଷର ମସ୍ତିଷ୍କର ଏକ ବିଶେଷ ବିଶେଷ ଧରଣର କ୍ରିୟାର ଫଳ । ଅର୍ଥାତ୍ mind is a particular function of the human brain । ଅଥବା କୁହାଯାଏ objective world, by the process of interaction with the human brain and being translatated into human reasoning, is effecting the human mind. ଅର୍ଥାତ୍ ମଣିଷ ମସ୍ତିଷ୍କର ବିଶେଷ ଗଠନ ମଧ୍ୟ ଦେଇ ଯାହା ସୃଷ୍ଟି ହେଲା, ବାସ୍ତବ ଜଗତ ସାଥିରେ ସେହି ମସ୍ତିଷ୍କର ଘାତ ପ୍ରତିଘାତ ପଥରେ ଯାହା ବିକଶିତ ହେଲା- ତାହା ହିଁ ହେଲା ମଣିଷର ଚିନ୍ତା କରିବାର କ୍ଷମତା । ଅନ୍ୟାନ୍ୟ ଜୀବଜନ୍ତୁ କ୍ଷେତ୍ରରେ ଯାହା ଘଟିଥାଏ ତାହାହେଲା ତାଙ୍କର ସ୍ନାୟୁତନ୍ତ୍ର ବା ମସ୍ତିଷ୍କ ସହିତ ପ୍ରକୃତିର ସଂଘାତ- କ୍ରିୟା ପ୍ରତିକ୍ରିୟା । ଯାହାକୁ reflex action ବୋଲି କୁହାଯାଏ । ମଣିଷ କ୍ଷେତ୍ରରେ ମଧ୍ୟ ଏହି ଘାତ ପ୍ରତିଘାତ, କ୍ରିୟା ପ୍ରତିକ୍ରିୟା ବା reflex action ଘଟିଥାଏ । ମାତ୍ର ତା ସହିତ ଯାହା ଯୁକ୍ତ ହୁଏ, ତାହା ହେଲା human brain ର ଏକ power of adaptibility- ଯେଉଁଠି process of elimination କାମ କରେ ଏବଂ power of translation ଅଛି ବୋଲି

ତା ସାହାଯ୍ୟରେ (idea) ଭାବର ସୃଷ୍ଟି ହୁଏ । ଏହି ଯେଉଁ କ୍ଷମତା ବା ପ୍ରକ୍ରିୟା, ତାହା କେବଳ ମଣିଷର ମସ୍ତିଷ୍କର କ୍ରିୟା ମଧ୍ୟରେ କାର୍ଯ୍ୟକରେ । ପ୍ରାଣୀଜଗତର ସମସ୍ତ ମସ୍ତିଷ୍କ ହିଁ କ୍ରିୟା କରିଥାଏ, ମାତ୍ର ମସ୍ତିଷ୍କର ଯେଉଁ power of translation ର ପଦ୍ଧତି କଥା ଉଲ୍ଲେଖ କରାଗଲା, ତାହା ଏକମାତ୍ର ମଣିଷ ମସ୍ତିଷ୍କରେ ହିଁ କାମ କରିଥାଏ । ଅର୍ଥାତ୍ ଏକମାତ୍ର ମଣିଷର ମସ୍ତିଷ୍କ ହିଁ ଏହି କ୍ଷମତାର ଅଧିକାରୀ । ଫଳରେ ମଣିଷ ହିଁ ଏକମାତ୍ର ଜୀବ ଯିଏ ଅନ୍ୟାନ୍ୟ ଜୀବଜନ୍ତୁକୁ ପଛରେ ପକାଇ ଆଗେଇ ଗଲା, ପ୍ରକୃତିକୁ ଜୟ କରିବାକୁ ସକ୍ଷମ ହେଲା, ଏବଂ ଜ୍ଞାନ ବିଜ୍ଞାନର ସୃଷ୍ଟି ହେଲା, ନ୍ୟାୟ-ଅନ୍ୟାୟ, ନୀତି ନୈତିକତାର ଧାରଣା ଗଢ଼ି ଉଠିଲା ଏବଂ ସଭ୍ୟତାର ଅଗ୍ରଗତି ଘଟିଲା ।

ତେଣୁ ମୁଁ ପୁନର୍ବାର କହିବାକୁ ଚାହେଁ, ବସ୍ତୁ- ଚିନ୍ତା ବା ଚେତନାରୁ ସୃଷ୍ଟି ହୋଇ ନାହିଁ । ପୁଣି ଏକଥା ମଧ୍ୟ ଠିକ୍ ନୁହେଁ ଯେ ଚିନ୍ତା ଓ ଚେତନା ଅନନ୍ତକାଳରୁ ବସ୍ତୁ ସହିତ ପାଖାପାଖି ରହିଆସିଛି; ଏହି ଧରଣର ବିଶ୍ୱାସ ମଧ୍ୟ ସତ୍ୟ ନୁହେଁ, ଇତିହାସ ସେ କଥା କହେନା । ଚିନ୍ତାର ଅସ୍ତିତ୍ୱ ମଣିଷର ଅସ୍ତିତ୍ୱ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତହୋଇ ରହିଛି । ଅର୍ଥାତ୍ ପୃଥିବୀ ଇତିହାସରେ ଯେତେଦିନ ଯାଏ ମଣିଷ ନାମୀ ଜୀବର ଆର୍ବିଭାବ ହୋଇ ନାହିଁ ସେ ପର୍ଯ୍ୟନ୍ତ ଚିନ୍ତା, ମନ ଏବଂ ପରବର୍ତ୍ତୀ କାଳରେ ନୀତି-ନୈତିକତା, ନ୍ୟାୟ-ଅନ୍ୟାୟର ଧାରଣା ବି ସୃଷ୍ଟି ହୋଇ ନାହିଁ । ତେଣୁ ଚିନ୍ତା ଓ ଚେତନାର ଅସ୍ତିତ୍ୱ ଅନନ୍ତ କାଳରୁ ପ୍ରବାହିତ ହୋଇ ଆସିଛି, ଏହି ବିଶ୍ୱାସର କୌଣସି ବାସ୍ତବ ଭିତ୍ତି ନାହିଁ । ମାତ୍ର ବହୁ ଚିନ୍ତାବିତ୍ ଇତିହାସର ଏହି ବାସ୍ତବ ସତ୍ୟଟିକୁ ମନପ୍ରାଣ ଦେଇ ଗ୍ରହଣ କରିପାରିନାହାନ୍ତି । ମୁଁ ସାଧାରଣ ଲୋକଙ୍କ କଥା କହୁ ନାହିଁ । ଏହିଭଳି ବହୁ ଚିନ୍ତାବିଦ୍ ଅଛନ୍ତି, ଯେଉଁମାନେ ବିଜ୍ଞାନକୁ ଗ୍ରହଣ କରି ଚାଲିବାକୁ ଚାହାନ୍ତି; ସେମାନଙ୍କ ମଧ୍ୟରୁ ଅନେକଙ୍କ ନିକଟରେ ମଣିଷ ମନ ବା ଚିନ୍ତା ଗଢ଼ି ଉଠିବାର ଏହି ବାସ୍ତବ ଇତିହାସଟି ଗ୍ରହଣଯୋଗ୍ୟ ବୋଲି ମନେ ହୋଇ ନାହିଁ । ବଟ୍ରାଣ୍ଡ୍ ରସେଲ୍, ଜାଁ ପଲ୍ ସାର୍ତ୍ରେ ଏବଂ ଆଲ୍‌ଡାସ୍ ହକ୍‌ସ୍ଲେଙ୍କ ଭଳି ବିଜ୍ଞାନ, ଦର୍ଶନ ଓ ସାହିତ୍ୟଜଗତର ଜ୍ଞାନୀଗୁଣୀ ପ୍ରବକ୍ତାମାନେ ମଧ୍ୟ ଏହି ସତ୍ୟଟିକୁ ଗ୍ରହଣ କରିପାରି ନାହାନ୍ତି । ସେମାନଙ୍କର ବକ୍ତବ୍ୟ ବ୍ୟାଖ୍ୟା କଲେ ଯେଉଁ କଥା ବୁଝାପଡେ ଏହି କଥାଟି ଯେ ସେମାନେ ସିଧା ସଳଖ ଏହି ଭାଷାରେ କହିଛନ୍ତି ତା'ନୁହେଁ- ତାହା ହେଲା ମଣିଷର ଏକ କ୍ଷୁଦ୍ର ମସ୍ତିଷ୍କ ଏହି ବିଶାଳ ଅନନ୍ତ ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ସମସ୍ୟାକୁ ଅନୁଧାବନ କରିଛି, ଏହା କ'ଣ ସମ୍ଭବ ? ସାର୍ତ୍ରେଙ୍କ ବକ୍ତବ୍ୟରୁ ତ ଏହିଭଳି ଧାରଣା ପ୍ରକାଶିତ ହୋଇଛି ଯେ, ଚିନ୍ତା ବା ମନନ ବା ତାର ଯାହା ଉପାଦାନ-ଯାହାକୁ ସେ 'an element of intellect' ଭାବେ କହିବାକୁ ଚାହିଁଛନ୍ତି, ତାହା ବସ୍ତୁ ଦ୍ୱାରା ସୃଷ୍ଟି ହୋଇନାହିଁ କି ବସ୍ତୁ ବହିର୍ଭୁତ କି ବସ୍ତୁ ବହିର୍ଭୁତ କି ସମ୍ପୂର୍ଣ୍ଣ ବସ୍ତୁ ଉପରେ ନିର୍ଭରଶୀଳ ନୁହେଁ । ତାଙ୍କ ମତରେ ଅନନ୍ତ କାଳ ଧରି ବସ୍ତୁ ଭିତରେ ହିଁ ଏହି ବିଷୟ 'an element of thinking' ରୂପେ ନିହିତ ରହିଛ । ଏମାନଙ୍କର ଏହି ଧରଣର ଚିନ୍ତା ସାଂସ୍କୃତିକ ଜଗତରେ ଯେଉଁ ବିଭ୍ରାନ୍ତ ସୃଷ୍ଟି କରିଛି, ତାହା ଆଜିକାର ଆଲୋଚନାର ପରିସରଭୁକ୍ତ ନୁହେଁ । ମାତ୍ର ଏକଥା ଠିକ୍ ଯେ, ଇତିହାସ ଏବଂ ବାସ୍ତବତାକୁ ଅସ୍ୱୀକାର ନ କରି ଏହିସବୁ ବୁଦ୍ଧିଜୀବୀମାନଙ୍କର ମତକୁ ସତ୍ୟ ବୋଲି ଗ୍ରହଣ କରିବାର କୌଣସି ବାଟ ନାହିଁ । ତାହାଛଡ଼ା

ବିଷୟଟିକୁ ଆଉ ଟିକିଏ ବ୍ୟାଖ୍ୟା କଲେ ଆପଣମାନେ ଦେଖିବେ ଯେ ଏହିସବୁ ଚିନ୍ତାବିଦ୍‌ମାନେ absolute independence of human thinking (ନିର୍ବିଶେଷ ସ୍ୱାଧୀନତା)ର ଧାରଣାକୁ ହିଁ ତୋଳି ଧରିବାକୁ ଚାହିଁଛନ୍ତି ଏବଂ ଏଭଳି ଚିନ୍ତାଦ୍ୱାରା ନ ଚାହିଁଲେ ବି reckless sense of libertyର ଧାରଣା ଗଢିଉଠିବାରେ ସାହାଯ୍ୟ କରିଛନ୍ତି । ସେମାନଙ୍କର ମନୋଭାବ ହେଲା ମଣିଷର ଚିନ୍ତା ବସ୍ତୁଜଗତ ବା ବାସ୍ତବ ପରିବେଶ ଦ୍ୱାରା ପ୍ରଭାବିତ ବା ନିୟନ୍ତ୍ରିତ ନୁହେଁ । ତେଣୁ କହିଥିଲି, ଦେଖନ୍ତୁ ଏତେବଡ ବୈଜ୍ଞାନିକ, ଦାର୍ଶନିକ ଓ ସାହିତ୍ୟିକ ହେବା ସତ୍ତ୍ୱେ ବି ନିଜ ଅଜ୍ଞତାରେ ହିଁ କେତେ ସହଜରେ ସେମାନେ ବିଜ୍ଞାନ ବିରୋଧୀ ଚିନ୍ତାର ଶୀକାର ହୋଇଛନ୍ତି ।

ସେ ଯାହାହେଉ ଆପଣମାନଙ୍କୁ ସବୁବେଳେ ମନେ ରଖିବାକୁ ହେବ ଯେ ସମାଜରେ ପ୍ରତ୍ୟେକଟି ଭିନ୍ନ ଭିନ୍ନ ମତାଦର୍ଶ, ଏବଂ ଚିନ୍ତା ଚେତନା ଗଢିଉଠିବାର ଏକ ବାସ୍ତବ ଭିତ୍ତି ରହିଥାଏ । ଅର୍ଥାତ୍ ବିଶେଷ କୌଣସି ଚିନ୍ତା ଗଢ଼ି ଉଠିବା ପାଇଁ ଉପଯୁକ୍ତ ବାସ୍ତବ ପରିବେଶ material condition ଦେଖା ନଦେଲେ ସମାଜରେ ସେହି ଚିନ୍ତା ଜନ୍ମ ନେଇପାରେନା । ଏପରି କି ଜଣେ ଯେତେବେଳେ ଭୁଲ ଚିନ୍ତା କରିଥାଏ, ତାହା ମଧ୍ୟ ଏଥିପାଇଁ କରିଥାଏ ଯେ ବସ୍ତୁଜଗତ ଓ ସାମଗ୍ରିକ ବାସ୍ତବ ପରିବେଶ ମଧ୍ୟରେ ସେହି ଭ୍ରାନ୍ତ ଚିନ୍ତା ଗଢ଼ି ଉଠିବାର ସୁଯୋଗ ବା କାରଣ ନିହିତ ଥିଲା । ତେଣୁ ମଣିଷର ଚିନ୍ତାକୁ ବସ୍ତୁଜଗତ ଏବଂ ବାସ୍ତବ ପରିସ୍ଥିତିରୁ ବିଚ୍ଛିନ୍ନ କରି ବିଚାର କରାଯାଇପାରେନା । ଯେଉଁମାନେ କହନ୍ତି, ଭଗବାନଙ୍କ ଚିନ୍ତା ଭାବନା ହିଁ ମଣିଷର ଚିନ୍ତାରେ ପ୍ରତିଫଳିତ ହେଉଛି (thinking is the contemplation of god) ମୁଁ ସେମାନଙ୍କୁ ଭାବି ଦେଖିବାକୁ କହୁଛି ଯେ ଅସଲ ବିଷୟଟି ସମ୍ପୂର୍ଣ୍ଣ ଓଲଟା । ମଣିଷର ମସ୍ତିଷ୍କ ହିଁ ଈଶ୍ୱର ଚିନ୍ତାର ଆଧାର । କାରଣ ମଣିଷ ମସ୍ତିଷ୍କ ବହିର୍ଭୁତ କିଛି ଚିନ୍ତା ସତ୍ତା ବା ଚେତନାର ଅସ୍ତିତ୍ୱ ଦୁନିଆର ଇତିହାସରେ କେବେ ବି କେଉଁଠି ଦେଖିବାକୁ ମିଳେନାହିଁ । ସମାଜରେ ଯେକୌଣସି ଚିନ୍ତା ଜନ୍ମ ନେଇଛି, ତାହା ଈଶ୍ୱର ଚିନ୍ତା ହେଉ ଅଥବା ଅନ୍ୟ ଯେକୌଣସି ଚିନ୍ତା ହେଉ କିମ୍ବା ଭୁଲ୍ ଚିନ୍ତା କି ଠିକ୍ ହେଉ, ମଣିଷର ମସ୍ତିଷ୍କ ହିଁ ସମସ୍ତ ଚିନ୍ତାର ଆଧାର । ସେହି କାରଣରୁ କୁହାଯାଏ ମଣିଷର ମସ୍ତିଷ୍କ ହେଉଛି ଚିନ୍ତା କରିବାର ଅଙ୍ଗ ବିଶେଷ (organ of thought) । ବିଜ୍ଞାନ ଓ ଇତିହାସ ଏହି ସତ୍ୟକୁ ହିଁ ପ୍ରତିଷ୍ଠିତ କରିଛି । ସୁତରାଂ ମଣିଷ ଚିନ୍ତା କରୁଥିବାରୁ ବସ୍ତୁଜଗତ ତିଷ୍ଠି ରହିଛି ଏହା ସଠିକ୍ ନୁହେଁ । ବରଂ ବସ୍ତୁଜଗତର ବିକାଶ ଓ ଅଗ୍ରଗତିର ଧାରାରେ ମଣିଷର ମସ୍ତିଷ୍କ ଗଢ଼ି ଉଠିଛି ଏବଂ ଏହି ମସ୍ତିଷ୍କ ବହିର୍ବିଶ୍ୱ ଓ ବାସ୍ତବ ପରିବେଶ ସହିତ ଘାତ ପ୍ରତିଘାତ ମଧ୍ୟ ଦେଇ– ଯାହା ପଞ୍ଚେନ୍ଦ୍ରିୟ ମାରଫତ ଯୋଗାଯୋଗ ଫଳରେ ହିଁ ସମ୍ଭବ ହୋଇଛି– ଚିନ୍ତା ବା ଭାବର ଜନ୍ମ ଦେଉଛି । ମାତ୍ର କେତେକ ଦାର୍ଶନିକ ଏହି ବିଷୟଟିକୁ ବୁଝାଇବାକୁ ଯାଇ କହିଛନ୍ତି, matter is thinking । ଅର୍ଥାତ୍ ବସ୍ତୁ ହିଁ ଚିନ୍ତା କରୁଛି ।

## ମଣିଷର ଆଦିମ ଚିନ୍ତା ଥିଲା ବସ୍ତୁ ତାନ୍ତ୍ରିକ

ମୁଁ ଏହା ପୂର୍ବରୁ ବହୁ ଆଲୋଚନାରେ କହିଛି ଯେ, ଆଦିମ ମଣିଷ, ବସ୍ତୁ ଚିନ୍ତା ହିଁ କରିଛି- ନିର୍ବସ୍ତୁ ବା ବସ୍ତୁ ନିରପେକ୍ଷ କୌଣସି ସତ୍ତାର ଚିନ୍ତା କରିନାହିଁ । ମଣିଷର ଚିନ୍ତାର ଯେତେବେଳ ସ୍ଫୁରଣ ଘଟାଲା, ଅର୍ଥାତ୍, ଯେତେବେଳେ ସେ ଚିନ୍ତା କରିବାକୁ ଶିଖିଲା, ସେତେବେଳେ ସେ ଯାହା ଚିନ୍ତା କରିଛି ତାହା ବସ୍ତୁ ସମ୍ପର୍କିତ ଚିନ୍ତା ହିଁ କରିଛି । ବସ୍ତୁ ବହିର୍ଭୂତ କୌଣସି ସତ୍ତାର ଅସ୍ତିତ୍ୱ ସମ୍ପର୍କରେ କୌଣସି ଧାରଣା ଆଦିମ ଅବସ୍ଥାରେ ମଣିଷର ନଥିଲା, ରହିବା ସମ୍ଭବ ବି ନଥିଲା । ତେଣୁ ମଣିଷର ଆଦିମ ଚିନ୍ତା ବା ତାର ଚିନ୍ତାଶକ୍ତିର ପ୍ରଥମ ସ୍ଫୁରଣ ବେଳେ ବସ୍ତୁ ଛଡ଼ା ସେ କିଛି ଭାବି ପାରୁ ନଥିଲା । ଏହି କାରଣରୁ କୁହାଯାଏ ଯେ, ମଣିଷର ଆଦିମ ଚିନ୍ତା ଥିଲା ବସ୍ତୁ ତାନ୍ତ୍ରିକ, ତାର ରୂପ ଯାହାବି ହେଉନା କାହିଁକି । ବର୍ତ୍ତମାନ ବିଚାର କରି ଦେଖାଯାଇପାରେ, ସମାଜରେ ଈଶ୍ୱର ଚିନ୍ତାର ଜନ୍ମ ହେଲା କେମିତି । ଯେଉଁ କମ୍ରେଡ଼ମାନେ ମାର୍କ୍ସବାଦ ବା ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ସଂକ୍ରାନ୍ତିୟ ଏହି ଆଲୋଚନାଗୁଡ଼ିକୁ ପୂର୍ବ କ୍ଲାସମାନଙ୍କରେ ଶୁଣିଛନ୍ତି, ସେମାନେ ଏସବୁ ବିଷୟ ଜାଣନ୍ତି । ମାତ୍ର ଯେଉଁମାନେ ନୂଆ ଭାବେ ଆସିଛନ୍ତି ସେମାନଙ୍କ କଥା ମନେ ରଖି ମୋତେ ନୂତନ ଭାବେ ସେହିସବୁ ଆଲୋଚନା କରିବାକୁ ପଡୁଛି ।

ଯେଉଁମାନେ ଇତିହାସର ଛାତ୍ର, ସେମାନେ ଏକଥା ଜାଣନ୍ତି ଯେ ଆଦିମ ମଣିଷ ମନ୍ତ୍ରତନ୍ତ୍ର (Magic)ର ସ୍ରଷ୍ଟା । ମଣିଷ ଆଦିମ ଅବସ୍ଥାରେ ମନ୍ତ୍ରତନ୍ତ୍ର ସୃଷ୍ଟି କରିଥିଲା ବସ୍ତୁକୁ ବଶୀଭୂତ କରିବା ପାଇଁ, ବସ୍ତୁର ଅଜ୍ଞାତ ଶକ୍ତି, ଅନିଷ୍ଟକାରୀ ଶକ୍ତିକୁ ଜୟ କରିବା ଉଦ୍ଦେଶ୍ୟରେ । ଇତିହାସରୁ ଆମେ ଯାହା ପାଇଛୁ, ତାହାହେଲା ଆଦିମ ମଣିଷର ମନ୍ତ୍ରତନ୍ତ୍ର (Magic) ହେଲା ବସ୍ତୁକୁ ଜାଣିବାର ପ୍ରଥମ ପ୍ରଚେଷ୍ଟା । ସେହି କାରଣରୁ ଆଦିମ ମଣିଷର ମନ୍ତ୍ରତନ୍ତ୍ରକୁ କୁହାଯାଏ 'ବିଜ୍ଞାନର ଆଦି' ବା 'ଆଦିମ ବିଜ୍ଞାନ' (primitive Science) । ବିଜ୍ଞାନ ଯଦି ବସ୍ତୁକୁ ଜାଣିବାର ପ୍ରଚେଷ୍ଟାରୁ ସୃଷ୍ଟି ହୋଇଥାଏ, ତେବେ ସେହି ପ୍ରଚେଷ୍ଟା ଆଦିମ ମଣିଷ ପାଖରୁ ଆରମ୍ଭ ହୋଇଛି । ସେଦିନର ଏହି ବିଜ୍ଞାନ ସାହାଯ୍ୟରେ ଆଦିମ ମଣିଷ ପକ୍ଷରେ ବସ୍ତୁକୁ ବୁଝିବା ବି ସମ୍ଭବ ହୋଇନାହିଁ, ଜାଣିବା ବି ସମ୍ଭବ ହୋଇନାହିଁ, ବଶୀଭୂତ କରିବା ମଧ୍ୟ ସମ୍ଭବ ହୋଇନାହିଁ । ମାତ୍ର ଏହିଭଳି ଭାବେ ଆଦିମ ମଣିଷ ବସ୍ତୁକୁ ବଶୀଭୂତ କରିବାର ଚେଷ୍ଟା କରିଛି । ମଣିଷ ସେଦିନ ବସ୍ତୁକୁ କେତେଦୂର ଜାଣିବାକୁ ସକ୍ଷମ ହୋଇଛି କି ହୋଇନାହିଁ, ସେ କଥା ସ୍ୱତନ୍ତ୍ର । ମାତ୍ର ମନ୍ତ୍ରତନ୍ତ୍ର (Magic)ର ସାହାଯ୍ୟରେ ସେ କ'ଣ କରିବାକୁ ଚାହିଁଛି ?ଏହା ବୁଝିବାକୁ ହେଲେ ଆଦିମ ମଣିଷ ସାମ୍ନାରେ ସେଦିନ ସମସ୍ୟାଗୁଡ଼ିକ କି ଧରଣର ଥିଲା ତାହା ଆପଣମାନେଙ୍କୁ ମନେ ରଖିବାକୁ ହେବ । ଧରନ୍ତୁ, ସେହି ଆଦିମ ଅବସ୍ଥାରେ ଗୋଟିଏ ପଥର ଗଡି ଆସି ମଣିଷକୁ ଚପାଇ ଦେଲା, ବା ନିଆଁ ଲାଗିଯାଇ ଅନେକ ଜିନିଷ ପୋଡ଼ି ଗଲା । ମଣିଷ ସେଦିନ ଏହାର କାରଣ କିଛି ଜାଣି ପାରୁ ନଥିଲା । ପଥର କାହିଁକି ପଡ଼େ, ନିଆଁ କାହିଁକି ଲାଗେ- ଏସବୁ କୌଣସି ଧାରଣା ହିଁ ସେଦିନ ମଣିଷର ନଥିଲା । ଆଦିମ ମଣିଷ ଜାଣେ ଯେ ଏହି ପଥରର ଶକ୍ତି ହେଲା ଭୌତିକ ଶକ୍ତି (Physical Force)- ଏହା ବସ୍ତୁ ନିରପେକ୍ଷ କୌଣସି ଶକ୍ତି ନୁହେଁ ।

ମାତ୍ର ସେଦିନ ମଣିଷ ସାମ୍ନାରେ ଏଗୁଡ଼ିକ ଥିଲା ଅନିଷ୍ଟକାରୀ ଶକ୍ତି । ତେଣୁ ଆଦିମ ମଣିଷ ଏହି ସମସ୍ତ ଶକ୍ତିକୁ ବଶୀଭୂତ କରିବା ପାଇଁ ଚେଷ୍ଟା କରୁଥିଲା । ସେମାନେ ମନେ କରୁଥିଲେ ଏହି ଶକ୍ତିଗୁଡ଼ିକୁ ସନ୍ତୁଷ୍ଟ କରି ନ ପାରିଲେ ସେଗୁଡିକ ମଣିଷର ଅନିଷ୍ଟ କରିପାରେ । ସୁତରାଂ ଆଦିମ ମଣିଷ ପଥର ଆଗରେ, ନିଆଁ ଆଗରେ ନାଚୁ ଥିଲା, ନାନା ରକମର ଅଙ୍ଗଭଙ୍ଗୀ କରୁଥିଲା । ସେମାନେ ଭାବୁଥିଲେ ହୁଏତ ଏହାଦ୍ୱାରା ଏହି ଅନିଷ୍ଟକାରୀ ଶକ୍ତିଗୁଡିକ ସନ୍ତୁଷ୍ଟ ହେବେ । ମାତ୍ର ଲକ୍ଷ୍ୟ କରିବା ଦରକାର ବସ୍ତୁ ବହିର୍ଭୂତ କୌଣସି ସତ୍ତାର ଅସ୍ତିତ୍ୱ କଥା ମଣିଷ ଭାବି ନାହିଁ । ଯେଉଁ ଶକ୍ତିଗୁଡକୁ ମଣିଷ ସନ୍ତୁଷ୍ଟ କରିବା ପାଇଁ ଆଦିମ ମଣିଷ ଏସବୁ କାର୍ଯ୍ୟ କରୁଥିଲା, ମନ୍ତ୍ର ଉଚ୍ଚାରଣ କରୁଥିଲା, ସେଇ ସମସ୍ତ ବିଷୟର ମୂଳରେ ଥିଲା ବସ୍ତୁ । ଏସବୁ କରିବା ଛଡ଼ା ମଣିଷ ନିକଟରେ ସେଦିନ ଅନ୍ୟ କୌଣସି ଉପାୟ ନଥିଲା । ଏହା ବାହାରେ କିଛି କଳାଭଳି ଚିନ୍ତାଶକ୍ତି ମଧ୍ୟ ସେଦିନ ଆଦିମ ମଣିଷର ନଥିଲା । ସେଦିନ ବସ୍ତୁର ଚରିତ୍ର ସେମାନେ ଜାଣି ପାରନ୍ତୁ ବା ନ ପାରନ୍ତୁ ବସ୍ତୁକୁ ଜାଣିବାର ପ୍ରଚେଷ୍ଟା ସେମାନଙ୍କର ଥିଲା । ଅର୍ଥାତ୍ ଆଦିମ ମଣିଷର ଏହି ଉପାୟ ମଧ୍ୟରେ ହିଁ ରହିଯାଇଛି ବସ୍ତୁକୁ ଜାଣିବାର ପ୍ରଚେଷ୍ଟା । ଅଥଚ ପରବର୍ତ୍ତୀକାଳରେ ମଣିଷ ଏହି ମନ୍ତ୍ରତନ୍ତ୍ରକୁ ଦେବଦେବୀଙ୍କର ଉପାସନାର ମାଧ୍ୟମ କରିପକାଇଛି । କି ଅଦ୍ଭୁତ ବିଷୟ ଲକ୍ଷ୍ୟ କରନ୍ତୁ । ଯେଉଁ ମନ୍ତ୍ରତନ୍ତ୍ର (Magic) ଆଦିମ ଯୁଗରେ ବସ୍ତୁକୁ ଜାଣିବାର ମାଧ୍ୟମ ଭାବେ ବ୍ୟବହୃତ ହୋଇଛି ତା ଦ୍ୱାରା ଆଦିମ ମଣିଷ ବସ୍ତୁକୁ ଜାଣି ପାରୁ ବା ନ ପାରୁ, ସେହି ମନ୍ତ୍ରତନ୍ତ୍ର ପରବର୍ତ୍ତୀକାଳରେ ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ର ଅର୍ଜନ କରିଛି– ପୂଜା ଅର୍ଚ୍ଚନା, ଧର୍ମୀୟ ଅନୁଷ୍ଠାନର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଇଛି, ଏପରିକି ବିଜ୍ଞାନରଏତେ ଉନ୍ନତି ହେବାପରେ ପାରମାଣବିକ ଶକ୍ତିର ଆବିଷ୍କାର ହେବା ପରେ ବି ମନ୍ତ୍ରତନ୍ତ୍ର ଆଜି ବି ସମ୍ପୂର୍ଣ୍ଣ ରୂପେ ଧର୍ମୀୟ ଆଚାର ଆଚରଣ ସହିତ ଯୁକ୍ତ ହୋଇ ରହିଛି ।

ଫଳରେ ଆପଣମାନେ ଦେଖିପାକୁ ପାଇଲେ ଯେ ଆଦିମ ମଣିଷର ଚିନ୍ତା ଥିଲା ବସ୍ତୁତାନ୍ତ୍ରିକ, ବସ୍ତୁ ବହିର୍ଭୂତ କୌଣସି ସତ୍ତାର ଚିନ୍ତା ଆଦିମ ମଣିଷ କରିନାହିଁ ଯଦିଓ ବସ୍ତୁର ସ୍ୱରୂପ ଓ ଚରିତ୍ର ସମ୍ପର୍କରେ ତାର କୌଣସି ସଠିକ୍ ଧାରଣା ହିଁ ନଥିଲା । ଆଜି ବସ୍ତୁ ସମ୍ପର୍କରେ ଆମେ ଯାହା ଜାଣିବାକୁ ପାଇଛୁ, ଯାହା ଦେଖୁଛୁ, ବୁଝୁଛୁ– ସେଥିରୁ କିଛି ହେଲେ ସେଦିନର ମଣିଷ ଜାଣି ପାରିନାହିଁ, ଜାଣିବା ସମ୍ଭବ ନଥିଲା, ମାତ୍ର ବସ୍ତୁକୁ ଜାଣିବା ପାଇଁ ବସ୍ତୁ ସହିତ ସେ ଲଢ଼େଇ କରିଛି ଏବଂ ପ୍ରକୃତି ବିରୁଦ୍ଧରେ ଲଢେଇ କରି ତାକୁ ଆଗେଇବାକୁ ହୋଇଛି । 'ସୃଷ୍ଟିକର୍ତ୍ତା ଭଗବାନ' ବା ବସ୍ତୁ ନିରପେକ୍ଷ କୌଣସି ସତ୍ତାର କଥା ଚିନ୍ତା କରିବା ଆଦିମ ମଣିଷ ପକ୍ଷରେ ସମ୍ଭବ ନଥିଲା । ଈଶ୍ୱର ଚିନ୍ତାର କୌଣସି ଛାପ ଆଦିମ ମଣିଷର ମନରେ ସେଦିନ ସ୍ଥାନ ପାଇନାହିଁ । ମଣିଷ ଭିତରେ ଈଶ୍ୱର ଚିନ୍ତା ବହୁ ପରେ । ଈଶ୍ୱର ଚିନ୍ତା ସମାଜରେ ଏହିଭଳି ଏକ ସମୟରେ ଆସିଛି ଯେତେବେଳେ ଈଶ୍ୱର ଚିନ୍ତା ମଣିଷ ମନରେ ସୃଷ୍ଟି ହେବାଭଳି ଅନୁକୂଳ ପରିବେଶ ବା ପରିସ୍ଥିତି ସମାଜରେ ସୃଷ୍ଟି ହୋଇଛି ତା' ପୂର୍ବରୁ ନୁହେଁ । ତେଣୁ ଗୋଟିଏ ଦିଗରେ ବସ୍ତୁ ନିରପେକ୍ଷ ସତ୍ତାର ଧାରଣା ମନରେ ସୃଷ୍ଟି ହେବାଭଳି ଅନୁକୂଳ ପରିବେଶ, ଅପରଦିଗରେ ମଣିଷର ଚିନ୍ତା ଓ କଳ୍ପନା କରିବାର କ୍ଷମତା ଏହି ଦୁଇଟିର

ମିଳନରେ ହିଁ ମଣିଷ ମନରେ ଭଗବତ ଚିନ୍ତାର ଆବିର୍ଭାବ ଘଟିଛି ।

## ଈଶ୍ୱର ଚିନ୍ତା ଗଢି ଉଠିବାର କାରଣ

ମଣିଷ ଭିତରେ ଏହି ଈଶ୍ୱର ଚିନ୍ତା କାହିଁକି ଆସିଛି ? ମଣିଷ ଭିତରେ ଈଶ୍ୱର ଚିନ୍ତାର ଆବିର୍ଭାବ ଘଟିଛି ଏଭଳି ଏକ ସମୟରେ ଯେତେବେଳେ ସମାଜ ଶ୍ରେଣୀ ବିଭକ୍ତ ହୋଇଛି, ମଣିଷ ଯେତେବେଳେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବାକୁ ସମର୍ଥ ହୋଇଛି । ସମାଜରେ ଯେତେବେଳେ ଶାସକ ଗୋଷ୍ଠୀ ପ୍ରତିଷ୍ଠିତ ହୋଇଛି, ଶାସନ ବ୍ୟବସ୍ଥା କାଏମ୍ ହୋଇଛି । ମଣିଷ ଯେତେବେଳେ ଦେଖିଛି ଯେ ଯିଏ ଶାସନ ବ୍ୟବସ୍ଥାକୁ ପରିଚାଳନା କରନ୍ତି ତାଙ୍କ ଇଚ୍ଛାରେ ଯେଉଁ ଆଇନ୍ ତିଆରି ହୁଏ, ସେହି ଆଇନ୍ ସମସ୍ତଙ୍କୁ ମାନି ଚଳିବାକୁ ହୁଏ ଏବଂ ସେଇ କାରଣରୁ ସମାଜ ମଧ୍ୟ ଶୃଙ୍ଖଳାବଦ୍ଧଭାବେ ପରିଚାଳିତ ହୁଏ– ଏହିଭଳି ଏକ ସମୟରେ ପହଞ୍ଚି ଗୋଟିଏ ଚିନ୍ତା ମଣିଷର ମସ୍ତିଷ୍କରେ ଧକ୍କା ଦେଇଛି । ମଣିଷ ଲକ୍ଷ୍ୟ କରିଛି ଏହି ଯେଉଁ ବିଶ୍ୱ ଚରାଚର, ଏହି ଯେଉଁ ଦୁନିଆଁ ତାହା ଗୋଟିଏ ନିୟମ ମାନି ଚାଲୁଛି । ଦିନ ହେଉଛି, ରାତି ହେଉଛି, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ହେଉଛି, ଋତୁ ପରିବର୍ତ୍ତନ ହେଉଛି– ଶୀତ, ଗ୍ରୀଷ୍ମ ବର୍ଷା ନିୟମ ମାନି ବୁଲି ବୁଲି ଆସୁଛି, ଜୁଆର–ଭଟ୍ଟା ଆସୁଛି, ଅମାବାସ୍ୟା–ପୂର୍ଣ୍ଣିମା ହେଉଛି । ସବୁକିଛି ନିୟମ ମାନି ହେଉଛି । ମଣିଷ ଭାବିଛି, ଜଣେ ଶାସକ ନଥିଲେ, ଜଣେ ଆଇନ୍ ପ୍ରଣେତା ନଥିଲେ, ଜଣେ ପ୍ରଭୁ ବା 'ମାଷ୍ଟର' ନଥିଲେ ସମାଜ ଯେଉଁଠି ନିୟମ ମାନି ଚାଲିପାରେ ନା, ସେଠି ଏଇ ଯେଉଁ ବିଶ୍ୱ ଚରାଚର ଓ ଦୁନିଆଁ ନିୟମ ମାନି ଚାଲିଛି ନିଶ୍ଚିତ ରୂପେ ଏହା ପଛରେ ଜଣେ ପ୍ରଭୁ ବା 'ମାଷ୍ଟର' ରହିଛନ୍ତି । ଅର୍ଥାତ୍ ସମାଜର ଶୃଙ୍ଖଳା ପଛରେ ଶାସନ କର୍ତ୍ତାର ଯେଉଁ ଭୂମିକା ରହିଛି ତାକୁ ଲକ୍ଷ୍ୟ କରି ପ୍ରକୃତି ଓ ବିଶ୍ୱ ଚରାଚର ନିୟମ ମାନି ଚାଲିବାର କାରଣକୁ ଅନୁସନ୍ଧାନ କରିବାକୁ ଯାଇ ଉଭୟ ଘଟଣା ମଧ୍ୟରେ ଯେଉଁ ସାଦୃଶ୍ୟ ସେମାନଙ୍କ ମନରେ ଧକ୍କା ଦେଇଛି ତାକୁ ଭିତ୍ତିକରି ସେମାନେ ଦୁନିଆଁର ଜଣେ ପ୍ରଭୁ ବା 'ସୁପର ମାଷ୍ଟର' ରହିଛନ୍ତି – ଏହିଭଳିଭାବେ ଭଗବାନଙ୍କୁ ଖୋଜି ପାଇଛନ୍ତି । ଏହା ହିଁ ହେଲା ଦୁନିଆଁରେ ଭଗବତ୍ ଚିନ୍ତା ସୃଷ୍ଟିର ମୂଳ କାରଣ । ଏହି ଧାରାରେ ହିଁ ସମାଜରେ ଭଗବତ୍ ଚିନ୍ତାର ସୃଷ୍ଟି ହୋଇଛି ।

ତେବେ ଗୋଟିଏ ବିଷୟ ମନେ ରଖିବା ଦରକାର ପ୍ରକୃତିର ସୁଶୃଙ୍ଖଳିତ ଏହି ପରିବର୍ତ୍ତନ ଗୁଡିକୁ ଲକ୍ଷ୍ୟ କରି ମଣିଷ ମନରେ ଆରମ୍ଭରୁ ହିଁ ଏହିସବୁ ପ୍ରଶ୍ନର ଉଦୟ ହୋଇନାହିଁ । ସାମାଜରେ ଶୃଙ୍ଖଳାର ସହିତ ପ୍ରକୃତିର ନିୟମ ମାନି ଚାଲିବାକୁ ବା ସମାଜରେ ପ୍ରଭୁଙ୍କ ସହିତ ଦୁନିଆର 'ସର୍ବଶକ୍ତିମାନ' ଭଗବାନଙ୍କ ଅସ୍ତିତ୍ୱ କଥା ମଣିଷ ଆରମ୍ଭରେ ଭାବିପାରି ନାହିଁ । ସେତିକିଦିନ ଯାଏଁ ଭାବି ପାରି ନାହିଁ ଯେତେ ଦିନ ଯାଏଁ ସମାଜରେ କୌଣସି ନିୟମ ଶୃଙ୍ଖଳା କାମ କରିନାହିଁ, କାମ କରିଛି ଜଙ୍ଗଲ ରାଜତ୍ୱ । ମଣିଷ ଯେତେବେଳେ ଅନେକାଂଶରେ ପଶୁ ସ୍ତରରେ ଥିଲା ଅର୍ଥାତ୍ ମଣିଷ ଯେତେବେଳେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ବିଛିନ୍ନ ଭାବେ ଜଙ୍ଗଲରେ ଘୁରି ବୁଲୁଥିଲା, କୌଣସି ନିୟମ ଶୃଙ୍ଖଳାର ପ୍ରଶ୍ନ ହିଁ ସମାଜରେ ଗଢ଼ି ଉଠି ନାହିଁ, ସେହି ସମୟରେ ମଣିଷ ମସ୍ତିଷ୍କରେ ଈଶ୍ୱର

ଧାରଣାର ଜନ୍ମ ହୋଇନାହିଁ, ଯଦିଓ ପ୍ରକୃତିର ସୁଶୃଙ୍ଖଳିତ ପରିବର୍ତ୍ତନକୁ ସେମାନେ ପୂର୍ବରୁ ହିଁ ଲକ୍ଷ୍ୟ କରିଆସିଛନ୍ତି । ଠିକ୍ କେଉଁ ପର୍ଯ୍ୟାୟରେ ପହଞ୍ଚିବା ପରେ ଈଶ୍ୱର ଧାରଣାର ସୃଷ୍ଟି ହେଲା, ସେହି ସମୟର ବିଶେଷ ସାମାଜିକ ଅବସ୍ଥାଟି କ'ଣ ଥିଲା, ସେସବୁ ବିଷୟ ଗବେଷଣାର ବିଷୟ । ଏସବୁ ବିଷୟକୁ ନେଇ ବହୁ ନୃତାତ୍ତ୍ୱିକ (Anthropological) ଗବେଷଣା ହୋଇଛି । ମର୍ଗାନ୍ଙ୍କ ଠାରୁ ଆରମ୍ଭ କରି ଅନେକ ଏ ସମ୍ପର୍କରେ ଗବେଷଣା କରିଛନ୍ତି । ଏସବୁ ଗବେଷଣା ଉପରେ ଭିତ୍ତି କରି ଏବଂ ବିଭିନ୍ନ Cave painting (ଆଦିମ ମଣିଷର ଗୁମ୍ଫାରେ ଅଙ୍କିତ ଚିତ୍ର) ବା ଅନ୍ୟାନ୍ୟ Material ରୁ ଯେତିକି ଜାଣି ହୋଇଛି ସେଥିରୁ ମୋର ଯାହା ମନେ ହୋଇଛି ତାହା ହେଲା ପ୍ରଥମେ ଈଶ୍ୱର ଚିନ୍ତା ମଣିଷ ମନରେ ଧକ୍କା ଦେଇଛି ଦାସ ଏବଂ ଦାସ ପ୍ରଭୁରେ ବିଭକ୍ତ ସମାଜ ବ୍ୟବସ୍ଥାରେ । ଯାହାହେଉ ଆପଣମାନେ ଲକ୍ଷ୍ୟ କରିଛନ୍ତି ଯେ ବସ୍ତୁ ବା ବସ୍ତୁର ଶକ୍ତିକୁ ଜାଣିବାର ଉପାୟଭାବେ ମଣିଷ ଯେତେବେଳେ ମନ୍ତ୍ରତନ୍ତ୍ର (Magic)ର ଚର୍ଚ୍ଚା କରିଛି ସେତେବେଳେ ବି ସମାଜରେ ଭାବବାଦ ବା ଈଶ୍ୱରବାଦର ଜନ୍ମ ହୋଇନାହିଁ । କେଉଁ କରଣରୁ, କେଉଁ ପରିସ୍ଥିତିରେ ମଣିଷ ମନରେ ସର୍ବଶକ୍ତିମାନ ଭଗବାନଙ୍କ ଧାରଣା ଜନ୍ମ ନେଲା ସେ ସମ୍ପର୍କରେ ଖୁବ୍ ସଂକ୍ଷେପରେ ଆପଣମାନଙ୍କ ସାମ୍ନାରେ ମୁଁ ଏଠାରେ ଆଲୋଚନା କହିଛି । ପରବର୍ତ୍ତୀକାଳରେ ବସ୍ତୁଦ୍ୱାରା ଗଠିତ ଗ୍ରହ, ଉପଗ୍ରହଗୁଡ଼ିକ ବସ୍ତୁ ନିରପେକ୍ଷ ଶକ୍ତି ଭାବରେ ବ୍ୟାଖ୍ୟା କରିବାର ଚେଷ୍ଟା ହୋଇଛି । ଏହି ପ୍ରକ୍ରିୟାରେ ହିଁ ଚନ୍ଦ୍ର, ସୂର୍ଯ୍ୟ, ବୃହସ୍ପତି, ଶୁକ୍ର, ଶନି ଏହିସବୁ ଗ୍ରହ, ଉପଗ୍ରହ, ନକ୍ଷେତ୍ରଗୁଡ଼ିକୁ ବସ୍ତୁ ନିରପେକ୍ଷ ଶକ୍ତି ଭାବେ ବ୍ୟାଖ୍ୟା ହୋଇଛି । ପୁଣି ଏହିସବୁ 'ଅତି ପ୍ରାକୃତ ଶକ୍ତିର ବ୍ୟାଖ୍ୟା' ସବୁ ଧର୍ମରେ ସମାନ ଭାବେ କରାହୋଇନାହିଁ । ମୁସଲମାନମାନଙ୍କର କୋରାନ୍, ଖ୍ରୀଷ୍ଟିୟାନମାନଙ୍କର ବାଇବେଲ୍ ଏବଂ ହିନ୍ଦୁମାନଙ୍କର ବିଭିନ୍ନ ଧର୍ମ ଗ୍ରନ୍ଥରେ ଏସବୁ ସମ୍ପର୍କରେ ବ୍ୟାଖ୍ୟା ଏକା ନୁହେଁ । କେବଳ ଗୋଟିଏ ଜାଗାରେ ଏକ ଯେ ସମସ୍ତ ଧର୍ମରେ ହିଁ ବସ୍ତୁ ନିରପେକ୍ଷ ଏବଂ ଅତିପ୍ରାକୃତିକ ମହାଶକ୍ତିର କଳ୍ପନା କରାହୋଇଛି – ଯେଉଁ ଅତି ପ୍ରାକୃତ ମହାଶକ୍ତି ହିଁ ସମସ୍ତ କିଛିର ଆଧାର ଏବଂ ମୂଳ ବୋଲି କୁହାଯାଇଛି । ସମସ୍ତ ଧର୍ମ ହିଁ କହିଛି ଈଶ୍ୱରଙ୍କ ଇଚ୍ଛା ସ୍ୱାଧୀନ ଇଚ୍ଛା, ତାହା ବସ୍ତୁର ନିୟମରୁ ଉର୍ଦ୍ଧ୍ୱରେ । ପୁଣି କହିଛି ସମଗ୍ର ବସ୍ତୁ ଜଗତ ଓ ତା'ର ନିୟମ କାନୁନ୍ ଈଶ୍ୱରଙ୍କ ଇଚ୍ଛାର ପରିପ୍ରକାଶ । ଏକଦା ଈଶ୍ୱରଙ୍କୁ ନିରାକାର ଭବେ କଳ୍ପନା କରାଯାଇଛି – କୁହାଯାଇଛି ତାଙ୍କର କୌଣସି ଆକାର ନାହିଁ । ଈଶ୍ୱରଙ୍କ ଗୁଣାବଳୀ ସବୁ ଧର୍ମରେ ହିଁ ବହୁଳଭାବେ ବ୍ୟାଖ୍ୟା କରାଯାଇଛି । ମାତ୍ର ଏହି ଈଶ୍ୱର କିଏ, ଏବଂ କେଉଁଠି ରହନ୍ତି – ଏହାର ସନ୍ଧାନ କେହି କେବେହେଲେ ପାଇନାହାନ୍ତି । ଈଶ୍ୱର ସମ୍ପର୍କରେ ଏସବୁ ଖୋଜି ପାଇବାର ଉପାୟ ନାହିଁ ଯେହେତୁ ସେ କୌଣସି ଠାରେ ରହନ୍ତି ନାହିଁ । ମଣିଷର ମସ୍ତିଷ୍କ ଛଡା ଅନ୍ୟ କୌଣସିଠାରେ ସେ ବିରାଜ କରନ୍ତି ନାହିଁ । ଈଶ୍ୱର ରହିଛନ୍ତି କଳ୍ପନାରେ, ଆମର 'Imagination'ରେ । ସେ କେବଳ ବିରାଜ କରନ୍ତି ମନର ଆଇନାରେ । ମନର ଆଇନାରେ ଈଶ୍ୱର କିଭଳି ଭାବେ ପଶିଲେ ସେହି ଇତିହାସ ଆପଣମାନେ ପୂର୍ବରୁ ଶୁଣିଛନ୍ତି । ପୁଣି ଏକ ସମୟରେ ଆସି ହିନ୍ଦୁ ଧର୍ମରେ ଆମେ ତେତ୍ରିଶ କୋଟି ଦେବତାଙ୍କ ଉଲ୍ଲେଖ ଦେଖିବାକୁ ପାଉଛୁ । ବିଭିନ୍ନ ଧର୍ମରେ ଭିନ୍ନ

ଭିନ୍ନ ପରିସ୍ଥିତିରେ ଏ ସଂକ୍ରାନ୍ତିୟ ବ୍ୟାଖ୍ୟା ଗୁଡ଼ିକ ବିଭିନ୍ନ ରୂପ ନେଇଛି । ଯଦିଓ ସବୁ ଧର୍ମର କଥା ଯେ ଏକ ତାହା ଆପଣମାନେ ପୂର୍ବରୁ ହିଁ ଶୁଣିଛନ୍ତି ।

ସୁତରାଂ ଆପଣମାନେ ଦେଖିବାକୁ ପାଇଲେ ଯେ ଆଦିମ ମଣିଷର ଚିନ୍ତା ବସ୍ତୁତାନ୍ତ୍ରିକ ହେଲେ ବି ମାନବ ସମାଜର ଅଗ୍ରଗତିର ଏକ ବିଶେଷ ସ୍ତରକୁ ଆସି ସମାଜରେ ଭାବବାଦୀ ଚିନ୍ତା ଜନ୍ମ ହୋଇଛି । ଏହି ଭାବବାଦୀ ଚିନ୍ତା ସୃଷ୍ଟି ହେବା ପରଠାରୁ ସମାଜରେ ଭାବବାଦୀ ଓ ବସ୍ତୁବାଦୀ ଚିନ୍ତା ପାଖାପାଖି ଚାଲିଛି, ଗୋଟିଏ ଅନ୍ୟଟି ସହିତ ଟକ୍କର ଦେଇ ଲଢେଇ କରିଛି । ସୁତରାଂ ମାନବ ସମାଜର ଚିନ୍ତାଧାରାକୁ ଯଦି ଭାଗ କରାଯାଏ, ତେବେ ମୂଳତଃ ତାହାକୁ ଦୁଇଟି ଭାଗରେ ଭାଗ କରିପାରୁ – ଗୋଟିଏ ଭାବବାଦୀ ଚିନ୍ତାଧାରା ଏବଂ ଅନ୍ୟଟି ବସ୍ତୁବାଦୀ ଚିନ୍ତାଧାରା । ଏହି ଭାବଭାଦୀ ଚିନ୍ତାଧାରା ମଧ୍ୟରେ ବି ବହୁ ଭାଗ ରହିଛି, ସେମାନଙ୍କର ପରସ୍ପର ଭିତରେ ବି ଅନେକ ଦ୍ୱନ୍ଦ୍ୱ ରହିଛି, ପୁଣି ଗୋଟିଏ ଜାଗାରେ ସେମାନଙ୍କର ମୂଳଗତ ଐକ୍ୟ ରହିଛି । ପୁଣି ଏକଥା ମଧ୍ୟ ମନେ ରଖିବା ଦରକାର ଯେ ଭାବବାଦ ଅର୍ଥ ହିଁ ସର୍ବଦା ଈଶ୍ୱରବାଦ ନୁହେଁ । ଏଭଳି ବହୁ ଭାବବାଦୀ ଅଛନ୍ତି, ଯେଉଁମାନେ ଈଶ୍ୱର ବିଶ୍ୱାସ କରନ୍ତି ନାହିଁ, ଯେଉଁମାନେ ନିରୀଶ୍ୱରବାଦୀ, ସେମାନେ ବିଜ୍ଞାନକୁ ବିଶ୍ୱାସ କରିବାକୁ ଚାହାଁନ୍ତି । ମାତ୍ର ତା' ସତ୍ତ୍ୱେ ବି ସେମାନଙ୍କର ଚିନ୍ତା ସମସ୍ତ କ୍ଷେତ୍ରରେ ବିଜ୍ଞାନଭିତ୍ତିକ ହୋଇପାରେ ନାହିଁ । ସେମାନେ ଈଶ୍ୱର ବିଶ୍ୱାସ ନକଲେ ବି ଭାବବାଦୀ ଚିନ୍ତାର ଶୀକାର ହୋଇଛନ୍ତି, ଭାବବାଦର ହିଁ ଚର୍ଚ୍ଚା କରିଛନ୍ତି । ସେମାନଙ୍କର ଏହି ଭାବବାଦୀ ଚିନ୍ତା ପ୍ରକାଶ କରିବା କ୍ଷେତ୍ରରେ, ଯେମିତି ବିଭିନ୍ନତା ରହିଛି, ସେହିଭଳି ସେମାନେ ସମସ୍ତେ ହିଁ କୌଣସି ନା କୌଣସି ପ୍ରଶ୍ନରେ ବସ୍ତୁ ବହିର୍ଭୂତ ଏକ ସତ୍ତାରେ ବିଶ୍ୱାସ କରିଛନ୍ତି । ଏହି ବିଶ୍ୱାସକୁ ସେମାନେ ସମସ୍ତେ ହିଁ ମନ ମୁତାବକ (Subjectivily) ଧରି ନେଇଛନ୍ତି, ଅର୍ଥାତ୍ ଯେଉଁଭଳିଭାବେ ହେଉ ନା କାହିଁକି ବସ୍ତୁଜଗତ ବାହାରେ, ବସ୍ତୁର ନିୟମ ବାହାରେ ନିର୍ବସ୍ତୁ ଏକ ସତ୍ତାର ଅସ୍ତିତ୍ୱ ସେମାନେ ଧରି ନେଇଛନ୍ତି । ସେମାନେ ସମସ୍ତେ ହିଁ ଗୋଟିଏ ଜାଗାରେ ଏକମତ ହୋଇଛନ୍ତି – ତାହା ହେଲା ବସ୍ତୁଜଗତଟି ହିଁ କେବଳ ସତ୍ୟ ନୁହେଁ –ଦୁନିଆରେ ବସ୍ତୁ ବହିର୍ଭୂତ ଗୋଟିଏ ସତ୍ତାର ଅସ୍ତିତ୍ୱ ରହିଛି । ମାତ୍ର ଏହିସବୁ ବସ୍ତୁ ବହିର୍ଭୂତ ସତ୍ତା କିଭଳି ଭାବେ ଅବସ୍ଥାନ କରୁଛି ସେଇଠାରେ ହିଁ ସେମାନଙ୍କର ମତଭେଦ । ଏହି ଯେଉଁ ବିଶେଷ ଚିନ୍ତାଧାରା ବା ଚିନ୍ତା ପଦ୍ଧତି ତାକୁ ହିଁ ଆମେ ଭାବବାଦୀ ଚିନ୍ତାପଦ୍ଧତି (Idealist process of thinking) ବୋଲି କହିଥାଉ । ଅନ୍ୟଦିଗରେ ଆଉ ଗୋଟିଏ ଯେଉଁ ଚିନ୍ତାଧାରା ଅର୍ଥାତ୍ ବସ୍ତୁବାଦୀ ଚିନ୍ତାଧାରା – ସେହି ଚିନ୍ତାଧାରାର ମୂଳକଥା ହେଲା – ବସ୍ତୁ ହିଁ ସମସ୍ତ ଚିନ୍ତାର ଆଧାର । ଏହି ଚିନ୍ତାଧାରାର ପ୍ରବକ୍ତାମାନେ ମନେ କରନ୍ତି ବସ୍ତୁଜଗତ ହିଁ ସତ୍ୟ – ବସ୍ତୁ ନିରପେକ୍ଷ କୌଣସି ସତ୍ତାର ଅସ୍ତିତ୍ୱ ଏହି ଦୁନିଆରେ ନାହିଁ । ଏହି ବିଶେଷ ଧରଣର ଚିନ୍ତାକୁ ଆମେ କହୁ ବସ୍ତୁବାଦୀ ଚିନ୍ତାଧାରା । ଏହି ବସ୍ତୁବାଦୀ ଚିନ୍ତାର ଭିତ୍ତିରେ ଦୁନିଆରେ ବହୁ ବସ୍ତୁବାଦୀ ଦର୍ଶନ ଗଢ଼ିଉଠିଛି କାରଣ ବସ୍ତୁବାଦୀ ହେବା ସତ୍ତ୍ୱେ ବି ବସ୍ତୁ ସମ୍ପର୍କରେ ସମସ୍ତଙ୍କର ବ୍ୟାଖ୍ୟା ଏକା ନୁହେଁ, ଧାରଣା ମଧ୍ୟ ଏକା ନୁହେଁ ।

## ଭାବବାଦ ଓ ବସ୍ତୁବାଦ

ବିଭିନ୍ନ ଭାବବାଦୀ ଓ ବସ୍ତୁବାଦୀ ଦର୍ଶନଗୁଡ଼ିକର ପ୍ରତ୍ୟେକଙ୍କ ନିଜ ଭିତରେ ଯେଉଁ ପାର୍ଥକ୍ୟ ରହିଛି ସେଇ ଆଲୋଚନାକୁ ମୁଁ ଏଠାରେ ଯିବି ନାହିଁ । କେବଳ ଏ ସମ୍ପର୍କରେ ପ୍ରାସଙ୍ଗିକ ଗୋଟିଏ କଥା କହିବାକୁ ଚାହେଁ, ତାହା ହେଲା ମାନବ ସମାଜର ବିକାଶର ସାଥେ ସାଥେ ସଭ୍ୟତା ଓ ଚିନ୍ତାଜଗତର ବିକାଶ ସହିତ ଏବଂ ଜ୍ଞାନ-ବିଜ୍ଞାନ-ଅଭିଜ୍ଞତାର ବିକାଶ ସହିତ ଭାବବାଦୀ ଓ ବସ୍ତୁବାଦୀ ଉଭୟ ଚିନ୍ତାଧାରା ହିଁ କ୍ରମାଗତ ପରିବର୍ତ୍ତୀତ ଓ ସମୃଦ୍ଧ ହୋଇ ଆଜି ଏକ ବିଶେଷ ସ୍ଥାନରେ ଆସି ପହଞ୍ଚିଛି । ଦୁନିଆ ଇତିହାସରେ ଈଶ୍ୱର ଚିନ୍ତା ଆସିବା ପରେ ବି ସେହି ଚିନ୍ତା ଗୋଟିଏ ଜାଗାରେ ରହି ପାରିନାହିଁ । ନାନା ପ୍ରଶ୍ନ ଓ ସମସ୍ୟା ସହିତ ତାକୁ ମୁକାବିଲା କରିବାକୁ ପଡ଼ିଛି । ଯେମିତି କୌଣସି କୌଣସି ଧର୍ମରେ ଚିନ୍ତା କରାଯାଇଛି ଯେ, man is born good । ଅର୍ଥାତ୍ ମଣିଷ ମୂଳଗତ ଭାବେ ଭଲ ଗୁଣ ନେଇ ଜନ୍ମିଛି । ଅଥଚ ଅଭିଜ୍ଞତାରୁ ଦେଖାଯାଏ ଯେ, ସମାଜରେ କେବଳ ଭଲ ମଣିଷ ରହିଛନ୍ତି ତାହା ନୁହେଁ, ମନ୍ଦ ମଣିଷ ବି ଅଛନ୍ତି । ସୁତରାଂ ଆମକୁ କହିବାକୁ ହେବ ଈଶ୍ୱର କେବଳ ଭଲ ବା ଖାଣ୍ଟି ମଣିଷ ସୃଷ୍ଟି କରିଛନ୍ତି ତାହା ନୁହେଁ, ମନ୍ଦ ବା ଖରାପ ମଣିଷ ବି ସୃଷ୍ଟି କରିଛନ୍ତି । ଏକଥା କହିଲେ ଅନେକ ଟିକିଏ ବିପଦଗ୍ରସ୍ତ ବୋଧ କରନ୍ତି । ଆଉ ଯଦି ଧରି ନିଆଯାଏ ଯେ, ଈଶ୍ୱର କେବଳ ଭଲ ମଣିଷ ହିଁ ସୃଷ୍ଟି କରିଛନ୍ତି, ତେବେ ସୃଷ୍ଟିର ଆଦିରେ ହିଁ ଭଲ ଓ ମନ୍ଦ ଏଇ ଦୁଇ ଧରଣର ମଣିଷ ସୃଷ୍ଟି ପାଇଁ ଭଗବାନ ଓ ସଇତାନ ଉଭୟଙ୍କୁ ମାନିବାକୁ ହେବ । ଏହିଭଳି ଭାବେ ବିଚାର କଲେ ବିଷୟଟି ଏହି ପ୍ରକାରର ହୁଏ ଯେ ଦୁନିଆ କେବଳ ଈଶ୍ୱରଙ୍କ ସୃଷ୍ଟି ନୁହେଁ ଶଇତାନର ମଧ୍ୟ ସୃଷ୍ଟି । ସେଦିନ ମଣିଷକୁ ଏଇ ସବୁ କଠିନ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିଛି । ଏହି ପ୍ରଶ୍ନଗୁଡ଼ିକର ସମ୍ମୁଖୀନ ହୋଇ କେହି କେହି ଈଶ୍ୱର ତତ୍ତ୍ୱ ହିଁ ଛାଡି ଦେଇଛନ୍ତି । ସଂଶୟବାଦୀ (Agnostic) ହୋଇପଡିଛନ୍ତ । ଏହି ଏଗ୍ନୋଷ୍ଟିକ୍ ମାନଙ୍କର ବକ୍ତବ୍ୟ ହେଲା ଈଶ୍ୱର ଅଛନ୍ତି କି ନାହାନ୍ତି - ତାହା ମଣିଷର ଜାଣିବା ବାହାରେ । ଅର୍ଥାତ୍ ସେମାନଙ୍କର ଭାବଟି ଏମିତି ଯେ, ଏହା ମଣିଷର ବିଚାର୍ଯ୍ୟ ବିଷୟ ନୁହେଁ ।

ଏଠି କଥା ପ୍ରସଙ୍ଗରେ ମୁଁ ଗୋଟିଏ ଅଭିଜ୍ଞତା କଥା କହିବି । ଏଭଳି କିଛି ବ୍ୟକ୍ତିଙ୍କ ସହ ମୋର ସାକ୍ଷାତ ହୋଇଛି ଯେଉଁମାନେ Atheist, ଯେଉଁମାନେ ଈଶ୍ୱର ବିଶ୍ୱାସ କରନ୍ତି ନାହିଁ । ମାତ୍ର ସେମାନେ ମାକ୍ସବାଦୀ ବା ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ନୁହଁନ୍ତି - ସେମାନେ ମାନବତାବାଦୀ (Humanist) । ସେମାନଙ୍କର ଚିନ୍ତା ଭାବନାର ଢାଞ୍ଚାଟା ହେଉଛି ଭଗବତ ବିଶ୍ୱାସ ହିଁ ସମସ୍ତ ପ୍ରକାର ଅନିଷ୍ଟର ମୂଳ । ସେମାନେ ମନେ କରନ୍ତି ଶୋଷଣ ଓ ସବୁ ପ୍ରକାର ଅନିଷ୍ଟର ମୂଳରେ ରହିଛି ଭଗବତ୍ ବିଶ୍ୱାସ । ସେମାନଙ୍କର ଧାରଣା ଶ୍ରେଣୀ ସଂଗ୍ରାମ, ମାର୍କ୍ସବାଦ ଏସବୁର କୌଣସି ଭିତ୍ତି ନାହିଁ, ପ୍ରୟୋଜନ ବି ନାହିଁ । ସେମାନଙ୍କର ବକ୍ତବ୍ୟ ହେଲା ଭଗବାନଙ୍କ ଚିନ୍ତାକୁ ମନରୁ ହଟାଇ ନପାରିଲେ ମଣିଷର ମୁକ୍ତି ନାହିଁ । ସେମାନେ କହନ୍ତି, ମଣିଷକୁ ନିଜ ଗୋଡ଼ରେ ଛିଡ଼ା ହେବାକୁ ପଡିବ, ନଚେତ୍ ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ ବା ଈଶ୍ୱରଙ୍କ ବିରୁଦ୍ଧରେ ସେ ଲଢ଼େଇ କରି ପାରିବ ନାହିଁ । ସେମାନେ ମନେ

କରନ୍ତି ମଣିଷ ଯେଉଁ ଅନ୍ୟର ଜୁଲୁମ୍ ବା ଜୋରଜବରଦସ୍ତି ସହ୍ୟ କରିଥାଏ, ଚୁପ୍‌ଚାପ୍ ମାଡ ଖାଏ – ଏସବୁ ହେଲା ଅଦୃଷ୍ଟ ବା ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଯୋଗୁଁ । ତେଣୁ ସେମାନଙ୍କର ବକ୍ତବ୍ୟ ହେଲା ଈଶ୍ୱର ବିଶ୍ୱାସ ଦୂର କରିବାକୁ ହେବ, ତେବେ ଯାଇ ମଣିଷ ମୁଣ୍ଡ ଟେକି ଛିଡା ହେବ । ଏହା ହିଁ ହେଲା ସେମାନଙ୍କର ଯୁକ୍ତିର ଧାରା ବା ଯୁକ୍ତିର ଛାଞ୍ଚ । ମାତ୍ର ଆପଣମାନଙ୍କର ମନେ ରଖିବା ଦରକାର ଯେ ଏଇସବୁ ନିରୀଶ୍ୱରବାଦୀମାନଙ୍କ ସହିତ ମାର୍କ୍ସବାଦୀମାନଙ୍କର କୌଣସି ମେଳ ନାହିଁ । ମାର୍କ୍ସବାଦୀମାନେ ମଧ୍ୟ ନିରୀଶ୍ୱରବାଦୀ, ମାତ୍ର ନିରୀଶ୍ୱରବାଦ ମାତ୍ରେ ହିଁ ମାର୍କ୍ସବାଦ ନୁହେଁ । ଏହିଭଳି ବହୁ ନିରୀଶ୍ୱରବାଦୀ ଅଛନ୍ତି ଯେଉଁମାନେ ମାର୍କ୍ସବାଦ ବିରୋଧୀ । ଇତିହାସରେ ଏଭଳି ଘଟଣା ଦେଖାଯିବ ଯେ ଈଶ୍ୱରବାଦୀମାନଙ୍କ ସହିତ ବରଂ ମାର୍କ୍ସବାଦୀମାନେ ସମାଜ ପ୍ରଗତିର ସଂଗ୍ରାମରେ ବହୁ ବାଟ ଆଗେଇଛନ୍ତି । ମାନବ ସଭ୍ୟତାର ବିକାଶ ପାଇଁ କାମ କରିଛନ୍ତି । ମାତ୍ର ଏହି ଧରଣର ନିରୀଶ୍ୱରବାଦୀମାନଙ୍କ ସହିତ ମାର୍କ୍ସବାଦୀମାନେ ଅଧିକାଂଶ କ୍ଷେତ୍ରରେ ଏକାଠି କାମ କରି ପାରିନାହାନ୍ତି । ଏଇ କଥାଟି ଆପଣମାନେ ମନେ ରଖିବେ ।

ଯାହା ହେଉ ଆମେ ପୂର୍ବ ଆଲୋଚନାକୁ ଫେରିଯିବା । ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହେବାପରେ ଶ୍ରେଣୀ ବିଭକ୍ତ ସମାଜରେ ଯେତେବେଳେ ଭଗବତ୍ ଚିନ୍ତାର ଜନ୍ମ ହେଲା ମଣିଷର ଚିନ୍ତାରେ ସର୍ବଶକ୍ତିମାନ ଭଗବାନ ବା Almighty God ର ଧାରଣା ଆସିଲା, ସେଭଳି ଏକ ଅବସ୍ଥାରେ ମଣିଷ ରାଜା ରାଜୁଡାମାନଙ୍କୁ ହିଁ ଈଶ୍ୱରଙ୍କର ପ୍ରତିନିଧି ବୋଲି ଭାବୁଥିଲେ । ମଣିଷ ମନେ କରୁଥିଲା ଈଶ୍ୱର ଯେମିତି ବିଶ୍ୱକୁ ଚଳାନ୍ତି, ସେହିଭଳି ଈଶ୍ୱରଙ୍କ ପ୍ରତିନିଧି ଭାବେ ରାଜା ମଧ୍ୟ ଦେଶ ଓ ସମାଜକୁ ଚଳାଉଛନ୍ତି, ସମସ୍ତଙ୍କୁ ଶାସନ କରୁଛନ୍ତି । ସୁତରାଂ ସେ ସମୟରେ ମଣିଷର ବିଶ୍ୱାସ ଥିଲା ଈଶ୍ୱରଙ୍କୁ ମାନିଲେ ରାଜାଙ୍କୁ ମଧ୍ୟ ମାନିବାକୁ ହେବ, ରାଜାଙ୍କ ପ୍ରତି Loyal ହେବାକୁ ହେବ । ଅର୍ଥାତ୍ ମଣିଷ ମନେ କରୁଥିଲା ଈଶ୍ୱରଙ୍କ ବିରେଧିତା ଯିଏ କରିବ ନାହିଁ ସେ ରାଜାଙ୍କ ବିରୁଦ୍ଧରେ ବି ଯିବ ନାହିଁ । ଓଲଟା ଦିଗରୁ କହିଲେ ମଣିଷର ଧାରଣା ଥିଲା ଯେ ରାଜାଙ୍କ ପ୍ରତି ବିଶ୍ୱାସଘାତକତା କରିପାରେ ସେ ଈଶ୍ୱରଙ୍କ ସହିତ ମଧ୍ୟ ବିଶ୍ୱାସଘାତକତା କରିପାରେ । ଧର୍ମ ବିଷୟଟି ସେଦିନ ଏଇଭଳି ଭାବେ ତିଷ୍ଠି ଥିଲା । ସେଥିପାଇଁ ଧାର୍ମିକମାନେ ସେଦିନ ରାଜତନ୍ତ୍ର ବିରୁଦ୍ଧରେ revolt ବା ବିଦ୍ରୋହ କରିନାହାନ୍ତି । ଫଳରେ ଈଶ୍ୱର ବିଶ୍ୱାସ ସେଦିନ ରାଜତନ୍ତ୍ରକୁ ତିଷ୍ଠି ରହିବାକୁ ସାହାଯ୍ୟ କରିଛି ।

ମାତ୍ର ଯେଉଁମାନେ କହନ୍ତି ଯେ ଇତିହାସର ସମସ୍ତ ସ୍ତରରେ ଭାବବାଦୀ ଦର୍ଶନ ଶୋଷକ ଶ୍ରେଣୀ ହାତରେ ଶୋଷଣର ହତିଆର ଭାବେ ବ୍ୟବହୃତ ହୋଇଛି ମୁଁ ସେମାନଙ୍କ ସହିତ ଏକମତ ହୋଇ ପାରିନାହିଁ । ମୋ ମତରେ ଏହି ଧାରଣା ଇତିହାସର ବିକୃତି, ବାସ୍ତବ ସମ୍ମତ ବିଶ୍ଳେଷଣ ନୁହେଁ । ପୁଣି ସମାନ ଭାବେ ଯେଉଁମାନେ କହନ୍ତି ଯେ, ବସ୍ତୁବାଦୀ ଚିନ୍ତା ସର୍ବଦା ସମାଜରେ ଶୋଷିତ ଶ୍ରେଣୀର ହତିଆର ଭାବେ ବ୍ୟବହୃତ ହୋଇଛି, ସେମାନଙ୍କର ସେହି ଚିନ୍ତା ମଧ୍ୟ ଭ୍ରାନ୍ତ ବୋଲି ମୁଁ ମନେ କରେ । ଏହିଭଳି ଚିନ୍ତା ସହିତ ମୁଁ କେବେହେଲେ ଏକମତ ହୋଇ ପାରିନାହିଁ । କାହିଁକି ପାରିନାହିଁ ସେ ସମ୍ପର୍କରେ ମୁଁ ଦୁଇ

ଚାରି ପଦ କଥା କହିବି ।

## ଇତିହାସରେ ଭାବବାଦ ଓ ବସ୍ତୁବାଦର ଭୂମିକା

ଯେମିତି ଦାସ ଓ ଦାସ ମାଲିକରେ ବିଭକ୍ତ ସମାଜ ଅର୍ଥାତ୍ Slave - Slave Masters Society କଥା ଧରାଯାଉ । ଆପଣମାନେ ସମସ୍ତେ ହିଁ ଦାସମାନଙ୍କ ଉପରେ ଦାସ ମାଲିକମାନଙ୍କର ନିର୍ମମ ଅତ୍ୟାଚାରର ବହୁ କାହାଣୀ ଶୁଣିଛନ୍ତି । ଏସବୁ ବିଷୟ ନେଇ ବହୁ ଗଳ୍ପ ଗାଥା ଲେଖା ରହିଛି, ଯେଉଁ ଅତ୍ୟାଚାରର ବିବରଣୀ ଓ କରୁଣ କାହାଣୀ ଆଜି ବି ମଣିଷର ମନକୁ ଭୀଷଣ ଭାବେ ଦୋହଲାଇ ଦିଏ । ଏହି ଘଟଣାଗୁଡିକ ଅତ୍ୟନ୍ତ ମର୍ମନ୍ତୁଦ କିନ୍ତୁ ଯେଉଁମାନେ ଖ୍ରୀଷ୍ଟଧର୍ମରେ ବିଶ୍ୱାସୀ ସେମାନଙ୍କ ମଧ୍ୟରେ ଦାସମାନଙ୍କ ଉପରେ ଦାସ ମାଲିକମାନଙ୍କର ଅତ୍ୟାଚାରକୁ କେନ୍ଦ୍ରକରି ଗୋଟିଏ ପ୍ରଶ୍ନ ଦେଖା ଦେଇଥିଲା । ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷା ଅନୁଯାୟୀ ବା ଖ୍ରୀଷ୍ଟ ଧର୍ମର ଅନୁଶାସନ ଅନୁଯାୟୀ ସେମାନେ ସମସ୍ତେ ହିଁ ମନ ପ୍ରାଣରେ ବିଶ୍ୱାସ କରୁଥିଲେ ଯେ, ଭଗବାନଙ୍କର ସୃଷ୍ଟି ସବୁ ମଣିଷ ହିଁ ସମାନ । ସେମାନେ ମନେ କରୁଥିଲେ ଭଗବାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଜୀବମାନଙ୍କ ଭିତରେ କୌଣସି ପାର୍ଥକ୍ୟ ରହିପାରେନା । ଖ୍ରୀଷ୍ଟ ଧର୍ମର ଏହି ଯେଉଁ ବଦ୍ଧମୂଳ ଅନୁଶାସନ ସେମାନଙ୍କ ମନରେ ଗୁନ୍ଥା ହୋଇଥିଲା ସେହି ଧାରଣାକୁ ପାଥେୟ କରି ଦାସପ୍ରଭୁମାନଙ୍କ ବିରୁଦ୍ଧରେ ଦାସମାନେ ସଂଘବଦ୍ଧ ହୋଇଛନ୍ତି, ପ୍ରତିବାଦ କରିଛନ୍ତି । ଖ୍ରୀଷ୍ଟ ଧର୍ମର ଶିକ୍ଷାର ଭିତ୍ତିରେ ସେମାନେ ଏହି ଯୁକ୍ତି ଉତ୍ଥାପନ କରିବାକୁ ଆରମ୍ଭ କରିଥିଲେ ଯେ, ଦାସପ୍ରଭୁମାନେ ଦାସମାନଙ୍କ ଉପରେ ଅତ୍ୟାଚାର ଚଳାଇ ଅସଲରେ ଖ୍ରୀଷ୍ଟ ଧର୍ମର ଅନୁଶାସନର ବିରୁଦ୍ଧାଚରଣ କରୁଛନ୍ତି । ସେମାନେ କହନ୍ତି ଯେ ଦାସମାନଙ୍କ ଉପରେ ଅତ୍ୟାଚାର କରିବା ହେଲା ଖ୍ରୀଷ୍ଟ ଧର୍ମର ଅବମାନନା କରିବା । ସୁତରାଂ ଏକଥା ବୁଝିବାରେ ଅସୁବିଧା ହୁଏନାହିଁ ଯେ ଗୋଟିଏ ଦିଗରୁ ବିଚାର କଲେ ଖ୍ରୀଷ୍ଟ ଧର୍ମ ଦାସ ପ୍ରଭୁମାନଙ୍କର ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଦାସମାନଙ୍କର ସଂଗ୍ରାମ ଗଢି ତୋଳିବାରେ ସାହାର୍ଯ୍ୟ କରିଛି ଏବଂ ସେହି ଅର୍ଥରେ ହିଁ ଏକଦା ସମାଜ ପ୍ରଗତିରେ ସାହାର୍ଯ୍ୟ କରିଛି । ମୁସଲମାନ ଧର୍ମାବଲମ୍ବୀମାନଙ୍କ କ୍ଷେତ୍ରରେ ମଧ୍ୟ ଏଧରଣର ନଜିର ମିଳେ ।

ଆଉ ଗୋଟିଏ ଦିଗରୁ ବିଷୟଟିକୁ ଭାବି ଦେଖିବା ଦରକାର । ଆପଣମାନେ ମନେ ରଖିବା ଦରକାର ଯେ, ସମାଜ ବିକାଶର ଗୋଟିଏ ସ୍ତରକୁ ଆସି ଧର୍ମ ହିଁ ମଣିଷ ଭିତରେ ନୀତି ନୈତିକତାର ଧାରଣା, ମୂଲ୍ୟବୋଧ, ସେବାର ମନୋବୃତ୍ତି, ଅନ୍ୟକୁ ହେୟ ନକରିବା, ନ୍ୟାୟ ଅନ୍ୟାୟ ବୋଧର ଚିନ୍ତା ଗଢି ତୋଳିବାରେ ସାହାଯ୍ୟ କରିଛି । ଏହାରି ଯୋଗୁଁ ସମାଜରେ ଶୃଙ୍ଖଳାବୋଧ ଗଢ଼ି ଉଠିଛି ଏବଂ ତାହା ସମାଜକୁ ସୁସଂହତ ଓ ସଂଘବଦ୍ଧ ହେବାରେ ସାହାଯ୍ୟ କରିଛି ଏବଂ ସେହି ଦିଗରୁ ମଧ୍ୟ ସମାଜ ପ୍ରଗତିରେ ସାହାଯ୍ୟ କରିଛି । ଏଣୁ ମୋର ବକ୍ତବ୍ୟ ହେଲା ଇତିହାସରେ ଧର୍ମ ଯେଉଁ ସ୍ତରରେ ଯେତିକି ସମାଜ ପ୍ରଗତିରେ ସାହାଯ୍ୟ କରିଛି, ସମାଜ ଅଗ୍ରଗତି କ୍ଷେତ୍ରରେ ସେତିକି ତାର ଐତିହାସିକ ମୂଲ୍ୟ । ଏହାକୁ ଅସ୍ୱୀକାର କରିବାର ଅର୍ଥ ହେଲା ଇତିହାସକୁ ଅସ୍ୱୀକାର କରିବା । ଧର୍ମୀୟ ବାଖ୍ୟାଗୁଡ଼ିକ

ସଠିକ୍ କି ସଠିକ୍ ନୁହେଁ ଏସବୁ ଜ୍ଞାନ ତତ୍ତ୍ୱର ଭିନ୍ନ ଆଲୋଚନାର ବିଷୟ । ଏଠି ମୋର କଥା ହେଲା, ଭାବବାଦୀ ଚିନ୍ତା ଇତିହାସରେ ଅଧିକାଂଶ ସମୟ ଶୋଷକ ଶ୍ରେଣୀର ଶୋଷଣର ହତିଆରର ଭୂମିକା ପାଳନ କରିଛି ଏକଥା ଠିକ୍ । ମାତ୍ର ଧର୍ମୀୟ ଚିନ୍ତା ବା ଭାବବାଦୀ ଚିନ୍ତାଧାରା ସମାଜର ଅଗ୍ରଗତି କ୍ଷେତ୍ରରେ କେବେହେଲେ କୌଣସି ଭୂମିକା ପାଳନ କରିନାହିଁ, ଏକଥା ମୁଁ କେବେ ବି ମାନି ନେଇ ପରିନାହିଁ ।

ପୁଣି, ଯେଉଁମାନେ ମନେ କରେ ଯେ, ବସ୍ତୁବାଦୀ ଚିନ୍ତା ମାତ୍ରେ ହିଁ ତାହା ସର୍ବଦା ଶୋଷିତ ଶ୍ରେଣୀର ସଂଗ୍ରାମର ହତିଆରଭାବେ କାମ କରିଛି -ସେ ଚିନ୍ତା ମଧ୍ୟ ମୋ ମତରେ ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ଏକଥା ଆପଣମାନେ ସମସ୍ତେ ଜାଣନ୍ତି ଯେ, ଗୋଟିଏ ପର୍ଯ୍ୟାୟରେ ରାଜା ରାଜୁଡ଼ାମାନେ ନିଜକୁ ଈଶ୍ୱରଙ୍କ ପ୍ରତିନିଧି ଭାବେ ଜାହିର କରିଛନ୍ତି ।ସେହି ରାଜା ରାଜୁଡ଼ାମାନେ ହିଁ ପରବର୍ତ୍ତୀକାଳରେ ପରକାଳର କଥା ନ ଭାବି ଜୀବନରେ ବିଳାସବ୍ୟସନର ଚର୍ଚ୍ଚା କରିଛନ୍ତି । ସାଧାରଣ ଅର୍ଥରେ ଜୀବନକୁ ଭୋଗ କରିବାକୁ ହିଁ ଜୀବନର ମୋକ୍ଷ ଭାବେ ଧରି ନେଇଛନ୍ତି । ଏହାଦ୍ୱାରା ଅସଲରେ ବିକୃତ ବସ୍ତୁବାଦ (Vulgar Materialism)ର ହିଁ ସେମାନେ ଚର୍ଚ୍ଚା କରିଛନ୍ତି । ସେତେବେଳେ ସେମାନଙ୍କ ମଧ୍ୟରେ ବାସ୍ତବରେ ଧର୍ମୀୟ ଅନୁଶାସନ ବା ଧର୍ମର ଭିତ୍ତିରେ ନ୍ୟାୟ ଅନ୍ୟାୟବୋଧର ଚିନ୍ତା କାମ କରିନାହିଁ । ପାପ ପଣ୍ୟର କଥା ଭୁଲି ଯାଇ ଜୀବନକୁ କିଭଳିଭାବେ ଭୋଗ କରାଯାଇପାରେ ଏହି ଚିନ୍ତା ହିଁ ସେମାନେ କରିଛନ୍ତି ଏବଂ ଏହିଭଳିଭାବେ ମଣିଷକୁ ସ୍ୱାର୍ଥପର ହେବାକୁ ଏବଂ ଏହାଦ୍ୱାରା ସମାଜର ଅଗ୍ରଗତିକୁ ବାସ୍ତବରେବ୍ୟାହତ କରିବାରେ ହିଁ ସେମାନେ ସାହାଯ୍ୟ କରିଛନ୍ତି ।

ପୁଣି ଦେଖନ୍ତୁ, ଆପଣମାନେ ସମସ୍ତେ ଜାଣନ୍ତି ଯେ, ଚାରବାକ୍ ଦର୍ଶନ ବସ୍ତୁବାଦୀ ଦର୍ଶନ । ଏହି ଚାରବାକ୍ ଦର୍ଶନର ବିଷଦ ଆଲୋଚନାକୁ ମୁଁ ଏଠି ଯାଉନାହିଁ । ମୁଁ ଏଠି ଯାହା ଦେଖାଇବାକୁ ଚାହୁଁଛି ଏହି ଦର୍ଶନରେ ଜୀବନର ଭୋଗଟା ହିଁ ସତ୍ୟ ଏକଥା କହିବାର ଚେଷ୍ଟା କରାଯାଇଛି । ଚାରବାକ୍‌ଙ୍କ ନାମରେ ଯେଉଁ କଥାଟି ମଣିଷ ଭିତରେ ବହୁଳ ଭାବେ ପ୍ରଚଳିତ ତାହା ହେଲା 'ଋଣଂ କୃତ୍ୱା ଘୃତଂ ପିବେତ୍' । ଚାରବାକ୍ ଯେଉଁ ଅର୍ଥରେ କଥାଟା କହିଥାନ୍ତୁ ନା କାହିଁକି ଅନେକ ହିଁ ଏହି ବକ୍ତବ୍ୟର ସୁଯୋଗ ନେବାକୁ ଛାଡ଼ି ନାହାନ୍ତି । ଚାରବାକ୍‌ଙ୍କର ଏହି ବକ୍ତବ୍ୟର ଅର୍ଥ ଅନେକ ଛିଡ଼ା କରାଇବାର ଚେଷ୍ଟା କରିଛନ୍ତି ଯେ 'ନିଜେ ଖାଇ ପିଇ ଭଲ ଭାବେ ରୁହ, ଅନ୍ୟମାନେ ମଲେ କି ଗଲେ ସେ ସବୁ ନେଇ ମୁଣ୍ଡ ଖେଳାଇବା ଦରକାର ନାହିଁ' । ବୁଝିବାକୁ ଅସୁବିଧା ହୁଏ ନାହିଁ ଯେ ଏଭଳି ବସ୍ତୁବାଦୀ ଚିନ୍ତା ବାସ୍ତବରେ ସାମାଜିକ ସ୍ୱାର୍ଥ ଠାରୁ ବ୍ୟକ୍ତିଗତ ସ୍ୱାର୍ଥକୁ ହ ପ୍ରାଧାନ୍ୟ ଦେଇଛି ଏବଂ ଏହାଦ୍ୱାରା ଅସଲରେ ସୁବିଧାବାଦୀ ଚିନ୍ତାର ଜନ୍ମ ହେବାରେ ସାହାଯ୍ୟ କରିଛି ଓ ସମାଜର ଅଗ୍ରଗତିକୁ କାର୍ଯ୍ୟତଃ ବ୍ୟାହତ କରିବାକୁ ଚେଷ୍ଟା କରିଛି ।

## ପରିବେଶ ଓ ମଣିଷର ପାରସ୍ପରିକ ସମ୍ପର୍କ

ପୁଣି ଆମର ମୂଳ ଆଲୋଚନାକୁ ଫେରିବା । ସମାଜ ବିକାଶର ଦୀର୍ଘ ଇତିହାସର କଥା ଯେଉଁମାନେ ଜାଣନ୍ତି ସେମାନେ କେହି ଏକଥା ଅସ୍ୱୀକାର କରିପାରିବେ ନାହିଁ ଯେ

ଭଲଭାବେ ବଞ୍ଚି ରହିବା ପାଇଁ ଆହୁରି ଉନ୍ନତତର ଜୀବନଯାପନର ପ୍ରୟୋଜନରେ ମଣିଷ ପ୍ରକୃତି ବିରୋଧରେ ଲଢ଼େଇ କରିବାର ପ୍ରକ୍ରିୟାରେ ଗୋଟିଏ ସ୍ତରରେ ଆସି ଉତ୍ପାଦନ ବ୍ୟବସ୍ଥା ସୃଷ୍ଟି କରିଛି । ସମାଜରେ କିଛି ନା କିଛି ଉତ୍ପାଦନ କରିବାର କ୍ଷମତା ଆୟତ୍ତ କରିଛି । ମଣିଷର ଯେଉଁ ଚେତନା ବା ସଚେତନ କ୍ରିୟା ତା' ବିଭିନ୍ନ ଅବସ୍ଥାରେ ପ୍ରକୃତିକୁ ଜାଣିବାର ସଂଗ୍ରାମରେ ଏବଂ ପ୍ରକୃତି ବିରୁଦ୍ଧରେ ଲଢ଼େଇ କରିବାର ପ୍ରୟୋଜନରେ ଯୁକ୍ତ ହୋଇଛି । ଏ କଥାର ଅର୍ଥ ହେଲା ଗୋଟିଏ ଦିଗରେ ମଣିଷର ମସ୍ତିଷ୍କ ଅନ୍ୟ ଦିଗରେ ଉତ୍ପାଦନ ବ୍ୟବସ୍ଥାକୁ ଭିତ୍ତିକରି ଗଢ଼ିଉଠିଥିବା ସାମାଜିକ ଓ ବାସ୍ତବ ପରିବେଶ ଏବଂ ବହିର୍ବିଶ୍ୱ ସହିତ ମଣିଷର ଦ୍ୱନ୍ଦ୍ୱ ସମନ୍ୱୟ ଓ ଘାତ ପ୍ରତିଘାତ ମଧ୍ୟ ଦେଇ ମଣିଷର ଚିନ୍ତାର ଉନ୍ମେଷ ଓ ବିକାଶ ଘଟି ଚାଲେ । ଆପଣମାନେ ମନେ ରଖିବେ ଏଠାରେ ପରିବେଶ ବା ପାରିପାର୍ଶ୍ୱିକ କହିଲେ ସବୁ ବିଷୟକୁ ବୁଝାଯାଉଛି ଅର୍ଥାତ୍ ମଣିଷର ଚାରିପଟେ ଯାହା କିଛି ରହିଛି – ବସ୍ତୁଜଗତ, ସମାଜ ଜୀବନ, ବହିର୍ବିଶ୍ୱ ବା ପ୍ରକୃତିଜଗତ ଏଇ ସବୁ କିଛି ନେଇ ଏଇ ପରିବେଶ କଥାଟିକୁ ଆପଣମାନଙ୍କୁ ବୁଝିବାକୁ ହେବ । ଜୀବନ ଧାରଣ କରିବାକୁ ଯାଇ ଯେଉଁ ସବୁ ବିଷୟ ସହିତ ମଣିଷର ସମ୍ପର୍କ ପ୍ରତିଷ୍ଠା ହୋଇଛି – ପରିବେଶ ବା ପାରିପାର୍ଶ୍ୱିକ କହିଲେ ସେ ସମସ୍ତ ବିଷୟକୁ ହିଁ ଧରିବାକୁ ହେବ । ମଣିଷ ଗୋଟାଏ ବିଶେଷ ସତ୍ତା (Entity) ଭାବେ, ଦ୍ୱନ୍ଦ୍ୱର ଏକ ସର୍ତ୍ତ (Condition) ବା ବିଷୟଭାବେ ଅର୍ଥାତ୍ Point of Contradiction ଭାବେ ଏହି ପରିବେଶ ସହିତ ଯୁକ୍ତ ହେଉଛି । ସୁତରାଂ ପରିବେଶ ବାହାରେ ଯେମିତି ମଣିଷର ବିଚାର ହୁଏ ନା, ଠିକ୍ ସେହିଭଳି ପରିବେଶ ମଧ୍ୟ ପ୍ରତିନିୟତ ମଣିଷ ଉପରେ ପ୍ରଭାବ ବିସ୍ତାର କରିଚାଲିଛି ଏବଂ ଏହି ଉଭୟର ଦ୍ୱନ୍ଦ୍ୱ ସମନ୍ୱୟର ପରିଣତିରେ ହିଁ ଗଢ଼ିଉଠିଛି ମଣିଷର ଚିନ୍ତା ।

ଏଠାରେ ଆଉ ଗୋଟିଏ ବିଷୟ ଆପଣମାନଙ୍କର ବୁଝିବା ଦରକାର ଇତିହାସର ଛାତ୍ରମାତ୍ରେ ହିଁ ଜାଣନ୍ତି ଯେ, ଆଦିମ ଯୁଗରେ ଯେତେବେଳେ ଶ୍ରେଣୀ ବିଭକ୍ତ ସମାଜ ଗଢ଼ି ଉଠିନାହିଁ ସେତେବେଳେ ସ୍ୱାଭାବିକଭାବେ ହିଁ ସମାଜ ଅଗ୍ରଗତି ବା ପ୍ରଗତି କ୍ଷେତ୍ରରେ ଶ୍ରେଣୀ ସଂଗ୍ରାମର କୌଣସି ଭୂମିକା ନଥିଲା । କିନ୍ତୁ ତା ସତ୍ତ୍ୱେ ବି ସେହି ଅବସ୍ଥାରେ ସମାଜ ପ୍ରଗତି ସ୍ତବ୍ଧ ହୋଇ ରହିନାହିଁ । ଫଳରେ ସ୍ୱାଭାବିକଭାବରେ ହିଁ ଏ କ୍ଷେତ୍ରରେ ଗୋଟିଏ ପ୍ରଶ୍ନ ଦେଖା ଦେଇପାରେ, ତାହା ହେଲା ଦ୍ୱନ୍ଦ୍ୱ-ସମନ୍ୱୟ ସଂଘାତ ଛଡ଼ା ଯେଉଁଠି କୌଣସି ଗତିର ସୃଷ୍ଟି ହୋଇପାରେନା ସେଠି ସେଇ ଆଦିମ ସମାଜରେ ଯେଉଁଠି ଶ୍ରେଣୀ ବିଭାଜନ ବା ଶ୍ରେଣୀ ସଂଗ୍ରାମ ନଥିଲା ସେଠି କେଉଁ ଶକ୍ତିର ଘାତ ପ୍ରତିଘାତରେ ସମାଜର ଅଗ୍ରଗତି ସମ୍ଭବ ହୋଇଛି ? ଏକଥା ବୁଝିବାକୁ ହେବ ଯେ ସେହି ଆଦିମ ସମାଜରେ ମଣିଷର ଜୀବନଯାତ୍ରାକୁ କେନ୍ଦ୍ର କରି ତା'ର ଚାରିପଟରେ ଯେତିକି ପରିବେଶ ଅବସ୍ଥାନ କରୁଥିଲା ସେହି ପାରିପାର୍ଶ୍ୱିକ ବା ପ୍ରକୃତି ସହିତ ମଣିଷର ମସ୍ତିଷ୍କର ସଂଘାତ ହିଁ ଥିଲା ସେଦିନର ସମାଜର ମୂଳ ଦ୍ୱନ୍ଦ୍ୱ । ଏହି ଦ୍ୱନ୍ଦ୍ୱକୁ ଭିତ୍ତିକରି ସେଦିନର ସମାଜ ଆଗେଇଛି । ତେଣୁ ସର୍ବଦା ପରିବେଶ କହିଲେ ଏକ ବିଶେଷ ସମୟର ପରିବେଶକୁ ବୁଝିବାକୁ ହେବ ଏବଂ ତା ବୁଝିବାକୁ ହେବ ବ୍ୟାପକ ଅର୍ଥରେ ସବୁ ବିଷୟକୁ Include କରି । ଆଉ ଏହି ଯେଉଁ ବାସ୍ତବ ପରିବେଶ ବା ପରିସ୍ଥିତି ତାକୁ ହିଁ

କୁହାଯାଏ Objective ବା Material Condition । ପୁଣି ମନେ ରଖିବାକୁ ହେବ ବାସ୍ତବ ପରିସ୍ଥିତି ବଦଳିଲେ ତା ମଧ୍ୟ ମଣିଷ ଉପରେ ପ୍ରଭାବ ବିସ୍ତାର କରେ । କାରଣ ପରିବର୍ତ୍ତିତ ପରିସ୍ଥିତି ମଣିଷ ସହିତ ପାରିପାର୍ଶ୍ୱିକର ନୂତନ ସଂଘାତର ଜନ୍ମ ଦିଏ ଏବଂ ସେହି ନୂତନ ସଂଘାତର ପ୍ରକ୍ରିୟାରେ ନୂତନ ଚିନ୍ତାର ଜନ୍ମ ହୁଏ । ମାତ୍ର ଏଠାରେ ଗୋଟିଏ ବିଷୟ ମନେରଖିବା ଦରକାର, ତାହାହେଲା ବାସ୍ତବ ପରିବେଶ ଓ ମଣିଷର ମସ୍ତିଷ୍କ ମଧ୍ୟରେ ଯେଉଁ ସଂଘାତ ହୁଏ ଏବଂ ସେହି ସଂଘାତ ମଧ୍ୟ ଦେଇ ଯେଉଁ ନୂତନ ଚିନ୍ତାର ଜନ୍ମ ହୁଏ ତାହା ପରିବେଶ ପରିବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ବା Automatically ହୁଏ ନାହିଁ । ପରିବେଶ ବଦଳିବା ପରେ ବି ନୂତନ ଚିନ୍ତାର ସୂଚନା ଘଟିବାକୁ କିଛି ସମୟ ଅତିବାହିତ ହୋଇଥାଏ । ଯେଉଁମାନେ ମନେ କରନ୍ତି ପରିସ୍ଥିତି ଯେମିତି ଯେମିତି ପରିବର୍ତ୍ତନ ଘଟି ଚାଲିବ ସେମିତି ତା' ସଙ୍ଗେ ସଙ୍ଗେ ମଣିଷର ଚିନ୍ତା ଆପଣା ନିୟମରେ Automatically ପରିବର୍ତ୍ତିତ ହେବ, ସେମାନଙ୍କର ଚିନ୍ତା ଯାନ୍ତ୍ରିକତାର ଚିନ୍ତା ଦ୍ୱାରା ପ୍ରଭାବିତ । ତାହାଛଡ଼ା ଆଉ ଗୋଟିଏ କଥା ମଧ୍ୟ ଆପଣମାନଙ୍କର ମନେ ରଖିବା ଦରକାର ଯେ ଭାବଜଗତ ଗଢ଼ିଉଠିବାର ମୂଳ ବା ଭିତ୍ତି ହେଲା ବସ୍ତୁଜଗତ । ବସ୍ତୁଜଗତର ଅସ୍ତିତ୍ୱ ଛଡ଼ା ଭାବଜଗତର ଅସ୍ତିତ୍ୱକୁ କଳ୍ପନା କରା ଯାଇପାରେନା । ଆମେ ପୂର୍ବରୁ ହିଁ ଆଲୋଚନା କରିଛୁ ଯେ ମଣିଷର ମସ୍ତିଷ୍କର ଉନ୍ନତ ଗଠନ ଓ ତାର ଚିନ୍ତା କରିବାର କ୍ଷମତା ସହିତ ବାସ୍ତବ ଜଗତର ସଂଘାତର ମଧ୍ୟ ଦେଇ ଭାବ ବା ଚନ୍ତାର ଜନ୍ମ ହୋଇଛି । ସୁତରାଂ ମଣିଷର ଯେଉଁ ଚିନ୍ତା କରିବାର ଶକ୍ତି ତାର Base ବା ଭିତ୍ତି ହେଲା ମସ୍ତିଷ୍କ ପୁଣି ଚିନ୍ତା ବା ଭାବ ଯେତେବେଳେ ଆସିଗଲା ସେତେବେଳଠାରୁ ହିଁ ପରିବେଶ ସହିତ ମଣିଷର ଦ୍ୱନ୍ଦ୍ୱ ଆରମ୍ଭ ହୋଇଗଲା । ମଣିଷ ସେତେବେଳେ ଯେ ବସ୍ତୁଜଗତ ବା ସମାଜକୁ ପ୍ରଭାବିତ କରିଛି ତାନୁହେଁ ବାସ୍ତବ ପରିବେଶ ମଧ୍ୟ ମଣିଷର ମସ୍ତିଷ୍କର କ୍ଷମତା, ଯେକୌଣସି ଚିନ୍ତାକୁ ଗ୍ରହଣ କରିବାର କ୍ଷମତାକୁ (Adatability)କୁ ମଧ୍ୟ ବଢ଼ାଇବାରେ ସାହାଯ୍ୟ କରିଛି । ଏହା ଫଳରେ ଏପରିକି ମଣିଷର ମସ୍ତିଷ୍କ ଗଠନ ଆହୁରି ଉନ୍ନତ ହୋଇଛି, Complex ହୋଇଛି । ଏଠି Complex କଥାଟିକୁ ଉନ୍ନତ ଅର୍ଥରେ ବୁଝିବାକୁ ହେବ । ଅର୍ଥାତ୍ ଯେଉଁ ଉନ୍ନତ ମସ୍ତିଷ୍କ କ୍ରମାଗତ ଉନ୍ନତ ଚିନ୍ତାର ଜନ୍ମ ଦେଇପାରେ ଓ ତାହା ସମ୍ପୂର୍ଣ୍ଣ ରୂପେ ଗ୍ରହଣ (Assimilate) କରିପାରେ । ତେଣୁ ବସ୍ତୁ ଯେମିତି ଚିନ୍ତାର ଜନ୍ମ ଦେଉଛି ପୁଣି ଚିନ୍ତା ମଧ୍ୟ ବାସ୍ତବକୁ ପ୍ରଭାବିତ କରୁଛି । ସୁତରାଂ ଏହି ଉଭୟ ମଧ୍ୟରେ ଏକ ପାରସ୍ପରିକ ସମ୍ପର୍କ ପ୍ରତିଷ୍ଠା ହେଉଛି ।

ମାତ୍ର ଏକଥା ସର୍ବଦା ମନେ ରଖିବାକୁ ହେବ ଯେ, ବସ୍ତୁ ହିଁ ହେଲା ଚିନ୍ତାର ସ୍ରଷ୍ଟା – ବସ୍ତୁ ହିଁ Prior । ମଣିଷ ଯେଉଁ ମସ୍ତିଷ୍କ ସାହାଯ୍ୟରେ ଚିନ୍ତା କରେ ସେହି ମସ୍ତିଷ୍କ ବସ୍ତୁ ଦ୍ୱାରା ଗଠିତ । ପୁଣି ଯେଉଁ ପରିବେଶ ବା ବାସ୍ତବତାର ସହିତ ଘାତ ପ୍ରତିଘାତର ଫଳଶ୍ରୁତିରେ ଚିନ୍ତା ଜନ୍ମ ନେଉଛି ସେହି ପରିବେଶ ମଧ୍ୟ ବସ୍ତୁର ହିଁ ସମାହାର । ତେଣୁ ପରିବେଶ ଭିତରେ ହିଁ ମଣିଷର ଚିନ୍ତା ବା ଭାବର ବିକାଶ ହୁଏ । ପୁଣି ଚିନ୍ତା ବା ଭାବ ପରିବେଶକୁ ବଦଳିବାରେ ସାହାଯ୍ୟ କରେ । ମଣିଷ ପ୍ରତିକୂଳ ପରିବେଶ ସାମ୍ନାରେ ଅସହାୟ ନୁହେଁ । ପରିବେଶରୁ ବିଛିନ୍ନ ଭାବେ ଭାବର ବିକାଶ ସମ୍ଭବ ନୁହେଁ । ପୁଣି ଏକଥାର ଅର୍ଥ ଯଦି ଏଭଳି ହୁଏ ଯେ

ବ୍ୟର୍ଥତାର ସମ୍ମୁଖୀନ ହୋଇ କେହି ଯୁକ୍ତି କରିବାକୁ ଆରମ୍ଭ କରେ 'ସେ କ'ଣ କରିବେ, ସେ ଅସହାୟ ପରିବେଶ ତାଙ୍କୁ ଏଭଳି ଜାଗାକୁ ଠେଲି ଦେଇଛି, ତାଙ୍କର କିଛି କରିବାର ନାହିଁ' -ତେବେ ସେହି ଚିନ୍ତା ମଧ୍ୟ ସଠିକ୍ ଚିନ୍ତା ନୁହେଁ । ଯଥାର୍ଥ ବସ୍ତୁବାଦୀ ଚିନ୍ତା ତ ଆଦୌ ନୁହେଁ । ଏ ଧରଣର ଚିନ୍ତା ଭିତରେ ବ୍ୟକ୍ତିର ଭୂମିକାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରାଗଲା । କାରଣ ଚିନ୍ତା ଯେତେବେଳେ ଆସିଗଲା ସେତେବେଳେ ତାର ବି ଯେ ନିଜସ୍ୱ ଗୋଟାଏ ଭୂମିକା ରହିଛି, ଚିନ୍ତାର ମଧ୍ୟ ଯେ ଏକ ଆପେକ୍ଷିକ ସ୍ୱାଧୀନତା ବା Relative Independence ରହିଛି, ପରିବେଶ ଉପରେ ତାହା ମଧ୍ୟ କ୍ରିୟା କରେ – ଏଭଳି ଚିନ୍ତା ଦ୍ୱାରା ସେହି ଚିନ୍ତାକୁ ମଧ୍ୟ ଅସ୍ୱୀକାର କରାଗଲା ।

## ଚିନ୍ତାର ଆପେକ୍ଷିକ ସ୍ୱାଧୀନତା – ଚରମ ସ୍ୱାଧୀନତା ନୁହେଁ

ଏକଥାଟା ମନେ ରଖିବାକୁ ହେବ ଯେ ଚିନ୍ତା ଯେତେବେଳେ ସୃଷ୍ଟି ହେଲା ତାହା ଆପେକ୍ଷିକ ସ୍ୱାଧୀନତା ନେଇ ହିଁ ସୃଷ୍ଟି ହେଲା । ଆହୁରି ମଧ୍ୟ ଭାବ ବା ଚିନ୍ତାର ଆପେକ୍ଷିକ ସ୍ୱାଧୀନତା ରହିଛି, ଏ କଥାର ଅର୍ଥ ଯଦି କେହି ଏଭଳି ମନେ କରେ ଯେ, ଚିନ୍ତା ହେଉଛିପରିବେଶ ଠାରୁ ବିଚ୍ଛିନ୍ନ ଏକ ସ୍ୱାଧୀନ ସତ୍ତା, ତେବେ ତାହା ମଧ୍ୟ ଭୁଲ ହେବ । ମନେ ରଖିବାକୁ ହେବ ଯେ, ପରିବେଶ ସହିତ ଚିନ୍ତା ବା ଭାବର ସମ୍ପର୍କ ହେଉଛି ଦ୍ୱାନ୍ଦ୍ୱିକ ବା Dialectical । ସେହି କାରଣରୁ ଚିନ୍ତାର ଯେଉଁ ସ୍ୱାଧୀନତାର କଥା କୁହା ହେଉଛି ତାହା Relative ବା ଆପେକ୍ଷିକ, ତାହା Absolute ବା ଚରମ ସ୍ୱାଧୀନତା ନୁହେଁ । ସ୍ଥାନ-କାଳ -ପରିବେଶ ବହିର୍ଭୂତ ସତ୍ତା ହିସାବରେ ଚିନ୍ତା ଅବସ୍ଥାନ କରେ ନାହିଁ । ଆହୁରି ମଧ୍ୟ ଟିକିଏ ପୂର୍ବରୁ ଆଲୋଚନାରେ ଆପଣମାନେ ଶୁଣିଛନ୍ତି ଯେ, ପରିବେଶ ବା ବାସ୍ତବ ଅବସ୍ଥା ଯେଭଳି ଯେଭଳି ବଦଳେ, ଭାବ ବା ଚିନ୍ତା ସଙ୍ଗେ ସଙ୍ଗେ ସେହିଭଳି ଭାବରେ ବଦଳିବ – ଏଧରଣର ଚିନ୍ତା ମଧ୍ୟ ଯାନ୍ତ୍ରିକ ଏବଂ ଅବୈଜ୍ଞାନିକ । ପରିବେଶ ଯଦି ଏକକ ଭାବରେ ସମସ୍ତ ଭାବନା ଚିନ୍ତାର ନିୟନ୍ତ୍ରକର ଭୂମିକା ପାଳନ କରେ ପରିବେଶକୁ ପ୍ରଭାବିତ ଓ ପରିବର୍ତ୍ତିତ କରିବା କ୍ଷେତ୍ରରେ ମଣିଷର ଚିନ୍ତା ଶକ୍ତିର କୌଣସି ଭୂମିକା ନରହେ, ତାହାହେଲେ ଆମ୍ଭେମାନେ ଅଦୃଷ୍ଟବାଦର ପଙ୍କରେ ନିମଜ୍ଜିତ ହେବା ଛଡା ଅନ୍ୟ ଗତି ନାହିଁ । ସେ କ୍ଷେତ୍ରରେ ମଣିଷର ଭୂମିକା ନିଷ୍କ୍ରିୟ, ନିର୍ଜୀବ, ନିଶ୍ଚଳ ଓ ନିଷ୍ଫଳା ହୋଇପଡେ । ଏହି ଧରଣର ଚିନ୍ତା ବିପ୍ଳବୀ ସଂଗଠନ ଓ ବିପ୍ଳବୀ ଆନ୍ଦୋଳନ କ୍ଷେତ୍ରରେ ବିରାଟ କ୍ଷତି ସାଧନ କରିବାକୁ ବାଧ୍ୟ । ଏହି ଚିନ୍ତାର ଶିକାର ହେଲେ ଯେଉଁ ବିରୁଦ୍ଧ ଓ ପ୍ରତିକୂଳ ପରିସ୍ଥିତିରେ ଆମ ପାର୍ଟି ଗଢ଼ିଉଠିଛି ସେହି ପାର୍ଟିଟିକୁ ଗଢ଼ି ତୋଳିବା ସମ୍ଭବ ହୁଅନ୍ତା ନାହିଁ । ତାଛଡା ପରିବେଶର ଭୂମିକାକୁ ଏଭଳି ବିଚ୍ଛିନ୍ନ ଭାବେ ଧରିନେଲେ ଯେକୌଣସି କର୍ମସୂଚିର ବ୍ୟର୍ଥତା ପାଇଁ ଅମ୍ଭେମାନେ ପରିବେଶକୁ ହିଁ ଦାୟୀ କରିବା । ଆମ୍ଭେମାନେ ଅତି ସହଜରେ ଯୁକ୍ତି କରିବା ଯେ, ପ୍ରତିକୂଳ ପରିବେଶ ପାଇଁ ଆମେ ବ୍ୟର୍ଥ ହୋଇଛୁ ଅର୍ଥାତ୍ ଆମର ବ୍ୟର୍ଥତାର ଦାୟିତ୍ୱ ପରିବେଶର, ଆମର ନୁହେଁ ।

ଅଥଚ ଇତିହାସରେ ଆମେ ଦେଖୁଛୁ ଯେ, ମଣିଷ ହିଁ ଏକମାତ୍ର ପ୍ରାଣୀ ଯିଏ ପ୍ରାକୃତିକ ଶକ୍ତି ବା ପ୍ରକୃତି ନିକଟରେ ପୁରାପୁରି ଆତ୍ମ ସମର୍ପଣ କରିନାହିଁ । ଅନ୍ୟାନ୍ୟ ଜୀବଜନ୍ତୁ ସହିତ ମଣିଷର ପାର୍ଥକ୍ୟ ବିରାଟ । ଅନ୍ୟାନ୍ୟ ଜୀବଜନ୍ତୁ ଯେଉଁଠାରେ ପୁରାପୁରି ପ୍ରକୃତିର ଦାସ, ସେଠାରେ ମଣିଷ ପ୍ରକୃତିକୁ ଜାଣିବାକୁ ଚେଷ୍ଟାକରେ, ପ୍ରାକୃତିକ ନିୟମ ଗୁଡ଼ିକୁ ଆୟତ୍ତ କରେ, ଲଗାମ ଦିଏ ଏବଂ ଏହି ପ୍ରକ୍ରିୟାରେ ସେ ଅନିଷ୍ଟକର ଶକ୍ତିକୁ ବଶୀଭୂତ କରେ, ଶୁଭ ଶକ୍ତିକୁ କାମରେ ଲଗାଏ । ସୁତରାଂ ଆମ୍ଭମାନଙ୍କର କାର୍ଯ୍ୟ ହେଲା, ସମସ୍ତ ବାଧା ବିପତ୍ତିକୁ ଜୟ କରିବା, ପରାଜୟ ସ୍ୱୀକାର କରିବା ନୁହେଁ । କେବେ କେବେ ଏଭଳି ଘଟଣା ଘଟିପାରେ ଯେ, ସମସ୍ତ ଚେଷ୍ଟା ସତ୍ତ୍ୱେ ମଧ୍ୟ କୌଣସି କ୍ଷେତ୍ରରେ ଆମେ ବ୍ୟର୍ଥ ହେଲୁ । ବିଶ୍ଳେଷଣ କଲେ ଦେଖାଯିବ, ହୁଏତ ସେଠାରେ ପରିସ୍ଥିତି ବିଚାର କରିବା କ୍ଷେତ୍ରରେ ଆମର ତୃଟି ବା ଭୁଲ ଥିଲା ।ଅଥବା ବିଷୟଟା ଏଭଳି ହୋଇପାରେ ଯେ, ଆମ୍ଭମାନଙ୍କର ପଦକ୍ଷେପ ସଠିକ୍ ହେବା ସତ୍ତ୍ୱେ ମଧ୍ୟ ଏବଂ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ କୌଣସି କ୍ଷେତ୍ରରେ ଆମ୍ଭେମାନେ ସଫଳ ହୋଇ ପାରିଲୁ ନାହିଁ । ଏଭଳି ହେଲେ ବୁଝି ନେବାକୁ ହେବ ଯେ, ଏହା ଆମ୍ଭମାନଙ୍କର କ୍ଷମତାର ବାହାରେ ଥିଲା । ଚେଷ୍ଟା ମଧ୍ୟରେ ଯଦି କୌଣସି ତ୍ରୁଟି ନରହେ ତାହା ହେଲେ ଧରି ନେବାକୁ ହେବ – ଯେଉଁ ଚେତନା ବା ଚରିତ୍ର ବଳ, ଯେଉଁ ଜ୍ଞାନ ଓ କ୍ଷମତା ଆମ୍ଭମାନଙ୍କର ରହିବା ଦରକାର ଥିଲା ସେହିଠାରେ ଆମେ ପଛେଇ ଯାଇଛୁ । ଅଥଚ, ପରିବେଶକୁ ଦାୟୀ କରି ଆମ୍ଭେ ନିଜର ଦାୟିତ୍ୱକୁ ଏଡାଇ ଯିବାକୁ ଚେଷ୍ଟା କରୁଛୁ । ତେଣୁ କହୁଥିଲି, ପରିବେଶ ସଂକ୍ରାନ୍ତରେ ଏହି ଧାରଣା ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ଧାରଣା ନୁହେଁ ।

## ଭିତ୍ତି ଓ ବହିର୍ଗଠନ

## Base and Superstructure

ଏଠାରେ ଆଉ ଗୋଟିଏ କଥା ମନେ ରଖିବାକୁ ହେବ । ଆମେ ଯେ ମାର୍କ୍ସବାଦରେ କହୁ, ବାସ୍ତବ ପରିସ୍ଥିତି ହେଉଛି Base ବା ଭିତ୍ତି, ଆଉ ଭାବ ବା ଚିନ୍ତା ହେଉଛି Super-structure ବା ବର୍ହିଗଠନ – ଏ କଥାର ଅର୍ଥ ଏଭଳି ନୁହେଁ ଯେ, ଭିତ୍ତି ବଦଳିବା ସଙ୍ଗେ ସଙ୍ଗେ ବର୍ହିଗଠନ ବଦଳିଯାଏ । ଯେପରି ଧରନ୍ତୁ, ସମାଜର ଅର୍ଥନୈତିକ ବ୍ୟବସ୍ଥାକୁ Base ବା ଭିତ୍ତି ବୋଲି କୁହାଯାଏ । ଆହୁରି ମଧ୍ୟ, ସେହି ବିଶେଷ ଅର୍ଥନୈତିକ ବ୍ୟବସ୍ଥାକୁ ଭିତ୍ତି କରି ଯେଉଁ ଆଦର୍ଶଗତ, ଚିନ୍ତାଗତ, ଶିକ୍ଷାଗତ, ଆଇନ୍ ସଂକ୍ରାନ୍ତୀୟ ଭାବନା ଧାରଣା, ରାଜନୈତିକ ବ୍ୟବସ୍ଥା ଇତ୍ୟାଦି ସମାଜରେ ଗଢ଼ି ଉଠେ ତାହାକୁ ବର୍ହିଗଠନ କୁହାଯାଏ । କିନ୍ତୁ ଖିଆଲ ରଖିଲେ ବୁଝି ପାରିବେ ଯେ, ଇତିହାସର ଗତିପଥରେ ଯେତେବେଳେ କୌଣସି ଗୋଟିଏ ପୁରୁଣା ଅର୍ଥନୈତିକ ବ୍ୟବସ୍ଥା ପରିବର୍ତ୍ତେ ଅନ୍ୟ ଗୋଟିଏ ନୂତନ ଅର୍ଥନୈତିକ ବ୍ୟବସ୍ଥା ସମାଜରେ ାଧିପତ୍ୟ ବିସ୍ତାର କରେ, ଅର୍ଥାତ୍ ସମାଜର ଆମୂଳଚୁଳ ବା ବୈପ୍ଳବିକ ପରିବର୍ତ୍ତନର ସୂଚନା ଦିଏ, ସାଙ୍ଗେ ସାଙ୍ଗେ ପୁରୁଣା ସମାଜର ବର୍ହିଗଠନ ମଧ୍ୟ ପୁରାପୁରି ବଦଳି ଯାଏ – ବିଷୟଟି ଏହିଭଳି ଘଟେ ନାହିଁ । ବିପ୍ଳବ ପରେ ମଧ୍ୟ ବର୍ହିଗଠନର

ଅବଶେଷ(Hangover) ଦୀର୍ଘ ଦିନ ଧରି ସମାଜରେ ଚାଲୁ ରହିଥାଏ ।

ଯାହା ହେଉ ଯେଉଁ କଥା ମୁଁ ଆଲୋଚନା କରୁଥିଲି, ତାହା ହେଉଛି, ଭାବ-ବସ୍ତୁର କ୍ରିୟାର ଫଳ ହିସାବରେ ଆସିଛି - ଅର୍ଥାତ୍ ବସ୍ତୁ ହିଁ ଭାବର ସୃଷ୍ଟି କର୍ତ୍ତା । କିନ୍ତୁ ଭାବ ଆସିବା ପରେ ଏହି ଦୁଇଟିର ସମ୍ପର୍କର ଚରିତ୍ର ହେଉଛି ଗୋଟିଏ ଅନ୍ୟ ଗୋଟିକୁ ସାହାଯ୍ୟ କରେ, ଅର୍ଥାତ୍ ଗୋଟିଏ ଅନ୍ୟଟିର ପରିପୂରକ, sumplementary- complementary । କିନ୍ତୁ ଭାବ ବା ବସ୍ତୁର ପାରସ୍ପରିକ ସମ୍ପର୍କରେ କେବଳ ଏତିକି ବୁଝିଲେ ଚଳିବ ନାହିଁ । ଏହି ଦୁଇଟି ମଧ୍ୟରୁ କେଉଁଟି Prior ବା ମୂଳ ତାହା ବୁଝିବାକୁ ହେବ - ଅର୍ଥାତ୍ priority conceptionଟି ମଧ୍ୟ ସଠିକ୍ ହେବା ଦରକାର । ସେଥିପାଇଁ ପୁନର୍ବାର କହୁଛି ଯେ, ବସ୍ତୁ ବା ବାସ୍ତବ ପରିସ୍ଥିତି ଏଠାରେ Prior । କାହିଁକି ନା, ବସ୍ତୁ ହିଁ ଭାବର ଜନ୍ମଦାତା । କିନ୍ତୁ ଭାବ ଆସିବା ପରେ ଏହି ଦୁଇଟିର ସମ୍ପର୍କ ଦ୍ୱନ୍ଦ୍ୱମୂଳକ, dialectical, ବା suplementary - complementary । ଭାବ ଏବଂ ବସ୍ତୁ ଗୋଟିଏ ଅନ୍ୟଟିକୁ ସାହାଯ୍ୟ କରେ । କେତେବେଳେ ବାସ୍ତବ ପରିସ୍ଥିତି ଭାବକୁ ବେଶୀ ପ୍ରଭାବିତ କରେ, କେତେବେଳେ ଭାବ, ବାସ୍ତବ ପରିସ୍ଥିତି ଉପରେ ବେଶୀ ପ୍ରଭାବ ବିସ୍ତାର କରିଥାଏ ।

ପ୍ରସଙ୍ଗ କ୍ରମେ ଏଠାରେ ଆଉ ଗୋଟିଏ ବିଷୟ ପ୍ରତି ଆପଣମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛି । ଯେଉଁମାନେ ବାସ୍ତବ ପରିସ୍ଥିତିର ଭୂମିକାକୁ ଯାନ୍ତ୍ରିକ ଭାବରେ ବୁଝନ୍ତି, ସେମାନେ ଅନେକ ସମୟରେ କହିବାର ଶୁଣାଯାଏ ଯେ, ସମାଜ ଯେତେବେଳେ ଗୋଟିଏ ଜାଗାରେ ସ୍ଥିର ରହିପାରେନା, ସମାଜତନ୍ତ୍ର ବା ସାମ୍ୟବାଦ ଯେତେବେଳେ ଇତିହାସ ନିର୍ଦ୍ଦେଶିତ ପଥରେ ନିଶ୍ଚିତ ଆସିବ, ସେତେବେଳେ ଦିନେ ନା ଦିନେ ନିଜସ୍ୱ ନିୟମରେ ହିଁ ସମାଜତନ୍ତ୍ର ପ୍ରତିଷ୍ଠିତ ହେବ । ସେମାନେ ଏ ବ୍ୟାପାରରେ ମାର୍କ୍ସବାଦ ଯେ କହେ ସମାଜତନ୍ତ୍ର ଇତିହାସର ଗତିପଥରେ ଅନିବାର୍ଯ୍ୟଭାବେ ପ୍ରତିଷ୍ଠିତ ହେବ, ଅର୍ଥାତ୍ socialism is inevitable- ତାହାର ଉଲ୍ଲେଖ କରନ୍ତି । ଫଳରେ ସେମାନଙ୍କର ଧାରଣା ହେଉଛି, ତାହାହେଲେ ସେହି ସମାଜତନ୍ତ୍ର ପ୍ରତିଷ୍ଠା ପାଇଁ ମଣିଷର ଏତେ ପରିଶ୍ରମ, ଏତେ ତ୍ୟାଗ ବା ଏତେ ସଂଗ୍ରାମର ପ୍ରୟୋଜନ କ'ଣ ? ମୁଁ ଆପଣମାନଙ୍କୁ ପରିଷ୍କାର ଭାବରେ କହିବାକୁ ଚାହେଁ ଯେ, ବିଷୟଟିକୁ ଏହିଭଳି ଭାବେ ବୁଝିଲେ ଭୁଲ ହେବ । କାହିଁକି ନା, ସମାଜତନ୍ତ୍ର ଏହି କାରଣରୁ ଅନିବାର୍ଯ୍ୟ ଯେ, ପୁଞ୍ଜିବାଦୀ ଶୋଷଣ - ଜୁଲୁମ୍ ବିରୁଦ୍ଧରେ ସମାଜତାନ୍ତ୍ରିକ ଚେତନା ଓ ସେହି ଚେତନାର ଭିତ୍ତିରେ ସଂଗ୍ରାମ ମଧ୍ୟ ଅନିବାର୍ଯ୍ୟ । ସମାଜତନ୍ତ୍ର ଅନିବାର୍ଯ୍ୟ - ଏହି ତତ୍ତ୍ୱର ଏହା ହିଁ ହେଲା ସଠିକ୍ ଉପଲବ୍ଧି । ସମାଜତନ୍ତ୍ର ଅନିବାର୍ଯ୍ୟ ଧାରଣାଟି ଏଭଳି ନୁହେଁ ଯେ, ପୁଞ୍ଜିବାଦୀ ଶୋଷଣ- ଜୁଲୁମ ବିରୁଦ୍ଧରେ ସଂଗ୍ରାମ ନକରି ଚୁପ୍ କରି ଘରେ ବସି ରହିଲେ ହିଁ ସମାଜତନ୍ତ୍ର ଆପେ ଆପେ ଆସିଯିବ । ଏହିଭଳିଭାବେ ବୁଝିଲେ ବିଷୟଟି ସମ୍ପର୍କରେ ଆମ୍ଭମାନଙ୍କ ମଧ୍ୟରେ ବିକୃତ ଧାରଣା ଗଢି ଉଠିବ । ଫଳରେ ଏହି କଥାଟିର ଯଥାର୍ଥ ଉପଲବ୍ଧି ଆପଣମାନଙ୍କ ମଧ୍ୟରେ ଗଢି ତୋଳିବାକୁ ହେବ । ଆଉ ଏହି ତତ୍ତ୍ୱର ସଠିକ୍ ଉପଲବ୍ଧି ଯେଉଁ ମୁହୂର୍ତ୍ତରେ ଆପଣମାନଙ୍କ ମଧ୍ୟରେ ଆସିବ, ସେତେବେଳେ ଆପଣମାନେ ବିପ୍ଳବୀ ଆନ୍ଦୋଳନରେ ଅନେକ ବେଶୀ ସକ୍ରିୟ ଓ ସଚେତନ ଭୂମିକା ପାଳନ କରିବାକୁ ସକ୍ଷମ ହୋଇ ପାରିବେ । ଏହା ବ୍ୟତୀତ ଅନ୍ୟ

ସମସ୍ତ ରାସ୍ତା ହେଉଛି ଫାଙ୍କିର ରାସ୍ତା, ବା ଆତ୍ମ ପ୍ରତାରଣାର ରାସ୍ତା ।

ଆଉ ଗୋଟିଏ ବିଷୟ ଏଠାରେ ଉଲ୍ଲେଖ କରିବା ପ୍ରୟୋଜନ – ତାହା ହେଉଛି ପ୍ରୟୋଜନ (necessity) ସମ୍ପର୍କରେ ମାର୍କ୍ସବାଦୀ ଧାରଣା କ'ଣ ? ମୁଁ ମନେ କରେ, ବସ୍ତୁ ଜଗତରେ ବା ଜୀବଜଗତରେ ଯେଉଁସବୁ ପରିବର୍ତ୍ତନ ଘଟି ଚାଲିଛି ସେହିସବୁ ପରିବର୍ତ୍ତନ ଏକମାତ୍ର ସେତେବେଳେ ଘଟେ ବା ଘଟିପାରେ ଯେତେବେଳେ ତାହା ଘଟିବା ଭଳି ଉପଯୁକ୍ତ ପରିସ୍ଥିତି ସୃଷ୍ଟି ହୁଏ । ଆମ୍ଭମାନଙ୍କୁ ବୁଝିବାକୁ ହେବ ପ୍ରୟୋଜନ ନ ଥିଲେ କୌଣସି କିଛି ଘଟଣା ଘଟେ ନାହିଁ । ମାର୍କ୍ସବାଦରେ ପ୍ରୟୋଜନର ଧାରଣା ଜଗତ ଓ ଜୀବନର ଯଥାର୍ଥ ପ୍ରୟୋଜନରୁ ଉଦ୍ଭବ ହୋଇଛି – ନିୟମ ମଧ୍ୟରେ ନିୟମର ପଥ ଦେଇ କାର୍ଯ୍ୟକାରଣ ସମ୍ପର୍କର ଘାତ ପ୍ରତିଘାତରେ ଯେଉଁ ପ୍ରୟୋଜନ ଦେଖା ଦେଉଛି ତାହାକୁ ହିଁ ଆମେ ଯଥାର୍ଥ ପ୍ରୟୋଜନ ବୋଲି କହିଥାଉ । ଏହି ଯେଉଁ ପ୍ରୟୋଜନ ସମ୍ପର୍କିତ ଧାରଣା – ବିଶେଷ ବିଶେଷ କ୍ଷେତ୍ରରେ ବିଶେଷ ବିଶେଷ ନିୟମର ପରିମଣ୍ଡଳରେ ବିଶେଷ ବିଶେଷ କାର୍ଯ୍ୟକାରଣ ସମ୍ପର୍କର ଭିତ୍ତିରେ ଯେଉଁ ପ୍ରୟୋଜନ ସେହି ଅର୍ଥରେ ହିଁ necessity କଥାଟି ବ୍ୟବହୃତ ହୋଇପାରେ । କିନ୍ତୁ ସମସ୍ତ ବସ୍ତୁଜଗତର ପରିବର୍ତ୍ତନ ପଛରେ ଗୋଟିଏ Universal Singular Causal Necessity କାର୍ଯ୍ୟକରେ – ଏହିଭଳି ଭାବେ ବୁଝିଲେ ଆମ୍ଭେମାନେ ଭାବବାଦର କବଳରେ ପଡିଯିବା । ତାଛଡା ମାର୍କ୍ସବାଦ ଯେଉଁ ପ୍ରୟୋଜନ ବା necessityର କଥା କହେ, ବିଜ୍ଞାନ ଯେଉଁ ପ୍ରୟୋଜନର କଥା କହେ ସେହି ପ୍ରୟୋଜନବୋଧ ପ୍ରଗତି ଓ ସମାଜ କଲ୍ୟାଣ ସ୍ୱାର୍ଥରେ ପ୍ରୟୋଜନ । ସମାଜର ଶ୍ରେଣୀ ସଂଗ୍ରାମର ବିକାଶ ଓ ଅଗ୍ରଗତିର ମଧ୍ୟଦେଇ ବିପ୍ଳବୀ ଚେତନାର କ୍ରମ ଅଭିବ୍ୟକ୍ତିର ପଥରେ ବ୍ୟକ୍ତିର ଯଥାର୍ଥ ବିକାଶ ଓ ଉନ୍ନତିର ପରିପୂରକ ଯେଉଁ ପ୍ରୟୋଜନବୋଧ, ତାହା ହେଉଛି ମାର୍କ୍ସବାଦ ଓ ବିଜ୍ଞାନର ଅର୍ଥରେ ପ୍ରୟୋଜନର ସ୍ୱୀକୃତି (recognition of necessity) ।

## ଦର୍ଶନ ଚିନ୍ତାର ବିକାଶ

ଏଥର ଦର୍ଶନର ଅନ୍ୟାନ୍ୟ କିଛି କିଛି ଦିଗ ଆପଣମାନଙ୍କ ନିକଟରେ ରଖିବା ପାଇଁ ଚେଷ୍ଟା କରିବି । ଆପଣମାନେ ଏହା ପୂର୍ବରୁ ଶୁଣିଛନ୍ତି ଯେ, ଆଦିମ ମଣିଷର ଚିନ୍ତା ବସ୍ତୁତାନ୍ତ୍ରିକ ଥିଲା । ସମାଜରେ ଭାବବାଦୀ ଚିନ୍ତାର ଉନ୍ମେଷ ଅନେକ ପରେ ଘଟିଛି । ଏହି ଭାବବାଦୀ ଚିନ୍ତା ଆସିବା ପରେ ଆଜି ପର୍ଯ୍ୟନ୍ତ ଦୁନିଆରେ ବସ୍ତୁବାଦୀ ଓ ଭାବବାଦୀ ଚିନ୍ତା ପାଖାପାଖି ଗତି କରୁଛି – ଯଦିଓ ଦର୍ଶନ ଚିନ୍ତାର ଏହି ଦୁଇ ଧାରା ମଧ୍ୟରେ ଚିନ୍ତା ଚେତନା କ୍ଷେତ୍ରରେ ବହୁ ପରିବର୍ତ୍ତନ ଘଟିଛି, ଯାହାର କିଛି କିଛି ଦିଗ ମୁଁ ପୂର୍ବରୁ ଆଲୋଚନା କରିଛି । ଏଠାରେ ମନେ ରଖିବା ଦରକାର ଯେ, ସାମନ୍ତତାନ୍ତ୍ରିକ ଚିନ୍ତା ଚେତନା ବା କୂପମଣ୍ଡୁକତା ବିରୁଦ୍ଧରେ ଦୁନିଆରେ ଯେଉଁ ସମୟରେ ମାନବତାବାଦୀ ଚିନ୍ତାଧାରାର ଅଗ୍ରଗତି ଘଟିଛି, ସେଇ ସମୟରେ ମାନବାତାବାଦୀ ଚିନ୍ତାଧାରାର ଯେଉଁମାନେ ପ୍ରବକ୍ତା ଥିଲେ ସେମାନେ ବିଜ୍ଞାନକୁ ଭିତ୍ତି କରି ହିଁ ଆଗେଇବାକୁ ଚାହିଁଛନ୍ତି । ତାହା ଥିଲା ଏଭଳି ଏକ ସମୟ ଯେତେବେଳେ ପ୍ରକୃତି ବିଜ୍ଞାନର ଅଗ୍ରଗତି କ୍ଷେତ୍ରରେ ଗୋଟିଏ ବୈଜ୍ଞାନିକ ଭିତ୍ତି ରଚିତ ହୋଇଥିଲା । ଗାଲିଲିଓଙ୍କ ଠାରୁ ଏହି

ପ୍ରକୃତି ବିଜ୍ଞାନର ଜୟଯାତ୍ରା ଆରମ୍ଭ ହୋଇଛି କହିଲେ ଚଳେ । ପରବର୍ତ୍ତୀ ସମୟରେ ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ନିଉଟନ ବହୁ ଯୁଗାନ୍ତକାରୀ ଆବିଷ୍କାର କରିଛନ୍ତି । ମାଧ୍ୟାକର୍ଷଣ ଶକ୍ତି, ବସ୍ତୁର ଗତିର ନିୟମ (Laws of Motion) ଓ ଅନ୍ୟାନ୍ୟ ବହୁ ବିଷୟ ଉପରେ ନିଉଟନଙ୍କର ବୈଜ୍ଞାନିକ ଗବେଷଣା ନୂତନଭାବରେ ଆଲୋକପାତ କରିଛି । ଆହୁରି ମଧ୍ୟ ଏକଥା ସତ୍ୟ ଯେ, ଐତିହାସିକ କାରଣରୁ ହିଁ ବିଜ୍ଞାନର ଅଗ୍ରଗତି କ୍ଷେତ୍ରରେ କିଛି ସୀମାବଦ୍ଧତା ସେଦିନ ଲକ୍ଷ୍ୟ କରାହୋଇଛି । ଯେଭଳି, ନିଉଟନ ବସ୍ତୁର ଗତିର ନିୟମ ଆବିଷ୍କାର କରିଛନ୍ତି ଏକଥା ଠିକ୍, ଏହି ଆବିଷ୍କାର ବିଜ୍ଞାନର ଅଗ୍ରଗତିରେ ବିଶେଷ ଭୂମିକା ପାଳନ କରିଛି, ଏ କଥା ମଧ୍ୟ ସମସ୍ତେ ଜାଣନ୍ତି । କିନ୍ତୁ, ବସ୍ତୁ କାହିଁକି ଗତିଶୀଳ, ବସ୍ତୁର ଗତିଶୀଳତାର କାରଣ କ'ଣ, ସେସବୁ ସେଦିନ ଜଣା ଯାଇନାହିଁ । ସେଥିପାଇଁ ନିଉଟନଙ୍କ ବସ୍ତୁ ହେଉଛି ଜଡବସ୍ତୁ । ଏହି କାରଣରୁ ହିଁ ନିଜେ ଜଣେ ବୈଜ୍ଞାନିକ ହେବା ସତ୍ତ୍ୱେ ମଧ୍ୟ ନିଉଟନଙ୍କୁ Prime mover ବା First Impluseର କଥା କହିବାକୁ ହୋଇଛି । ବିଷୟଟିକୁ ଗୋଟିଏ ଉଦାହରଣ ଦେଇ କହିଲେ ବୁଝିବାକୁ ସହଜ ହେବ । ମଣିଷ ଦେଖୁଛି ଯେ, ଫୁଟବଲକୁ ଗୋଇଠା ମାରିଲେ ଫୁଟବଲ ଗତିକରେ, ବନ୍ଧୁକର ସୁଇଚ୍ ଟିପିଲେ ଗୁଳିଟି କ୍ଷିପ୍ର ଗତିରେ ବାହାରି ଯାଏ ବା ଘଡିରେ ଚାବି ଦେଲେ ସାତ ଦିନ ପର୍ଯ୍ୟନ୍ତ ଘଡିର ପେଣ୍ଡୁଲମ୍‌ଟି କାର୍ଯ୍ୟ କରେ – ଏହି ଧରଣର ଅଭିଜ୍ଞତାଗୁଡିକ ସେଦିନ ମଣିଷ ସମ୍ମୁଖରେ ଥିଲା । ଏହିସବୁ ଦେଖି ନିଉଟନ ଧରି ନେଇଥିଲେ ଯେ cause of motion is external, ଅର୍ଥାତ୍ ବସ୍ତୁର ଗତିର କାରଣ ବସ୍ତୁର ବାହାରେ ଅବସ୍ଥାନ କରେ । ସେହି କାରଣରୁ ହିଁ ସେ ଭାବିଥିଲେ ଯେ prime mover ବସ୍ତୁ ମଧ୍ୟରେ ସୀମାହୀନ ଗତି ପ୍ରଦାନ କରିଛି । ଆଉ ଏହି କାରଣରୁ ହିଁ ବସ୍ତୁ ଗତିଶୀଳ ଏବଂ ସେହି ଗତି ନିୟମ ମାନି ଚାଲୁଛି । ଯେଉଁ ନିୟମର ଆବିଷ୍କାରକ ହେଉଛନ୍ତି ନିଜେ ନିଉଟନ । ଏହି ସବୁର ଭିତ୍ତିରେ ଯେଉଁ Mechanics ବା ବଳ ବିଦ୍ୟାର ଧାରଣା ଗଢି ଉଠିଥିଲା ତାହାକୁ ହିଁ କୁହାଯାଏ Newtonian Mechanics । ଏହି ବଳ ବିଦ୍ୟାର ମୂଳ କଥାଟି କ'ଣ ? ଏହାର ମୂଳ କଥା ହେଉଛି ଯେକୌଣସି ବସ୍ତୁକୁ ଗତିଶୀଳ କରିବା ପାଇଁ ପ୍ରଥମରେ ଗୋଟିଏ ଗତି ବା ଧକ୍କା ଦେବା ପ୍ରୟୋଜନ । ସେଦିନର ବିଜ୍ଞାନ ଏହାର ବାହାରକୁ ଯାଇ ପାରିନାହିଁ । ଯଦିଓ ବସ୍ତୁ କାହିଁକି ଗତିଶୀଳ ତାହାର କାରଣ ଆଧୁନିକ ବିଜ୍ଞାନ ସମ୍ମୁଖରେ ଆଜି ଆଉ ଅଜଣା ବିଷୟ ହୋଇ ରହି ନାହିଁ ।

ବସ୍ତୁର ଚରିତ୍ର ସଂକ୍ରାନ୍ତୀୟ ଆଉ ଗୋଟିଏ ବିଷୟ ଏଠାରେ ଉଲ୍ଲେଖ କରିବା ପ୍ରୟୋଜନ । ବସ୍ତୁକୁ ଭାଙ୍ଗି କ୍ଷୁଦ୍ରାତିକ୍ଷୁଦ୍ର କଣିକାଭାବେ ସେଦିନ ମିଳିଥିଲା ପରମାଣୁ ବା ଏଟମ୍ । ଏହି ପରମାଣୁକୁ ସେଦିନ ଭଙ୍ଗା ଯାଇ ପାରିନାହିଁ । ତାହା ଏଇଥିପାଇଁ ସମ୍ଭବ ହୋଇନାହିଁ ଯେ ପରମାଣୁକୁ ଭାଙ୍ଗିବାର ଚିନ୍ତା ଗଢି ଉଠିନାହିଁ ଏବଂ ଭାଙ୍ଗିବା ଭଳି ଉପଯୁକ୍ତ ଯନ୍ତ୍ରପାତି ସେଦିନ ଆବିଷ୍କୃତ ହୋଇ ପାରିନାହିଁ । ଏହି କାରଣରୁ ବହୁ ଦିନ ଯାଏ ଆଟମ୍ ବା ପରମାଣୁକୁ Indivisible ବୋଲି ଚିନ୍ତା କରାଯାଇଛି । ସେହି ଯୁଗରେ ଭାବବାଦୀ ଦାର୍ଶନିକମାନେ ଆଟମ୍‌କୁ ପ୍ରାୟ ବ୍ରହ୍ମାଙ୍କ ଆସନରେ ବସାଇଥିଲେ । ପରେ ସେହି ଭୂଲ ଧାରଣା ଭାଙ୍ଗି ଗଲା । ନାନା ପରୀକ୍ଷା ନିରୀକ୍ଷା ଦ୍ୱାରା ପ୍ରମାଣିତ ହେଲା ଯେ, ଆଟମ୍‌କୁ ଭାଙ୍ଗି

ହେବ ଏବଂ ଆଟମ୍ ମଧ୍ୟ ପୁଣି ଅନ୍ୟାନ୍ୟ ବିଭିନ୍ନ କ୍ଷୁଦ୍ରାତିକ୍ଷୁଦ୍ର ବସ୍ତୁ କଣିକା ଦ୍ୱାରା ଗଠିତ । ଏହା ଫଳରେ ବିଜ୍ଞାନର ପୁରୁଣା ଧାରଣା ଗୁଡ଼ିକ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଘଟିଗଲା । ସୁତରାଂ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ଯେଉଁ ଧାରଣା, ପ୍ରତ୍ୟେକ ବସ୍ତୁ ଅନ୍ୟାନ୍ୟ କ୍ଷୁଦ୍ରାତିକ୍ଷୁଦ୍ର ବସ୍ତୁ କଣିକା ଦ୍ୱାରା ଗଠିତ ଏବଂ ସେମାନେ ପାରସ୍ପରିକ ଦ୍ୱନ୍ଦ୍ୱ ସଂଘାତରେ ଲିପ୍ତ - ବିଜ୍ଞାନର ପରୀକ୍ଷା ନିରୀକ୍ଷା ଦ୍ୱାରା ଦ୍ୱନ୍ଦ୍ୱ ମୂଳକ ବସ୍ତୁବାଦର ସେହି ଧାରଣା ଗୁଡ଼ିକ ଆହୁରି ଦୃଢ଼ଭାବେ ପ୍ରତିଷ୍ଠିତ ହେଲା ।

ଏଥର ପୁଣି ପୂର୍ବ ଆଲୋଚନାକୁ ଫେରିଯିବା । ସୁତରାଂ ନିଉଟନଙ୍କ ବଳ ବିଦ୍ୟା ଓ ସେଦିନର ଆଟମିକ୍ ଥିଓରିକୁ ଭିତ୍ତିକରି - ଯାହାର ଅନ୍ୟତମ ମୂଳ କଥାହେଲା ଆଟମ୍ ବା ପରମାଣୁକୁ ଭଙ୍ଗାଯାଇ ପାରିବ ନାହିଁ - ଯେଉଁ ବସ୍ତୁବାଦ ସେଦିନ ଗଢି ଉଠିଥିଲା ତାହା ହେଲା ଯାନ୍ତ୍ରିକ ବସ୍ତୁବାଦ । ଯଦିଓ ମନେ ରଖିବା ଦରକାର ଯେ ମଣିଷ ଆଦିମ ଯୁଗରେ ଯେଉଁ ବସ୍ତୁର ଚିନ୍ତା କରୁଥିଲା, ଯେଉଁ ବିଷୟରେ ଆମେ ପୂର୍ବରୁ ଆଲୋଚନା କରିଛୁ ସେହି ବସ୍ତୁବାଦୀ ଚିନ୍ତାକୁ ଆଦିମ ବସ୍ତୁବାଦ କୁହାଯାଏ । ପୁଣି ନିଉଟନଙ୍କ ଯୁଗରେ ମଧ୍ୟ ବସ୍ତୁ ସଂକ୍ରାନ୍ତୀୟ ଧାରଣା ଭିତରେ ସ୍ୱାଭାବିକ ଭାବେ ହିଁ ଐତିହାସିକ ସୀମାବଦ୍ଧତା ଥିଲା । ପରବର୍ତ୍ତୀ କାଳରେ ବିଜ୍ଞାନର ଯେଉଁ ଅଗ୍ରଗତି ଘଟିଲା ଏବଂ ବିଶେଷ ଭାବେ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ଚିନ୍ତା ଗଢି ଉଠିବା ପର୍ଯ୍ୟାୟରେ ବସ୍ତୁ ସଂକ୍ରାନ୍ତୀୟ ଧାରଣାଗୁଡ଼ିକ ଯେଉଁ ଉନ୍ନତ ପର୍ଯ୍ୟାୟରେ ପହଞ୍ଚିଲା, ଯେଉଁ ଧାରଣାଗୁଡ଼ିକ ଆଧୁନିକ ବିଜ୍ଞାନର ବିଭିନ୍ନ ଆବିଷ୍କାରର ଆଲୋକରେ କ୍ରମାଗତ ଆହୁରି ଉନ୍ନତ ଓ ସମୃଦ୍ଧ ହୋଇଚାଲିଛି । ତାଦ୍ୱାରା ନିଉଟନଙ୍କ ସମୟର ବସ୍ତୁବାଦୀ ଚିନ୍ତାର ଅସମ୍ପୂର୍ଣ୍ଣତା (Inadequacy) ସ୍ପଷ୍ଟଭାବେ ଧରା ପଡିଗଲା । ଏକଥା ଅନସ୍ୱୀକାର୍ଯ୍ୟ ଯେ ସେଦିନର ବସ୍ତୁବାଦ ମଧ୍ୟ ସ୍ୱାଭାବିକ ଭାବେ ବସ୍ତୁକୁ ନେଇ ମୁଣ୍ଡ ଖେଳେଇଛି, ବସ୍ତୁବାଦୀ ଚିନ୍ତାକୁ ହିଁ ପ୍ରତିଫଳିତ କରିଛି । ମାତ୍ର ଏସବୁ ସତ୍ତ୍ୱେ ବି ସେ ଦିନ ବସ୍ତୁବାଦୀ ଚିନ୍ତା ଭିତରେ ପ୍ରଧାନତଃ ଦୁଇଟି ମୌଳିକ ଦୁର୍ବଳତା କାର୍ଯ୍ୟ କରିଛି - ଯେଉଁ ଦୁର୍ବଳତା ସମ୍ପର୍କରେ ଏହା ପୂର୍ବରୁ ଉଲ୍ଲେଖ କରାଯାଇଛି । ସୁତରାଂ ଆଜିକାର ବସ୍ତୁ ଧାରଣା ସହିତ ସେଦିନର ବସ୍ତୁ ଧାରଣାକୁ ତୁଳନା କଲେ ସ୍ପଷ୍ଟଭାବେ ଅନେକ ଅସମ୍ପୂର୍ଣ୍ଣତା ବା (Inadequacy) ଧରା ପଡିଯାଏ । ଏହି ଅସମ୍ପୂର୍ଣ୍ଣତାକୁ ଲକ୍ଷ୍ୟ କରି ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଭଳି ଏକ ଉନ୍ନତ ବସ୍ତୁବାଦୀ ଦର୍ଶନ ଗଢି ଉଠିବା ପରେ ଅତୀତର ସମସ୍ତ ବସ୍ତୁବାଦୀ ଦର୍ଶନକୁ ଗୋଟିଏ ଅର୍ଥରେ ଭାବବାଦୀ ଦର୍ଶନ କୁହାଯାଏ । ଏହି କାରଣରୁ କୁହାଯାଏ ଯେ, ଏହି ଯାନ୍ତ୍ରିକ ବସ୍ତୁବାଦୀ ଧାରଣାଗୁଡ଼ିକ ବସ୍ତୁକୁ ନେଇ କାରବାର କଲେ ବି ବସ୍ତୁ ସଂକ୍ରାନ୍ତୀୟ ସତ୍ୟକୁ ସମ୍ପୂର୍ଣ୍ଣ ପ୍ରତିଫଳିତ କରି ପାରିନାହିଁ । ଅର୍ଥାତ୍ ବସ୍ତୁ ସମ୍ପର୍କରେ ଯେଉଁ ସତ୍ୟ ଧାରଣାର ଅଧିକାରୀ ଆମେ ଆଜି ହୋଇପାରିଛୁ ତାରି ମାପକାଠିରେ ବିଚାର କଲେ ଏହି ସବୁ ଯାନ୍ତ୍ରିକ ବସ୍ତୁବାଦୀ ଧାରଣା କେବଳ ଅସମ୍ପୂର୍ଣ୍ଣ ହିଁ ନୁହେଁ ଆପେକ୍ଷିକ ଅର୍ଥରେ କେତେକାଂଶରେ ଅସତ୍ୟ ଧାରଣା ମଧ୍ୟ ପ୍ରତିଫଳିତ କରିଛି । ଅର୍ଥାତ୍ ଯାହା ସତ୍ୟ ନୁହେଁ ତାହାକୁ ହିଁ ସତ୍ୟ ବୋଲି ଚଳାଇଛି ।

ଆମ୍ଭେମାନେ ଭାବବାଦୀ ନୋହୁଁ କାହିଁକି ? ଭାବବାଦର ତ୍ରୁଟି ବା ଭୁଲ କେଉଁଠି ? କାରଣ ଯୁକ୍ତି ବା ପରୀକ୍ଷା ନିରୀକ୍ଷା ଦ୍ୱାରା, ଇତିହାସ ବା ଅନ୍ୟ କୌଣସି ବିଷୟ ଦ୍ୱାରା ଯାହାକୁ

ପ୍ରମାଣ କରାଯାଇ ପାରେନା, ମଣିଷର ଜୀବନର ଗତି ପ୍ରବାହର ଛନ୍ଦରେ ଯାହାର ଅସ୍ତିତ୍ୱର କୌଣସି ଠାରେ କୌଣସି ପ୍ରମାଣ ନାହିଁ ତାହାକୁ ହିଁ ଭାବବାଦ ସତ୍ୟ ବୋଲି ପ୍ରଚାର କରିଚାଲିଛି । ଫଳରେ ସତ୍ୟ ଦୃଷ୍ଟି ଅସ୍ୱଚ୍ଛ ହୋଇଯାଉଛି । ବାସ୍ତବ ଅବସ୍ଥା ବିଶ୍ଳେଷଣ କରିବାର ଦୃଷ୍ଟି ଏବଂ ବିଚାର ଶକ୍ତିକୁ ତାହା ଖର୍ବ କରୁଛି । ଏହି କାରଣରୁ ଆମେ ଭାବବାଦର ବିରୋଧ କରୁ, ଈଶ୍ୱରବାଦର ବିରୋଧ କରୁ । ନଚେତ୍ ଈଶ୍ୱରଙ୍କ ସହିତ ଆମର କୌଣସି ବିରୋଧ ନାହିଁ । ଆମ ପାଖରେ ମୂଳ ପ୍ରଶ୍ନ ହେଲା, ସତ୍ୟ ଜାଣିବା, ସତ୍ୟାନୁସନ୍ଧାନ କରିବା । ତେଣୁ ଆମର ଲଢେଇ ହେଲା ଗୋଟିଏ ଦିଗରେ ସତ୍ୟକୁ ପ୍ରତିଷ୍ଠା କରିବା ପାଇଁ ଆଦର୍ଶଗତ ସଂଗ୍ରାମ, ଅପରଦିଗରେ ଶ୍ରେଣୀ ଶୋଷଣ, ଶ୍ରେଣୀ ଶାସନ ଓ ପୁଞ୍ଜିବାଦ ବିରୁଦ୍ଧରେ ମଣିଷର ମୁକ୍ତି ପାଇଁ ଲଢେଇ । ଯେଉଁମାନେ ଯଥାର୍ଥରେ ହିଁ ଧର୍ମରେ ବିଶ୍ୱାସ କରନ୍ତି, ଶୋଷଣ ବିରୁଦ୍ଧରେ, ଅନ୍ୟାୟ ବିରୁଦ୍ଧରେ ଲଢେଇରେ ସେମାନଙ୍କୁ ସାମିଲ କରିପାରିଲେ ସେଇ ଲଢେଇ କରୁ କରୁ ହିଁ ଦିନେ ସେମାନଙ୍କର ଧର୍ମାନ୍ଧତା କଟିଯିବ – ମୋର ଏଇ କଥାଟିକୁ ଆପଣମାନେ ମନେ ରଖିବାକୁ ଚେଷ୍ଟା କରିବେ ।

ଫଳରେ ସତ୍ୟକୁ ସଠିକ୍ ଭାବେ ଅନୁଧାବନ କରି ନପାରିବା ଯୋଗୁଁ ଯେଉଁ ବସ୍ତୁବାଦ ସମସ୍ୟା ସମାଧାନ କରିବାକୁ ଅକ୍ଷମ ତା ସହିତ ଭାବବାଦ ବା ଈଶ୍ୱରବାଦର ମୂଳ ପାର୍ଥକ୍ୟ ବା କେତେ ? କାରଣ ଭାବବାଦ ବା ଈଶ୍ୱରବାଦ ମଧ୍ୟ ସମସ୍ୟା ସମାଧାନ କରିବାକୁ ଅକ୍ଷମ । ଆମେ କେବଳ ବସ୍ତୁ ବା ବସ୍ତୁବାଦ କହିଲେ ଚଳିବ ନାହିଁ । ବସ୍ତୁ ସମ୍ପର୍କରେ ସଠିକ୍ ଧାରଣା ଗଢିତୋଳିବା ହିଁ ହେଲା ଆମ ନିକଟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହି ଦିଗରୁ ବିଚାର କଲେ ଦେଖାଯିବ ଯେ, ଏହି ଦୁଇ ଧରଣର ଦର୍ଶନ ଭିତରେ ଆପାତଃ ଦୃଷ୍ଟିରେ ପ୍ରଚୁର ପାର୍ଥକ୍ୟ ଥିବା ସତ୍ତ୍ୱେ ବି ଶେଷ ଯାଏଁ ଏମାନଙ୍କର ଫଳାଫଳ ପ୍ରାୟ ଏକ ପ୍ରକାର ହେଉଛି । ତେଣୁ ଲେନିନ୍ କହିଥିଲେ ଯେ, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଛଡା ଅନ୍ୟ ସମସ୍ତ ବସ୍ତୁବାଦ କାର୍ଯ୍ୟତଃ ଭାବବାଦ ଛଡା ଅନ୍ୟ କିଛି ନୁହେଁ । ଅର୍ଥାତ୍ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଛଡା ଇତିହାସରେ ଆଜି ଯାଏ ଯେତେ ବସ୍ତୁତାନ୍ତ୍ରିକ ଦର୍ଶନର ସୃଷ୍ଟି ହୋଇଛି ସେହି ସବୁ ବସ୍ତୁବାଦୀ ଦର୍ଶନ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ମାପକାଠିରେ ଭାବବାଦର ହିଁ ନାମାନ୍ତର । ତେବେ ଗୋଟିଏ କଥା କହିଯିବାକୁ ଚାହେଁ । ଆମେ ଯେତେବେଳେ ଅନ୍ୟାନ୍ୟ ବସ୍ତୁବାଦକୁ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ମାପକାଠିରେ ଭାବବାଦର ନାମାନ୍ତର ବୋଲି କହୁ – ସେ କଥାର ଅର୍ଥ ଏଭଳି ନୁହେଁ ଯେ, ସେହିସବୁ ବସ୍ତୁବାଦକୁ ଆମେ ଭାବବାଦର ହିଁ ସମଗୋତ୍ରୀୟ ମନେ କରୁ । ବିଷୟଟି ସେଭଳି ନୁହେଁ । ଅସଲରେ ଏହା ଦ୍ୱାରା ଯାହା ବୁଝାଇବାକୁ ଚେଷ୍ଟା ହୋଇଛି, ତାହା ହେଲା ଦୁନିଆରେ ବସ୍ତୁତାନ୍ତ୍ରିକ ଚିନ୍ତାଧାରା ଯାହା ବହୁ ଦିନ ଧରି ପ୍ରଚଳିତ ଥିଲା । ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ହେଲା ସେହି ଧାରାରେ ଗଢିଉଠିଥିବା ସର୍ବଶ୍ରେଷ୍ଠ ଚିନ୍ତା ପଦ୍ଧତି ।

## ନିରୀଶ୍ୱରବାଦୀ ମାତ୍ରେ ହିଁ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ନୁହଁନ୍ତି

ଯେମିତି ଧରନ୍ତୁ ମାନବତାବାଦୀମାନଙ୍କ ମଧ୍ୟରେ ଅନେକ ଅଛନ୍ତି ଯେଉଁମାନେ ନିଜକୁ ନିରୀଶ୍ୱରବାଦୀ (Atheist) ବୋଲି ମନେ କରନ୍ତି । ସେମାନଙ୍କ ଭିତରେ ପୁଣି କେହି

କେହି ଅଛନ୍ତି ଯେଉଁମାନେ ଈଶ୍ୱରବାଦ ହିଁ କୁହନ୍ତୁ ବା ମାର୍କ୍ସବାଦ, ପାର୍ଟି ରାଜନୀତି ବା ଶ୍ରେଣୀ ସଂଗ୍ରାମର ତତ୍ତ୍ୱ କଥାହିଁ କୁହନ୍ତୁ – ଏହି ସମସ୍ତ ବିଷୟକୁ ଏକ ସାଥିରେ ସମସ୍ତ ଅନିଷ୍ଟର ମୂଳ କାରଣ ବୋଲି ମନେ କରନ୍ତି । ସେମାନଙ୍କର ମନୋଭାବଟି ଅନ୍ୟ ପ୍ରକାର । ସେମାନଙ୍କ ମଧ୍ୟରୁ ଅନେକଙ୍କ ନିକଟରେ ବ୍ୟକ୍ତି ସ୍ୱାଧୀନତା ଏବଂ ବ୍ୟକ୍ତି ସ୍ୱାତନ୍ତ୍ର୍ୟର ପ୍ରଶ୍ନଟି ହିଁ ମୂଳ । ସେମାନଙ୍କର ଏହି ବ୍ୟକ୍ତି ସ୍ୱାଧୀନତାର ଧାରଣା ବାସ୍ତବ ବା ସାମାଜିକ ପରିସ୍ଥିତି ଉପରେ ନିର୍ଭରଶୀଳ ନୁହେଁ । ଏହା ଅନେକାଂଶରେ ଚରମ ସ୍ୱାଧୀନତାର ଧାରଣା – Absolute Freedom of the Individual ର ଧାରଣା । ଯେଉଁ ସବୁ ଚିନ୍ତାଶୀଳ ମଣିଷ ଏଇ ଧରଣର ମତାଦର୍ଶର ଉପାସକ, ଯେଉଁମାନେ ବିଜ୍ଞାନକୁ ଭିତ୍ତିକରି ଚାଲିବାକୁ ଚାହିଁଛନ୍ତି ସେମାନେ କିନ୍ତୁ ଥରେ ହେଲେବି ଗୋଟିଏ କଥା ଭାବି ଦେଖିଲେ ନାହିଁ ଯେ, ଦୁନିଆରେ ଏଭଳି କୌଣସି ସତ୍ତାର ଅସ୍ତିତ୍ୱ ବିଜ୍ଞାନ ମାନିନେଇ ନାହିଁ ଯାହା ଅପରିବର୍ତ୍ତନୀୟ ବା ଶାଶ୍ୱତ । ପୁଣି ଦଳେ ଚିନ୍ତାଶୀଳ ମଣିଷ ଅଛନ୍ତି ଯେଉଁମାନେ ଈଶ୍ୱର ପୂଜାରେ ବିଶ୍ୱାସୀ ନୁହଁନ୍ତି, ଈଶ୍ୱର ମାନନ୍ତି ନାହିଁ । ଚର୍ଚ୍ଚକୁ ଯିବା ଭଣ୍ଡାମୀ ବା ଅଜ୍ଞତା ବୋଲି ମନେ କରନ୍ତି, ମାତ୍ର ସେମାନେ ସମସ୍ତ କ୍ଷେତ୍ରରେ ବିଜ୍ଞାନର ସିଦ୍ଧାନ୍ତ ଅନୁଯାୟୀ ନିଜର ଚିନ୍ତାକୁ ପରିଚାଳିତ କରି ପାରିନାହାନ୍ତି । ଫଳରେ ଶେଷ ପର୍ଯ୍ୟନ୍ତ ସେମାନେ ଭାବବାଦର ଖପ୍ପରରେ ପାଦ ଦେଇଛନ୍ତି । ବଟ୍ରାଣ୍ଡ ରସେଲ୍, ସାର୍ତ୍ରେ ବା ହକ୍ସଲେଙ୍କ ଭଳି ଚିନ୍ତାଶୀଳ ମଣିଷ ପ୍ରଭୃତି ସମସ୍ତଙ୍କ ଚିନ୍ତା ସମ୍ପୂର୍ଣ୍ଣ ଏକା ନହେଲେ ବି ସେମାନେ ଏ ବିଷୟରେ ସମଗୋତ୍ରୀୟ । ଏମାନେ ସମସ୍ତେ ହିଁ ଅଳ୍ପ ବହୁତ ବିଜ୍ଞାନର ପୂଜାରୀ ଏବଂ ବସ୍ତୁବାଦକୁ ହିଁ ସାଧାରଣତଃ ସମର୍ଥନ କରିଯାଇଛନ୍ତି । ମାତ୍ର ଏମାନେ ସମସ୍ତେ ହିଁ ମାନବତାବାଦୀ ଆଉ ପ୍ରକୃତ ଅର୍ଥରେ ଭାବବାଦୀ ।

## ହେଗେଲ-ଫିଓରବାକ୍-ମାର୍କ୍ସ

ପ୍ରସଙ୍ଗକ୍ରମେ ଅନ୍ୟ ଗୋଟିଏ ଦୁଇଟି ବିଷୟ ସମ୍ପର୍କରେ କିଛି କହିବାକୁ ଚାହେଁ । ଆପଣମାନେ ଅନେକ ଜାଣନ୍ତି ଯେ, ଦର୍ଶନ ଜଗତରେ ହେଗେଲ ଏକ ବିଶେଷ ନାମ । ମୋର ମନେ ହୁଏ ହେଗେଲ ଭାବବାଦୀ ଦାର୍ଶନିକମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ପ୍ରତିନିଧି । ଆପଣମାନେ ଯେଉଁ ଦ୍ୱନ୍ଦ୍ୱ ତତ୍ତ୍ୱର ମୂଳ ନିୟମ (Principle) ବା ଦ୍ୱାନ୍ଦ୍ୱିକ ବିଚାରପଦ୍ଧତି କଥା ଶୁଣିଛନ୍ତି ହେଗେଲ ହିଁ ସର୍ବପ୍ରଥମ ସେହି ଚିନ୍ତାକୁ ତୋଳି ଧରିଛନ୍ତି । ହେଗେଲ କହିଛନ୍ତି, ଏହି ଯେଉଁ ବିଶ୍ୱ ଚରାଚର, ନାନା ଘଟଣା, ଅର୍ଥାତ୍ Phenomenon, ବସ୍ତୁଜଗତ – ଯାହା କିଛି ଆମେ ଦେଖୁଛୁ – ସମସ୍ତ କିଛି ଦ୍ୱାନ୍ଦ୍ୱିକ ପ୍ରକ୍ରିୟା ମାନି ଚାଲିଛି । କିନ୍ତୁ ଏ ଧରଣର ବିଶ୍ଳେଷଣ ତୋଳି ଧରିବା ସତ୍ତ୍ୱେ ହେଗେଲଙ୍କ ଦର୍ଶନକୁ କାହିଁକି ଭାବବାଦୀ ଦର୍ଶନ ବୋଲି କୁହାଯାଏ, ଏହା ବୁଝିବା ପାଇଁ ହେଗେଲଙ୍କ ଦର୍ଶନ ସମ୍ପର୍କରେ ସଂକ୍ଷେପରେ ହେଲେ ମଧ୍ୟ କିଛି କହିବା ଦରକାର । ହେଗେଲ କହିଲେ, ଦୁନିଆର ସବୁ କ୍ଷେତ୍ରରେ ଦ୍ୱନ୍ଦ୍ୱ ଅବସ୍ଥାନ କରୁଛି । ପ୍ରତିଟି ସମାଜ ଅର୍ଥାତ୍ ଯେଉଁ ସମାଜ ଶ୍ରେଣୀ ବିଭକ୍ତ ସମାଜ, ପ୍ରତିଟି ଚିନ୍ତା ପ୍ରତିଟି ବସ୍ତୁର ମଧ୍ୟରେ ଦ୍ୱନ୍ଦ୍ୱ-ସମନ୍ୱୟ ପ୍ରକ୍ରିୟା କାର୍ଯ୍ୟ କରିଚାଲିଛି ଏବଂ ଏହି ଦ୍ୱନ୍ଦ୍ୱ ମଧ୍ୟଦେଇ ହିଁ ସବୁକିଛିର ପରିବର୍ତ୍ତନ ହେଉଛି । Thesis and Anti Thesis ର ଦ୍ୱନ୍ଦ୍ୱ ଫଳରେ ଯେ

Synthesis ସୂଚୀତ ହୁଏ – ଏହି ଚିନ୍ତା ମଧ୍ୟ ହେଗେଲଙ୍କ ଚିନ୍ତା । କିନ୍ତୁ ଏତେସବୁ କହିବା ସତ୍ତ୍ୱେ ଦର୍ଶନ କ୍ଷେତ୍ରରେ ସେ ଶେଷ ପର୍ଯ୍ୟନ୍ତ ଯେଉଁ ଭିତ୍ତି ଛିଡା କଲେ ତାହା ହେଲା, ବସ୍ତୁ ହେଉଛି Absolute Idea ର dialectical expression । ଅର୍ଥାତ୍ ସେ ଯେଉଁ Absolute Idea ର କଥା କହିଛନ୍ତି, ସେହି Absolute Idea ହେଲା dialectical । କିନ୍ତୁ ଏହା ଫଳରେ ଯେଉଁ ପ୍ରଶ୍ନଟି ଦେଖା ଦେଲା, ତାହା ହେଉଛି Idea ଯଦି dialectical ହୁଏ ତାହା ହେଲେ ତାହା କିପରି Absolute ହୁଏ ? ଅଥବା ବିପରୀତ ଭାବେ କହିଲେ – Idea ଯଦି Absolute ହୁଏ ତାହା କିପରି dialectical ହୁଏ ? ସେ ଯାହା ଧରି ନେଇଛନ୍ତି ତାହା ହେଲା Original Idea. କିନ୍ତୁ ତା ମଧ୍ୟରେ ସ୍ୱବିରୋଧୀ ଦ୍ୱନ୍ଦ୍ୱ ଅବସ୍ଥାନ କରୁଛି ଏବଂ ସେହି ଦ୍ୱନ୍ଦ୍ୱ ଫଳରେ ହିଁ ବାସ୍ତବ ଜଗତର ସୃଷ୍ଟି । ତାଙ୍କର ଏ କଥାର ଅର୍ଥ ହେଉଛି, ବାସ୍ତବ ଜଗତ ହେଉଛି ଗୋଟିଏ Image ଏବଂ ସେହି ଅର୍ଥରେ ହିଁ ତାହା ହେଲା Absolute Idea ର Expression । ସୁତରାଂ ହେଗେଲଙ୍କର Dialectics ହେଲା Dialectics of Idea । Thesis-Anti Thesis-Synthesis ହୋଇପଡିଲା ଚିନ୍ତା ବା ଭାବଜଗତର ପରିବର୍ତ୍ତନର ନିୟମ । ଅର୍ଥାତ୍ ଗୋଟିଏ ବିଷୟ ପରିଷ୍କାର ଯେ, ବସ୍ତୁ ଓ ଚିନ୍ତା ମଧ୍ୟରେ ଯେଉଁ ପାରସ୍ପରିକ ସମ୍ପର୍କ ଏବଂ ବସ୍ତୁର ଦ୍ୱନ୍ଦ୍ୱ ସଂଘର୍ଷ ଫଳରେ ହିଁ ଯେ ଭାବର ସୃଷ୍ଟି ଏହି ପ୍ରକ୍ରିୟାକୁ ହେଗେଲ ଧରି ପାରି ନାହାନ୍ତି । ତେଣୁ ହେଗେଲଙ୍କ ଦର୍ଶନ ହୋଇଗଲା"dialectical idealism, dialectical materialism ନୁହେଁ । ଏହି କାରଣରୁ ହିଁ ତାଙ୍କ ଦର୍ଶନ ହୋଇପଡିଲା ଭାବବାଦୀ ।

ଏହା ଫଳରେ ସେଦିନ କିଛି ବିପତ୍ତି ଦେଖା ଦେଇଥିଲା । ଜର୍ମାନୀରେ ହେଗେଲଙ୍କ ଅନୁଗାମୀମାନେ ଦୁଇ ଭାଗରେ ବିଭକ୍ତ ହୋଇ ପଡିଲେ । ଦଳେ ହୋଇଗଲେ ହେଗେଲଙ୍କ ଦର୍ଶନର ପୂରା ସମର୍ଥକ । ଆଉ ଦଳେ ହେଲେ ଟିକିଏ ବାମଢଳା–ଯେଉଁମାନେ ଲେଫ୍ଟ ହେଗେଲିୟନ ବୋଲି ପରିଚିତ ଥିଲେ । ଏହି ବାମଢଳା ହେଗେଲିୟନମାନଙ୍କ ମଧ୍ୟରେ ଫୁଓରବାକ୍ ମଧ୍ୟ ଥିଲେ । ସେମାନେ ହେଗେଲଙ୍କୁ କହିଲେ, ସେ ଯେଉଁ ଅବସଲିଉଟ ଆଇଡିଆର କଥା କହୁଛନ୍ତି ସେହି ଅବସଲିଉଟ ଆଇଡିଆ ଯଦି origin ହୁଏ, ତାହାହେଲେ ଦୁନିଆରେ ଯାହା କିଛି ଘଟୁଛି ସବୁ ବିଷୟ ତ ଅବସଲିଉଟ ଆଇଡିଆର ଇମେଜ ବା expression । ତାହାହେଲେ ତାହାହିଁ ତ real । ଆଉ ଯାହା real ତାହାହିଁ rational । ତାହାହେଲେ ତ କହିବାକୁ ହେବ ଚୋରି କରିବା ଭଳି ଘଟଣା ଯେଉଁଠି real ସେଠି ତାହା ମଧ୍ୟ rational ଫଳରେ ଏଧରଣର ଅନ୍ୟାୟ ପାଇଁ ଶାସ୍ତି ଦେବାର ପ୍ରଶ୍ନ ଆସୁଛି କେଉଁଠୁ ? ହେଗେଲ ସଙ୍ଗେ ସଙ୍ଗେ ପ୍ରତିବାଦ କରି କହିଲେ ସେ ଏଭଳି କଥା କହି ନାହାନ୍ତି । ତାଙ୍କ କଥାକୁ ବିକୃତ କରାଯାଉଛି । ସେ ଯେଉଁ କଥା କହିନାହାନ୍ତି ତାଙ୍କ ନାମରେ ସେହିସବୁ କଥା କୁହାଯାଉଛି । ନହେଲେ ଚୋରି କରିବା ଭଳି ଯେକୌଣସି ଅସାମାଜିକ କାମକୁ କ'ଣ rational କହିବା ଚଳେ ? ଏଧରଣର କାର୍ଯ୍ୟ କୌଣସି ପ୍ରକାରେ କ'ଣ ସମର୍ଥନ ଯୋଗ୍ୟ ? ହେଗେଲଙ୍କର ସମାଲୋଚକମାନେ କହନ୍ତି ସେ ଚୋରି କରିବାକୁ ସମର୍ଥନ କରିଛନ୍ତି ଏଭଳି କଥା ସେମାନେ କହିବାକୁ ଚାହିଁ ନାହାଁନ୍ତି । କିନ୍ତୁ ଦର୍ଶନର ଯେଉଁ ଭିତ୍ତିଟି ସେ ଛିଡା କରାଇଛନ୍ତି, ତାହାକୁ ମାନି

ନେଲେ ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ଛଡା ଅନ୍ୟ ଗତି ନାହିଁ । ସାଧାରଣଭାବେ ଏ ହେଉଛି left Hegelian ମାନଙ୍କର ସମାଲୋଚନା । ଫିଅରବାକ୍ ଥିଲେ ହେଗେଲଙ୍କର ଜଣେ ଛାତ୍ର । ସେ ହେଗେଲଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ, ସେ ଦର୍ଶନର ଭିତ୍ତିଟି ଏଭଳି ଖୁବ୍ ସୁନ୍ଦର ଭାବେ ଛିଡା କରାଇଛନ୍ତି । ତାଙ୍କର ତତ୍ତ୍ୱ ଅନୁଯାୟୀ ବସ୍ତୁ ଗୋଟିଏ ଅନ୍ୟଟିକୁ ପ୍ରଭାବିତ କରୁଛି । ସେ ସଠିକ୍‌ଭାବେ ଦେଖାଇଛନ୍ତି ଯେ, ବସ୍ତୁର ପରସ୍ପର ସମ୍ପର୍କ ହେଉଛି ଦ୍ୱନ୍ଦ୍ୱ ସମନ୍ୱୟର ସମ୍ପର୍କ । ଦ୍ୱନ୍ଦ୍ୱ ତତ୍ତ୍ୱର ମୂଳ ନିୟମ (Principle) ସମ୍ପର୍କରେ ସେ ଯେଉଁ ସବୁ କଥା କହିଛନ୍ତି ସେସବୁ ଠିକ୍ ଅଛି । କିନ୍ତୁ ସେ ଯେଉଁ Absolute Ideaର କଥା କହିଛନ୍ତି, ସେହି Absolute Ideaକୁ ନେଇ ଅସୁବିଧା ହେଉଛି । ସୁତରାଂ ଫିଅରବାକ୍ କହିଛନ୍ତି ଏହି Absolute Ideaର ଦରକାର ନାହିଁ । ଏହା ହେଗେଲ କଳ୍ପନାରେ Hypothetically ଧରି ନେଇଛନ୍ତି । ତେଣୁ ସେ ହେଗେଲଙ୍କ ଏହି Absolute Ideaକୁ କଇଁଚିରେ କାଟି ଦେବା ପାଇଁ କହିଛନ୍ତି । କହିଛନ୍ତି ତାହା ହେଲେ ଆଉ କୌଣସି ସମସ୍ୟା ରହିବ ନାହିଁ । ସବୁ ସମସ୍ୟାର ସମାଧାନ ହୋଇଯିବ । ଫିଅରବାକ୍ ସମସ୍ୟାର ମୂଳ ଧରିବାକୁ ଚେଷ୍ଟା କରିଥିଲେ ।

କିନ୍ତୁ ଏହା ଦ୍ୱାରା ଫିଅରବାକ୍ ମଧ୍ୟ ସମସ୍ୟାର ପୁରାପୁରି ସମାଧାନ କରି ପାରିନାହାନ୍ତି । କାରଣ ସେ ମୂଳ ଜାଗାଟିକୁ ଧରି ଆଗେଇ ପାରି ନାହାନ୍ତି । Absolute Idea ସମସ୍ୟା ସୃଷ୍ଟି କରୁଛି ବୋଲି ସେ ଏହାକୁ ବାଦ ଦେବାର ପ୍ରସ୍ତାବ ଦେଇଛନ୍ତି । ମନେ କରିଛନ୍ତି ହେଗେଲଙ୍କ ତତ୍ତ୍ୱରୁ Absolute Idea କଥାଟି ବାଦ ଦେଲେ ହୋଇଯିବ । ତାହା ହେଲେ ଆଉ ସାମାଜିକ ଅନ୍ୟାୟକୁ, ସେ ଚୌର୍ଯ୍ୟବୃତ୍ତି ବା ଯାହାହେଉ ନା କାହିଁକି, Absolute Idea ର ପ୍ରତିଫଳନ ହିସାବରେ rational ବା ସମର୍ଥନ ଯୋଗ୍ୟ ବୋଲି ମନେ କରିବାର କୌଣସି କାରଣ ରହିବ ନାହିଁ । ସେ Absolute Idea କୁ ବାଦ ଦେଇଛନ୍ତି କିନ୍ତୁ ଭାବବାଦ ଚିନ୍ତା କିପରି ଜନ୍ମ ନିଏ, ବସ୍ତୁ ଏବଂ ଭାବର ପାରସ୍ପରିକ ସମ୍ପର୍କ କ୍ଷେତ୍ରରେ ବୈଜ୍ଞାନିକ ବିଶ୍ଳେଷଣ କ'ଣ – ସେହି ଗୁରୁତ୍ୱପୂର୍ଣ୍ଣ ଦିଗଟି ଧରି ପାରିନାହାନ୍ତି । ଏହି କାରଣରୁ ହିଁ ଫିଅରବାକ୍ ମଧ୍ୟ ଶେଷ ରକ୍ଷା କରି ପାରିନାହାନ୍ତି । ବସ୍ତୁଜଗତର ପରିବର୍ତ୍ତନର ବ୍ୟାଖ୍ୟାଦେବା ସତ୍ତ୍ୱେ ହେଗେଲଙ୍କ Absolute Idea ର ବିରୋଧୀତା କରିବାକୁ ଯାଇ ସେ ଆଦର୍ଶବାଦ ଉପରେ ଏପରି ଯୋର ଦେଇଛନ୍ତି ଯେ ଯେପରି ଆଦର୍ଶବାଦ ହେଉଛି ଶାଶ୍ୱତ, ଅଚଳ, ଅପରିବର୍ତ୍ତନୀୟ । ନୀତି ନୈତିକତା କ୍ଷେତ୍ରରେ ସେ କେତେଗୁଡିଏ ସ୍ଥାୟୀ ଅନୁଶାସନ ବାନ୍ଧି ଦେଇଛନ୍ତି, ଯେଉଁ ମୂଲ୍ୟବୋଧ ଆଦର୍ଶବାଦ ହିଁ ମଣିଷକୁ ଚିରକାଳ ପାଇଁ ପରିଚାଳନା (Guide) କରିବ । ସେ ମନେ କରିଛନ୍ତି, ନଚେତ୍ ମଣିଷର କଲ୍ୟାଣର ପଥ ରୁଦ୍ଧ ହୋଇଯିବ । ଫଳରେ ଏହି ଆଦର୍ଶବାଦ ଉପରେ ଏପରି ଯୋର ଦେଇଛନ୍ତି, ଯାହା ଫଳରେ ତାଙ୍କର ଚିନ୍ତା ମଧ୍ୟରେ ସ୍ଥାଣୁତା ଓ ଜଡତା ଦେଖାଦେଲା । ଫଳରେ ଏତେ ସବୁ କଥା କହିବା ସତ୍ତ୍ୱେ ଶେଷ ପର୍ଯ୍ୟନ୍ତ ଫିଅରବାକ୍ ମଧ୍ୟ ଭାବବାଦ ଖପ୍ପରରେ ପଡିଛନ୍ତି – ମାନବତାବାଦୀ ହୋଇ ପଡିଛନ୍ତି । ଇତିହାସରେ ସେ ମାନବତାବାଦର ଅନ୍ୟତମ ଉଦ୍‌ଗାତା ହିସାବରେ ଆଜି ସ୍ୱୀକୃତ । ତାଙ୍କ ଦର୍ଶନର ବହୁ ସ୍ଥାନ Morals and Ethics ଅଧିକାର କରିନେଲା, ଯେଉଁ ନୀତି ନୈତିକତାକୁ ମନେ କରାହୋଇଛି Unchangeable, ଅପରିବର୍ତ୍ତନୀୟ । ଅର୍ଥାତ୍ ସମୟର ପରିବର୍ତ୍ତନ ସହିତ, ବସ୍ତୁର ପରିବର୍ତ୍ତନ

ସହିତ, ଭାବଜଗତର ମଧ୍ୟ ଯେ ପରିବର୍ତ୍ତନ ଘଟେ ତାଙ୍କ ବକ୍ତବ୍ୟରେ ତାହାକୁ ହିଁ ଅସ୍ୱୀକାର କରାହେଲା । ସୁତରାଂ ଫିଅରବାକ୍‌ଙ୍କ ମାନବତାବାଦ ବା ମାନବିକ ମୂଲ୍ୟବୋଧ ସଂକ୍ରାନ୍ତ ଧାରଣା ଅଚଳ, ଅପରିବର୍ତ୍ତନୀୟ ହୋଇପଡି, ତାହା ହେଲା କାର୍ଯ୍ୟତଃ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ଅସ୍ୱୀକୃତି । ଫଳରେ ତାଙ୍କର ଚିନ୍ତା ହୋଇପଡିଲା ଈଶ୍ୱରବାଦ ଭଳି ବା ତାହାର ନାମାନ୍ତର ମାତ୍ର । ଫିଅରବାକ୍ ଦର୍ଶନର ମୂଳରୁ Idea କୁ କାଟି ବାଦ ଦେଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ନୀତି ନୈତିକତା ତଥା ନୈତିକ ଅନୁଶାସନକୁ ଶାଶ୍ୱତ ସତ୍ୟ ରୂପେ ବଞ୍ଚାଇ ରଖିବାକୁ ଚାହିଁଛନ୍ତି । ଭାବକୁ ବସ୍ତୁର ପ୍ରଡକ୍ଟ ହିସାବରେ ନୁହେଁ, ବସ୍ତୁର ବାହାରେ ସ୍ଥାନ ଦେଇଛନ୍ତି ।

ହେଗେଲ ଓ ଫିଅରବାକ୍‌ଙ୍କର ଏହି ପଟ୍ଟଭୂମିରେ କାର୍ଲମାର୍କ୍ସ ଆସିଛନ୍ତି । ମାର୍କ୍ସ ମଧ୍ୟ ହେଗେଲଙ୍କର ଛାତ୍ର ଥିଲେ । ସେ ଗୋଟିଏ ସମୟରେ ହେଗେଲଙ୍କ ଦର୍ଶନ ସମ୍ପର୍କରେ କଟାକ୍ଷ କରି କହିଛନ୍ତି ଯେ, ହେଗେଲଙ୍କର ଦର୍ଶନରେ ଆଉ ସବୁ ଠିକ୍ ଅଛି, କେବଳ ଏହା କରିବାକୁ ହେବ ଯେ, ଯାହାକୁ ମୁଣ୍ଡ ଉପରେ ଠିଆ କରାହୋଇଛି, ତାହାକୁ ପାଦ ଉପରେ ଠିଆ କରାଇବାକୁ ହେବ । ଆହୁରି ମଧ୍ୟ, ଫିଅରବାକ୍ ଯେଉଁ ତତ୍ତ୍ୱ ଛିଡା କରାଇଛନ୍ତି ସେ ସମ୍ପର୍କରେ ମାର୍କ୍ସ ତାଙ୍କର ବକ୍ତବ୍ୟ ସ୍ପଷ୍ଟଭାବେ ତୋଳି ଧରିଛନ୍ତି । ସେ କହିଛନ୍ତି ହେଗେଲ ଯେଉଁଭଳି Absolute Idea ଭଳି ବିଜ୍ଞାନ ବିରୋଧୀ ଚିନ୍ତାକୁ ଜନ୍ମ ଦେଇ ଦ୍ୱନ୍ଦ୍ୱ ତତ୍ତ୍ୱ ସମ୍ପର୍କରେ ତାଙ୍କର ଏଭଳି ସୁନ୍ଦର ବିଶ୍ଳେଷଣକୁ ମଧ୍ୟ ଶେଷ ପର୍ଯ୍ୟନ୍ତ ବିଭ୍ରାନ୍ତିର ରାସ୍ତାରେ ଠେଲି ଦେଇଛନ୍ତି, ଅନ୍ୟ ଦିଗରେ ଫିଅରବାକ୍ ବସ୍ତୁବାଦ ଉପରେ ଏତେ ଗୁରୁତ୍ୱ ଆରୋପ କରି ମଧ୍ୟ ନୀତି ନୈତିକତା ବା ତାର ଅନୁଶାସନକୁ ଅପରିବର୍ତ୍ତନୀୟ ଓ ଶାଶ୍ୱତ ବୋଲି ଧରିନେଇ ଶେଷ ପର୍ଯ୍ୟନ୍ତ ମାନବତାବାଦୀ ହୋଇପଡିଛନ୍ତି ତା ନୁହେଁ, କାର୍ଯ୍ୟତଃ ଦ୍ୱନ୍ଦ୍ୱ ତତ୍ତ୍ୱକୁ ହିଁ ଅସ୍ୱୀକାର କରି ବସିଛନ୍ତି । ଫିଅରବାକ୍ Ethics and Morality କୁ Absolute କରିଯେଉଁ ତତ୍ତ୍ୱ ଛିଡା କରିଛନ୍ତି ସେ ସମ୍ପର୍କରେ ମାର୍କ୍ସ କହିଛନ୍ତି, ଫିଅରବାକ୍‌ଙ୍କ ବକ୍ତବ୍ୟ ଯଦି ଏହା ହୁଏ ତା' ହେଲେ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଆଉ କେଉଁଠି ରହିଲା ? ଯେତିକି ବି ବ୍ୟାଖ୍ୟା ହୋଇଥିଲା ତାକୁ ତ ମାଟିରେ ମିଶାଇ ଦିଆଗଲା । ମାର୍କ୍ସ ଯାହା ଦେଖାଇବାକୁ ଚାହିଁଛନ୍ତି, ତାହାହେଲା ହେଗେଲଙ୍କ ଦ୍ୱନ୍ଦ୍ୱ ତତ୍ତ୍ୱର ଅନ୍ୟ କିଛି ଭୁଲ ନାହିଁ । ଭୂଲ ହେଲା ଏଇୟା ଯେ, ସେ ଧରି ନେଇଥିଲେ ବସ୍ତୁ ହେଲା ଭାବର ସୃଷ୍ଟି । ଏଇଠାରେ ହିଁ ଯେତେ ବିପତ୍ତି । ମାତ୍ର ଇତିହାସ ଓ ବିଜ୍ଞାନରୁ ଆଜି ଆମେ ସମସ୍ତେ ଜାଣି ପାରିଛୁ ଯେ, ମନ ହେଲା a particular function of the human brain ଅର୍ଥାତ୍ ମଣିଷ ମସ୍ତିଷ୍କର ବିଶେଷ ଧରଣର କ୍ରିୟା କଳାପର ଫଳ ହେଲା ମନ । ଆଉ, ଏଇ ଯେଉଁ ମସ୍ତିଷ୍କ ତାହା ମଧ୍ୟ ବସ୍ତୁ କଣିକା ଦ୍ୱାରା ଗଠିତ । ଆମେ ପୂର୍ବରୁ ଆଲୋଚନା କରି ଦେଖିଛୁ ଯେ, ବାସ୍ତବ ଜଗତ ବା ବହିର୍ବିଶ୍ୱ ମଣିଷ ମସ୍ତିଷ୍କର ଉନ୍ନତ ଗଠନ ଫଳରେ ସେ ଯେଉଁ ବିଶେଷ କ୍ଷମତା ଅର୍ଜନ କରିଛି ତା ସହିତ ଯୁକ୍ତ ହୋଇ ଭାବ ବା ଚିନ୍ତାର ଜନ୍ମ ହୋଇଛି । ତେଣୁ ମାର୍କ୍ସବାଦରେ ଭାବ ବା ଚିନ୍ତାକୁ କୁହାଯାଏ product of matter, ବସ୍ତୁର କ୍ରିୟାର ଫଳ । ବସ୍ତୁ ଓ ମନର ସମ୍ପର୍କ ଯାନ୍ତ୍ରିକ ନୁହେଁ, ଦ୍ୱାନ୍ଦ୍ୱିକ । ବସ୍ତୁଜଗତ ଏବଂ ପାରିପାର୍ଶ୍ୱିକ ସମାଜବ୍ୟବସ୍ଥା- ଏଗୁଡିକ ସହିତ ଆମର ଭାବଜଗତ ଓତଃପ୍ରୋତଭାବେ ଜଡିତ । ଆଉ ଏହି ଦୁଇଟିର ସମ୍ପର୍କ ହେଲା ଦ୍ୱନ୍ଦ୍ୱମୂଳକ – ଗୋଟିଏ

ଅନ୍ୟଟିକୁ ପ୍ରଭାବିତ କରେ । ଜୀବନର ପ୍ରୟୋଜନକୁ ଭିତ୍ତି କରି ସମାଜରେ ଆଦର୍ଶବାଦ ଓ ନୀତିନୈତିକତାର ସୃଷ୍ଟି ହୁଏ । କିନ୍ତୁ ଏହି ଆଦର୍ଶବାଦ ଓ ନୀତି ନୈତିକତାର ଧାରଣାର କୌଣସି ଶାଶ୍ୱତ ରୂପ ନାହିଁ । ଆଦର୍ଶ, ନୀତି ନୈତିକତା, ମୂଲ୍ୟବୋଧ ନଥିଲେ କୌଣସି ସମାଜ ଆଗେଇ ପାରେନା । ମାତ୍ର ଆଜି ଯେଉଁ ଆଦର୍ଶବାଦ ସମାଜକୁ ଆଗେଇବାରେ ସାହାଯ୍ୟ କରୁଛି ଆଗାମୀକାଲି ପୁଣି ସେହି ଆଦର୍ଶ ହିଁ ସମାଜକୁ ପଛକୁ ଟାଣି ଧରୁଛି, ସମାଜ ପ୍ରଗତିର ବିରୋଧୀତା କରୁଛି, ମହାପ୍ରତିକ୍ରିୟାଶୀଳ ଆଦର୍ଶରେ ପରିଣତ ହେଉଛି । ଏହା ଅସ୍ୱାଭାବିକ ନୁହେଁ । କାରଣ, ମଣିଷର ପ୍ରୟୋଜନ ଗୋଟିଏ ଜାଗାରେ ଅଟକି ରହି ପାରେନାହିଁ । ତେଣୁ ଜୀବନର ନୂତନ ପ୍ରୟୋଜନକୁ ଭିତ୍ତି କରି ନୂତନ ଆଦର୍ଶବାଦ ଜନ୍ମହେବ ହିଁ ହେବ । ଏହିସବୁ ବିଷୟଗୁଡ଼ିକୁ କେନ୍ଦ୍ର କରି ଯେଉଁସବୁ ପ୍ରଶ୍ନ ସେଦିନ ଦେଖା ଦେଇଥିଲା ତାହାର ସଂପୂର୍ଣ୍ଣ ସଠିକ ଉତ୍ତର ହେଗେଲ ବା ଫିଅରବାକ୍ ଦେଇପାରିନାହାନ୍ତି । ମାର୍କ୍ସ ହିଁ ସର୍ବପ୍ରଥମେ ଏହି ଦୁଇ ଦାର୍ଶନିକଙ୍କ ଚିନ୍ତାର ସାହାଯ୍ୟ ନେଇ ତାହାକୁ ଆହୁରି ସମୃଦ୍ଧ କରି ଗୋଟିଏ ସଠିକ ଓ ସତ୍ୟ ଧାରଣାର ଭିତ୍ତି ଠିଆ କରାଇଲେ । ସେ ଭାବ ଓ ବସ୍ତୁର ପାରସ୍ପରିକ ସମ୍ପର୍କ ହିଁ କେବଳ ଦେଖାଇ ନାହାନ୍ତି, ସେ ଏକସାଥିରେ ସୁସ୍ପଷ୍ଟଭାବେ ଦେଖାଇଲେ ଯେ, ଏହି ଦୁଇଟି ମଧ୍ୟରେ ବସ୍ତୁ ହେଉଛି Prior । ଏହି Prioritye Conception ଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଆଦୌ ଗୋଳମାଳ କରାଯାଇ ପାରିବ ନାହିଁ । ଆମେ ଦେଖିବାକୁ ପାଇଲୁ ଯେ, କାର୍ଲମାର୍କ୍ସ ଜୀବନର ସମସ୍ତ ଦିଗକୁ ବ୍ୟାପ୍ତ କରି ନୀତି, ନୈତିକତା, ମୂଲ୍ୟବୋଧ (Ethics Morality, Values) ସମସ୍ତ କିଛିକୁ ଯୁକ୍ତ କରି ବୁର୍ଜୁଆ ଗଣତାନ୍ତ୍ରିକ ବିପ୍ଳବ ଯେଉଁ ସାମ୍ୟ-ମୈତ୍ରୀ-ସ୍ୱାଧୀନତାର ଧାରଣା ଗଢ଼ି ତୋଳିଥିଲା ତାହାକୁ ଟପିଯାଇ ଅର୍ଥାତ୍, Transcend କରି ବା ଉତ୍ତରଣ ଘଟାଇ ସମାଜତନ୍ତ୍ର ଓ ସାମ୍ୟବାଦୀ ଧାରଣାର ଜନ୍ମ ଦେଲେ ଏବଂ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ଦର୍ଶନର ଏକ ସମ୍ପୂର୍ଣ୍ଣ ଛାଞ୍ଚ ଠିଆ କରାଇଲେ - ଯେଉଁ ଆଦର୍ଶବାଦକୁ ଭିତ୍ତିକରି ମଣିଷ ଲଢ଼ିବ, ଅଭିଷ୍ଟ ଲକ୍ଷ୍ୟ ହାସଲ କରିବ, ଶ୍ରମିକଶ୍ରେଣୀର ନୂତନ ସମାଜ ବ୍ୟବସ୍ଥା, ନୂତନ ଜୀବନ ଗଢ଼ି ତୋଳିବ । ଆଉ ମୁଁ ମନେ କରେ ମାର୍କ୍ସବାଦୀ ଦର୍ଶନର Nobility ବା ମହତ୍ୱ ଏଇଠାରେ ହିଁ ଲୁକ୍କାୟିତ ରହିଛି ।

ଆପଣମାନେ ଜାଣନ୍ତି ଯେ, ବସ୍ତୁ ସଂକ୍ରାନ୍ତରେ ଅତୀତର ଧାରଣା ମଧ୍ୟ ବଦଳୁଛି । ନିଉଟନଙ୍କ ସମୟରେ ବସ୍ତୁକୁ ଯେଭଳି ଭାବେ ଜଡ଼ବସ୍ତୁ ଭାବେ ଧରା ହେଉଥିଲା, ଆଧୁନିକ ବିଜ୍ଞାନର ଆବିଷ୍କାର ଫଳରେ ସେଇ ଧାରଣା ମଧ୍ୟ ବଦଳି ଯାଇଛି । ଆଜିକାର ବସ୍ତୁ ଦ୍ୱନ୍ଦ୍ୱମୂଳକ ବସ୍ତୁ (Dialetical Matter) । ଏଠାରେ ଯାନ୍ତ୍ରିକତାର କୌଣସି ସ୍ଥାନ ନାହିଁ । ସେଥିପାଇଁ ମାର୍କ୍ସବାଦ କହୁଛି, ଆମ୍ଭେମାନେ ବିଶ୍ୱ ଚରାଚରରେ ଯାହା ଦେଖୁଛୁ ସବୁକିଛି ହିଁ ବସ୍ତୁର ବୈଚିତ୍ର୍ୟମୟ ପରିପ୍ରକାଶ । ଆମ୍ଭେମାନେ ଜାଣି ପାରୁ ବା ନପାରୁ ବାସ୍ତବ ଘଟଣା ହେଉଛି ଏହା ଯେ, ପ୍ରତିଟି ବସ୍ତୁ, ପ୍ରତିଟି ଘଟଣା, ପ୍ରତିଟି ସତ୍ତା ମଧ୍ୟରେ ହିଁ ଦ୍ୱନ୍ଦ୍ୱ ଏବଂ ସଂଘର୍ଷ ହେଉଛି । ତାହେଲେ ମାର୍କ୍ସବାଦୀମାନଙ୍କର କାର୍ଯ୍ୟ କ'ଣ ? ମାର୍କ୍ସବାଦୀମାନଙ୍କର କାର୍ଯ୍ୟ ହେଉଛି, ପ୍ରତି କ୍ଷେତ୍ରରେ ଏହି ଦ୍ୱନ୍ଦ୍ୱ ବା ସଂଘର୍ଷକୁ ଖୋଜି ବାହାର କରିବା, ତାହାର ଚରିତ୍ର ନିର୍ଦ୍ଧାରଣ କରିବା ଏବଂ ସେହି ଭିତ୍ତିରେ ସମାଧାନର ରାସ୍ତା ଖୋଜି ବାହାର କରିବା । ସୁତରାଂ ଏହି

ଯେଉଁ ଦ୍ୱାନ୍ଦ୍ୱିକ ବିଚାର ପଦ୍ଧତି – ଯେଉଁ ବିଚାରପଦ୍ଧତି କୌଣସି କିଛିକୁ ପାରିପାର୍ଶ୍ୱିକରୁ ବିଚ୍ଛିନ୍ନ କରି ଅଲଗା ଭାବେ ବିଚାର କରେ ନାହିଁ – ଏହି ବିଚାର ପଦ୍ଧତିକୁ ଠିକ୍ ଭାବରେ ଆୟତ୍ତ କରି ନ ପାରିଲେ ଆମେ ସମାଧାନର ରାସ୍ତା ଖୋଜି ପାଇବା ନାହିଁ । ଏକଥା ମଧ୍ୟ ମନେ ରଖିବାକୁ ହେବ ଯେ, ଯେକୌଣସି ବସ୍ତୁ ମଧ୍ୟରେ ଯେଉଁ ପରିବର୍ତ୍ତନ ସୂଚୀତ ହେଉଛି, ତାହାର ମଧ୍ୟରେ ଯେଉଁ ବିଭିନ୍ନ ଧରଣର ଶକ୍ତିର ଦ୍ୱନ୍ଦ୍ୱ-ସଂଘର୍ଷ ଚାଲୁଛି, ସମନ୍ୱୟର ପ୍ରକ୍ରିୟା କାର୍ଯ୍ୟ କରୁଛି, ସେ ସମ୍ପର୍କରେ ଆମର ଧାରଣା କ୍ରମାଗତ ସ୍ୱଚ୍ଛ ହେଉଛି, ବିଭିନ୍ନ ଧରଣର ପରିବର୍ତ୍ତନର ଆଲୋକରେ ଆମର ଚିନ୍ତା ଆହୁରି ସମୃଦ୍ଧ ହେଉଛି ଏବଂ କ୍ରମାଗତ ହୋଇଚାଲିବ । ବିଜ୍ଞାନକୁ ମାନିଲେ ଏକଥା ଅସ୍ୱୀକାର କରିବାର କୌଣସି ଉପାୟ ନାହିଁ । ଏବେ ଏହି ବକ୍ତବ୍ୟ ଯଦି ସଠିକ୍ ହୁଏ ତାହେଲେ ଏକଥା କହିବା ଚଳିବ କି ଯେ, ମାର୍କ୍ସବାଦୀ ଚିନ୍ତା ପୁରୁଣା ଅକାର୍ଯ୍ୟକାରୀ ହୋଇଯାଇଛି ଏବଂ ତାହା ଅଚଳ ? ବରଂ ଗୋଟିଏ ଦିଗରେ କ୍ରମାଗତ ବିଜ୍ଞାନର ଆବିଷ୍କାର ଭିତ୍ତିରେ ବସ୍ତୁ ସଂକ୍ରାନ୍ତ ଉନ୍ନତ ଓ ସମୃଦ୍ଧ ଧାରଣାକୁ ଆୟତ୍ତ କରି, ଅପରଦିଗରେ ପରିବର୍ତ୍ତନର କାରଣ ସମୂହର ମର୍ମବସ୍ତୁ (essence)କୁ ଉପଲବ୍ଧି କରିପାରିଲେ ଏ କଥା ବୁଝିବାକୁ ଅସୁବିଧା ହୁଏ ନାହିଁ ଯେ, ମାର୍କ୍ସବାଦୀ ବିଚାରପଦ୍ଧତିକୁ ମାର୍କ୍ସବାଦର ମୂଳ ନୀତି ଅନୁସରଣ କରିବା ମଧ୍ୟ ଦେଇ ଉନ୍ନତ ଓ ସମୃଦ୍ଧ କରିବା ଏବଂ ପ୍ରତିଟି ସମସ୍ୟା କ୍ଷେତ୍ରରେ ଏହି ମାର୍କ୍ସବାଦୀ ବିଚାରପଦ୍ଧତିକୁ ସଠିକ୍ ଭାବରେ ପ୍ରୟୋଗ କରିବା ମଧ୍ୟ ଦେଇ ସମାଧାନର ରାସ୍ତା ଖୋଜି ବାହାର କରିବାକୁ ହେବ – କିନ୍ତୁ ଏହାକୁ ଅଚଳ ବୋଲି ପରିତ୍ୟାଗ କରିବାର ପ୍ରଶ୍ନ ଉଠିପାରେନା ।

ଆହୁରି ମଧ୍ୟ ଦେଖନ୍ତୁ, ମାର୍କ୍ସବାଦ କହୁଛି ଯେ ଦୁନିଆରେ ଏଭଳି କିଛି ନାହିଁ ଯାହା ବସ୍ତୁ ସହିତ ସମ୍ପର୍କହୀନ । ଅର୍ଥାତ୍ ଏହି ଦୁନିଆ ହେଉଛି ବସ୍ତୁମୟ । ଏପରିକି ଆମେ ପୂର୍ବରୁ ଆଲୋଚନା କରିଛନ୍ତି ଯେ, ମନ ସହିତ ମଧ୍ୟ ବସ୍ତୁର ଅଙ୍ଗାଙ୍ଗୀ ସମ୍ପର୍କ ରହିଛି । ଆଉ ଏଇ ବସ୍ତୁର କାର୍ଯ୍ୟକଳାପର ଧାରଣା ହେଉଛି ଯେ, ଏଥି ମଧ୍ୟରୁ କେହି କାହାରି ସହିତ ସମ୍ପର୍କହୀନ ନୁହନ୍ତି ଏବଂ ପ୍ରତିଟି ବସ୍ତୁକଣିକା ପରସ୍ପର ପ୍ରତିନିୟତ ଦ୍ୱନ୍ଦ୍ୱ ସଂଘର୍ଷରେ ଲିପ୍ତ । ଆହୁରି ମଧ୍ୟ ପ୍ରତିଟି ବସ୍ତୁକଣିକା ମଧ୍ୟରେ ହିଁ ପରସ୍ପର ବିରୋଧୀ ଶକ୍ତିର ଅନ୍ତର୍ଦ୍ୱନ୍ଦ୍ୱ ରହିଛି । ଏହି ଦୁଇ ଦ୍ୱନ୍ଦ୍ୱ ଫଳରେ ହିଁ କ୍ରମାଗତ ବସ୍ତୁର ପରିବର୍ତ୍ତନ ହେଉଛି । ଫଳରେ, ଦ୍ୱନ୍ଦ୍ୱର ଚରିତ୍ର ଦୁଇ ପ୍ରକାର – ଅନ୍ତର୍ଦ୍ୱନ୍ଦ୍ୱ ଓ ବହିର୍ଦ୍ୱନ୍ଦ୍ୱ । ଏ ସମ୍ପର୍କରେ ମୂଳ ଆଲୋଚନା ମୁଁ ପରେ କରିବି । ମୁଁ ଏଠାରେ କେବଳ ଏଇ ଟିକକ କହିବାକୁ ଚାହୁଁଛି ଯେ, ଏହି ଦ୍ୱନ୍ଦ୍ୱର ଧାରାରେ ହିଁ ପ୍ରକୃତି ଜଗତର ପ୍ରତିଟି ପରିବର୍ତ୍ତନ ସୂଚୀତ ହେଉଛି । ଫଳରେ, ସଂଘର୍ଷ ବା ଲଢାଇର ପଥକୁ ଏଡେଇ ଯାଇ ମାର୍କ୍ସବାଦୀ ହେବା ସମ୍ଭବ ନୁହେଁ ।

## ଶ୍ରମିକଶ୍ରେଣୀର ଦର୍ଶନ ଓ ମାର୍କ୍ସବାଦ

ଏ ପ୍ରସଙ୍ଗରେ ଆଉ ଗୋଟିଏ ଦିଗ ଆଲୋଚନା କରୁଛି । କେହି କେହି ମାର୍କ୍ସବାଦୀ ଦାର୍ଶନିକ ମାର୍କ୍ସବାଦକୁ ଶ୍ରମିକଶ୍ରେଣୀର ଦର୍ଶନ ହିସାବରେ ଆଖ୍ୟା ଦେଇଛନ୍ତି । ବିଷୟଟିକୁ ସଠିକ୍ ଭାବରେ ଉପଲବ୍ଧି କରିପାରିଲେ ଏଥିରେ କୌଣସି ଅସୁବିଧା ନାହିଁ । ନଚେତ୍ ବିପତ୍ତି

ହୋଇପାରେ । ଆଜିକାର ଦିନରେ ମାନବ ସମାଜର ପ୍ରଗତିର ପ୍ରଶ୍ନ, ସମସ୍ତ ସଂକଟ ହାତରୁ ମୁକ୍ତିର ପ୍ରଶ୍ନ, ସମାଜର ଅଗ୍ରଗତିକୁ ଅବ୍ୟାହତ ରଖିବାର ପ୍ରଶ୍ନଟି ଶ୍ରମିକ ବିପ୍ଳବ ତଥା ସମାଜତାନ୍ତ୍ରିକ ବିପ୍ଳବ ଏବଂ ସେଥିପାଇଁ ଉପଯୁକ୍ତ ସଠିକ୍ ଶ୍ରମିକଶ୍ରେଣୀର ପାର୍ଟି ଓ ତାର ନେତୃତ୍ୱ ପ୍ରତିଷ୍ଠା ସହିତ ଯୁକ୍ତ ହୋଇ ପଡିଛି ଏବଂ ଏହିସବୁ କର୍ମକାଣ୍ଡର ଭିତ୍ତି ହେଲା ମାର୍କ୍ସବାଦ । ଅର୍ଥାତ୍, ସମଗ୍ର ମାନବ ସଭ୍ୟତାର ସ୍ୱାର୍ଥ ସହିତ ଶ୍ରମିକଶ୍ରେଣୀର ସ୍ୱାର୍ଥ ଏକୀଭୂତ ବା Identified ହୋଇପଡିଛି । ଏହି ଅର୍ଥରେ ଶ୍ରମିକଶ୍ରେଣୀ ଆଜି ସମଗ୍ର ମାନବ ସମାଜ ଓ ମାନବ ସଭ୍ୟତାର ସ୍ୱାର୍ଥକୁ ପ୍ରତିନିଧିତ୍ୱ କରୁଛି । ଫଳରେ, ଆଜିକାର ଦୁନିଆରେ ଯେତେବେଳେ ସମଗ୍ର ମାନବ ସମାଜର ମୁକ୍ତିର ପ୍ରଶ୍ନଟି ଶ୍ରମିକଶ୍ରେଣୀର ମୁକ୍ତିର ପ୍ରଶ୍ନ ସହିତ ଓତଃପ୍ରୋତଭାବେ ଜଡିତ ଏବଂ ମାର୍କ୍ସବାଦ ଯେତେବେଳେ ଐତିହାସିକଭାବେ ଶ୍ରମିକଶ୍ରେଣୀର ମୁକ୍ତି ସଂଗ୍ରାମ ବା ଲଢେଇର ହତିଆର, ସେତେବେଳେ ଏକମାତ୍ର ଏହି ଅର୍ଥରେ ହିଁ ମାର୍କ୍ସବାଦକୁ ଶ୍ରମିକଶ୍ରେଣୀର ଦର୍ଶନ କହିବା ଯୁକ୍ତିଯୁକ୍ତ ।

କିନ୍ତୁ ଏ ପ୍ରସଙ୍ଗରେ ମୁଁ ଅନ୍ୟ ଗୋଟିଏ ଦିଗ ପ୍ରତି ଆପଣମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛି । ମାର୍କ୍ସବାଦକୁ ଯଦି କେବଳ ଶ୍ରମିକଶ୍ରେଣୀର ଦର୍ଶନ ବୋଲି କୁହାଯାଏ ତାହା ହେଲେ ଶିକ୍ଷିତ ସମାଜର ମାନସିକତାରେ କିଛି ମାତ୍ରାରେ ଆଘାତ ଲାଗି ପାରେ । ମାର୍କ୍ସବାଦର ଶିକ୍ଷା ଅନୁଯାୟୀ ଆମେ ଜାଣୁ, ସମାଜର ଅଗ୍ରଗତିର ଯେଉଁ ଇତିହାସ ନିର୍ଦ୍ଦେଶିତ ପଥ- ମଣିଷର ସଚେତନ ଓ ସଠିକ୍ ଭୂମିକା ପାଳନ ଉପରେ ଯାହା ନିର୍ଭରଶୀଳ – ସେହି ଧାରାରେ ଦିନେ ମାନବ ସମାଜ ଶୋଷଣହୀନ, ଶ୍ରେଣୀହୀନ ସମାଜ ବ୍ୟବସ୍ଥାରେ ପଦାର୍ପଣ କରିବ । ଏଠାରେ ସ୍ୱାଭାବିକ ଭାବରେ ହିଁ ଯେଉଁ ପ୍ରଶ୍ନ ଆସିଯାଏ, ତାହା ହେଉଛି ମାର୍କ୍ସବାଦକୁ ଯଦି ଆମେ ଶ୍ରେଣୀ ଦର୍ଶନ ଅର୍ଥାତ୍ ଶ୍ରମିକଶ୍ରେଣୀର ଦର୍ଶନ କହୁ – ତାହା ହେଲେ ସେହି ଶ୍ରେଣୀହୀନ ସମାଜରେ କ'ଣ ମାର୍କ୍ସବାଦର କାର୍ଯ୍ୟକାରୀତା ଶେଷ ହୋଇଯିବ ? ଏହି ପ୍ରଶ୍ନର ଉତ୍ତରରେ ସ୍ପଷ୍ଟଭାବେ ଏକଥା ବୁଝିବା ଦରକାର, ସେ କ୍ଷେତ୍ରରେ ମଧ୍ୟ ମାର୍କ୍ସବାଦର କାର୍ଯ୍ୟକାରୀତା ଶେଷ ହେବାର କୌଣସି ପ୍ରଶ୍ନ ଆସେନା, ବା କୌଣସି ପରିସ୍ଥିତିରେ ଆସି ପାରେନା । କାରଣ, ବିଜ୍ଞାନର ଅଗ୍ରଗତି ଓ ଜୟଯାତ୍ରାର ଯେଭଳି ଶେଷ ନାହିଁ, ତାହା ଯେଭଳି କ୍ରମାଗତ ଉନ୍ନତ ଓ ସମୃଦ୍ଧ ହେବ, ସେହିଭଳି ମାର୍କ୍ସବାଦ ମଧ୍ୟ ଗୋଟିଏ ସାମଗ୍ରିକ ବିଜ୍ଞାନ ବା ସମସ୍ତ ବିଜ୍ଞାନର ବିଜ୍ଞାନ (Science of all sciences) ହିସାବରେ କ୍ରମାଗତ ଉନ୍ନତ, ସମୃଦ୍ଧ ଓ ଆହୁରି ସୃଜନଶୀଳ ଚରିତ୍ର ଅର୍ଜନ କରିବ । ଫଳରେ, ସୁଦୂର ଭବିଷ୍ୟତରେ ମଧ୍ୟ ମାର୍କ୍ସବାଦ ସମାଜର ଅଗ୍ରଗତିର ସଠିକ୍ ପଥ ନିର୍ଦ୍ଦେଶ କରିବ ଏବଂ ଦୁନିଆର ପରିବର୍ତ୍ତନର ନିୟମକୁ ଅନୁଧାବନ କରିବାରେ ସାହାଯ୍ୟ କରିବ । ସେଥିପାଇଁ କହୁଥିଲି ଯେ, ଗୋଟିଏ ବିଶେଷ ପରିପ୍ରେକ୍ଷୀରେ ଆଜିକାର ଶ୍ରେଣୀ ବିଭକ୍ତ ସମାଜରେ ଶ୍ରମିକଶ୍ରେଣୀର ଭୂମିକାକୁ ବୁଝିବା ପାଇଁ, ସମାଜର ସ୍ୱାର୍ଥ ସହିତ ଶ୍ରମିକଶ୍ରେଣୀର ସ୍ୱାର୍ଥ ଯେଭଳି ଭାବେ ଓତଃପ୍ରୋତ ଭାବେ ଯୁକ୍ତ ହୋଇପଡିଛି ତାହାକୁ ନିର୍ଦ୍ଦେଶିତ କରିବା ପାଇଁ ମାର୍କ୍ସବାଦକୁ ଶ୍ରମିକଶ୍ରେଣୀର ଦର୍ଶନ କୁହାଗଲେ ମଧ୍ୟ ଏହା ଦ୍ୱାରା ଅଜାଣତରେ ହେଲେ ବି ମାର୍କ୍ସବାଦରେ ଯେଉଁ ସାର୍ବଜନୀନ ଆବେଦନ (Universal approach) ଏବଂ ବିଜ୍ଞାନଭିତ୍ତିକ ଦର୍ଶନ ହିସାବରେ ଏହାର ଯେଉଁ ଅମୋଘ

କାର୍ଯ୍ୟକାରୀତା ତାହାକୁ ଯେପରି କିଛିଟା ଖର୍ବ କରାହୁଏ ।

## ବସ୍ତୁର ଅଭ୍ୟନ୍ତରରେ ହିଁ ବସ୍ତୁର ଗତିର କାରଣ ନିହିତ

ବର୍ତ୍ତମାନ ପୁଣି ବସ୍ତୁସଂକ୍ରାନ୍ତୀୟ ଆଲୋଚନାକୁ ଆମେ ଫେରିଯିବା । ଆମେ ପୂର୍ବରୁ ଆଲୋଚନା କରିଛନ୍ତି ଯେ, ନିଉଟନଙ୍କ ଯୁଗରେ ବସ୍ତୁକୁ ଜଡ ବସ୍ତୁ ହିସାବରେ ଧରା ହେଉଥିଲା, ଯେହେତୁ ବସ୍ତୁର ଗତିର କାରଣ ସେଦିନ ଜଣାନଥିଲା ଏବଂ ବିଜ୍ଞାନର ଆପେକ୍ଷିକ ଅନଗ୍ରସରତା ପାଇଁ ବସ୍ତୁ ସଂକ୍ରାନ୍ତୀୟ ଧାରଣା ମଧ୍ୟ ସେଦିନ ଅନେକ ପଛରେ ଥିଲା । ବିଜ୍ଞାନର ଛାତ୍ର ମାତ୍ରେ ହିଁ ଜାଣନ୍ତି, କୌଣସି ବସ୍ତୁ Inert ବା ଜଡ ବସ୍ତୁ ନୁହେଁ । ବସ୍ତୁର ଏକ ଧରଣର ଅବସ୍ଥାନ ବା form of existence କୁ ବସ୍ତୁତ୍ୱ ବା mass କୁହାଯାଏ, ଆଉ ଅନ୍ୟ ଏକ ଧରଣର ଅବସ୍ଥାନ ବା form of existenceକୁ କୁହାଯାଏ ଶକ୍ତି ବା energy । ଏହି ବସ୍ତୁତ୍ୱ ଓ ଶକ୍ତି, ଅର୍ଥାତ୍ mass and energy ନେଇ ହିଁ ବସ୍ତୁ ବା matter ର ଅବସ୍ଥାନ । ତା' ଛଡା, ଶକ୍ତି ବା energy କୁ ଆଜି ଆଉ nonmaterial ଧରା ହୁଏ ନାହିଁ । Atom ବା ପରମାଣୁର ବିଭାଜନ ହେବା, Radio Activity ବା ତେଜସ୍କ୍ରିୟତା ଏବଂ Theory of Relativity ବା ଆପେକ୍ଷିକ ତତ୍ତ୍ୱ ଇତ୍ୟାଦିକୁ ଭିତ୍ତିକରି ବସ୍ତୁ ସମ୍ପର୍କରେ ଆଜିଯେଉଁ ଧାରଣା ଗଢ଼ି ଉଠିଛି ସେଥିରେ ବସ୍ତୁର ଗତିର ଉତ୍ସ ଖୋଜିବା ପାଇଁ ବସ୍ତୁ ବାହାରକୁ ଯିବାର ପ୍ରୟୋଜନ ନାହିଁ । କେବଳ ତାହା ନୁହେଁ, ବସ୍ତୁର ଯେଉଁ ତିନୋଟି ଅବସ୍ଥା, ଅର୍ଥାତ୍ କଠିନ, ତରଳ ଓ ବାଷ୍ପୀୟ – ଏହି ତିନୋଟି ଅବସ୍ଥା ମଧ୍ୟରେ ତରଳ ଓ ବାଷ୍ପ ଅବସ୍ଥାରେ ହିଁ ଗତିଶୀଳତା ବା kinetics ଅଛି ତା ନୁହେଁ, kinetics of solid state of matter ଆଜି ବିଜ୍ଞାନର ଛାତ୍ରମାନଙ୍କ ପାଠ୍ୟସୂଚୀର ଅନ୍ତର୍ଭୂକ୍ତ । ଏଠାରେ ଗତିଶୀଳତା କହିଲେ କଠିନ ପଦାର୍ଥର ଆଭ୍ୟନ୍ତରୀଣ ଗତିଶୀଳତାକୁ ହିଁ ବୁଝାଉଅଛି । ଏହି ସମସ୍ତ ବିଷୟକୁ ନେଇ ହିଁ ଆଧୁନିକ ବିଜ୍ଞାନ କହୁଛି ବସ୍ତୁର ଅଭ୍ୟନ୍ତରରେ ହିଁ ରହିଛି ବସ୍ତୁର ଗତିର ମୂଳ କାରଣ – ଅର୍ଥାତ୍ basic cause of motion of matter is therefore internal । ଏହା ବ୍ୟତୀତ ବିଜ୍ଞାନ କହୁଛି ଦୁନିଆର ସବୁକିଛି ପ୍ରତିନିୟତ ପରିବର୍ତ୍ତନଶୀଳ । ସାମାଜିକ ଅବସ୍ଥା, ନିୟମ କାନୁନ୍, ନୀତି-ନୈତିକତା, ଆଦର୍ଶ, ମୂଲ୍ୟବୋଧ ଏପରିକି କ୍ଷୁଦ୍ରାତିକ୍ଷୁଦ୍ର ବସ୍ତୁକଣିକା ମଧ୍ୟ କୌଣସି ସ୍ଥାନରେ ସ୍ଥିର ଭାବେ ରହିନାହିଁ । ସେଥି ପାଇଁ ଆଜି ବିଜ୍ଞାନରେ କୁହାଯାଏ motion is the mode of existence of matter । ଏକଥାର ଅର୍ଥ ହେଉଛି ବସ୍ତୁ ଅବସ୍ଥାନ କରେ ଅର୍ଥ ହିଁ ସେ ଗତି ମଧ୍ୟରେ ଅବସ୍ଥାନ କରେ । ଗତି ବ୍ୟତିରେକେ ବସ୍ତୁର ଅସ୍ତିତ୍ୱ ଅସମ୍ଭବ । ବସ୍ତୁ ପ୍ରତିନିୟତ ଗତିଶୀଳ । ଗତି ହେଲା ବସ୍ତୁ ଅବସ୍ଥାନର ଧାରଣା । ଏହା ହିଁ ହେଲା ଆଧୁନିକ ବିଜ୍ଞାନରେ ବସ୍ତୁର ଗତି ସଂକ୍ରାନ୍ତୀୟ ସିଦ୍ଧାନ୍ତ ।

---

*ବୈଜ୍ଞାନିକ ଗବେଷଣା ସାହାଯ୍ୟରେ ଜଣା ଯାଇଛି ଯେ, ଏଠାରେ ଗ୍ୟାସ ଏବଂ ଧୂଳିକଣା ମଧ୍ୟ ଅଛି ।

## ମହାଶୂନ୍ୟ (Absolute Vaccum) ବୋଲି କିଛି ନାହିଁ

ବସ୍ତୁର ଗତି ସଂକ୍ରାନ୍ତୀୟ ଏହି ଧାରଣା ସହିତ ଆହୁରି ଦୁଇଟି ବିଷୟ ଯୁକ୍ତ ହୋଇଅଛି । ତାହା ହେଉଛି ବ୍ୟାପ୍ତି ସ୍ଥାନ (Space) ଏବଂ ସମୟ (Time) । ଦିନ ଥିଲା ଯେତେବେଳେ ଆମେ ଫାଙ୍କା ସ୍ଥାନକୁ Vaccum ବା ଶୂନ୍ୟ ବୋଲି ମନେ କରୁଥିଲୁ । କିନ୍ତୁ ବାସ୍ତବତା ହେଉଛି ଦୁନିଆରେ Absolute Vaccum ବୋଲି କିଛି ନାହିଁ । ଆମେ ଯାହାକୁ ଫାଙ୍କା ସ୍ଥାନ ବୋଲି ମନେକରୁ ତାହା ଆପେକ୍ଷିକ ଅର୍ଥରେ ଶୂନ୍ୟ । କିନ୍ତୁ Absolute ଅର୍ଥରେ ଶୂନ୍ୟ ନୁହେଁ । Interstellar space ବା ସୌରଜଗତ ବହିର୍ଭୂତ ସ୍ଥାନକୁ ମଧ୍ୟ ଗୋଟିଏ ସମୟରେ ଶୂନ୍ୟ ବା Vaccum ମନେ କରାହେଉଥିଲା । କିନ୍ତୁ *ବୈଜ୍ଞାନିକ ଗବେଷଣା ସାହାଯ୍ୟରେ ଜଣା ଯାଇଛି ଯେ, ଏଠାରେ ଗ୍ୟାସ ଏବଂ ଧୂଳିକଣା ମଧ୍ୟ ଅଛି । ଆଜି ଆମେ ଜାଣି ପାରିଛନ୍ତି ଯେ, ଯାହାକୁ ଆମେ Space କହୁ ତାହା ବସ୍ତୁର ହିଁ Space । ସେଥିପାଇଁ Interstellar space ମଧ୍ୟ packed up with matter ଅର୍ଥାତ୍ ବସ୍ତୁରେ ପରିପୂର୍ଣ୍ଣ । ଏଠାରେ ବସ୍ତୁ ମୂଳତଃ radiation ଅର୍ଥାତ୍ ବିକିରଣ ରୂପରେ ଅବସ୍ଥାନ କରେ । * ଆଧୁନିକ ବିଜ୍ଞାନର ଏହି ସବୁ ଧାରଣା ଗଢି ଉଠିବା ପରେ Propagation of light ସଂକ୍ରାନ୍ତୀୟ ଧାରଣା ମଧ୍ୟ ବଦଳି ଯାଇଛି । ବିଜ୍ଞାନର ଛାତ୍ରମାନେ ମଧ୍ୟ ଜାଣନ୍ତି ଯେ, Propagation of light କୁ wave theory ସାହାଯ୍ୟରେ ଏକଦା ବ୍ୟାଖ୍ୟା କରାହେଉଥିଲା । Wave theory ସାହାଯ୍ୟରେ ଆଲୋକର ଗତିକୁ ବ୍ୟାଖ୍ୟା କରିବାକୁ ଯାଇ ବୈଜ୍ଞାନିକମାନେ ସ୍ୱାଭାବିକଭାବେ ଧରି ନେଇଥିଲେ ଯେ ଶୂନ୍ୟସ୍ଥାନ ମଧ୍ୟରେ ଆଲୋକ ଗତି କରିପାରେ ନାହିଁ । ସେହି କାରଣରୁ ହିଁ hypothetically ସେତେବେଳେ ଧରି ନିଆ ଯାଇଥିଲା ଯେ, ଯାହାକୁ ଶୂନ୍ୟସ୍ଥାନ କହୁଛୁ ସେଠାରେ ମଧ୍ୟ ଗୋଟିଏ ମାଧ୍ୟମ ବା medium ର ଅସ୍ତିତ୍ୱ ରହିଛି, ଯାହାକୁ ଇଥର (ether) କୁହାଯାଏ । ଇଥରକୁ ମନେ କରାହେଉଥିଲା ଏହା ଏଭଳି ଏକ ମାଧ୍ୟମ ଯାହାର ବସ୍ତୁତ୍ୱ (mass) ନାହିଁ, ସ୍ଥିତି ସ୍ଥାପକତା (elasticity) ଅଛି । କିନ୍ତୁ ବୈଜ୍ଞାନିକମାନେ କିଛି ଦିନ ମଧ୍ୟରେ ପରୀକ୍ଷା ନିରୀକ୍ଷା ଦ୍ୱାରା ଏହି hypothesis ର ଅସାରତା ଧରି ପାରିଛନ୍ତି । ସେମାନଙ୍କ ମନରେ ସ୍ୱାଭାବିକ ଭାବରେ ହିଁ ପ୍ରଶ୍ନ ଦେଖା ଦେଇଥିଲା ଯେ, ଏହି ଯେଉଁ elasticity ର କଥା କୁହା ହେଉଛି, ତାହା କାହାର elasticity ? କାରଣ mass ବା ବସ୍ତୁତ୍ୱ ଯଦି ନ ରହେ ତାହାହେଲେ elasticity ରହିପାରେନା । ବସ୍ତୁ ବା matter ର ଅନ୍ୟତମ ଗୁଣ ବା property ହେଲା elasticity । ସେଥିପାଇଁ mass ବ୍ୟତୀତ elasticity ରହିବା ସମ୍ଭବ ନୁହେଁ । ପରୀକ୍ଷା ନିରୀକ୍ଷା ଓ ନୂତନ ଚିନ୍ତା ଚେତନାର ଭିତ୍ତିରେ ଆଜିର ether hypothesis କୁ ବିସର୍ଜନ ଦିଆଯାଇଛି । ସେଥିପାଇଁ କହୁଥିଲି, ଆଜି ଏହା ପ୍ରମାଣିତ ସତ୍ୟ ଯେ

---

**ବୈଜ୍ଞାନିକ ମ୍ୟାକ୍ସୱେଲ୍ ସ୍ପଷ୍ଟଭାବେ ଏହା କହିଥିଲେ(୧୮୭୩):** "There can be no doubt that the interplanetary and interstellar spaces are not empty but occupied by a material substance or body, which is certainly the largest and probably the most uniform body of which we have any knowledge."

ଦୁନିଆରେ କୌଣସିଠାରେ ଟିକିଏ ବି ଶୂନ୍ୟ ସ୍ଥାନ ନାହିଁ । * ବସ୍ତୁ ରହିଛି ଅର୍ଥ ହେଉଛି ସେ କିଛି ନା କିଛି space occupy କରେ । ଆଉ ସେହି space ଯେ ବସ୍ତୁର space, ତାହାକୁ ଆମେ ପୂର୍ବରୁ ଆଲୋଚନା କରିଛନ୍ତି ।

## ବସ୍ତୁ ନିରପେକ୍ଷ କାଳର ଧାରଣା ବିଜ୍ଞାନ ବିରୋଧୀ

ଏଥର time ବା ସମୟ ସଂକ୍ରାନ୍ତୀୟ କିଛି ଆଲୋଚନା କରାଯାଉ । ସମୟ କହିଲେ ଆମେ କ'ଣ ବୁଝୁ ? କୌଣସି କିଛିର ପରିବର୍ତ୍ତନର କାଳ ବା ପିରିୟଡକୁ ହିଁ ଆମେ ସମୟ କହିଥାଉ । ଏହିଭଳିଭାବେ ବସ୍ତୁର ରୂପାନ୍ତରର କାଳକୁ ମଧ୍ୟ ଆମେ ସମୟ କହୁ । ସୁତରାଂ ବସ୍ତୁର ଅସ୍ତିତ୍ୱ ନିରପେକ୍ଷ ବା ତାର ଗତି ବା ପରିବର୍ତ୍ତନରୁ ବିଚ୍ଛିନ୍ନ କାଳର କୌଣସି ଅସ୍ତିତ୍ୱ ରହିପାରେନା । ଅର୍ଥାତ୍ ବସ୍ତୁର ଅସ୍ତିତ୍ୱକୁ time and space ର ଅସ୍ତିତ୍ୱଭାବେ ହିଁ ବୁଝିବାକୁ ହେବ । ଅର୍ଥାତ ବସ୍ତୁକୁ ଆମେ ଯେମିତି ସମୟ ଓ ପ୍ରାପ୍ତିସ୍ଥାନରୁ ଅଲଗା କରି ପାରୁନା, ଠିକ ଏକାଭଳି ସମୟ ଓ ବ୍ୟାପ୍ତିସ୍ଥାନକୁ ବସ୍ତୁର ଅସ୍ତିତ୍ୱରୁ ବିଚ୍ଛିନ୍ନ କରିବା ସମ୍ଭବ ନୁହେଁ । ଫଳରେ ବସ୍ତୁ ଅଛି, ଅର୍ଥ ହେଲା କାଳ ମଧ୍ୟରେ ସେ ଅବସ୍ଥାନ କରେ ଏବଂ କାଳର ଛନ୍ଦରେ ସେ ପରିବର୍ତ୍ତିତ ହେଉଛି । ଏହି କାରଣରୁ ସମୟ(time) ଓ ବ୍ୟାପ୍ତିସ୍ଥାନ (space) କୁ କୁହାଯାଏ condition of existence of matter । ଆଉ motion କ'ଣ ? Motion is the mode of existence of matter । ବର୍ତ୍ତମାନ ସମୟକୁ ଯେହେତୁ ବସ୍ତୁରୁ ଅଲଗା କରାଯାଇ ପାରେନା, ସେହି କାରଣରୁ ବସ୍ତୁର ଅସ୍ତିତ୍ୱ ବାହାରେ ମହାକାଳର ଧାରଣା ମଧ୍ୟ ଅଳୀକ କଳ୍ପନା ଛଡା ଅନ୍ୟ କିଛି ନୁହେଁ ବା କୌଣସି ଏକ ସମୟରେ ବସ୍ତୁଜଗତ ଜଣେ ସୃଷ୍ଟି କରିଛନ୍ତି ଏଭଳି ଧାରଣା ମଧ୍ୟ ଅସାର । କାରଣ ଆମେ ଯଦି ତର୍କ ଖାତିରରେ ଧରି ନେଉ ଯେକୌଣସି ଏକ ବିଶେଷ ମୁହୂର୍ତ୍ତରେ ବସ୍ତୁ ବା ବସ୍ତୁଜଗତ ସୃଷ୍ଟି ହୋଇଛି ତେବେ ସଙ୍ଗେ ସଙ୍ଗେ ଗୋଟିଏ ପ୍ରଶ୍ନ ଦେଖା ଦେବାକୁ ବାଧ୍ୟ ଯେ, ଯଦି କୌଣସି ଏକ ବିଶେଷ ମୁହୂର୍ତ୍ତରେ ବସ୍ତୁ ବା ବସ୍ତୁଜଗତ ସୃଷ୍ଟିହୋଇଥାଏ ତେବେ ତାହାର ପୂର୍ବ ମୁହୂର୍ତ୍ତକୁ ଆମେ କିଭଳିଭାବେ ବୁଝିବୁ ? ସେକ୍ଷେତ୍ରରେ ଆମକୁ ଧରି ନେବାକୁ ହେବ ଯେ, ସେହି ମୁହୂର୍ତ୍ତର ପୂର୍ବ ପର୍ଯ୍ୟନ୍ତ ବସ୍ତୁ, ବସ୍ତୁତ୍ୱ, ଶକ୍ତି, ବ୍ୟାପ୍ତିସ୍ଥାନ (space) ପ୍ରଭୃତି କୌଣସି କିଛିର ଅବସ୍ଥାନ ନଥିଲା । ତାହା ହିଁ ଯଦି ସତ୍ୟ ହୋଇଥାନ୍ତା ତେବେ ବସ୍ତୁର ଅସ୍ତିତ୍ୱ ନିରପେକ୍ଷ, ତାର ଗତି ବା ପରିବର୍ତ୍ତନ ନିରପେକ୍ଷ ସମୟର ଅସ୍ତିତ୍ୱକୁ କୌଣସି ପ୍ରକାରେ କଳ୍ପନା କରିବା ସମ୍ଭବ କି ? ନା ଏଭଳି କିଛି ଥାଇପାରେ, ଅସଲରେ ଏହି ପ୍ରଶ୍ନର କୌଣସି ଉତ୍ତର ନାହିଁ । ତେଣୁ ବିଶେଷ ବସ୍ତୁର ସୃଷ୍ଟି ବା ରୂପାନ୍ତରର ପ୍ରଶ୍ନ ଥିଲେ ବି ସାମଗ୍ରିକ ଭାବେ ବସ୍ତୁ ବା ବସ୍ତୁଜଗତର ସୃଷ୍ଟିର ପ୍ରଶ୍ନଟି ବିଜ୍ଞାନ ବିରୋଧୀ ତାଛଡା ବିଜ୍ଞାନର ପ୍ରାଥମିକ ଜ୍ଞାନ ମଧ୍ୟ ଯେଉଁମାନଙ୍କର ରହିଛି ସେମାନେ ସମସ୍ତେ ଜାଣନ୍ତି ଯେ, out of nothing matter can not be created ଅର୍ଥାତ୍ କୌଣସି କିଛି ଆରମ୍ଭ ନକରି କୌଣସି ବସ୍ତୁକୁ ହିଁ ସୃଷ୍ଟି କରାଯାଇପାରେନା । ଠିକ୍ ଏକାଭଳିଭାବେ ବସ୍ତୁର ରୂପର (form) ପରିବର୍ତ୍ତନ ସମ୍ଭବ ହେଲେ ବି ବା ଏଭଳି କି ବସ୍ତୁତ୍ୱକୁ ଶକ୍ତିରେ ରୁପାନ୍ତରିତ କରାଯାଇ ପାରିଲେ ବି ବସ୍ତୁକୁ ସୃଷ୍ଟି ବା ଧ୍ୱଂସ କରା ଯାଇପାରେନା । ଅର୍ଥାତ୍ ଗୋଟିଏ

କଥାରେ କହିବାକୁ ଗଲେ ବସ୍ତୁକୁ ସୃଷ୍ଟି ବା ଧ୍ୱଂସ କରିବାର ଚିନ୍ତା ସମ୍ପୂର୍ଣ୍ଣ ଅବୈଜ୍ଞାନିକ । ମାତ୍ର ବିଜ୍ଞାନର ଏତେ ଆବିଷ୍କାର ପରେ ବି ମଣିଷ ଆଜି ବି ବସ୍ତୁଜଗତର ସୃଷ୍ଟି କର୍ତ୍ତାର ସନ୍ଧାନରେ ଛୁଟି ଚାଲିଛି । ଆଉ କଳ୍ପନା କରୁଛି ମହାକାଳର, ଯେଉଁ ମହାକାଳର ଧାରଣା ଏହି କାରଣରୁ ହିଁ ଅଳୀକ କଳ୍ପନା ଛଡା ଅନ୍ୟ କିଛି ନୁହେଁ ।

## ବସ୍ତୁର ଆଦି ବା ସୃଷ୍ଟିର ପ୍ରଶ୍ନ

ଆପଣମାନେ ସମସ୍ତେ ଜାଣନ୍ତି ଯେ, ଦୁନିଆ କୁହନ୍ତୁ ବା ମଣିଷ କୁହନ୍ତୁ ଏ ସବୁର ସୃଷ୍ଟିକର୍ତ୍ତା କିଏ – ଏହି ପ୍ରଶ୍ନଟିକୁ କେନ୍ଦ୍ର କରି ଆଦି ବା ଆରମ୍ଭର ପ୍ରଶ୍ନଟି ମଣିଷର ମନରେ ବାରମ୍ବାର ଧକ୍କା ଦେଇଛି । ବିଜ୍ଞାନ ଓ ବସ୍ତୁବାଦୀ ଦର୍ଶନର ଅନେକ କିଛି ବୁଝିବା ପରେ ମଧ୍ୟ ବହୁ ମଣିଷ ମନରେ ଏହି ପ୍ରଶ୍ନ ଦେଖାଦେଇଛି ଯେ, ଆମର ଆଦି କେଉଁଠୁ ଏବଂ ଶେଷ କେଉଁଠି ? ଏବେ ବି ଏହି ଧରଣର ପ୍ରଶ୍ନ ବାରମ୍ବାର ସମ୍ମୁଖୀନ ହେବାକୁ ହୁଏ । ଏହା ସତ୍ୟ ଯେ, ଏହି ପ୍ରଶ୍ନଟି ଏକଦା ଜ୍ଞାନଜଗତରେ ଏକ ଗୁରୁଗମ୍ଭୀର ପ୍ରଶ୍ନ ହିସାବରେ ବିବେଚିତ ହୋଇଛି । କିନ୍ତୁ ଆଜି ବିଜ୍ଞାନର ଅଗ୍ରଗତିର ମାପକାଠିରେ ବିଚାର କଲେ ଏ ଧରଣର ପ୍ରଶ୍ନକୁ ଅଜ୍ଞାତ ପ୍ରସୂତ ବୋଲି ମନେ କରାଯାଏ । କାହିଁକି ନା, ବିଜ୍ଞାନ ଆଜି ଆରମ୍ଭ କହିଲେ କୌଣସି ବିଶେଷ ବସ୍ତୁର ଆରମ୍ଭକୁ ବୁଝାଏ, ଶେଷ କହିଲେ କୌଣସି ବିଶେଷ ବସ୍ତୁର ଶେଷକୁ ବୁଝାଏ । ସବୁକିଛିର ଆରମ୍ଭ ବା ସବୁକିଛିର ଶେଷ – ଏଭଳି ପ୍ରଶ୍ନ ଆଜି ବିଜ୍ଞାନର କ୍ଷେତ୍ରରେ ଗ୍ରହଣଯୋଗ୍ୟ ବା tenable ନୁହେଁ । ଅନ୍ୟ ଦିଗରେ ବିଷୟଟି ଟିକିଏ ବ୍ୟାଖ୍ୟା କରି କହିଲେ ବୁଝିବାକୁ ସୁବିଧା ହେବ । ଯେପରି ଧରନ୍ତୁ, ଆଗ – ପଛର ପ୍ରଶ୍ନ । କେହି ଯଦି ଜାଣିବାକୁ ଚାହେଁ, ଆମ୍ଭମାନଙ୍କର ସମ୍ମୁଖ ଦିଗ କେଉଁଟା ବା ପଛ ଦିଗ କେଉଁଟା, ତେବେ ତାହା କୌଣସି ବିଶେଷ ବସ୍ତୁର ସମ୍ମୁଖ ବା ପଛର ଦିଗ କୁହାହେଉଛି ସେକଥା ବୁଝିବାରେ ଆମର ଅସୁବିଧା ହୁଏ ନାହିଁ । ଧରନ୍ତୁ, ଏହି କ୍ଲାସରେ ଆମେ ଯେଉଁମାନେ ମଞ୍ଚ (dias) ରେ ବସିଅଛୁ ଆମ୍ଭମାନଙ୍କଠାରୁ ଯଦି ଆରମ୍ଭ କରାଯାଏ, ତାହେଲେ ଆମ୍ଭମାନଙ୍କ ସମ୍ମୁଖର ଦିଗ କେଉଁଟା ହେବ ? ତୀର ଚିହ୍ନ (arrow) ଦେଇ ବୁଝାଯାଇ ପାରେ ଯେ, ଆପଣମାନେ ଯେଉଁମାନେ ମଞ୍ଚ ଦିଗକୁ ମୁହଁକରି ବସି ଶୁଣୁଛନ୍ତି, ସେମାନେ ହିଁ ଆମ୍ଭମାନଙ୍କର ସମ୍ମୁଖରେ ବସିଛନ୍ତି । ଆହୁରି ମଧ୍ୟ ଆପଣମାନେ ଯେଉଁମାନେ ହଲରେ ବସି ଆଲୋଚନା ଶୁଣୁଛନ୍ତି ଯଦି ସେମାନଙ୍କ ଠାରୁ ଆରମ୍ଭ କରାଯାଏ ତାହା ହେଲେ ଆପଣମାନଙ୍କର ସମ୍ମୁଖ ଦିଗ କେଉଁଟା ହେବ, ତାହା ମଧ୍ୟ ତୀର ଚିହ୍ନ (arrow) ଦେଇ ବୁଝାଯାଇପାରେ ଯେ, ଆମେ ଯେଉଁମାନେ ମଞ୍ଚରେ ବସିଛୁ ତାହା ହେଲା ଆପଣମାନଙ୍କର ସମ୍ମୁଖ ଦିଗ । ଫଳରେ ଦେଖି ପାରୁଛନ୍ତି, ସମ୍ମୁଖ ବା ପଛର ଧାରଣାଟା ନିର୍ଭର କରୁଛି ଗୋଟିଏ ବିଶେଷ ଅବସ୍ଥାନ ଉପରେ – with respect to or in relation to a particular position । ଅର୍ଥାତ୍ ସମ୍ମୁଖ-ପଛର ଧାରଣାଟି ହେଉଛି ଆପେକ୍ଷିକ । Absolute ବା ନିର୍ବିଶେଷ ସମ୍ମୁଖ ବା ପଛ କହିଲେ କିଛି ନାହିଁ । ଠିକ୍ ସେହି ଭଳି Absolute ଆରମ୍ଭ ବା ଶେଷ କହିଲେ କିଛି ନାହିଁ, ବିଶେଷ ବସ୍ତୁର ଆରମ୍ଭ ଅଛି ଏବଂ ଶେଷ ଅଛି । ଫଳରେ କେହି ଯଦି ପ୍ରଶ୍ନ କରେ ଯେ, ଦୁନିଆରେ ଯେତେ

ମଣିଷ ଅଛନ୍ତି- ସେମାନଙ୍କର ସମ୍ମୁଖ ଦିଗ କେଉଁଟା, ତାହା ଯେପରି ଅର୍ଥହୀନ ହେବ, ସେହିଭଳି କେହି ଯଦି ପ୍ରଶ୍ନ କରେ ସମସ୍ତ ବସ୍ତୁର ଆରମ୍ଭ କେଉଁଠୁ, ତାହା ମଧ୍ୟ ଏକାଭଳି ଅର୍ଥହୀନ ହେବ ।

ଏକାଭଳି ବିଜ୍ଞାନର ବିଭିନ୍ନ ଉଦାହରଣରୁ ଆମେ ଏହି ଗୋଟିଏ ସିଦ୍ଧାନ୍ତରେ ପହଞ୍ଚିବା । ଧରନ୍ତୁ ଆମେ ଯଦି ଜଳରୁ ଆରମ୍ଭ କରିବା, ସେଥିରେ ଏସିଡ୍ ମିଶାଇ ତାହା ମଧ୍ୟଦେଇ ବିଦ୍ୟୁତ ସ୍ରୋତ (Current pass) କଲେ ଜଳ ଭାଙ୍ଗି ଯାଇ ଆମେ ହାଇଡ୍ରୋଜେନ୍ ଓ ଅକ୍ସିଜେନ୍ ନାମରେ ଦୁଇଟି ଗ୍ୟାସ ପାଇବା । ଏଠାରେ ଆମେ କେଉଁଠାରୁ ଆରମ୍ଭ କରୁଛନ୍ତି ? ଆରମ୍ଭ କରୁଛନ୍ତି ଜଳରୁ । ତାହା ଶେଷ ହେଉଛି କେଉଁଠି ? ହାଇଡ୍ରୋଜେନ୍ ଓ ଅକ୍ସିଜେନ୍‌ରେ । ପୁଣି ବିପରୀତ ଦିଗରୁ ଧରନ୍ତୁ । ଆମେ ଯଦି ହାଇଡ୍ରୋଜେନ୍ ଓ ଅକ୍ସିଜେନ୍‌ରୁ ଆରମ୍ଭ କରିବା ଏବଂ ବିଶେଷ ପ୍ରକ୍ରିୟାରେ ଏବଂ ବିଶେଷ ଅନୁପାତରେ ସେମାନଙ୍କର ମିଳନ ଘଟାଇବା, ତେବେ ଏହି ଦୁଇ ଗ୍ୟାସର ମିଳନ ଫଳରେ ଆମେ ଜଳ ପାଇବା । ସେ କ୍ଷେତ୍ରରେ ଆରମ୍ଭ କେଉଁଠୁ ? ହାଇଡ୍ରୋଜେନ୍ ଓ ଅକ୍ସିଜେନ୍‌ରୁ ? ଶେଷ କେଉଁଠି, ଶେଷ ହେଉଛି ଜଳରେ । ଏଇ ହେଲା ବିଷୟ । ଏହାପରେ ମଧ୍ୟ କେହି ଯଦି ଜାଣିବାକୁ ପ୍ରଶ୍ନ କରେ ଯେ, ଦୁନିଆରେ ଯାହାକିଛି ଅଛି – ଅଜୈବିକ ପଦାର୍ଥ, ଜୈବିକ ପଦାର୍ଥ, ଗଛଲତା, କୀଟ ପତଙ୍ଗ, ହାଇଡ୍ରୋଜେନ୍, ଅକ୍ସିଜେନ୍, କାର୍ବନ, ଇଲେକ୍ଟ୍ରୋନ, ପ୍ରୋଟନ ଯାହାକିଛି ଅଛି – ଏସମସ୍ତ କିଛିର ଆରମ୍ଭ (origion) କେଉଁଠୁ ? ସ୍ୱାଭାବିକ ଭାବରେ ବୁଝିବାକୁ ଅସୁବିଧା ହେବ ନାହିଁ ଯେ, ଏହି ପ୍ରଶ୍ନଟି ଅବୈଜ୍ଞାନିକ ଏବଂ ଏହି ଧରଣର ଧାରଣା ଭ୍ରାନ୍ତ । ସେଥିପାଇଁ କହୁଥିଲି, କୌଣସି ଗୋଟିଏ ବିଶେଷ ବସ୍ତୁର ଆରମ୍ଭ ଅଛି କିନ୍ତୁ ସମସ୍ତ କିଛିର ସାଧାରଣ ଆରମ୍ଭ ବା common origion ନାହିଁ, ରହିପାରେନା । ସୁତରାଂ ଆପଣମାନଙ୍କୁ ବୁଝି ନେବାକୁ ହେବ ଯେ, ଆଗ-ପଛ, ଆରମ୍ଭ-ଶେଷ ଏହିସବୁ ଧାରଣାଗୁଡ଼ିକ relative ବା ଆପେକ୍ଷିକ ।

କୌଣସି କୌଣସି ମହଲରୁ ଆପେକ୍ଷିକ ଧାରଣାକୁ ବିକୃତ କରିବାର ଚେଷ୍ଟା କରାହେଉଛି । ଆପେକ୍ଷିକତା ସମ୍ପର୍କରେ ସଠିକ୍ ଧାରଣା ନଥିବା ଫଳରେ କେହି କେହି କହୁଛନ୍ତି, ସବୁକିଛି ଯଦି ଆପେକ୍ଷିକ ହୁଏ, ତାହାହେଲେ କୁହା ଯାଇପାରିବ ଯେ, ଏହି ବସ୍ତୁଜଗତ ବା ଦୁନିଆର ଅସ୍ତିତ୍ୱ ହିଁ ଆପେକ୍ଷିକ, ଏହା ମଣିଷର ଚେତନା ବା ମନ ଉପରେ ନିର୍ଭରଶୀଳ । ଅସଲରେ ଏହି ଧରଣର ପ୍ରଶ୍ନ ଯେଉଁମାନେ କରନ୍ତି, ସେମାନେ ଆପେକ୍ଷିକତାକୁ କେବଳ ଯେ ବିଚ୍ଛିନ୍ନଭାବେ ବୁଝିଛନ୍ତି ତାହା ନୁହେଁ, ସେମାନେ ଗୋଟିଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ସତ୍ୟକୁ ହିଁ ଭୁଲି ଯାଇଛନ୍ତି । ଏକଥା ମଧ୍ୟ କାହାକୁ ଅଜଣା ନୁହେଁ ଏବଂ ଇତିହାସ ଓ ବିଜ୍ଞାନରେ ମଧ୍ୟ ଏହା ପ୍ରମାଣିତ ସତ୍ୟ ଯେ, ବସ୍ତୁଜଗତର ବିକାଶର ପଥରେ ଗୋଟିଏ ବିଶେଷ ସ୍ତର ଆସିବାପରେ ହିଁ ମନର ଆବିର୍ଭାବ ଘଟିଛି । ସେଥିପାଇଁ ଚେତନା ଓ ମନର ଅସ୍ତିତ୍ୱ ଉପରେ ବସ୍ତୁର ଅସ୍ତିତ୍ୱ ନିର୍ଭରଶୀଳ – ଏ ପ୍ରକାର ଚିନ୍ତାର କୌଣସି ବିଜ୍ଞାନସମ୍ମତ ଭିତ୍ତି ନାହିଁ । ଏହି ବିଷୟ ଅନସ୍ୱୀକାର୍ଯ୍ୟ ଯେ, ଚେତନା- ନିରପେକ୍ଷଭାବରେ ବସ୍ତୁଜଗତ ଓ ଦୁନିଆର ଅସ୍ତିତ୍ୱ ଆଜି ପ୍ରଶ୍ନାତୀତ ଏବଂ ବିଜ୍ଞାନରେ ଏହି ସତ୍ୟ ସ୍ୱୀକୃତ ।

ଆମେ ଏହା ପୂର୍ବରୁ ଉଲ୍ଲେଖ କରିଯାଇଛନ୍ତି ଯେ, ଗୋଟିଏ ସମୟରେ ପରମାଣୁ ବା atom କୁ ଭାଙ୍ଗି ହେଉନଥିଲା । ସେହି ସମୟରେ atomକୁ unbreakable ମନେ କରାହେଉଥିଲା । ମନେ କରାହେଉଥିଲା ପରମାଣୁକୁ ଭଙ୍ଗା ଯାଇପାରେନା । କେହି କେହି ବୈଜ୍ଞାନିକ ଏହିଭଳି କହିଛନ୍ତି ଯେ, ପରମାଣୁକୁ ଭଙ୍ଗାଯାଇ ପାରିବ ନାହିଁ । ଏହି ଧାରଣାକୁ ଭିତ୍ତି କରି ହିଁ ବସ୍ତୁଜଗତର origin ବାମୌଳିକ ବସ୍ତୁକଣିକାର ଧାରଣା ଗଢି ଉଠିଥିଲା । ଅରମ୍ଭ (origion) ସଂକ୍ରାନ୍ତୀୟ ଏହି ଧାରଣା ସେ ଯୁଗରେ ଦୀର୍ଘଦିନ ଧରି ବିଜ୍ଞାନ ଓ ଦର୍ଶନର ଚିନ୍ତାକୁ ପ୍ରଭାବିତ କରିଛି । ସେଦିନ ଗୋଟିଏ ମାତ୍ର କଣ୍ଠସ୍ୱର ଏହାର ପ୍ରତିବାଦ କରିଥିଲା । ସେ ହେଉଛନ୍ତି ଏଙ୍ଗେଲସ୍ । ସେହି ବୈଜ୍ଞାନିକମାନଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ ଯେ, They are going against the ethics of science । ଅର୍ଥାତ୍ ସେମାନେ ବିଜ୍ଞାନର ethics ବିରୁଦ୍ଧରେ ଯାଉଛନ୍ତି । କାହିଁକି ନା, ଆଜି ପରମାଣୁ ବା (atom)କୁ ଭଙ୍ଗା ଯାଇପାରୁ ନାହିଁ, ଏକଥା ଠିକ୍ କିନ୍ତୁ ତାହା ବୋଲି ଭବିଷ୍ୟତରେ ପରମାଣୁ (atom)କୁ କୌଣସି ଦିନ ଭଙ୍ଗା ଯିବ ନାହିଁ ଏହା କହିବା ଚଳିବ କି ? ବୈଜ୍ଞାନିକମାନଙ୍କୁ ତ ଗୋଟିଏ ethics ମାନି ଚଳିବାକୁ ହେବ । ଆଜି ଏ କଥା ସମସ୍ତେ ଜାଣନ୍ତି ଯେ, ପରମାଣୁ ବା (atom)କୁ ଯେ, କେବଳ ଭଙ୍ଗା ଯାଇପାରିଲା ତାହା ନୁହେଁ, ଏହି ଘଟଣା ଘଟିବା ପରେ ବସ୍ତୁର origin ବା ମୂଳ ସଂକ୍ରାନ୍ତୀୟ ଯେଉଁ ଧାରଣା ତାହା ମଧ୍ୟ ଭାଙ୍ଗି ଚୁରମାର୍ ହୋଇଗଲା । କୌଣସି ସୂକ୍ଷ୍ମ ବସ୍ତୁକୁ ଆଜି ନୂତନ ଭାବରେ origion ବା ମୂଳ ବୋଲି ମନେ କରାଯାଏ ନାହିଁ । ବୈଜ୍ଞାନିକମାନେ ଆଜି ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ଯେକୌଣସି କ୍ଷୁଦ୍ର ବସ୍ତୁ କଣିକା ହେଉଛି ଆହୁରି କେତେ ଗୁଡିଏ କ୍ଷୁଦ୍ରତର ବସ୍ତୁ କଣିକାର ସମଷ୍ଟି – any small particle is an assembly of some other smaller particles । ସୁତରାଂ ଏହି ବ୍ୟାଖ୍ୟା ପରେ ବସ୍ତୁଜଗତର ସାଧାରଣ ମୂଳ ଧାରଣା Origin of Theory ର ଆଉ କୌଣସି ଅସ୍ତିତ୍ୱ ରହିପାରେନା ।

ଏହା ହେଉଛି ଗୋଟିଏ ଦିଗ । ଆହୁରି ମଧ୍ୟ ଇଲେକ୍ଟ୍ରୋନ ଆବିଷ୍କାର ପରେ ଏକଦା ଇଲେକ୍ଟ୍ରୋନର ଚରିତ୍ର କ'ଣ ଅର୍ଥାତ୍ ତାହା particle ନା wave, ଏହା ନେଇ ବୈଜ୍ଞାନିକ ମାନଙ୍କ ମଧ୍ୟରେ ଗୋଟିଏ ବିରାଟ ମତ ପାର୍ଥକ୍ୟ ଦେଖାଦେଇଛି । ଫରାସୀ ବୈଜ୍ଞାନିକ ଡି ବ୍ରଗ୍ଲି ତତ୍ତ୍ୱ ସାହାଯ୍ୟରେ ଦେଖାଇଲେ ଯେ, ଇଲୋକ୍ଟ୍ରୋନ – ଯାହା ଏତେ ଦିନ ପର୍ଯ୍ୟନ୍ତ particle ହିସାବରେ ଜଣାଥିଲା – ତାହାର ଏକା ସାଙ୍ଗରେ wave ଚରିତ୍ର ବି ରହିଛି । ସେହିଦିନ ଠାରୁ ମତ ବିରୋଧ ଆରମ୍ଭ ହେଲା । ଏହି ମତ ବିରୋଧ ଦୀର୍ଘ ଦିନ ଧରି ଚାଲିଛି । ଦଳେ ବୈଜ୍ଞାନିକ କିଛି କିଛି ପରୀକ୍ଷା ସାହାଯ୍ୟରେ ଇଲେକ୍ଟ୍ରୋନର particle character କୁ ପ୍ରଶ୍ନାତୀତଭାବେ ପ୍ରମାଣ କରିଛନ୍ତି । ଆଉ ଦଳେ ବୈଜ୍ଞାନିକ ଅନ୍ୟ କିଛି ପରୀକ୍ଷା ସାହାଯ୍ୟରେ ଇଲେକ୍ଟ୍ରୋନର wave character କୁ ପ୍ରମାଣିତ କରିଛନ୍ତି । ଫଳରେ ଏହି ବିଷୟକୁ କେନ୍ଦ୍ରକରି ବୈଜ୍ଞାନିକମାନଙ୍କ ମଧ୍ୟରେ ଦୁଇଟି ମତବାଦ ଗଢି ଉଠିଛି । ସେମାନଙ୍କ ମଧ୍ୟରୁ ଦଳେ ଗୋଟିଏ ମତବାଦରେ ବିଶ୍ୱାସୀ ହୋଇପଡଛନ୍ତି ଏବଂ ଆଉ ଦଳେ ସେମାନଙ୍କ ମତବାଦକୁ ଗ୍ରହଣ କରିବାକୁ ଅସ୍ୱୀକାର କରିଛନ୍ତି ।

ଆମେ ପୂର୍ବରୁ ଦେଖିଛନ୍ତି ଯେ, ବସ୍ତୁର ଯେଉଁ ବସ୍ତୁତ୍ୱ (mass) ଏବଂ ଶକ୍ତି (energy)–ଏହି ଦୁଇଟି ହିଁ ପରସ୍ପର ସମ୍ପର୍କଯୁକ୍ତ, ଖାଲି ସେତିକି ନୁହେଁ ଗୋଟିକକୁ ଆଉ ଗୋଟିକରେ ମଧ୍ୟ ରୂପାନ୍ତରିତ କରା ଯାଇପାରେ । ଏଠାରେ ଡି. ବ୍ରଗ୍ଲି ଦେଖାଇଛନ୍ତି ଯେ, ପ୍ରତିଟି ବସ୍ତୁ କଣିକାର ହିଁ ଏକା ସାଙ୍ଗରେ particle ଏବଂ wave character ରହିଛି । ଅବସ୍ଥାର ତାରତମ୍ୟ ଅନୁସାରେ ଗୋଟିଏ କୌଣସି ଏକ ପରିପ୍ରେକ୍ଷୀରେ ଅପରଟି ଉପରେ ପ୍ରାଧାନ୍ୟ ବିସ୍ତାର କରେ, ଅପରଟି ତୁଳନାମୂଳକ ଭାବେ କମ୍ ପରିଲକ୍ଷିତ ହୁଏ । ଯେଉଁ ସମସ୍ତ ବସ୍ତୁ ଇନ୍ଦ୍ରୀୟ ଗ୍ରାହ୍ୟ – ବିଜ୍ଞାନର ଭାଷାରେ ଯେଉଁ ଗୁଡିକୁ macro-body କୁହାଯାଏ – ସେହି ସବୁ କ୍ଷେତ୍ରରେ ବସ୍ତୁର mass ବା particle ଚରିତ୍ର ପ୍ରଧାନଭାବେ ଦେଖାଦିଏ । wave ର ଅସ୍ତିତ୍ୱ ନଗଣ୍ୟ ରହେ । ଆଉ ବସ୍ତୁର ସୂକ୍ଷ୍ମାତିସୂକ୍ଷ୍ମ କଣିକା କ୍ଷେତ୍ରରେ – ଯେଉଁଗୁଡିକ ସାଧାରଣ ଭାବେ ଇନ୍ଦ୍ରୀୟ ଗ୍ରାହ୍ୟ ନୁହେଁ – ସେଗୁଡିକର mass ବା particle ଚରିତ୍ର କୌଣସି କୌଣସି ପରିପ୍ରେକ୍ଷୀରେ ଅନୁଭୂତ ହୁଏ । ଆଉ wave ର ଦିଗଟା ଅନ୍ୟାନ୍ୟ ପରିପ୍ରେକ୍ଷୀରେ ଅନୁଭୂତ ହୁଏ । ଆଇନ୍ ଷ୍ଟାଇନ୍ଙ୍କ (theory of relativity) ଆପେକ୍ଷିକ ତତ୍ତ୍ୱ ସାହାଯ୍ୟରେ ଡି. ବ୍ରଗ୍ଲିଙ୍କ ଏହି wave-particle duality ର ତତ୍ତ୍ୱ ଏବଂ ପରବର୍ତ୍ତୀକାଳରେ ଅନ୍ୟାନ୍ୟ ବୈଜ୍ଞାନିକ ମାନଙ୍କର କିଛି ପରୀକ୍ଷା ନିରୀକ୍ଷାରୁ ସୁନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଭିତ୍ତିରେ ଏହି ମତ ବିରୋଧର ଅବସାନ ଘଟି ଯାଇଛି ବୋଲି ମୁଁ ମନେ କରେ । ସୁତରାଂ, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦରେ ବସ୍ତୁର ଯେଉଁ ଦ୍ୱନ୍ଦ୍ୱର ଅସ୍ତିତ୍ୱର କଥା କୁହାହୋଇଛି ତାହା ସହିତ ବସ୍ତୁର ଏହି wave-particle ତତ୍ତ୍ୱର କୌଣସି ବିରୋଧ ନାହିଁ ।

## ଗୋଟିଏ କାର୍ଯ୍ୟ ପଛରେ ଅନେକ କାରଣର ଧାରଣା ଭ୍ରାନ୍ତ

ଏଥର ଆଉ ଗୋଟିଏ ପ୍ରସଙ୍ଗକୁ ଯିବା । ବିଜ୍ଞାନ ଓ ଦର୍ଶନର ଗୋଟିଏ ବଡ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କାର୍ଯ୍ୟକାରଣ ସମ୍ପର୍କ ଅର୍ଥାତ୍ law of causalty ସମ୍ପର୍କରେ ସଠିକ୍ ଧାରଣା ଗଢି ତୋଳିବା । ଆମେ ସମସ୍ତେ ଜାଣୁ ଯେ, ଦୁନିଆରେ ଯାହା ସବୁ ଘଟୁଛି, ସମସ୍ତ କିଛି ହିଁ ନିୟମ ଦ୍ୱାରା ନିୟନ୍ତ୍ରିତ । ଅର୍ଥାତ୍ ପ୍ରତିଟି ଘଟଣା law governed । Law ସଂକ୍ରାନ୍ତୀୟ ଆଲୋଚନାର ବହୁ ଦିଗ ରହିଛି, ବିଶେଷ କରି ପୁଞ୍ଜିବାଦୀ ଅର୍ଥନୀତି ଏବଂ ସମାଜତାନ୍ତ୍ରିକ ଅର୍ଥନୀତର ନିୟମ ସଂକ୍ରାନ୍ତରେ ଯେଉଁ ଆଲୋଚନା ମୁଁ ବର୍ତ୍ତମାନ ସେହି ବିଷୟ ଭିତରକୁ ପ୍ରବେଶ କରିବାକୁ ଚାହୁଁନାହିଁ । କିନ୍ତୁ ବିଜ୍ଞାନ ଓ ଦର୍ଶନ ସଂକ୍ରାନ୍ତୀୟ ପ୍ରଶ୍ନ ସହିତ ଯୁକ୍ତ କିଛି କିଛି ଦିଗ ମୁଁ ଏ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଛି । ଯେଭଳି, ଗୋଟିଏ ପ୍ରଶ୍ନ ପ୍ରାୟ ଉତ୍ଥାପିତ ହୁଏ ଯେ, କୌଣସି ଗୋଟିଏ କାର୍ଯ୍ୟ ପଛରେ ଏକାଧିକ କାରଣ ରହିପାରେ କି' ନା । ଏ ବ୍ୟାପାରରେ (logician) ତର୍କକାରମାନେ ଆଜି ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ଗୋଟିଏ କାର୍ଯ୍ୟ ପଛରେ ଅନେକଗୁଡିଏ କାରଣ ରହିପାରେନା । ସେମାନେ ପରିଷ୍କାର ଭାବରେ କହିଛନ୍ତି ଯେ plurality of causes is a wrong conception – ଅର୍ଥାତ୍ ଗୋଟିଏ କାର୍ଯ୍ୟ ପଛରେ ଅନେକ କାରଣ ରହିବା ଧାରଣା ଭ୍ରାନ୍ତ । ସେମାନଙ୍କର ବକ୍ତବ୍ୟ ହେଲା ଆମେ ଯେଉଁଗୁଡିକୁ ବହୁ ସମୟରେ cause କହୁ, ଗୋଟିଏ କାର୍ଯ୍ୟ ପଛରେ ଅନେକ

କାରଣ ଅଛି ବୋଲି କହୁ ସେଗୁଡିକ, cause ବା କାରଣ ନୁହେଁ, ସେଗୁଡିକୁ factor ବା condition କହିବା ଉଚିତ୍ । ବିଭିନ୍ନ ଘଟଣା କିମ୍ବା ପରିସ୍ଥିତିର ମିଳନରେ ହିଁ କାରଣ ବା causeର ସୃଷ୍ଟି ହୁଏ । ଅର୍ଥାତ୍ ବିଭିନ୍ନ ଘଟଣା ବା ପରିସ୍ଥିତିର ମିଳନର ପ୍ରକ୍ରିୟାରେ ଯେଉଁ ମୁହୂର୍ତ୍ତରେ କାରଣ ପରିପକ୍ୱତା ବା maturity ଲାଭ କରେ ସେହି ମୁହୂର୍ତ୍ତରେ ହିଁ କାର୍ଯ୍ୟ ବା effect ଘଟିଥାଏ । ଏହି ଦିଗଟିକୁ ବୁଝିବା ପାଇଁ କୁହାଯାଏ, what is cause that is effect or cause is the immediate antecedent of effect – ଯାହା କାରଣ ତାହା ହିଁ ଫଳ ଅଥବା କାରଣ ହେଉଛି ଫଳର ଠିକ୍ ପୂର୍ବ ମୁହୂର୍ତ୍ତ ।

ସେଥିପାଇଁ plurarity of cause ମାନିବାର କୌଣସି ପ୍ରଶ୍ନ ଉଠି ପାରେନା । ଏହି ଧାରଣା ଅସତ୍ୟ ବୋଲି ଏହାକୁ ମାନି ନେବା ଚଳେନା । ମାନି ନେଲେ ଅନେକ ବିପତ୍ତି ହେବ । ଯଦି ଏକଥା ମାନି ନିଆଯାଏ ଯେ ଗୋଟିଏ କାର୍ଯ୍ୟ ବହୁ କାରଣ ପାଇଁ ଘଟିପାରେ ତାହା ହେଲେ କୌଣସି ଗୋଟିଏ ବିଶେଷ ସମସ୍ୟାର ସମାଧାନର ପଥ ଗୋଟିଏ – ଏକଥା କୌଣସି ପ୍ରକାରେ ସଠିକ୍ ହୋଇପାରେନା । ଏହାର ଅର୍ଥ ଏହା ହେବ ଯେ, କମ୍ୟୁନିଷ୍ଟମାନେ ଯେଉଁ ବିପ୍ଲବ ଏବଂ ସର୍ବହରା ଏକନାୟକତ୍ୱ କଥା କହୁଛନ୍ତି, ଏବଂ କହୁଛନ୍ତି ଯେ ବିଶ୍ୱ ବିପ୍ଲବର ମଧ୍ୟଦେଇ ସମାଜତନ୍ତ୍ରକୁ ଶକ୍ତିଶାଳୀ କରିବା ପଥରେ ବ୍ୟକ୍ତିବାଦର ଅବସାନ ଘଟାଇ, ରୁଚି ସଂସ୍କୃତିର ଉନ୍ନତମାନ ଅର୍ଜନର ପଥରେ ଦିନେ ବିଶ୍ୱ ସାମ୍ୟବାଦୀ ସମାଜ ବ୍ୟବସ୍ଥା ପ୍ରତିଷ୍ଠିତ ହେବ ଏବଂ ଏହା ହିଁ ଏକମାତ୍ର ଇତିହାସ ନିର୍ଦ୍ଦେଶିତ ପଥ, ଏହା ବାହାରେ ଆଉ କିଛି ହୋଇପାରେନା – ଏହି ବକ୍ତବ୍ୟ challenge ର ସମ୍ମୁଖୀନ ହେବ । ମନେ ହେବ ଯେ ଅନେକ ଗୁଡିଏ ଛକ କାଟିବା ଭଳି ହୋଇଗଲା । ଫଳରେ ଯେଉଁ ସମସ୍ତ ଚିନ୍ତାଶୀଳ ବ୍ୟକ୍ତି plurarity of causeର କଥା କହୁଛନ୍ତି, ସେମାନେ ଅଜାଣତରେ ହେଲେ ମଧ୍ୟ ଏହି ଧାରଣାର ଆଢୁଆଳରେ କେବଳ ବିଜ୍ଞାନ ବିରୋଧୀ କଥା କହୁଛନ୍ତି ତାହା ନୁହେଁ, ସାମ୍ୟବାଦୀ ମତାଦର୍ଶର ଭିତ୍ତି ମୂଳରେ ହିଁ ଆଘାତ ହାଣୁଛନ୍ତି ।

କେବଳ (logician) ତର୍କକାରମାନେ ନୁହଁନ୍ତି, ବୈଜ୍ଞାନିକ ମାନେ ମଧ୍ୟ ଆଜି ବିଜ୍ଞାନ ଜଗତର ପ୍ରତିଟି କ୍ଷେତ୍ର (field)ରେ ଏହି cause-effect relation ବା law of casuality ଅର୍ଥାତ୍ କାର୍ଯ୍ୟକାରଣ ସମ୍ପର୍କକୁ ମାନି ନେଇଛନ୍ତି । ଅବଶ୍ୟ ଏ କ୍ଷେତ୍ରରେ ମଧ୍ୟ ଗୋଟିଏ ବିଷୟକୁ କେନ୍ଦ୍ରକରି ଏକ ବିଭ୍ରାନ୍ତି ମୁଁ ଲକ୍ଷ୍ୟ କରୁଛି । କୌଣସି କୌଣସି ବୈଜ୍ଞାନିକ ମନେ କରୁଛନ୍ତି ଯେ, determinism ବା determinist law କୁ ଯାହା law of causality ର ଭିନ୍ନ ଅଭିବ୍ୟକ୍ତି, ମାନି ନେଲେ probability କୁ ମାନିବା ହୁଏନା । ଠିକ୍ ଏହିଭଳିଭାବରେ ଏହି ସମସ୍ତ ବୈଜ୍ଞାନିକମାନେ କହୁଛନ୍ତି, probabilityକୁ ମାନି ନେଲେ determinism କୁ ମାନିବା ହୁଏନା । ଏହିଭଳିଭାବରେ ଏହି ବିଷୟଟିକୁ କେନ୍ଦ୍ରକରି କେବଳ ସାଧାରଣ ସ୍ତରର ବୈଜ୍ଞାନିକମାନଙ୍କ ମଧ୍ୟରେ ନୁହେଁ ଏପରିକି ଡି.ବ୍ରଗ୍ଲିଙ୍କ ଭଳି ପ୍ରଖ୍ୟାତ ବୈଜ୍ଞାନକମାନଙ୍କ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ବିଭ୍ରାନ୍ତି ରହିଯାଇଛି । ପ୍ରକୃତରେ ବିଷୟଟି କ'ଣ ?

## Probability ଓ Determinismର ଧାରଣା ପରସ୍ପର ବିରୋଧୀ ନୁହେଁ

ପ୍ରଥମତଃ ଆପଣମାନଙ୍କର ସମସ୍ତଙ୍କର ଜାଣିବା ଦରକାର ଯେ Probability ମଧ୍ୟ Scientific basis ଉପରେ ଛିଡା ହୋଇଛି – ଅର୍ଥାତ୍ ଏହା ମଧ୍ୟ ଗୋଟିଏ ବିଜ୍ଞାନ (science) । ସେଥିପାଇଁ ବିଜ୍ଞାନରେ Probability କୁ ଅସ୍ୱୀକାର କରିବାର ପ୍ରଶ୍ନ ଆସେ ନା । ଆହୁରି ମଧ୍ୟ ଅନ୍ୟ ଦିଗରୁ Determinism ବା Determinist law ଯାହା କୁହାଯାଉନା କାହିଁକି ତାହା ମଧ୍ୟ ବିଜ୍ଞାନରେ ବହୁ ପରୀକ୍ଷିତ ସତ୍ୟ । ସୁତରାଂ ଏହି ଦୁଇଟି ମଧ୍ୟରେ ବିରୋଧ ବା ସଂଘର୍ଷ ରହି ପାରେନା । ତାହାହେଲେ ଏ ସମ୍ପର୍କରେ ସଠିକ୍ ଏବଂ ବୈଜ୍ଞାନିକ ଧାରଣା କ'ଣ ହେବ ? ଏହି କ୍ଲାସରେ ଅନେକ ହିଁ ଅଛନ୍ତି ଯେଉଁମାନେ ବିଜ୍ଞାନର ଛାତ୍ର । ମୁଁ ଜାଣେ ଏବଂ ଧରି ନେଇ ପାରେ ଯେ ବିଜ୍ଞାନର ଏହିସବୁ ବିଷୟ ସମ୍ପର୍କରେ ସେମାନେ ଯଥେଷ୍ଟ ଅବହିତ । ଏପରିକି ଏହି ସବୁ ବିଷୟ ମଧ୍ୟରେ ଯେଉଁ Technical ବା Mathematical ଦିଗ ରହିଛି ସେ ସବୁ ମଧ୍ୟ ସେମାନେ ଜାଣନ୍ତି । କିନ୍ତୁ ସମସ୍ତଙ୍କର ବୁଝିବାର ସୁବିଧା ପାଇଁ ମୁଁ ଏହି ବିଷୟଟିକୁ ଯେଭଳି ବୁଝିଛି ତାର ମୂଳ ବା essence କୁ ସମ୍ମୁଖରେ ରଖି ଅଳ୍ପ କିଛି ଆଲୋଚନା କରିବାକୁ ଚାହୁଁଛି । ଗୋଟିଏ ଅତ୍ୟନ୍ତ ସାଧାରଣ ବା ସହଜ ଉଦାହରଣ ସାହାଯ୍ୟରେ ମୁଁ ବିଷୟଟିକୁ ବୁଝାଇବା ପାଇଁ ଚେଷ୍ଟା କରିବି । ଧରନ୍ତୁ ବସ୍ତୁ ମଧ୍ୟରେ ଏପରିକି ତାହାର ଯେଉଁ ସୂକ୍ଷ୍ମାତିସୂକ୍ଷ୍ମ କଣିକା ଅଛି, ସେଠାରେ ମଧ୍ୟ ଅର୍ଥାତ୍ ସେହି ଧରଣର field ରେ ମଧ୍ୟ ପ୍ରତି ମୁହୂର୍ତ୍ତରେ ନାନା ପରିବର୍ତ୍ତନ ଘଟି ଚାଲିଛି । ମୁଁ ଏଠାରେ କୌଣସି ଗୋଟିଏ ବସ୍ତୁର ନାମ "A' ଦେଉଛି । ନାନା ଘଟଣା ଓ ଘାତ ପ୍ରତିଘାତ ଉପରେ ନିର୍ଭର କରି ପରିବର୍ତ୍ତନ ପଥରେ ଏହି "A' ନାମକ ପଦାର୍ଥଟି "B'ହୋଇପାରେ, "C'ହୋଇପାରେ, "D'ହୋଇପାରେ – ବା ଅନ୍ୟ ଯେକୌଣସି ଗୋଟିଏ ପଦାର୍ଥରେ ରୂପାନ୍ତରିତ ହୋଇପାରେ । ଏଠାରେ ସମସ୍ୟା ହେଉଛି ଯେ, ପରିବର୍ତ୍ତନଟା ଶେଷ ପର୍ଯ୍ୟନ୍ତ କ'ଣ ହେବ ତାହା ପୂର୍ବ ପର୍ଯ୍ୟନ୍ତ କୁହାଯାଇପାରେନା, ଅନ୍ତତଃ ପରିବର୍ତ୍ତନ ସମ୍ପୂର୍ଣ୍ଣ ହେବାର ପୂର୍ବ ପର୍ଯ୍ୟନ୍ତ କହିବା ସମ୍ଭବ ନୁହେଁ । ଏହା ଏଥିପାଇଁ କହିବା ସମ୍ଭବ ନୁହେଁ ଯେ ବହୁ factor ବା ଘଟଣା ଏକା ସାଙ୍ଗରେ ଏହି ପରିବର୍ତ୍ତନକୁ ପ୍ରଭାବିତ କରୁଛି କେବଳ ସେତିକି ନୁହେଁ, ଏ କ୍ଷେତ୍ରରେ ପରିବର୍ତ୍ତନର ପ୍ରକୃତି ମଧ୍ୟ ଅତ୍ୟନ୍ତ ସୂକ୍ଷ୍ମ ଏବଂ ସେହି ସୂକ୍ଷ୍ମ ପରିବର୍ତ୍ତନ ମଧ୍ୟ ପ୍ରତିମୁହୂର୍ତ୍ତରେ ଘଟି ଚାଲିଛି। ଏସବୁ କ୍ଷେତ୍ରରେ ମୁହୂର୍ତ୍ତର ଧାରଣାଟା ମଧ୍ୟ ବଡ ଅଦ୍‌ଭୁତ । ବିଜ୍ଞାନର ଛାତ୍ରମାନେ ଜାଣନ୍ତି ଯେ, ଗୋଟିଏ ସେକେଣ୍ଡକୁ ଶତସହସ୍ର ଭାଗରେ ଭାଗ କରାଯାଏ ଏବଂ ବିଜ୍ଞାନର ପରୀକ୍ଷାରେ ସେହିଭଳି ଭାବେ ଭାଗ କରାହୁଏ । ସୁତରାଂ ଆମ୍ଭମାନଙ୍କର ଜୀବନରେ ସାଧାରଣ ଭାବେ ମୁହୂର୍ତ୍ତର ଯେଉଁ ଧାରଣା – ଏହି ସମସ୍ତ କ୍ଷେତ୍ରରେ ମୁହୂର୍ତ୍ତର ଧାରଣାଟା ସେଭଳି ନୁହେଁ ।

ସେଥିପାଇଁ ପରିବର୍ତ୍ତନ କ୍ଷେତ୍ରରେ ଗୋଟିଏ ସହିତ ବହୁ factor କାର୍ଯ୍ୟ କରେ ବୋଲି ଏବଂ ଇଲେକ୍ଟ୍ରୋନ ବା ମାଇକ୍ରୋ ପାର୍ଟିକଲ୍ ଯେହେତୁ ପ୍ରଚଣ୍ଡ ଗତିଶୀଳ, ଏହା ବ୍ୟତୀତ ମୁହୂର୍ତ୍ତର ଧାରଣା ମଧ୍ୟ ଯେଉଁଠାରେ ଅତ୍ୟନ୍ତ ସୂକ୍ଷ୍ମ, ସେଠାରେ ସମସ୍ତ କିଛି factor କୁ account ଭାବେ ନେଇ ଅର୍ଥାତ୍ ହିସାବକୁ ନେଇ probability equation ର ସାହାଯ୍ୟରେ ପରିବର୍ତ୍ତନକୁ ଚିହ୍ନିତ କରାହେଉଛି। କିନ୍ତୁ ଏକଥାର ଅର୍ଥ ଏଭଳି ହୋଇପାରେନା

ଯେ ଏହା ଦ୍ୱାରା determinismକୁ ବିରୋଧୀତା କରାହେଉଛି । ବିଷୟଟି ଠିକ୍ ସେହି ଧରଣର ନୁହେଁ । କାହିଁକି ନା ଧରନ୍ତୁ, ଯାହାକୁ ଆମେ "A' କହିଲୁ ସେହି "A' ନାମକ ପଦାର୍ଥଟି ପରିବର୍ତ୍ତନ ଫଳରେ "B' ଅଥବା "C' ଅଥବା "D' ଅଥବା ଅନ୍ୟକିଛି ଯାହା ହେଉନା କାହିଁକି – ଆମେ ଗୋଟିଏ କଥା ବୁଝି ନେବାକୁ ହେବ ଯେ, ଶେଷ ପର୍ଯ୍ୟନ୍ତ ଯେତେବେଳେ ଏହି ପରିବର୍ତ୍ତନ ଘଟୁଛି, ସେହି ପରିବର୍ତ୍ତନ କ୍ଷେତ୍ରରେ କିନ୍ତୁ indeterminism କାର୍ଯ୍ୟ କରୁନାହିଁ, diterminismର ଧାରାରେ ଏହି ପରିବର୍ତ୍ତନ ସୂଚୀତ ହେଉଛି । ଅର୍ଥାତ୍ "A' ନାମକ ପଦାର୍ଥଟି "B' ହେବ କି "C' ହେବ ବା କ'ଣ ହେବ ତାହା ପୂର୍ବ ପର୍ଯ୍ୟନ୍ତ କହିବା ସମ୍ଭବ ନହେଲେ ମଧ୍ୟ ଯେତେବେଳେ ପରିବର୍ତ୍ତନ ହେଉଛି ଅର୍ଥାତ୍ ପରିବର୍ତ୍ତନର ଧାରାରେ "A' "B' ହେଉଛି ନହେଲେ "C' ହେଉଛି ବା ଏଭଳି କିଛି ହେଉଛି ଯେଉଁ ପ୍ରକ୍ରିୟାଟି ନିୟମ ମାନି ହିଁ ଘଟୁଛି – ବିନା ନିୟମରେ କିଛି ହେଉନାହିଁ । ସେହି କାରଣ ପାଇଁ କହୁଛି ଯେ, ସେହି ପରିବର୍ତ୍ତନଟି determinism କୁ ମାନି ହେଉଛି, ତାହାକୁ ବିରୋଧୀତା କରି ନୁହେଁ । ଏହି probability theory ସହିତ determinism ର କୌଣସି ସଂଘାତ ଅଛି ବୋଲି ମୋର ମନେ ହୁଏ ନାହିଁ । ସେଥିପାଇଁ କହୁଛି probability ଯେଭଳି science ଏବଂ ସେହି କାରଣରୁ ହିଁ ଏହାକୁ ଅସ୍ୱୀକାର କରିବା ଚଳେନା, ଆହୁରି ମଧ୍ୟ determinism, cause and effect relationship ବା law of casuality, ଯେଉଁ ଭାଷାରେ କୁହାଯାଉନା କାହିଁକି ତାହା ମଧ୍ୟ ବିଜ୍ଞାନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଏବଂ ବିଜ୍ଞାନକୁ ଗ୍ରହଣ କଲେ ହଲଚଲ ହେବାର କୌଣସି ଉପାୟ ନାହିଁ । ଅବଶ୍ୟ ଯେଉଁମାନେ ନବୁଝି determinismକୁ predeterminism ସହିତ ଅର୍ଥାତ୍ ପୂର୍ବ ନିର୍ଦ୍ଧାରିତ ସିଦ୍ଧାନ୍ତ ବା ଭାଗ୍ୟ ସହିତ ଗୋଳାଇ ମିଶାଇ ଦିଅନ୍ତି ସେମାନଙ୍କର କଥା ସ୍ୱତନ୍ତ୍ର । କାହିଁକି ନା ବିଜ୍ଞାନକୁ ଗ୍ରହଣ କଲେ ଏବଂ ବିଜ୍ଞାନ ସାହାଯ୍ୟରେ ସତ୍ୟାନୁସନ୍ଧାନରେ ନିଯୁକ୍ତ ହେଲେ ସେଠାରେ ଭାଗ୍ୟର କୌଣସି ସ୍ଥାନ ନାହିଁ ।

## ସବୁ କ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତି ଅନୁସରଣ କରିବାର ଗୁରୁତ୍ୱ

ଏହି କ୍ଲାସରେ ଗୋଟିଏ ପ୍ରଶ୍ନ ଆସିଛି ଯେ, ଯେଉଁ ସବୁ ବିଷୟ କମ୍ରେଡମାନେ ସଠିକ୍ ବୋଲି ବୁଝି ପାରୁଛନ୍ତି – ସେହି ବିଷୟଗୁଡିକୁ ଯେଉଁମାନେ ଚିନ୍ତାଶୀଳ ମଣିଷ – ବଡ ବୈଜ୍ଞାନିକ, ଦାର୍ଶନିକ – ସେମାନେ ବୁଝି ପାରୁ ନାହାଁନ୍ତି କାହିଁକି ? ପ୍ରଶ୍ନଟି ଆସିଛି ବୋଲି ଏ ସମ୍ପର୍କରେ ସଂକ୍ଷେପରେ ହେଲେ ମଧ୍ୟ ଦୁଇ ଚାରିଟି କଥା କହି ଯାଉଛି । ଆପଣମାନେ ମାର୍କ୍ସବାଦ ଏବଂ ବିଜ୍ଞାନର ଆଲୋଚନାରେ ବିଚାରପଦ୍ଧତି କଥା ଶୁଣିଛନ୍ତି । ଏହି ବିଚାର ପଦ୍ଧତିର ବିଷୟଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜଣେ ମଣିଷ ଯେତେବଡ ବୈଜ୍ଞାନିକ ବା ଦାର୍ଶନିକ ହୁଅନ୍ତୁ ନା କାହିଁକି,ସମସ୍ୟା ବିଚାର କ୍ଷେତ୍ରରେ ଯେଉଁ ବିଚାର ପଦ୍ଧତି ସେମାନେ ପ୍ରୟୋଗ କରନ୍ତି, ସେଥିରେ ଯଦି କେଉଁଠି ଭୁଲ ହୁଏ, ତେବେ ତାଙ୍କର ସିଦ୍ଧାନ୍ତ ଅବଶ୍ୟମ୍ଭାବୀଭାବେ ଭୁଲ ହେବାକୁ ବାଧ୍ୟ । ସବୁ ବିଷୟକୁ ଆମେ ଯଦି ପାରିପାର୍ଶ୍ୱିକତା ସହିତ ବିଭିନ୍ନ ଘଟଣାର ଘାତ ପ୍ରତିଘାତ ସହିତ ମିଶାଇ ବିଚାର ନକରୁ ଯାହାକୁ ଦ୍ୱାନ୍ଦ୍ୱିକ ବିଚାର ପଦ୍ଧତି କୁହାଯାଏ, ତେବେ

ଏକା ତଥ୍ୟ ବା material ରୁ ଆରମ୍ଭ କରି ଆମେ ଭିନ୍ନ ସିଦ୍ଧାନ୍ତରେ ପହଞ୍ଚିବା । ଏହି କାରଣରୁ process of thinking, process of study, process of formation of the working class party, ବା ଯେକୌଣସି ବିଷୟକୁ ବିଚାର କରିବାର ପଦ୍ଧତି ଉପରେ ଆମ ଦଳ ଏତେ ଗୁରୁତ୍ୱ ଆରୋପ କରିଥାଏ ।

ଏହି ବିଚାର ପଦ୍ଧତି ବିଷୟଟି ଆଉ ଟିକିଏ ଗଭୀରଭାବେ ଭାବିବା ଦରକାର । ବିଚାର ପଦ୍ଧତିର ଗୋଟିଏ ଦିଗ ରହିଛି ଯାହାକୁ broadly ବା ମୋଟା ଅର୍ଥରେ ଦୁଇ ଭାଗରେ ଭାଗ କରାଯାଇ ପାରେ – ଗୋଟିଏ formal process of thinking ଆଉ ଗୋଟିଏ dialectical process of thinking । ଏହି ଯେଉଁ ବିଚାର ପଦ୍ଧତିକୁ ଦୁଇ ଭାଗରେ ଭାଗ କରାଗଲା, ଯାହା ଉପରେ ଆଜି ଭାବବାଦୀ ଓ ଅନ୍ୟାନ୍ୟ ବସ୍ତୁବାଦୀ ଦର୍ଶନ ସହିତ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ଦର୍ଶନର ବିଚାର ପଦ୍ଧତିର ପାର୍ଥକ୍ୟ ନିର୍ଭର କରୁଛି – ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ଏଥିରେ ସନ୍ଦେହ ନାହିଁ । ମାତ୍ର ଏତଦ୍ ସତ୍ତ୍ୱେ ବି ଦୈନନ୍ଦିନ ଏବଂ ପ୍ରତି ମୁହୂର୍ତ୍ତର କାର୍ଯ୍ୟ କଳାପର ପଦ୍ଧତିର ପ୍ରଶ୍ନଟି ଅତ୍ୟନ୍ତ ଜରୁରୀ। ଯେମିତି ଧରନ୍ତୁ, ଆମେ ଯେଉଁମାନେ ମାର୍କ୍ସବାଦରେ ବିଶ୍ୱାସୀ ବା ଆମ ଦଳ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ)ର ଯେଉଁମାନେ ଅନୁଗାମୀ, ସେମାନଙ୍କ ସମସ୍ତଙ୍କ ବିଚାରର ଧାରା ବା ପଦ୍ଧତି କ୍ଷେତ୍ରରେ ସାଧାରଣ ଭାବେ ଗୋଟିଏ ମେଳ ବା ସାଦୃଶ୍ୟ ରହିବା ସ୍ୱାଭାବିକ । ଏହା ନିଃସନ୍ଦେହରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ କେବଳ ଏତିକି ହେଲେ ଚଳେନା । ତାପରେ ମଧ୍ୟ ଆମର ଯାହା ଦେଖିବା ଦରକାର, ତାହା ହେଉଛି ଆମର ଚିନ୍ତା, ଆମର ବିଚାର, ପଢାଶୁଣା, ଆଲୋଚନା, ଦୈନନ୍ଦିନ ଜୀବନର ସଂଗ୍ରାମ ସମସ୍ତ କିଛି ଆମେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ଦ୍ୱାନ୍ଦ୍ୱିକ ବିଚାରପଦ୍ଧତିରେ ପରିଚାଳନା କରିପାରୁଛୁ କି ନାହିଁ । ଏହି ବିଷୟ ଗୁଡିକୁ ପ୍ରତି ମୁହୂର୍ତ୍ତରେ ଏବଂ ବିଶଦ ଭାବରେ ଆମ୍ଭମାନଙ୍କର ବିଚାର ବିଶ୍ଳେଷଣ କରିବା ଦରକାର । କାହିଁକି ନା, ମୋଟାମୋଟିଭାବେ ବିଚାର ପଦ୍ଧତିର ଐକ୍ୟ ରହିଲେ ବି ନାନା ଘଟଣାର ପରିପ୍ରେକ୍ଷୀରେ ଯେକୌଣସି ବିଷୟର ସୂକ୍ଷ୍ମାତିସୂକ୍ଷ୍ମ ଦିଗଗୁଡିକ କ୍ଷେତ୍ରରେ ଆମର ଚିନ୍ତା ଓ ବିଚାରପଦ୍ଧତି ପ୍ରତି ମୁହୂର୍ତ୍ତରେ ସଠିକ୍ ଭାବରେ ଅନୁସୃତ ହେଉଛି କି ନା – ଏ ବ୍ୟାପାରରେ vigilance ବା ସଜାଗର ଅଭାବ ଘଟିଲେ ଶେଷ ପର୍ଯ୍ୟନ୍ତ ସିଦ୍ଧାନ୍ତ ଗ୍ରହଣ ବା ସଠିକ୍ ଉପଲବ୍ଧି ଗଢି ତୋଳିବା କ୍ଷେତ୍ରରେ ଅନେକ ପାର୍ଥକ୍ୟ ଘଟିଯାଇପାରେ । ସେଥିପାଇଁ ବୈଜ୍ଞାନିକ ଚିନ୍ତାଧାରା ବା scientific bent of mind ଅର୍ଥାତ୍ ଜୀବନର ସର୍ବ କ୍ଷେତ୍ରରେ ବିଜ୍ଞାନ ଏବଂ ବୈଜ୍ଞାନିକ ଯୁକ୍ତିଧାରା ନେଇ ଚାଲିବା, ତାହାକୁ ସଠିକ୍ ଭାବରେ ପ୍ରୟୋଗ କରିବା, ଆଉ ପ୍ରୟୋଗ କରିବା ଏହା ସଠିକ୍ ହେଉଛି କି ନାହିଁ ତାହାକୁ ଠିକ୍ ଭାବରେ ବୁଝି ନେବା – ଏହି ସମସ୍ତ ବିଷୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅଥଚ, ଅଭିଜ୍ଞତାରୁ ଆମେ ଦେଖିଛୁ ଯେ, ଅନେକ ବୈଜ୍ଞାନିକ, ଦାର୍ଶନିକ ଏହି system of thought ନେଇ ବିଶେଷ ମୁଣ୍ଡ ଖେଳାଇ ନାହାନ୍ତି । ଅବଶ୍ୟ ଆମେ ଜାଣୁ ଯେ, ଜଣେ ବୈଜ୍ଞାନିକ ଯଦି ବିଜ୍ଞାନ ସାଧନାରେ ସଫଳ ହେବାକୁ ଚାହାଁନ୍ତି ତାହାହେଲେ ମନ ଏବଂ ethics of science ଦ୍ୱାରା ପରିଚାଳିତ ହେବାକୁ ପଡିବ । ଫଳରେ ସେ ଯେତେବେଳେ ପରୀକ୍ଷାଗାରରେ ଗବେଷଣା କରନ୍ତି, ସେତେବେଳେ ସେ ନିଜେ ଭାବବାଦୀ ହେଲେ ମଧ୍ୟ ସେହି ଚିନ୍ତା ତାଙ୍କର ଗବେଷଣାକୁ

ପ୍ରଭାବିତ କରିପାରେନାହିଁ । ମାତ୍ର ଯେତେବେଳେ ସେ ପରୀକ୍ଷାଗାର ବାହାରେ ଆସି ବିଭିନ୍ନ ବିଷୟରେ ଆଲୋଚନା କରନ୍ତି ଏପରିକି ତାଙ୍କର ବୈଜ୍ଞାନିକ ଆବିଷ୍କାର ଗୁଡ଼ିକର ବ୍ୟାଖ୍ୟା କରିବାକୁ ଯାଆନ୍ତି, ସେତେବେଳେ ସେହି ବ୍ୟାଖ୍ୟା ଅନେକ କ୍ଷେତ୍ରରେ ତାଙ୍କର ଦାର୍ଶନିକ ଚିନ୍ତାର - ଏ କ୍ଷେତ୍ରରେ ଭାବବାଦୀ ଚିନ୍ତାଦ୍ୱାରା ପ୍ରଭାବିତ ହୋଇପଡେ । ଏହି ଧରଣର ବୈଜ୍ଞାନିକ ବା ଦାର୍ଶନିକମାନଙ୍କ କ୍ଷେତ୍ରରେ ଏହିଠାରେ ହିଁ ଅସୁବିଧା ହୁଏ । ସେଥିପାଇଁ ଏହି ସବୁ ଦିଗଗୁଡ଼ିକ ମଧ୍ୟ ଆମ୍ଭମାନଙ୍କର ଖିଆଲ ରଖିବା ଦରକାର ।

## (ଆକ୍ସିଡେଣ୍ଟ ଏବଂ ଆକ୍ସିଡେଣ୍ଟାଲ କୋ-ଇନ୍ସିଡେନ୍ସ)
## Accident ଓ Accidental Co-incidence

ଆମେ କିଛି ସମୟ ପୂର୍ବରୁ ଆଲୋଚନା କରିଛନ୍ତି ଯେ, predeterminism ବା ଭାଗ୍ୟ ବୋଲି କିଛି ନାହିଁ । ଏହି ଆଲୋଚନାକୁ ଭିତ୍ତି କରି ଏହି କ୍ଲାସରେ ଗୋଟିଏ ପ୍ରଶ୍ନ ଆସିଛି । ପଶ୍ନଟି ହେଲା ଭାଗ୍ୟ ବୋଲି ଯଦି କିଛି ନାହିଁ ତେବେ accident ହୁଏ କେମିତି, ବା accident ରେ ମଣିଷ ମରେ କେମିତି ? ଅନେକ ମନେ କରନ୍ତି, ଏହା କଣ ପୂର୍ବ ନିର୍ଦ୍ଧାରିତ ନୁହେଁ ? ମୋ ଅଭିତଜ୍ଞତାରୁ ମୁଁ ଦେଖିଛି ଯେ, ମଣିଷ ଭିତରେ ଏହି ଧରଣର ପ୍ରଶ୍ନଗୁଡ଼ିକ ବାରମ୍ବାର ବୁଲି ବୁଲି ଆସେ । ସେଥିପାଇଁ ବିଷୟଟି ଟିକିଏ ଆଲୋଚନା ହେବା ଦରକାର । ଆମେ ପୂର୍ବରୁ ଦେଖିଛୁ ଯେ, ଦୁନିଆର ସମସ୍ତ ପରିବର୍ତ୍ତନ ହିଁ ନିୟମ ମାନି ଚାଲେ । ପ୍ରତ୍ୟେକ ଘଟଣା ନିୟମ ଦ୍ୱାରା ନିୟନ୍ତ୍ରିତ (law governed) । ଦୁନିଆରେ ଏଭଳି ଘଟଣା ଘଟିପାରେନା, ଯାହା ନିୟମ ବାହାରେ । ଫଳରେ accident ଯେତେବେଳେ ଘଟେ ସେତେବେଳେ ବି ଧରିନେବା ଠିକ୍ ନୁହେଁ ଯେ, ତାହା ଥିଲା ପୂର୍ବ ନିର୍ଦ୍ଧାରିତ । ବିଷୟଟି ଠିକ୍ ନୁହେଁ । ବିଜ୍ଞାନର ଦୃଷ୍ଟିରେ ଆମେ ଯଦି ବିଚାର କରୁ, ତେବେ ବିଷୟଟିକୁ ଆମର accidental co-incidence ଭାବରେ ହିଁ ବୁଝିବାକୁ ହେବ । ଗୋଟିଏ ଉଦାହରଣ ଦେଲେ ବିଷୟଟି ଟିକିଏ ପରିଷ୍କାର ହୋଇପାରେ । ଧରନ୍ତୁ, କୌଣସି ଜଣେ ବ୍ୟକ୍ତି ତାଙ୍କର ପ୍ରିୟ ପାତ୍ରଙ୍କର ଅସୁସ୍ଥତା ପାଇଁ ଖୁବ୍ ଉଦ୍‌ବିଗ୍ନ ଏବଂ ଚିନ୍ତିତ ଅବସ୍ଥାରେ ଦୌଡ଼ି ଦୌଡ଼ି ଡାକ୍ତରଙ୍କ ନିକଟକୁ ଯାଉଛନ୍ତି, ଅଥବା ଔଷଧ କିଣିବାକୁ ଯାଉଛନ୍ତି । ଠିକ୍ ସେହି ସମୟରେ ଓଲଟା ପଟୁ ଦଳେ ଡକାୟତ ଡକାୟତି କରି ଲୁଟର ମାଲ୍ ନେଇ ଗାଡ଼ିରେ ଉର୍ଦ୍ଧ୍ୱଶ୍ୱାସରେ ଛୁଟି ଚାଲିଛନ୍ତି । ବର୍ତ୍ତମାନ ଯେଉଁ ବ୍ୟକ୍ତିଟି ଔଷଧ କିଣିବାକୁ ଯଉଛନ୍ତି ତାଙ୍କର ଶୀଘ୍ର ଦୌଡ଼ିବାର ଏବଂ ଅନ୍ୟମନସ୍କ ହେବାର ଗୋଟିଏ କାରଣ ରହିଛି, ପୁଣି ଯେଉଁମାନେ ଲୁଟର ମାଲ ନେଇ ଛୁଟୁଛନ୍ତି ସେମାନେ ମଧ୍ୟ ସେହିଭଳି ଉର୍ଦ୍ଧ୍ୱଶ୍ୱାସରେ ଛୁଟିବାର ଗୋଟିଏ କାରଣ ରହିଛି । ମାତ୍ର ଏକଥା ପରିଷ୍କାର ଯେ, ଏହି ଉଭୟ ଘଟଣା ଭିନ୍ନ ଏବଂ ଦୁଇ ଜଣଙ୍କର ଦ୍ରୁତଗତିରେ ଛୁଟିବାର କାରଣ ମଧ୍ୟ ଭିନ୍ନ- ଏମାନଙ୍କର ପରସ୍ପରର କାର୍ଯ୍ୟକାରଣ ମଧ୍ୟରେ କୌଣସି ସମ୍ପର୍କ ନାହିଁ । ମାତ୍ର ଉଭୟଙ୍କର ଯୋଗାଯୋଗ ଘଟିଗଲା ଗୋଟିଏ spot ରେ,ଗୋଟିଏ ମୁହୂର୍ତ୍ତରେ । ଗୋଟିଏ ବିଶେଷ ସ୍ଥାନରେ ଏମାନଙ୍କର ସଂଘର୍ଷ ଘଟିଗଲା । ଅର୍ଥାତ୍ ଜଣେ ଅନ୍ୟ ଜଣଙ୍କ ସହିତ accidentally coincide କଲା ଏବଂ accidentally meet କଲା । ଫଳରେ ବ୍ୟକ୍ତିଟିର

ମୃତ୍ୟୁ ଘଟିଲା । ଏହା ଭିତରେ ପୂର୍ବ ନିର୍ଦ୍ଧାରିତ ବା predeterminism କିଛି ଅଛି କି ? ଏଠି ଭାଗ୍ୟର ପ୍ରଶ୍ନ କିପରି ଆସିବ ? ଯଦି ଏମାନଙ୍କର ଗତି ମୁହୂର୍ତ୍ତକ ପାଇଁ ଅଦଳବଦଳ ହୋଇଯାଏ, ତାହାହେଲେ ଧକ୍କା ଲାଗନ୍ତା ନାହିଁ ଏବଂ ମଣିଷଟିର ମୃତ୍ୟୁ ହୁଅନ୍ତା ନାହିଁ । ଏଭଳି କେହି ମନେ କରିପାରେ, ଏଇ ଯେ ଗତି ଅଦଳବଦଳ ହେଲା ନାହି – ଏଇଟା ହିଁ ତ ପୂର୍ବ ନିର୍ଦ୍ଧାରିତ ଏବଂ ଏହା ପାଇଁ ଭାଗ୍ୟ ହିଁ ଦାୟୀ । ନ ହେଲେ ଗତି ଅଦଳବଦଳ ହେଲା ନାହିଁ କାହିଁକି ? ଅସଲରେ ଏଭଳି ମନେ କରିବାର କୌଣସି ବିଜ୍ଞାନସମ୍ମତ ଭିତ୍ତି ନାହିଁ । ଏଗୁଡିକ ପ୍ରଚଳିତ ନାନା କୁସଂସ୍କାର, ସମାଜରୁ ଆହରିତ ବିଭିନ୍ନ ଧରଣର ଅବୈଜ୍ଞାନିକ ଧାରଣା ଆମର ମନକୁ ଆଚ୍ଛନ୍ନ କରିଛି ବୋଲି – ତାହା ଯେ କେବଳ ଆମର ଚିନ୍ତା ପଦ୍ଧତିକୁ ପ୍ରଭାବିତ କରେ ତାହା ନୁହେଁ – ମନ ମଧ୍ୟରେ ଅନେକ କୁସଂସ୍କାରକୁ ଜନ୍ମ ଦେଇଥାଏ । ଏ ବ୍ୟାପାରରେ ମୁଁ ମନେ କରେ ଏତିକି ଆଲୋଚନା ହିଁ ଯଥେଷ୍ଟ । ଏଥର ଅନ୍ୟ ପ୍ରସଙ୍ଗକୁ ଯିବା ।

## ଅନିଶ୍ଚତୟତାବାଦ
## Uncertainty Principle

ଆପଣମାନେ ଅନେକ ହିଁ ଜାଣନ୍ତି ଯେ, ବିଜ୍ଞାନର କିଛି ବିଷୟକୁ କେନ୍ଦ୍ରକରି ବିଭିନ୍ନ ସମୟରେ ବିଭିନ୍ନ ମହଲରୁ ଦର୍ଶନଗତ କ୍ଷେତ୍ରରେ ନାନା ପ୍ରକାରର ବିଭ୍ରାନ୍ତି ସୃଷ୍ଟି କରିବାର ଚେଷ୍ଟା ହୋଇଛି । ଏହିସବୁ ବିଷୟ ସମ୍ପର୍କରେ ସ୍ୱଚ୍ଛ ଧାରଣାର ଅଭାବ ଆଜି ମଧ୍ୟ ବହୁ କ୍ଷେତ୍ରରେ ପରିଲକ୍ଷିତ ହେଉଛି । ଏହି ପ୍ରସଙ୍ଗରେ ହାଇଜନବର୍ଗଙ୍କର Uncertainty Principleର ପ୍ରଶ୍ନଟି ସର୍ବପ୍ରଥମେ ଆସିଥାଏ । ଏହି Uncertainty Principleର ମୂଳ ବକ୍ତବ୍ୟଟି କ'ଣ ? ବିଜ୍ଞାନର ଛାତ୍ରମାନେ ଜାଣନ୍ତି Moving Electron ବା Micro Particle ର ଅବସ୍ଥାନ (position) ଏବଂ ସଂବେଗ (momentum) ଅର୍ଥାତ୍ ବସ୍ତୁତ୍ୱ X ପରିବେଗ (mass x velocity) – ଏହି ଦୁଇଟିକୁ ଏକା ସାଙ୍ଗରେ with exact precision ଜଣାଯାଏ ନାହିଁ । ଏହାର ଯେକୌଣସି ଗୋଟିଏକୁ ଯେତେ ସଠିକ୍ (accurate)ଭାବରେ ଜାଣିବା ପାଇଁ ଚେଷ୍ଟା କରାହେବ ଅନ୍ୟଟି ସମ୍ବନ୍ଧରେ accurately ଜାଣିବା ସେତିକି ବେଶୀ ଅସମ୍ଭବ ହୋଇପଡିବ ।

ଏଠାରେ ଏହିସବୁ ପ୍ରଶ୍ନକୁ କେନ୍ଦ୍ର କରି ହାଇଜେନବର୍ଗଙ୍କର ଏହି Uncertainty Principle କୁ ନେଇ ଏକଦା ବିଶେଷ କରି ଭାବବାଦୀ ବୈଜ୍ଞାନିକ ବା ଦାର୍ଶନିକ ମହଲରେ ଖୁବ୍ ହଇଚଇ ହୋଇଛି । ବିଷୟଟିକୁ ଟିକିଏ ଗଭୀରଭାବେ ବିଚାର କଲେ ଦେଖାଯିବ ଯେ, ଏ ସମ୍ପର୍କରେ କୌଣସି ବିଭ୍ରାନ୍ତି ରହିବାର କଥା ନୁହେଁ । ଘଟଣାଟି ଏପରି ନୁହେଁ ଯେ, ଗତିଶୀଳ ଇଲେକ୍ଟ୍ରୋନ (Moving Electron)ର ଅବସ୍ଥାନ ବା ସଂବେଗ କୌଣସି ଅବସ୍ଥାରେ ହିଁ ଆମେ ଜାଣିପାରୁନା ବା accurately ଜାଣି ପାରୁନା । ବିଷୟଟି ହେଉଛି ଯେ ଏକା ସାଙ୍ଗରେ ଅବସ୍ଥାନ (position) ଏବଂ ସଂବେଗ (momentum) accurately ଜଣାଯାଇ ପାରିବ ନାହିଁ । ଏହାକୁ ଭିତ୍ତିକରି ଅନେକ କହିବାକୁ ଆରମ୍ଭ କଲେ ବା ଚୁଡାନ୍ତ ସିଦ୍ଧାନ୍ତରେ ପହଞ୍ଚିଲେ ଯେ some factors are inderminate ଏବଂ ଏହିଭାବେ

Uncertainty Principle କୁ ଭିତ୍ତି କରି ଗୋଟିଏ ଅନିଶ୍ଚୟତା ଏବଂ ବିଭ୍ରାନ୍ତି ସୃଷ୍ଟି କଲେ । ଏ କ୍ଷେତ୍ରରେ ଆମର ମନେ ରଖିବା ଦରକାର, ଆମେ ଯେଉଁ field ନେଇ ଆଲୋଚନା କରୁଛନ୍ତି ତାହା ଅତ୍ୟନ୍ତ sensitive । କାରଣ, ଏ ସବୁର କାରବାର ହେଉଛି ସୂକ୍ଷ୍ମାତିସୂକ୍ଷ୍ମ ବସ୍ତୁ କଣିକା ନେଇ । ଫଳରେ ଯେଉଁ ପରିସ୍ଥିତିରେ, ଏପରିକି ଯେଉଁ ଯନ୍ତ୍ର ସାହାଯ୍ୟରେ ଏହିସବୁ ପରୀକ୍ଷା ନିରୀକ୍ଷା କରାହୁଏ ପରିସ୍ଥିତିର ବିନ୍ଦୁ ମାତ୍ର ପରିବର୍ତ୍ତନ ହେଲେ ଏସବୁକ୍ଷେତ୍ରରେ ତୁଳନାମୂଳକ ଭାବରେ ଗୋଟାଏ ବିରାଟ ପରିବର୍ତ୍ତନ ଘଟିଥାଏ । ଏପରିକି ତାହା ଜାଣିବାର ବିଷୟ (object)କୁ ପ୍ରଭାବିତ କରେ । ଫଳରେ ଏହି ଧରଣର sensitive fieldରେ ଏଭଳି ଘଟଣା ଘଟିବା ସ୍ୱାଭାବିକ । ଆମେ ପୂର୍ବରୁ ଆଲୋଚନା କରିଛନ୍ତି ଯେ, ଆମେ କୌଣସି କିଛି ଜାଣିପାରୁ ନାହୁଁ, ଘଟଣାଟି ତାହା ନୁହେଁ । ଅବସ୍ଥାନ ଓ ସଂବେଗ ଏହି ଦୁଇଟିକଧାରଣା ଆୟତ୍ତ କରିବ । ଏସମ୍ପର୍କରେ କୌଣସି ସନ୍ଦେହର ଅବକାଶ ନାହିଁ ।
ଏକା ସାଙ୍ଗରେ accurately ଜାଣି ହେଉ ନାହିଁ । ବିଷୟଟି ଏହାଠାରୁ ବେଶୀ କିଛି ନୁହେଁ । ତେଣୁ ଏହାକୁ ନେଇ କୌଣସି ଧରଣର mysticism ସୃଷ୍ଟି କରିବାର କୌଣସି ଯୁକ୍ତି ସଙ୍ଗତ କାରଣ ନାହିଁ । ଯେଉଁମାନେ ଏସବୁ କଥା କହୁଛନ୍ତି ସେମାନଙ୍କର ନଜାଣିବାର କଥା ନୁହେଁ ଯେ ହାଇଜନ୍‌ବର୍ଗଙ୍କର ଏହି Principle କୁ Mathematical Equation ସାହାଯ୍ୟରେ ପ୍ରକାଶ କରାହୁଏ । ସୁତରାଂ ଗୋଟିଏ ବିଷୟ ବୁଝିବା ଦରକାର ଯେ, କୌଣସି ନିୟମ ଯଦି କାର୍ଯ୍ୟ ନକରେ ତାହେଲେ ସେହି Principle କୁ Mathematical Relation ସାହାଯ୍ୟରେ ପ୍ରକାଶ କରିବା କିପରି ସମ୍ଭବ ? ଫଳରେ ଏଠାରେ Indeterminate

---

*Microbody ର ଗତିର ପ୍ରକୃତିରୁ ଏହି ସିଦ୍ଧାନ୍ତ ହୋଇଛି ଯେ, ଗତି ପଥରେ ବସ୍ତୁର ଅବସ୍ଥାନ ଓ ସଂବେଗ ଦୁଇଟି ପରସ୍ପର ନିରପେକ୍ଷ derminate factor ବା property ଯେଉଁ କାରଣ ପାଇଁ ଏକା ସାଙ୍ଗରେ ଏହାକୁ ସୁନିଶ୍ଚିତ କରେ ବା ସୁନିର୍ଦ୍ଦିଷ୍ଟ ଭାବେ ମାପିବା ସମ୍ଭବପର ହୁଏ । ପରିମାପକର ସୀମାବଦ୍ଧତାର କାରଣରୁ ପରିମାପରେ ଯେତିକି ଭୁଲ (error)ବା ପାର୍ଥକ୍ୟ ଘଟେ, ଯନ୍ତ୍ରପାତି ଓ ପଦ୍ଧତିର ଉନ୍ନତି ଘଟାଇ ତାହାକୁ ଇଚ୍ଛା ଅନୁସାରେ କମାଇ ଆଣିବା ସମ୍ଭବ । କିନ୍ତୁ Micro particle ର ଯେପରି ଇଲେକ୍ଟ୍ରୋନର ଗତି ପ୍ରକୃତିର ବିଚାର ବେଳେ, ଏ କ୍ଷେତ୍ରରେ ବସ୍ତୁର ଅବସ୍ଥାନ ଓ ସଂବେଗ ପରସ୍ପର ପରିପୂରକ ବା complementary property-ଯେଉଁ କାରଣରୁ ଏକା ସାଙ୍ଗରେ ଏହାର ଅବସ୍ଥାନ ଓ ବେଗର ପରିମାପକୁ ସୁନିଶ୍ଚିତ କରିବା ସମ୍ଭବପର ନୁହେଁ । ଗୋଟିଏ ପରୀକ୍ଷାରେ ଏକା ସାଙ୍ଗରେ ମାପିବାକୁ ଗଲେ ପରିମାପର ଭୁଲ ମାତ୍ରାର ହେରଫେର ଏଭଳି ହେବ ଯେ, କୌଣସି ଉପାୟରେ ତାହାକୁ ଗୋଟାଏ ନିମ୍ନତମ ମାନରୁ କମାଇବା ସମ୍ଭବପର ନୁହେଁ - ଏହା ହିଁ ହାଇଜନବର୍ଗଙ୍କର Uncertainity Principle ରେ ପ୍ରକାଶିତ । ଯନ୍ତ୍ରପାତିର ଉନ୍ନତି ଉପରେ ଏ ବିଷୟଟି ନିର୍ଭର କରେନାହିଁ । Micro particle ର ନିଜସ୍ୱ ବିଶିଷ୍ଟ ଗତି ପ୍ରକୃତିର ଅବସ୍ଥାନ ଓ ସଂବେଗର Micro body ଭିତ୍ତିକ ପରସ୍ପର ନିରପେକ୍ଷ property ହିସାବରେ ଯେଉଁ concept ତାହା ଦେଇ ଧରିବାକୁ ଗଲେ ପରିମାପକର ଏହି ଅନିଶ୍ଚିୟତା

ଆସୁଛି – ଏଠାରେ ଦାର୍ଶନିକ ବିଭ୍ରାନ୍ତି କିଛି ନାହିଁ, କୌଣସି mysticism ଏଠାରେ କାର୍ଯ୍ୟ କରୁନାହିଁ । ବିଷୟଟି ଏହିଭଳି ନୁହେଁ ଯେ, ଏଠାରେ କାର୍ଯ୍ୟକାରଣ ସମ୍ପର୍କ କାର୍ଯ୍ୟ କରୁନାହିଁ । କୌଣସି ବିଶେଷ ଚରିତ୍ରର କାରଣ ଏଠାରେ କ୍ରିୟାଶୀଳ ତାହା ବିଜ୍ଞାନର ଅଗ୍ରଗତିର ପଥରେ ଜଣାଯିବ, ଫଳରେ କାର୍ଯ୍ୟକାରଣ ସଂପର୍କିତ ଧାରଣାର ବିକାଶ ଘଟିବ ।

---

factor ଅର୍ଥରେ Uncertainty ର କୌଣସି ବିଷୟ ନାହିଁ । *କେବଳ ବିଷୟଟିକୁ ଏହିଭଳିଭାବେ ଦେଖିବାକୁ ହେବଯେ ବିଜ୍ଞାନର ଯେତେ ଅଗ୍ରଗତି ଘଟିବ ବିଶେଷ କରି ଏହି ସମସ୍ତ ସୂକ୍ଷ୍ମାତିସୂକ୍ଷ୍ମ ବସ୍ତୁକଣିକାକୁ ଜାଣିବାଭଳି ଉପଯୁକ୍ତ ଯେତେ ସୂକ୍ଷ୍ମ ଯନ୍ତ୍ରର ଆବିଷ୍କାର ହେବ, ସେତିକି ଏହିସବୁ ବିଷୟ ସମ୍ପର୍କରେ ମଣିଷ ଆହୁରି ଉନ୍ନତ ଓ ସମୃଦ୍ଧ ଧାରଣା ଆୟତ୍ତ କରିବ । ଏ ସମ୍ପର୍କରେ କୌଣସି ସନ୍ଦେହର ଅବକାଶ ନାହିଁ ।

ଏଥର Uncertainty Principle ଏବଂ Electron ର ଗିତିବିଧି ସଂକ୍ରାନ୍ତ ଏହି ଆଲୋଚନା ପରେ Microbody ସଂକ୍ରାନ୍ତରେ ଗୋଟିଏ ଦିଗ ଆଲୋଚନା କରିବି । ଏହା ଦେଖାଯାଇଛି ଯେ, Highly sensitive ଏବଂ Precision Instrument ରେ କୌଣସି Microbody ର Micro quantity କୁ ଦୁଇ ଥର ମାପିଲେ ସମାନ ପ୍ରକାରର accurate result ମିଳେ ନାହିଁ । ଏହା କାହିଁକି ଘଟିଥାଏ ? ଏହାର କାରଣ ହେଉଛି ଯେଉଁ ବସ୍ତୁକୁ ମପା ଯାଉଛି ଏବଂ ଯାହାଦ୍ୱାରା ମପା ହେଉଛି, ଖୁବ୍ ସୂକ୍ଷ୍ମ ବା infinitesimally minute ହେଲେ ମଧ୍ୟ ଏହି ଦୁଇଟିର ମଧ୍ୟରେ ପରିବର୍ତ୍ତନ ଘଟୁଛି। ଏହି ପରିବର୍ତ୍ତନ ସବୁ ବସ୍ତୁର କ୍ଷେତ୍ରରେ ପ୍ରତି ମୁହୂର୍ତ୍ତରେ ଘଟୁଛି । ଏହା ଫଳରେ ଗୋଟିଏ ବସ୍ତୁକୁ ଦୁଇ ଥର ଓଜନ କଲେ ସୂକ୍ଷ୍ମ ବିଚାରରେ ସମାନ ଫଳାଫଳ (result) ମିଳେ ନାହିଁ । ସାଧାରଣ କାର୍ଯ୍ୟରେ ଆମେ ଯେତେବେଳେ ବିଭିନ୍ନ ଜିନିଷ ଓଜନ କରୁ ସେତେବେଳେ ଏସବୁ କୌଣସି ସମସ୍ୟା ସୃଷ୍ଟି କରେ ନାହିଁ । ସମସ୍ୟା ହୁଏ ସୂକ୍ଷ୍ମ ବିଚାର କ୍ଷେତ୍ରରେ ।*

## ବସ୍ତୁ ଗତିଶୀଳ ଓ ଦ୍ୱାନ୍ଦ୍ୱିକ – ଅପରିବର୍ତ୍ତନୀୟ ବା ଶାଶ୍ୱତ ନୁହେଁ

ବସ୍ତୁ ସଂକ୍ରାନ୍ତୀୟ ବିଚାରର କିଛି କିଛି ବିଷୟ ଯେତିକି ଆଲୋଚନା ହେଲା ସେଗୁଡ଼ିକୁ ସାମ୍ନାରେ ରଖି ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ସିଦ୍ଧାନ୍ତ ଗୁଡ଼ିକୁ ଟିକିଏ ପର୍ଯ୍ୟାଲୋଚନା କଲେ ଆମର ବୁଝିବାକୁ ସୁବିଧା ହେବ ଯେ, ବିଜ୍ଞାନର ଆବିଷ୍କାର ଗୁଡ଼ିକ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦକୁ କିଭଳି ଭାବେ ନିତ୍ୟ ନୂତନ ରୂପରେ confirm ଓ ସମୃଦ୍ଧ କରିଛି । ଆମେ ଜାଣିଛୁ ଆଧୁନିକ ବିଜ୍ଞାନ

---

* ଅତି ସୂକ୍ଷ୍ମ ପରିମାଣ ବସ୍ତୁର ପରିମାପରେ ଯେପରି ଓଜନ ପାଇଁ ବ୍ୟବହୃତ ସୂକ୍ଷ୍ମ ଯନ୍ତ୍ରପାତିର (Principle of construction) କାରଣରୁ ହିଁ ପ୍ରତିଥର ପରିମାପ ଯନ୍ତ୍ରର ଆଭ୍ୟନ୍ତରୀଣ measuring condition ରେ ସୂକ୍ଷ୍ମ ପରିବର୍ତ୍ତନ ଘଟି ଥାଏ । ଯାହା ଫଳରେ କୌଣସି ଦୁଇଟି ପରିମାପ ହିଁ ସୂକ୍ଷ୍ମ ବିଚାରରେ ସମାନ ହୁଏ ନା । କ୍ଷେତ୍ର ବିଶେଷରେ ବସ୍ତୁର ନିଜସ୍ୱ ପରିବର୍ତ୍ତନ ଘଟିଥାଏ । ସେ କ୍ଷେତ୍ରରେ ମଧ୍ୟ ପରିମାପର ସୂକ୍ଷ୍ମ ପାର୍ଥକ୍ୟ ଧରାପଡ଼ିଯାଏ ।

କହୁଛି, ବସ୍ତୁ ଜଡବସ୍ତୁ ନୁହେଁ, ବସ୍ତୁ ହେଲା ଗତିଶୀଳ ବସ୍ତୁ, dynamic matter । ପୁଣି ଏହି ବସ୍ତୁ କେବଳ dynamic ନୁହେଁ, ବସ୍ତୁ ହେଲା ଦ୍ୱାନ୍ଦ୍ୱିକ ବସ୍ତୁ (dialectical matter) । ବସ୍ତୁ ଦ୍ୱାନ୍ଦ୍ୱିକ ବସ୍ତୁ ବୋଲି ହିଁ ବସ୍ତୁ ଗତିଶୀଳ ଅର୍ଥାତ୍ dynamic । ସୁତରାଂ ବସ୍ତୁର ଗତିଶୀଳତାର କାରଣ ଆଜି ଆମ କାହା ନିକଟରେ ଅଜଣା ନୁହେଁ । କେବଳ ସେତିକି ନୁହେଁ, ଗତିକୁ ବସ୍ତୁର ବାହ୍ୟ ଗୁଣଭାବେ ଧରାଯାଏନା – ବସ୍ତୁର ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ସଂଘର୍ଷ ହିଁ ବସ୍ତୁକୁ ଗତିଶୀଳ କରିଛି, ବର୍ତ୍ତମାନ ପ୍ରଶ୍ନ ଦେଖାଦେଇଛି ଆମର ଯେଉଁ ଦର୍ଶନ ତା ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ଦର୍ଶନ କାହିଁକି ? ଅର୍ଥାତ୍ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ – ଏହି କଥାଟିର ସଠିକ୍ ତାତ୍ପର୍ଯ୍ୟ କ'ଣ ? ପ୍ରଥମତଃ ଆମେ ଆମର ଅଭିଜ୍ଞତାରୁ ଏହି ଧାରଣା ହିଁ ଅର୍ଜନ କରିଛୁ ଏବଂ ଏହି ସିଦ୍ଧାନ୍ତରେ ପହଞ୍ଚିଛୁ ଯେ ବସ୍ତୁ ନିରପେକ୍ଷ କୌଣସି ସତ୍ତାର ଅସ୍ତିତ୍ୱ ନାହିଁ । ଏପରିକି ମଣିଷର ଯେଉଁ ମନ ତାହା ମଧ୍ୟ ବସ୍ତୁର ହିଁ କ୍ରିୟାର ଫଳ । ଏ ପ୍ରସଙ୍ଗରେ ଅତ୍ୟନ୍ତ ସଂକ୍ଷେପରେ ମୂଳ ବିଷୟଟି ମୁଁ ଆଲୋଚନା କରିଥିଲେ ମଧ୍ୟ ଏ ବିଷୟରେ ପାଭ୍‌ଲଭ୍‌ଙ୍କର ବକ୍ତବ୍ୟ ବା ଆଧୁନିକ ବିଜ୍ଞାନରେ brain physiology ସଂକ୍ରାନ୍ତୀୟ ସିଦ୍ଧାନ୍ତ ସହିତ ଯୁକ୍ତ କରି ଏହି କ୍ଲାସରେ ମୁଁ ଆଲୋଚନା କରିନାହିଁ । ଅନ୍ୟ ସ୍ଥାନରେ ଏହି ଆଲୋଚନା ମୁଁ କରିଛି । ଏଠାରେ ଆଉ ଗୋଟିଏ ବିଷୟ ସମ୍ପର୍କରେ ସମୟ ଅଭାବରୁ ବିଶଦ ଆଲୋଚନାକୁ ଯାଇପାରିବି ନାହିଁ । ଏଠାରେ ମୁଁ ଯାହା କହିବାକୁ ଚାହୁଁଛି ତାହା ହେଉଛି, ବିଜ୍ଞାନରୁ ଆମେ ପାଇଛୁ ଯେ, ବସ୍ତୁ ମଧ୍ୟରୁ ହିଁ ବସ୍ତୁ ସୃଷ୍ଟି ହେଉଛି – ତାହାକୁ ସୃଷ୍ଟି କରାଯାଏନା, ଧ୍ୱଂସ କରିବାର କୌଣସି ପ୍ରଶ୍ନ ନାହିଁ, ତାହାର କ୍ଷୟ ନାହିଁ, ବିଲୟ ନାହିଁ । ଯଦିଓ ବିଶେଷ ବସ୍ତୁର ସୃଷ୍ଟି ଅଛି ବିଲୟ ଅଛି । ଆଜି ଯେଉଁ ବସ୍ତୁ ସମ୍ପର୍କରେ ଆମେ ଜାଣି ପାରିନାହୁଁ ଭବିଷ୍ୟତରେ ତାହାକୁ ଜାଣିପାରିବୁ । ଅସଲରେ ବସ୍ତୁକୁ ଜାଣିବା, ବୁଝିବା ହେଉଛି ବିଜ୍ଞାନ ସାଧନା ବା ଜ୍ଞାନ ସାଧାନାର ସବୁଠାରୁ ବଡ କାମ । ଆମେ ଏକଥା ମଧ୍ୟ ଜାଣି ପାରିଛନ୍ତି ଯେ out of nothing ରୁ କୌଣସି ବସ୍ତୁର ସୃଷ୍ଟି ହୁଏନା । କିନ୍ତୁ ତା' ବୋଲି ବସ୍ତୁକୁ Absolute ବା eternal କହିବା ଚଳେନା । ବସ୍ତୁକୁ Absolute, ଅପରିବର୍ତ୍ତନୀୟ ବା ଶାଶ୍ୱତ କହିବା ଭୁଲ । କାହିଁକି ନା ବସ୍ତୁ ନିଜେ ହିଁ ପ୍ରତିନିୟତ ପରିବର୍ତ୍ତନଶୀଳ । ସେଥିପାଇଁ ବସ୍ତୁ ସମ୍ପର୍କରେ ଆମର ଯେଉଁ ଧାରଣା ତାହାକୁ ସାର୍ବଜନୀନ ବା Universal କହିବା ଯୁକ୍ତିଯୁକ୍ତ । ଏ ବିଷୟରେ ଲେନିନ୍ ଗୋଟିଏ ସୁନ୍ଦର କଥା କହିଛନ୍ତି ଅର୍ଥାତ୍ ସୁନ୍ଦରଭାବେ ପ୍ରକାଶ (Express) କରିଛନ୍ତି । ସେ କହିଛନ୍ତି, Matter is a philosophical category । ବସ୍ତୁ ହେଉଛି ମୌଳିକ ଏକ ଦାର୍ଶନିକ ଧାରଣା । ଅର୍ଥାତ୍ ବସ୍ତୁ ସଂକ୍ରାନ୍ତରେ ଆମର ଧାରଣା ହେଉଛି ଏହି ପ୍ରକାର ଯେ, ବସ୍ତୁ ନିରପେକ୍ଷ ବା ବସ୍ତୁ ବାହାରେ କିଛି ଅବସ୍ଥାନ କରେ ନାହିଁ, କେବଳ ତାହା ନୁହେଁ ଆମର ଅତୀତ ବା ଭବିଷ୍ୟତ ଯେଉଁ ଦିଗକୁ ଚାହିଁ ନା କାହିଁକି ସେଠାରେ ବସ୍ତୁ ବ୍ୟତୀତ ଅର୍ଥାତ୍ ବସ୍ତୁ ବହିର୍ଭୂତ କିଛି ପାଇବାର ଉପାୟ ନାହିଁ । ଏପରିକି ମଣିଷର ଯେଉଁ ଚିନ୍ତା ତାହା ମଧ୍ୟ ବସ୍ତୁର କ୍ରିୟାର ଫଳ 'product of matter' । ଆମେ ଜାଣୁ ଦୁନିଆରେ ଯାହା କିଛି ଘଟୁଛି ଏବଂ ଘଟିବ ତାହାକୁ ଦର୍ଶନ ବ୍ୟାଖ୍ୟା କରେ । ଏକଥା ମଧ୍ୟ ଠିକ୍ ଯେ, ତଥ୍ୟ ସଂଗ୍ରହର ହତିଆର ହେଉଛି ବିଜ୍ଞାନ, ତା'ର ତତ୍ତ୍ୱ ଯୋଗାଉଛି ଦର୍ଶନ । ଆଉ ଏହି ଯେଉଁ ଦର୍ଶନ ତାହାର ମୂଳ ଆଧାର ହେଉଛି ବସ୍ତୁଗତ । ଏହାକୁ କେତେବେଳେ

ଅନ୍ୟ ଭାଷାରେ ବି କୁହାଯାଏ – Essence of thing is matter । ସୁତରାଂ, ଯେହେତୁ ସବୁକିଛି ହିଁ ବସ୍ତୁମୟ, ବସ୍ତୁ ନିରପେକ୍ଷ କୌଣସି ସତ୍ତାର ଅବସ୍ଥାନ ଦୁନିଆରେ ନାହିଁ । ସେହି କାରଣରୁ ହିଁ ଆମର ଦର୍ଶନ ହେଉଛି ବସ୍ତୁବାଦ । ଏହା ହିଁ ହେଉଛି ଗୋଟିଏ ଦିଗ ।

## ଆମର ବସ୍ତୁବାଦ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ କାହିଁକି

ଏହାପରେ ପ୍ରଶ୍ନ ଆସିବା ସ୍ୱାଭାବିକ ଯେ ଆମର ଦର୍ଶନ ଯାହାକୁ ଆମେ ବସ୍ତୁବାଦ କହୁଛୁ ତାହାକୁ ଦ୍ୱନ୍ଦ୍ୱମୂଳକ କୁହାଯାଏ କାହିଁକି ? ଆମେ ପୂର୍ବରୁ ଆଲୋଚନା କରି ଦେଖିଛନ୍ତି ଯେ, ଆଧୁନିକ ବିଜ୍ଞାନ ତଥା modern physics ର ବହୁ ଗବେଷଣା ଓ ପରୀକ୍ଷା ନିରୀକ୍ଷାରୁ ଆମେ ଜାଣିଛନ୍ତି ଯେ, ବସ୍ତୁ ହେଉଛି ଗତିଶୀଳ ବସ୍ତୁ, ବସ୍ତୁ ଦ୍ୱନ୍ଦ୍ୱ-ସମନ୍ୱୟ ଦେଇ ପରିବର୍ତ୍ତିତ ହୁଏ ଏବଂ ଏହି ବସ୍ତୁ ହେଉଛି ସାର୍ବଜନୀନ ବା Universal । ଆଉ ବସ୍ତୁର ଚରିତ୍ର ଯେଉଁଠି ଦ୍ୱାନ୍ଦ୍ୱିକ – ପ୍ରତିନିୟତ ଦ୍ୱନ୍ଦ୍ୱ-ସଂଘର୍ଷର ମଧ୍ୟ ଦେଇ ପରିବର୍ତ୍ତିତ ହେଉଛି – ସୁତରାଂ ବସ୍ତୁର ଦ୍ୱନ୍ଦ୍ୱ ମଧ୍ୟ ସାର୍ବଜନୀନ । ଆଉ ଯେହେତୁ ବସ୍ତୁର ଏହି ଦ୍ୱାନ୍ଦ୍ୱିକ ଚରିତ୍ରର ପ୍ରତିଫଳନ ଚିନ୍ତାରେ ଆଦର୍ଶରେ ଓ ଦର୍ଶନରେ ଘଟୁଛି – ସେଥିପାଇଁ ଆମର ଦର୍ଶନକୁ ମଧ୍ୟ ଦ୍ୱନ୍ଦ୍ୱମୂଳକ କୁହାଯାଏ । ଏହି କାରଣରୁ ଆମର ଦର୍ଶନ କେବଳ ବସ୍ତୁବାଦ ନୁହେଁ, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ । ସେଥିପାଇଁ ଦ୍ୱାନ୍ଦ୍ୱିକ ବସ୍ତୁବାଦୀ ବିଚାରପଦ୍ଧତି ସାହାଯ୍ୟରେ ଆମେ ସତ୍ୟ ଜାଣିପାରୁ, ଅବଶ୍ୟ ଯଦି ଏହି ଦ୍ୱାନ୍ଦ୍ୱିକ ବସ୍ତୁବାଦୀ ବିଚାରପଦ୍ଧତିକୁ ଉପଲବ୍ଧି ଓ ପ୍ରୟୋଗ କରିବା କ୍ଷେତ୍ରରେ କୌଣସି ଭୁଲ ବା ବିଚ୍ୟୁତି ନହୁଏ । ବସ୍ତୁ ସଂକ୍ରାନ୍ତୀୟ ଅନ୍ୟ ଗୋଟିଏ ଦୁଇଟି ଦିଗ କହିବା ଦରକାର ବୋଲି ମନେ କରେ । ଗୋଟିଏ ହେଉଛି ସାମଗ୍ରିକ ଅର୍ଥରେ ବସ୍ତୁର ଧାରଣା – ଯେଉଁ ବିଷୟରେ ଆମେ ପୂର୍ବରୁ ଆଲୋଚନା କରିଛନ୍ତି ଯେ, ଏହି ବସ୍ତୁ ସାର୍ବଜନୀନ କିନ୍ତୁ Absolute ବା ଅପରିବର୍ତ୍ତନୀୟ ନୁହେଁ । ମାତ୍ର ଅଲଗା କରି ଯେତେବେଳେ ବିଚାର କରୁ ସେତେବେଳେ ବସ୍ତୁକୁ ବିଶେଷ ବସ୍ତୁ ହିସାବରେ ବୁଝିବାକୁ ହେବ । ଯେପରି ଧରନ୍ତୁ, ଇଲେକ୍ଟ୍ରୋନ, ପ୍ରୋଟନ୍ ବା ଏଇ ଚେୟାର, ଟେବୁଲ, ଗ୍ଲାସ ବା ଅନ୍ୟ ଯାହାକିଛି କୁହନ୍ତୁ – ଏହି ବସ୍ତୁ ବିଶେଷ ବସ୍ତୁ, ବିଶେଷ ତାର ଅବସ୍ଥାନ । କିନ୍ତୁ କୌଣସି ବିଶେଷ ବସ୍ତୁ ଦ୍ୱାରା ହିଁ ଦୁନିଆର ସବୁକିଛି ତିଆରି ହୋଇଛି – ବିଷୟଟି ସେଭଳି ନୁହେଁ । ତାକୁ ବିଶେଷ ଅବସ୍ଥାନ ମଧ୍ୟରେ, ଅନ୍ୟାନ୍ୟ ବସ୍ତୁ ସହିତ ଦ୍ୱନ୍ଦ୍ୱ-ସମନ୍ୱୟର ମଧ୍ୟରେ ହିଁ ଜାଣିବାକୁ ଓ ବୁଝିବାକୁ ହେବ । ସେଥିପାଇଁ ବସ୍ତୁ ଧାରଣା ନିର୍ବିଶେଷ ବା Absolute ହୋଇପାରେନା ।

## ଅନ୍ତର୍ଦ୍ୱନ୍ଦ୍ୱ ଓ ବହିର୍ଦ୍ୱନ୍ଦ୍ୱ

ଏକଥା ଆଜି ପ୍ରମାଣିତ ଯେ ସମସ୍ତ ବସ୍ତୁ ପରସ୍ପର ସମ୍ପର୍କଯୁକ୍ତ – ଦ୍ୱନ୍ଦ୍ୱ ସମନ୍ୱୟ ମଧ୍ୟରେ ହିଁ ସମ୍ପର୍କଯୁକ୍ତ । ପୂର୍ବରୁ କିହିଛି ଏହି ଦ୍ୱନ୍ଦ୍ୱ ଦୁଇ ପ୍ରକାରର – ଅନ୍ତର୍ଦ୍ୱନ୍ଦ୍ୱ ଓ ବହିର୍ଦ୍ୱନ୍ଦ୍ୱ ଅର୍ଥାତ୍ ଭିତରର ଦ୍ୱନ୍ଦ୍ୱ ଓ ବାହାରର ଦ୍ୱନ୍ଦ୍ୱ । ଯେକୌଣସି ବସ୍ତୁର ନିଜର ଅଭ୍ୟନ୍ତରର ଯେଉଁ ଦ୍ୱନ୍ଦ୍ୱ ତାହା ହେଲା ଅନ୍ତର୍ଦ୍ୱନ୍ଦ୍ୱ ବା internal contradiction ପୁଣି ଗୋଟିଏ ବସ୍ତୁ ସହିତ ଅପର ଏକ ବସ୍ତୁର ଯେଉଁ ଦ୍ୱନ୍ଦ୍ୱ ତାହାକୁ କୁହାଯାଏ ବହିର୍ଦ୍ୱନ୍ଦ୍ୱ ବା external contradic-

tion । ବର୍ତ୍ତମାନ ଅନ୍ତର୍ଦ୍ୱନ୍ଦ୍ୱ ଓ ବହିର୍ଦ୍ୱନ୍ଦ୍ୱର ପାରସ୍ପରିକ ସମ୍ପର୍କର ଚରିତ୍ର କ'ଣ ଏହା ବୁଝିବା ଦରକାର । ପ୍ରଥମେ ଏହା ବୁଝିବାକୁ ହେବ ଯେ, ଏମାନେ ଏକ ଅପରକୁ ସାହାଯ୍ୟ କରନ୍ତି, ପ୍ରଭାବିତ କରନ୍ତି – ଯାହାକୁ କୁହାଯାଏ ପରିପୂରକ ଓ ଅନୁପୂରକ (supplementary, complimentary) । କିନ୍ତୁ ମନେ ରଖିବାକୁ ହେବ ଯେ ଏହି ଦୁଇ ଧରଣର ଦ୍ୱନ୍ଦ୍ୱ ମଧ୍ୟରେ ଅର୍ନ୍ତଦ୍ୱନ୍ଦ୍ୱ ହିଁ ହେଲା ପରିବର୍ତ୍ତନର ଭିତ୍ତି । ବହିର୍ଦ୍ୱନ୍ଦ୍ୱ, ଅନ୍ତର୍ଦ୍ୱନ୍ଦ୍ୱକୁ ପ୍ରଭାବିତ କରେ, ଏକଥା ଠିକ୍, କୌଣସି କ୍ଷେତ୍ରରେ ଏହି ବହିର୍ଦ୍ୱନ୍ଦ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥାଏ । କିନ୍ତୁ ଏତଦ୍‌ସତ୍ତ୍ୱେ ବି ଆମକୁ ବୁଝିବାକୁ ହେବ ଯେ, ଯେତେବେଳେ କୌଣସି ପରିବର୍ତ୍ତନ ଘଟେ, ସେହି ପରିବର୍ତ୍ତନ ଘଟି ପାରିବ ନାହଁ ଯେତେବେଳଯାଏଁ ଅନ୍ତର୍ଦ୍ୱନ୍ଦ୍ୱ ପରିପକ୍ୱତା ଲାଭ କରିନାହିଁ ଅର୍ଥାତ୍ internal contradiction mature କରି ନାହିଁ । ସୁତରାଂ ଯେକୌଣସି ପରିବର୍ତ୍ତନ ସୂଚୀତ ହେବା କ୍ଷେତ୍ରରେ ବହିର୍ଦ୍ୱନ୍ଦ୍ୱ ଯେତେ ପ୍ରଭାବ ବିସ୍ତାର କରୁନା କାହିଁକି ବା ଯେତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉ ନା କାହିଁକି ବିଷୟଟିକୁ ଏଭଳି ଭାବେ ବୁଝିବାକୁ ହେବ ଯେ ଅନ୍ତର୍ଦ୍ୱନ୍ଦ୍ୱ ହିଁ ହେଲା ପରିବର୍ତ୍ତନର ମୂଳ କାରଣ । ତେଣୁ ପରିବର୍ତ୍ତନର ଭିତ୍ତିହେଲା ଅନ୍ତର୍ଦ୍ୱନ୍ଦ୍ୱ internal contradiction ଯେହେତୁ ପରିବର୍ତ୍ତନର ଉପଯୋଗୀ ବା ଅନୁକୂଳ ପରିବେଶ ସୃଷ୍ଟି ନ ହେବାଯାଏ ପରିବର୍ତ୍ତନ ଘଟିବା ସମ୍ଭବ ନୁହେଁ ।

ଗୋଟିଏ ଉଦାହରଣ ଦେଲେ ବିଷୟଟି ବୁଝିବାକୁ ସୁବିଧା ହେବ । ଉଦାହରଣଟି ନିହାତି ସାଧାରଣ । ଯେମିତି ଧରନ୍ତୁ କାର୍ବାଇଡ୍ ଗ୍ୟାସ୍ । ଆମେ ଜାଣୁ ଦିଆସିଲି କାଠି ଜଳାଇଲେ ଏବଂ ସେହି ଜ୍ୱଳନ୍ତ କାଠିଟି କାର୍ବାଇଡ୍ ଗ୍ୟାସ୍ ସଂସ୍ପର୍ଶରେ ଆସିଲେ ଗ୍ୟାସଟି ଜଳେ । ଏହା ଦେଖି ଅନେକ ମନେ କରିପାରନ୍ତି ଯେ, ସେଇ ଜ୍ୱଳନ୍ତ ଦିଆସିଲି କାଠିଟି ଗ୍ୟାସରେ ନିଆଁ ଲାଗିବାର ମୂଳ କାରଣ । କାରଣ ସେମାନେ ବିଷୟଟିକୁ ଏଭଳି ଭାବେ ବୁଝନ୍ତି ଯେ – ବାହାରୁ ନିଆଁ ଲଗାଗଲା ବୋଲି ଗ୍ୟାସରେ ନିଆଁ ଲାଗିଲା । ଏକଥା ଠିକ୍ ଯେ ନିଆଁର ସଂସ୍ପର୍ଶରେ ନ ଆସିଥିଲେ ଗ୍ୟାସ ଜଳି ନଥାନ୍ତା । କିନ୍ତୁ ଏହି ଦିଆସିଲି କାଠିରେ ନିଆଁ ଯଦି ଚୂନ, ବାଲି, ଗୋଡି ଏବଂ ଏଭଳି ବହୁ ଉଦାହରଣ ଦିଆଯାଇପାରେ – ଏଭଳି ଜିନିଷର ସଂସ୍ପର୍ଶରେ ଆସିଥାନ୍ତା ତେବେ ନିଆଁ ଲାଗିଥାନ୍ତା କି ? ସମସ୍ତେ ଜାଣନ୍ତି ଯେ ଏସବୁ କ୍ଷେତ୍ରରେ ନିଆଁ ଲାଗିବାର କୌଣସି ପ୍ରଶ୍ନ ଉଠେନା । ଜ୍ୱଳନ୍ତ ଦିଆସିଲି କାଠି ସଂସ୍ପର୍ଶରେ ଆସିଲେ ବି ଏଗୁଡିକ ଜଳି ଉଠି ନଥାନ୍ତା । ଏହି କାରଣରୁ ଜଳି ନଥାନ୍ତା ଯେ ଜିନିଷଗୁଡିକର ନିଜସ୍ୱ ଧର୍ମ ବା ଗୁଣାବଳୀ ଏଭଳି ନୁହେଁ ଯଦ୍ୱାରା ଦିଆସିଲି କାଠିର ନିଆଁର ସଂସ୍ପର୍ଶରେ ଆସିଲେ ଏଗୁଡିକ ଜଳି ପାରିବ । ଅର୍ଥାତ୍ ଏହି ଜିନିଷଗୁଡିକର ଆଭ୍ୟନ୍ତରୀଣ ପରିସ୍ଥିତି ବା ଦ୍ୱନ୍ଦ୍ୱ ଯାହାହେଉନା କାହିଁକି ତାହା ଏଭଳି ଅବସ୍ଥାରେ ପହଞ୍ଚି ନାହିଁ ଯେ – ଦିଆସିଲି କାଠି ନିଆଁର ସଂସ୍ପର୍ଶରେ ଏଗୁଡିକ ଜଳି ପାରିବ । କିନ୍ତୁ କାର୍ବାଇଡ୍ ଗ୍ୟାସ୍ ଏଥିପାଇଁ ଜଳିଲା ଯେ ତାହାର ଆଭ୍ୟନ୍ତରୀଣ ପରିସ୍ଥିତିକୁ ଜଳିବା ଭଳି ଅବସ୍ଥାରେ ପହଞ୍ଚାଇ ଦେବା କ୍ଷେତ୍ରରେ ଦିଆସିଲି କାଠିର ନିଆଁର ସଂସ୍ପର୍ଶ ତାକୁ ସାହାଯ୍ୟ କଲା । ବର୍ତ୍ତମାନ ସମାଜ ବିଜ୍ଞାନ ଦିଗରୁ ବିଷୟଟିକୁ ଆଲୋଚନା କରିଦେଖାଯାଉ । ଅର୍ଥାତ୍ ଏହି ତତ୍ତ୍ୱଟିକୁ ଭଲଭାବେ ବୁଝିଲେ ଦର୍ଶନଗତ ଦିଗରୁ ଆମ ପାଇଁ ବୁଝିବାକୁ ସୁବିଧା ହେବ ଯେ ଏହି କାରଣରୁ ହିଁ କୌଣସି ଗୋଟିଏ ଦେଶରେ ବିପ୍ଳବ ଆମଦାନୀ

ବା ରପ୍ତାନୀ କରାଯାଇ ପାରେନା । ବାହ୍ୟ ଶକ୍ତି ବିପ୍ଳବକୁ ସାହାଯ୍ୟ କରିପାରେ, କେବେ କେମିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିପାରେ । କିନ୍ତୁ କୌଣସି ଦେଶର ଆଭ୍ୟନ୍ତରୀଣ ପରିସ୍ଥିତି ଯଦି ସୃଷ୍ଟି ନ ହୋଇଥାଏ, ଯେତେବେଳେଯାଏଁ ସେ ଦେଶର ଅଧିକାଂଶ ମଣିଷ ବିପ୍ଳବୀ ନେତୃତ୍ୱ ଅଧୀନରେ ସଂଗଠିତ ନ ହେଉଛନ୍ତି ସେତେବେଳଯାଏଁ କୌଣସି ବାହ୍ୟ ଶକ୍ତିର ସହଯୋଗୀତାରେ କୌଣସି ଦେଶରେ ବିପ୍ଳବ ହୋଇପାରେନା । ଏଥିପାଇଁ ମାର୍କ୍ସବାଦୀମାନେ କହିଥାନ୍ତି ଓ ବିଶ୍ୱାସ କରିଥାନ୍ତି ଯେ revolution can neither be imported nor exported – ଅର୍ଥାତ୍ ବିପ୍ଳବ ଆମଦାନୀ ବା ରପ୍ତାନୀ କରା ଯାଇପାରେନା । ବାହାର ବିପ୍ଳବୀ ଶକ୍ତି ଅନ୍ୟ ଦେଶର ବିପ୍ଳବକୁ ଯେ ସାହାଯ୍ୟ କରିପାରିବ ନାହିଁ ତାହା ନୁହେଁ, ମାତ୍ର ସେହି ସାହାଯ୍ୟ ସେତେବେଳେ ହିଁ କାର୍ଯ୍ୟକାରୀ ହେବ, ସଫଳ ପରିଣତିରେ ପହଞ୍ଚିବାରେ ସକ୍ଷମ ହେବ ଯେତେବେଳେ ଅନୁକୂଳ ଆଭ୍ୟନ୍ତରୀଣ ପରିସ୍ଥିତି ଗଢି ଉଠିବ । ଅନ୍ୟଥା ହେବ ନାହିଁ ।

## ମୂଳ ବା ମୁଖ୍ୟ ଦ୍ୱନ୍ଦ୍ୱର ଭୂମିକା

ଦ୍ୱନ୍ଦ୍ୱତତ୍ତ୍ୱ ପରିପ୍ରେକ୍ଷୀରେ ସମାଜ ବିଜ୍ଞାନର ଆହୁରି ଗୋଟିଏ ଦୁଇଟି ଦିଗ ଏଠାରେ ଆଲୋଚନା କରିବା ପ୍ରୟୋଜନ । ଆମ ଜାଣୁ ଯେ ଯେମିତି ପ୍ରତ୍ୟେକ ବସ୍ତୁ ମଧ୍ୟରେ ଘଟି ଥାଏ ସେମିତି ସମାଜ ଅଭ୍ୟନ୍ତର ମଧ୍ୟରେ ବହୁ ଶକ୍ତିର ସମାବେଶ ଘଟେ ଏବଂ ସେମାନଙ୍କ ମଧ୍ୟରେ ପ୍ରତିନିୟତ ଦ୍ୱନ୍ଦ୍ୱ ସଂଘାତ ଚାଲିଥାଏ । ଅର୍ଥାତ୍ ବାସ୍ତବତା ହେଲା ପ୍ରତ୍ୟେକ କ୍ଷେତ୍ରରେ ବହୁ ଧରଣର ଶକ୍ତିର ଦ୍ୱନ୍ଦ୍ୱ – ସଂଘର୍ଷ – ସମନ୍ୱୟ ପ୍ରତିନିୟତ ଘଟି ଚାଲିଛି । ସମାଜ ଅଭ୍ୟନ୍ତରରେ ଅର୍ଥନୀତି, ନୀତିନୈତିକତା, ଧର୍ମୀୟ ଐତିହ୍ୟ, ଅନ୍ଧ ମାନସିକତା, ବ୍ୟକ୍ତିସ୍ୱାର୍ଥ, ରାଜନୀତି, ଜାତିଆଣ ପ୍ରଥା, ଆଚାର ବିଚାର – ଏହିଭଳି କେତେ ଶକ୍ତିକୁ କେନ୍ଦ୍ରକରି ଯେ ପ୍ରତିନିୟତ ଏହି ଦ୍ୱନ୍ଦ୍ୱ ସଂଘର୍ଷ ଘଟିଚାଲିଛି ତାର କୌଣସି ଇୟତ୍ତା ନାହିଁ । କିନ୍ତୁ ଏହି ସମସ୍ତ ଦ୍ୱନ୍ଦ୍ୱ ଗୁଡିକ ହିଁ ମୂଳ ଦ୍ୱନ୍ଦ୍ୱ ନୁହେଁ । ସମାଜ ଅଭ୍ୟନ୍ତରରେ ବହୁ ଦ୍ୱନ୍ଦ୍ୱ ମଧ୍ୟରେ ଏକ ବିଶେଷ ଦ୍ୱନ୍ଦ୍ୱ ଥାଏ ଯାହାକୁ କୁହାଯାଏ principal contradiction ବା ମୂଳ ଦ୍ୱନ୍ଦ୍ୱ । ସମାଜ ଅଭ୍ୟନ୍ତରରେ ଏହି ମୁଖ୍ୟ ଦ୍ୱନ୍ଦ୍ୱର ଧାରଣାଟି ଏଭଳି ଯେ- ଏହି ମୁଖ୍ୟ ବା ମୂଳ ଦ୍ୱନ୍ଦ୍ୱକୁ କେନ୍ଦ୍ରକରି ଅନ୍ୟାନ୍ୟ ସମସ୍ତ ଦ୍ୱନ୍ଦ୍ୱ ଆବର୍ତ୍ତିତ ହୁଏ । ପ୍ରଶ୍ନ ହେଲା ପୁଞ୍ଜିବାଦୀ ସମାଜ ବ୍ୟବସ୍ଥା କ୍ଷେତ୍ରରେ ଏହି ମୁଖ୍ୟ ଦ୍ୱନ୍ଦ୍ୱ କେଉଁଟି ? ଶ୍ରମ ଓ ପୁଞ୍ଜି ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଅର୍ଥାତ୍ labour and capital ର ଯେଉଁ ଦ୍ୱନ୍ଦ୍ୱ ତାହା ହିଁ ପୁଞ୍ଜିବାଦୀ ସମାଜର ମୂଳ ଦ୍ୱନ୍ଦ୍ୱ । ଅର୍ଥାତ୍ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାରେ ଶ୍ରମିକ ଓ ମାଲିକର ଦ୍ୱନ୍ଦ୍ୱ ହିଁ ମୂଳ ଦ୍ୱନ୍ଦ୍ୱ । ସେମାନଙ୍କ ଚିନ୍ତା, ଦର୍ଶନ, ଅର୍ଥନୈତିକ, ରାଜନୈତିକ ସ୍ୱାର୍ଥ ସବୁକିଛି ପରସ୍ପର ବିରୋଧୀ । ମାଲିକର ସ୍ୱାର୍ଥ ଏହି ସମାଜକୁ ବଞ୍ଚାଇ ରଖିବା, ଆଉ ଶ୍ରମିକର ସ୍ୱାର୍ଥ ତାକୁ ଭାଙ୍ଗିବା । ଏହି ଯେଉଁ ମୂଳ ଦ୍ୱନ୍ଦ୍ୱ ଏହା ହିଁ ସମାଜର ପରିବର୍ତ୍ତନକୁ ମୌଳିକଭାବେ ପ୍ରଭାବିତ କରିଥାଏ । ସମାଜ ଅଭ୍ୟନ୍ତରରେ ଏହି ମୂଳଦ୍ୱନ୍ଦ୍ୱ ସମାଜର ପ୍ରତ୍ୟେକ ବ୍ୟକ୍ତିକୁ ମଧ୍ୟ ପ୍ରଭାବିତ କରେ । ଏହି ପ୍ରଭାବ ଉଭୟ ଦିଗରୁ ପଡିଥାଏ । କାହା କ୍ଷେତ୍ରରେ ଏହି ସମାଜକୁ ବଞ୍ଚେଇ ରଖିବା ଦିଗରୁ ପ୍ରଭାବ କାମକରେ ।

ପୁଣି କାହା କ୍ଷେତ୍ରରେ ଏହି ପ୍ରଭାବ ପ୍ରଚଳିତ ସମାଜକୁ ଭାଙ୍ଗିବାର ଶକ୍ତିକୁ ହିଁ ଶକ୍ତିଶାଳୀ କରିଥାଏ । ବିଶେଷ ବିଶେଷ ବ୍ୟକ୍ତି କ୍ଷେତ୍ରରେ ସେହି ଚିନ୍ତାର ବ୍ୟକ୍ତିକରଣ ବା personification ଘଟେ । ତେଣୁ ବିପ୍ଳବୀ ହେବା ଅର୍ଥ ହେଲା, ଗୋଟିଏ ଅର୍ଥରେ ସମାଜର ମୌଳିକ ଦ୍ୱନ୍ଦ୍ୱକୁ ସଚେତନ ଭାବେ ବୁଝିବା ଓ ସେହି ଦ୍ୱନ୍ଦ୍ୱକୁ ସଫଳ ପରିଣତି ଆଡକୁ ନେଇଯିବାର ସଂଗ୍ରାମରେ ନିଜକୁ ଯୁକ୍ତ କରିବା । ଅର୍ଥାତ୍ ଦ୍ୱନ୍ଦ୍ୱର ପ୍ରକୃତିକୁ ସଚେତନଭାବେ ଉପଲବ୍ଧି କରିବା ଏବଂ ସମାଜ ପ୍ରଗତିର ପ୍ରକ୍ରିୟାରେ ସଚେତନ ଭାବେ କ୍ରିୟା କରିବା ।

ଶ୍ରମ ଓ ପୁଞ୍ଜିକୁ ଯେତେବେଳେ ଅଲଗା ଭାବେ ବିଚାର କରାଯାଏ, ସେତେବେଳେ ଦେଖାଯାଏ ଯେ ଏହି ଶକ୍ତିଗୁଡିକର ପ୍ରତ୍ୟେକଟି ହିଁ ନିଜ ମଧ୍ୟରେ, ପୁଣି ବିଭିନ୍ନ ବିଷୟକୁ କେନ୍ଦ୍ରକରି ବିଭିନ୍ନ ଧରଣର ଦ୍ୱନ୍ଦ୍ୱ ମଧ୍ୟରେ ଅବସ୍ଥାନ କରନ୍ତି । ସେଗୁଡିକୁ ମଧ୍ୟ ବିଶେଷ ଭାବେ ଲକ୍ଷ୍ୟ ଓ ପର୍ଯ୍ୟାଲୋଚନା କରିବାକୁ ପଡେ । ଏହାକୁ କୁହାଯାଏ contradiction within contradiction ଅର୍ଥାତ୍ ଦ୍ୱନ୍ଦ୍ୱ ଭିତରେ ଦ୍ୱନ୍ଦ୍ୱ । କିନ୍ତୁ ଏସବୁ ସତ୍ତ୍ୱେ ବି ଏ କଥା ଭୁଲିଗଲେ ଚଳିବ ନାହିଁ ଯେ ଏହିସବୁ ଦ୍ୱନ୍ଦ୍ୱ ମଧ୍ୟରେ ଶ୍ରମ ଓ ପୁଞ୍ଜିର ଦ୍ୱନ୍ଦ୍ୱ ହେଉଛି ମୂଳ ଦ୍ୱନ୍ଦ୍ୱ । ପୂର୍ବରୁ କହିଛି ପୁଞ୍ଜିବାଦୀ ସମାଜରେ ପୁଞ୍ଜିପତି ବା ବୁର୍ଜୁଆ ଶ୍ରେଣୀର ଭୂମିକା ହେଉଛି ସେହି ସମାଜ ବ୍ୟବସ୍ଥାଟିକୁ ରକ୍ଷା କରିବା । ପୁଣି ଶ୍ରମିକ ଶ୍ରେଣୀର ଐତିହାସିକ ଭୂମିକା ହେଉଛି ଏହି ସମାଜ ବ୍ୟବସ୍ଥାର ମୌଳିକ ପରିବର୍ତ୍ତନ ସାଧନ କରିବା । ତେଣୁ ସମାଜ ପ୍ରଗତିକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଆମର କାମ ହେଲା ଏହି ଶ୍ରମିକଶ୍ରେଣୀର ବିପ୍ଳବୀ ଶକ୍ତିକୁ ହିଁ ଶକ୍ତିଶାଳୀ କରିବା । ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ, ମତବାଦିକ ବା ସାଂଗଠନିକ ସମସ୍ତ ଦିଗକୁ ଯୁକ୍ତକରି ଏହି ପ୍ରଚେଷ୍ଟାକୁ ଶକ୍ତିଶାଳୀ କରିବା ପ୍ରୟୋଜନ । ତେଣୁ ପୁଞ୍ଜିବାଦୀ ସମାଜକୁ ଭାଙ୍ଗି ନୂତନ ସମାଜ ଗଢି ତୋଳିବା ସେତେଦିନଯାଏ ସମ୍ଭବ ହେବନାହିଁ, ଯେତେଦିନ ଯାଏ ଏହି ମୂଳ ଦ୍ୱନ୍ଦ୍ୱକୁ ଉପଯୁକ୍ତଭାବେ ପ୍ରଭାବିତ ବା ତୀବ୍ର କରି ପରିବର୍ତ୍ତନ ସାଧନ କରାଯାଇ ନ ପାରିଛି।

## ବିରୋଧାତ୍ମକ ଓ ମିଳନାତ୍ମକ ଦ୍ୱନ୍ଦ୍ୱ

ଏହାପରେ ବିରୋଧାତ୍ମକ ଓ ମିଳନାତ୍ମକ ଦ୍ୱନ୍ଦ୍ୱ ସମ୍ପର୍କରେ ଗୋଟିଏ ଦୁଇଟି କଥା କହି ଦ୍ୱନ୍ଦ୍ୱ ତତ୍ତ୍ୱର ଆଲୋଚନା ଶେଷ କରିବି । ବିଭିନ୍ନ ଧରଣର ଏହି ଦ୍ୱନ୍ଦ୍ୱକୁ କେବେ କେବେ ଆଉ ଗୋଟିଏ ଦିଗରୁ ବିଚାର କରାଯାଇଥାଏ । ସେହି ବିଚାର ଅନୁଯାୟୀ ଗୋଟିଏ ଧରଣର ଦ୍ୱନ୍ଦ୍ୱକୁ କୁହାଯାଏ ବିରୋଧାତ୍ମକ ଦ୍ୱନ୍ଦ୍ୱ( antagonistic contradiction) । ଆଉ ଏକ ଧରଣର ଦ୍ୱନ୍ଦ୍ୱକୁ କୁହାଯାଏ ମିଳନାତ୍ମକ ଦ୍ୱନ୍ଦ୍ୱ (non antagonistic contradiction) । ଟିକେ ପୂର୍ବରୁ ପୁଞ୍ଜିବାଦୀ ସମାଜରେ ଶ୍ରମ ଓ ପୁଞ୍ଜି ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ କଥା ଉଲ୍ଲେଖ କରାଯାଇଛି ସେହି ଦ୍ୱନ୍ଦ୍ୱକୁ ବିରୋଧାତ୍ମକ ଦ୍ୱନ୍ଦ୍ୱ ବୋଲି କୁହାଯାଏ । ସେହି ଦ୍ୱନ୍ଦ୍ୱର ଚରିତ୍ର ହେଲା ଏକ ଅପରକୁ ଉଚ୍ଛେଦ କରିବାର ଦ୍ୱନ୍ଦ୍ୱ । ସାମାଜିକ ପଟ୍ଟଭୂମିରେ ବିଚାର କଲେ ଏକଥା ସ୍ପଷ୍ଟଭାବେ ଜଣା ପଡେ ଯେ ପୁଞ୍ଜିପତିଶ୍ରେଣୀର ଲକ୍ଷ୍ୟ ହେଉଛି ଶୋଷଣ ଉପରେ ପ୍ରତିଷ୍ଠିତ ପୁଞ୍ଜିବାଦୀ ବ୍ୟବସ୍ଥାକୁ ବଞ୍ଚାଇ ରଖିବା । ସେହି ପୁଞ୍ଜିବାଦୀ ସମାଜକୁ ଉଚ୍ଛେଦ କରିବାର ଲକ୍ଷ୍ୟ ନେଇ ଗଢି ଉଠିଥିବା ସଂଗ୍ରାମରେ ଶ୍ରମିକଶ୍ରେଣୀର ସାଫଲ୍ୟ ଅର୍ଜନ କରିବା ମଧ୍ୟ ଦେଇ

ଏହି ବିରୋଧାତ୍ମକ ସଂଗ୍ରାମର ସଠିକ୍ ସମାଧାନ ହୋଇପାରେ । ଏହି ଦ୍ୱନ୍ଦ୍ୱ ଯେତେବେଳେ ଚାଲୁଥାଏ ସେତେବେଳେ ଉଭୟଙ୍କ ମଧ୍ୟରେ ସାମୂହିକ ମିଳନ ଯେ ଘଟେ ନାହିଁ ତାହା ନୁହେଁ, କିନ୍ତୁ ତାହା ମଧ୍ୟ ପୁଞ୍ଜିପତିଶ୍ରେଣୀକୁ ଉଚ୍ଛେଦ କରିବା ପାଇଁ ଶ୍ରମିକଶ୍ରେଣୀର ଅଧିକତର ଶକ୍ତି ସଞ୍ଚୟ ଉଦ୍ଦେଶ୍ୟରେ ହିଁ ଘଟିଥାଏ । ଏହି କାରଣରୁ ଏ ଧରଣର ଦ୍ୱନ୍ଦ୍ୱକୁ କୁହାଯାଏ ବିରୋଧାତ୍ମକ ଦ୍ୱନ୍ଦ୍ୱ । ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ତିନୋଟି ମୂଳ ନୀତି ଆଲୋଚନା କଲାବେଳେ ଏ ବିଷୟ ସମ୍ପର୍କରେ ଆଉ ଟିକିଏ ବ୍ୟାଖ୍ୟା କରିବା ପାଇଁ ଚେଷ୍ଟା କରିବି ।

ତା'ହେଲେ ମିଳନାତ୍ମକ ଦ୍ୱନ୍ଦ୍ୱର ଚରିତ୍ର କ'ଣ ? ମିଳନାତ୍ମକ ଦ୍ୱନ୍ଦ୍ୱର ଚରିତ୍ର ବା ଉଦ୍ଦେଶ୍ୟ ହେଲା ଶେଷ ପର୍ଯ୍ୟନ୍ତ ଐକ୍ୟକୁ ସୁଦୃଢ କରିବା ପାଇଁ ଏକ ଅପର ସହିତ ମିଳନ ପାଇଁ ଲଢେଇ । ଏ ସମ୍ପର୍କରେ ମୁଁ ଗୋଟିଏ ଉଦାହରଣ ଦେବି । ଧରନ୍ତୁ ଆମ ଦଳରେ ବା କୌଣସି ଏକ ଶ୍ରମିକ ଶ୍ରେଣୀ ଦଳରେ ନେତା ଠାରୁ କର୍ମୀ ଯାଏ ସମସ୍ତେ ହିଁ ମାର୍କ୍ସବାଦ ଲେନିନ୍‌ବାଦ୍‌କୁ ବା ଦ୍ୱନ୍ଦ୍ୱମୂଳକ ବସ୍ତୁବାଦକୁ ଏକମାତ୍ର ସଠିକ୍ ଓ ବିଜ୍ଞାନଭିତ୍ତିକ ଦର୍ଶନ ବୋଲି ମନେ କରନ୍ତି । ଭାରତବର୍ଷ କୁହନ୍ତୁ ବା ଅନ୍ୟ ଯେକୌଣସି ଦେଶ କୁହନ୍ତୁ ଏକ ମାର୍କ୍ସବାଦୀ – ଲେନିନ୍‌ବାଦୀ ଦଳର ସଭ୍ୟମାନଙ୍କର ସେହି ଦେଶର ବିଶେଷ ବିପ୍ଳବର ରଣନୀତି ଓ ରଣ କୌଶଳ ସମ୍ପର୍କରେ ଐକ୍ୟମତ ଭିତ୍ତିରେ ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମ ପରିଚାଳନା କରିବାକୁ ହୁଏ । କିନ୍ତୁ ଏ ସବୁ ସତ୍ତ୍ୱେ ବି ଆପଣମାନେ ସମସ୍ତେ ଜାଣନ୍ତି ଯେ, ସଂଗ୍ରାମ ପରିଚାଳନାର ସମସ୍ତ ସ୍ତରରେ ବା ପ୍ରତ୍ୟେକ ରାଜନୈତିକ, ସାଙ୍ଗଠନିକ ଓ ମତାଦର୍ଶଗତ ନାନା ଧରଣର ପ୍ରଶ୍ନକୁ କେନ୍ଦ୍ରକରି ଦଳ ଅଭ୍ୟନ୍ତରରେ ନେତା ଓ କର୍ମୀମାନଙ୍କର ଉପଲବ୍ଧିର ତାରତମ୍ୟ ବା ଅଭିଜ୍ଞତାର ପାର୍ଥକ୍ୟ ଯୋଗୁଁ ପରସ୍ପର ମଧ୍ୟରେ ମତ ବିରୋଧ ବା ଦ୍ୱନ୍ଦ୍ୱ ଦେଖାଦେବା ସ୍ୱାଭାବିକ । ମୂଳ ଦୃଷ୍ଟିଭଙ୍ଗୀ କ୍ଷେତ୍ରରେ ସମସ୍ତେ ଏକମତ ହେଲେ ବି ପରସ୍ପର ମଧ୍ୟରେ ଏ ଧରଣର ଦ୍ୱନ୍ଦ୍ୱ ଦେଖା ଦେବାକୁ ବାଧ୍ୟ । କିନ୍ତୁ ଏକଥା ବୁଝାଇବାକୁ ଅସୁବିଧା ହୁଏ ନାହିଁ ଯେ, ଯେଉଁମାନେ ଏହି ଧରଣର ଦ୍ୱନ୍ଦ୍ୱରେ ପ୍ରତି ମୁହୂର୍ତ୍ତରେ ଲିପ୍ତ ସେମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ କୌଣସି ଅବସ୍ଥାରେ ବି ଶତ୍ରୁତା ବା ବିଦ୍ୱେଷମୂଳକ ମନୋଭାବରୁ ଜନ୍ମ ନେଇନଥାଏ । ସଂଘର୍ଷର ତୀବ୍ରତା ଯେତେ ଅଧିକ ହେଉନା କାହିଁକି ଏହି ଦ୍ୱନ୍ଦ୍ୱ ନିଜ ମଧ୍ୟରେ ଶତ୍ରୁତାର ଭାବ ସୃଷ୍ଟି କରିପାରେନା । ଏହି ଦ୍ୱନ୍ଦ୍ୱର ଉଦ୍ଦେଶ୍ୟ ହେଲା ପରସ୍ପରର ଚିନ୍ତାଗତ ସଂଘର୍ଷ ମଧ୍ୟଦେଇ କୌଣସି ବିଷୟ ସମ୍ପର୍କରେ ଏକ ସଠିକ୍ ସିଦ୍ଧାନ୍ତରେ ଉପନୀତ ହେବା ଏବଂ ସେହି ସିଦ୍ଧାନ୍ତକୁ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗକରି କେବଳ ଦଳକୁ ଆହୁରି ଶକ୍ତିଶାଳୀ କରିବା ନୁହେଁ ନିଜ ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ଆହୁରି ସୁଦୃଢ କରିବା । ସମଗ୍ର ଦଳ ପରିପ୍ରେକ୍ଷୀରେ ଯେତେବେଳେ ବିଚାର କରାଯାଏ, ସେତେବେଳେ ବୁଝିବାକୁ ଅସୁବିଧା ହୁଏନା ଯେ ଦଳର ଐକ୍ୟକୁ ବିନଷ୍ଟ କରିବା ନୁହେଁ, ବରଂ ତାହାକୁ ଆହୁରି ସୁଦୃଢ କରିବା ହିଁ ଏହି ଦ୍ୱନ୍ଦ୍ୱର ମୂଳ ଉଦ୍ଦେଶ୍ୟ ଓ ଲକ୍ଷ୍ୟ । ଏହି କାରଣରୁ ଏହି ଧରଣର ଦ୍ୱନ୍ଦ୍ୱକୁ କୁହାଯାଏ ମିଳନାତ୍ମକ ଦ୍ୱନ୍ଦ୍ୱ ।

କମ୍ରେଡସ୍, ତାହେଲେ ଗତ କିଛିଦିନର ଆଲୋଚନାରେ ବିଜ୍ଞାନ ଓ ଦର୍ଶନର ନାନା ବିଷୟ ସମ୍ପର୍କରେ ଆପଣମାନେ ଶୁଣିଲେ । ତା'ଛଡା ଆଧୁନିକ ବିଜ୍ଞାନର ଆଲୋକରେ ବସ୍ତୁ ସଂକ୍ରାନ୍ତୀୟ ଧାରଣା ଆଜି କେଉଁଠି ଆସି ପହଞ୍ଚିଛି, ତାର ରୂପ କ'ଣ ସେ ସମ୍ପର୍କରେ ମଧ୍ୟ

ଅନ୍ୟାନ୍ୟ ବହୁ ବିଷୟ ଆଲୋଚନା ସହିତ ଏକ ମୋଟାମୋଟି ଧାରଣା ଆପଣମାନେ ପାଇଲେ । ଆପଣମାନେ ଜାଣିଛନ୍ତି ଯେ, ବସ୍ତୁ ପ୍ରତିନିୟତ ପରିବର୍ତ୍ତନଶୀଳ । ବସ୍ତୁର ଗତିର କାରଣ ବସ୍ତୁ ବାହାରେ ଅବସ୍ଥାନ କରେନା । ବରଂ ଗତି ବସ୍ତୁର ହିଁ ନିଜସ୍ୱ ଧର୍ମ (property) ଏବଂ ବସ୍ତୁର ଭିତର ଓ ବାହାରର ଦ୍ୱନ୍ଦ୍ୱ ମିଶି ବସ୍ତୁକୁ ଗତିଶୀଳ କରିଛି । ଆଉ ସେହି କାରଣରୁ ବସ୍ତୁର ଗତିକୁ କୁହାଯାଏ mode of existence of matter ଯାହାର ମୂଳ କଥା ହେଲା ଗତି ଛଡା କୌଣସି ବସ୍ତୁ ଅବସ୍ଥାନ କରେନା । ବର୍ତ୍ତମାନ ଏହି ଯେଉଁ ନାନା ଧରଣର ପରିବର୍ତ୍ତନ ଦୁନିଆରେ ଘଟି ଚାଲିଛି, ବସ୍ତୁର ଗୋଟିଏ ସ୍ୱରୂପରୁ ଆଉ ଗୋଟିଏ ସ୍ୱରୂପକୁ ରୂପାନ୍ତର ଘଟି ଚାଲିଛି; ବା ଏହି ପରିବର୍ତ୍ତନ ବସ୍ତୁଜଗତ କ୍ଷେତ୍ରରେ ହେଉ ସମାଜ କ୍ଷେତ୍ରରେ ହେଉ, ଯେକୌଣସି କ୍ଷେତ୍ରରେ ହେଉ – ପରିବର୍ତ୍ତନ ଯେତେବେଳେ ସାଧିତ ହେଉଛି, ସେତେବେଳେ ସେହି ପରିବର୍ତ୍ତନ ମଧ୍ୟ ବେନିୟମରେ ହେଉ ନାହିଁ, ତାହା ନିୟମ ମାନି ହିଁ ପରିଚାଳିତ ହେଉଛି । ଆପଣମାନଙ୍କର ବୁଝିବା ଦରକାର ଯେ କୌଣସି ପରିବର୍ତ୍ତନ ନିୟମ ବ୍ୟତୀତ, କାର୍ଯ୍ୟକାରଣ ସମ୍ପର୍କ ବ୍ୟତୀତ ଘଟିପାରେନା । ତେଣୁ ଜ୍ଞାନ ଅର୍ଜନର ଅର୍ଥ ହେଲା ପରିବର୍ତ୍ତନର ନିୟମକୁ ଜାଣିବା ଏବଂ ସେହି ନିୟମକୁ ଅନୁଧାବନ କରି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା । ଏହି ନିୟମକୁ ନ ଜାଣିଲେ ଏବଂ ତା ଉପରେ ସଚେତନ କ୍ରିୟା ଘଟାଇ ନ ପାରିଲେ ସମାଜର ପରିବର୍ତ୍ତନ ସମ୍ଭବ ନୁହେଁ । ଅର୍ଥାତ୍ ଆମର ଇଚ୍ଛା ଅନୁସାରେ ନିୟମକୁ ନ ମାନି ଆମେ ପରିବର୍ତ୍ତନ ଘଟାଇ ପାରିବା ନାହିଁ । ତେଣୁ ପରିବର୍ତ୍ତନର ନିୟମଗୁଡିକୁ ଜାଣିବା ବିଷୟଟି ଏତେ ଗୁରୁତ୍ୱପୂର୍ଣ୍ଣ । ପୁଣି ଏକଥା ବି ମନେ ରଖିବାକୁ ହେବ ଯେ, ଏହି ନିୟମ ମଧ୍ୟ ସମୟକ୍ରମେ ଏକ ସମ୍ପୂର୍ଣ୍ଣ ଭିନ୍ନ ଓ ନୂତନ ପରିସ୍ଥିତିରେ ନୂତନ ନିୟମର ଜନ୍ମ ଦେଇଥାଏ । ବର୍ତ୍ତମାନ ଦୁନିଆରେ ସର୍ବତ୍ର ଏହି ଯେଉଁ ପରିବର୍ତ୍ତନର ଧାରା ଚାଲିଛି ତାହା ଅନୁଧ୍ୟାନ କରି ମାର୍କ୍ସବାଦୀ ବିଜ୍ଞାନ ବା ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଏହି ସିଦ୍ଧାନ୍ତରେ ପହଞ୍ଚିଛି ଯେ, ଏହି ସମସ୍ତ ପରିବର୍ତ୍ତନ ପଛରେ ଯେଉଁ ନିୟମ ଗୁଡିକ କାମ କରେ ତନ୍ମଧ୍ୟରୁ ମୂଳ ନିୟମ ହେଉଛି ତିନୋଟି, ଅର୍ଥାତ୍ ପରିବର୍ତ୍ତନ କ୍ଷେତ୍ରରେ ସର୍ବତ୍ର ତିନୋଟି ସାଧାରଣ ମୂଳ ନିୟମ କାର୍ଯ୍ୟକରି ଚାଲିଛି । ଏହାକୁ ହିଁ କୁହାଯାଏ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ତିନୋଟି ମୂଳ ନିୟମ ବା three principles of dialectics । ବସ୍ତୁ ଓ ସମାଜର ପରିବର୍ତ୍ତନ ସମ୍ପର୍କରେ ଯେଉଁ ଧାରଣା ଆପଣମାନେ ପାଇଲେ ତାହାରି ଭିତ୍ତିରେ ଏହି ତିନୋଟି ମୂଳ ନିୟମ ସମ୍ପର୍କରେ ମୁଁ ବର୍ତ୍ତମାନ ସଂକ୍ଷେପରେ ଆଲୋଚନା କରି ଏଥର ରାଜନୈତିକ ଶିକ୍ଷା ଶିବିରର ଦର୍ଶନ ସଂକ୍ରାନ୍ତୀୟ ଆଲୋଚନା ଶେଷ କରିବି । ବର୍ତ୍ତମାନ ଦେଖାଯାଉ ଏହି ତିନୋଟି ମୂଳ ନିୟମ ଗୁଡିକ କ'ଣ ? ଗୋଟି ଗୋଟି କରି ସେହି ତିନୋଟି ମୂଳ ନିୟମ ଆଲୋଚନା କରାଯାଉ ।

## ପରିମାଣଗତ ପରିବର୍ତ୍ତନରୁ ଗୁଣଗତ ପରିବର୍ତ୍ତନ ଓ ଭାଇସ୍-ଭର୍ସା
## From Qunatitative Change to Qualitative Change and Viceversa

ଏହି ତିନୋଟି ମୂଳ ନିୟମର ପ୍ରଥମ ନୀତିଟି ହେଉଛି ପରିମାଣଗତ ପରିବର୍ତ୍ତନରୁ ଗୁଣଗତ ପରିବର୍ତ୍ତନ ଓ ଭାଇସ୍-ଭର୍ସା । ଏହି ନୀତି ସମ୍ପର୍କରେ ସମସ୍ତେ ବୁଝିବା ପାଇଁ ପ୍ରଥମେ

ମୁଁ ବିଜ୍ଞାନରୁ ଗୋଟିଏ ଉଦାହରଣ ଦେବାକୁ ଚାହେଁ । କିନ୍ତୁ ଉଦାହରଣ ସାହାଯ୍ୟରେ ଆଲୋଚନା କରୁଛି ବୋଲି ସେଗୁଡ଼ିକୁ ଆପଣମାନେ ଯାନ୍ତ୍ରିକଭାବେ ବୁଝିବେ ନାହିଁ । ତାହେଲେ ବୁଝିବା ଗୋଳମାଳ ହୋଇଯିବ । ଆପଣମାନଙ୍କର ବୁଝିବାର ସୁବିଧା ପାଇଁ କେବଳ ଉଦାହରଣ ଦିଆଯାଉଛି । ମୁଁ ଅଲଗାଭାବେ କୌଣସି ନୂଆ ଉଦାହରଣ ଦେଉ ନାହିଁ । ଗୋଟିଏ ଦୁଇଟି ଛଡ଼ା ବାକି ଉଦାହରଣଗୁଡ଼ିକ ବିଭିନ୍ନ ମାର୍କ୍ସବାଦୀ ଅଥରିଟିମାନେ ଅନେକ ହିଁ ଉଲ୍ଲେଖ କରିଛନ୍ତି । ଅନ୍ୟାନ୍ୟ ଅଥରିଟିମାନଙ୍କ ସହିତ ମୋର ଏତିକି ମାତ୍ର ପାର୍ଥକ୍ୟ ହେବ ଯେ ମୁଁ ଯେଉଁଭଳିଭାବେ ବୁଝିଛି, ମୋ ଭାଷାରେ ମୁଁ ସେହିଭଳିଭାବେ ଆପଣମାନଙ୍କ ସାମନାରେ ଉପସ୍ଥାପନା କରିବା ପାଇଁ ଚେଷ୍ଟା କରିବି । ଆପଣମାନେ ସମସ୍ତେ ଜାଣନ୍ତି ଯେ, ଜଳକୁ ଯଦି ଧୀରେ ଧୀରେ ଉତ୍ତାପ ଦେଇ ଗରମ କରାଯାଏ ତେବେ ଗୋଟିଏ ସମୟରେ ଆସି ଯେଉଁ ପରିମାଣର ଜଳ ନେଇ ଉତ୍ତାପ ଦେବା ଆରମ୍ଭ ହୋଇଥିଲା ସେହି ସମସ୍ତ ଜଳ ହିଁ ଦ୍ରୁତ ଫୁଟି ବାଷ୍ପରେ ପରିଣତ ହୁଏ । ଆପଣମାନେ ନିଶ୍ଚିତଭାବେ ଲକ୍ଷ୍ୟ କରିଛନ୍ତି, ପ୍ରଥମେ ଯେତେବେଳେ ଉତ୍ତାପ ଦେଇ ଜଳ ଗରମ ହେବାକୁ ଆରମ୍ଭ ହୁଏ ସଙ୍ଗେ ସଙ୍ଗେ ଜଳ ବାଷ୍ପରେ ପରିଣତ ହୁଏ ନାହିଁ । ଜଳରୁ ବାଷ୍ପକୁ ପରିବର୍ତ୍ତିତ ହେବା ମଧ୍ୟରେ ଯେଉଁ ଗୁଣଗତ ପରିବର୍ତ୍ତନ ପରିଲକ୍ଷିତ ହୁଏ– ମନେ ରଖିବାକୁ ହେବ ଏଠାରେ ଜଳର ରାସାୟନିକ ଗୁଣର ପରିବର୍ତ୍ତନ ଘଟୁ ନାହିଁ– ତାହା ପରିବର୍ତ୍ତନର ପ୍ରକ୍ରିୟା ଆରମ୍ଭ ହେବାପରେ ଗୋଟିଏ ସ୍ତରକୁ ଆସି ହୋଇଥାଏ, ତାପୂର୍ବରୁ ନୁହେଁ । ବର୍ତ୍ତମାନ କେହି ପ୍ରଶ୍ନ କରିପାରନ୍ତି ଯେ, ତେବେ ଉତ୍ତାପ ଦେବା ଆରମ୍ଭ ହେବାପରେ ପ୍ରଥମ ଅବସ୍ଥାରେ କ'ଣ ଜଳ ମଧ୍ୟରେ କୌଣସି ପ୍ରକାର ପରିବର୍ତ୍ତନ ହେଉ ନାହିଁ ? ଏହାର ଉତ୍ତର ହେଲା– ହେଉଛି । ସେତେବେଳେ ବି ଜଳ ଭିତରେ ପରିବର୍ତ୍ତନ ହେଉଛି । କିନ୍ତୁ ତାର ପ୍ରକୃତି ହେଲା ମୂଳତଃ ପରିମାଣଗତ ପରିବର୍ତ୍ତନ, ଅନ୍ୟକିଛି ନୁହେଁ । ପରିମାଣଗତ ପରିବର୍ତ୍ତନ ଏହି ଅର୍ଥରେ ଯେ, ଜଳ ଉତ୍ତାପ ଦେବା ଫଳରେ ପାଣିର ତାପମାତ୍ରା କ୍ରମଶଃ ବୃଦ୍ଧି ପାଇଥାଏ । ପାଣି କ୍ରମଶଃ ଗରମ ହୁଏ ଏବଂ ସେହି ଅର୍ଥରେ ହିଁ ଏହାକୁ ପରିମାଣଗତ ପରିବର୍ତ୍ତନ କୁହାଯାଏ । କିନ୍ତୁ ଦେଖାଗଲା ଯେ, ବାୟୁର ଯେଉଁ ସାଧାରଣ ଚାପ ଯାହାକୁ atomospheric pressure ବୋଲି କୁହାଯାଏ, ସେହି ଚାପ ଯେତେବେଳେ ସମାନ ସ୍ତରରେ ସେତେବେଳେ ଶହେ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ପହଞ୍ଚିବା ପରେ ହିଁ ସମସ୍ତ ଜଳ ବାଷ୍ପରେ ପରିଣତ ହୋଇଥାଏ । ସୁତରାଂ ଏହି ଯେଉଁ ଦ୍ୱିତୀୟ ପରିବର୍ତ୍ତନର କଥା କୁହାଗଲା ଅର୍ଥାତ୍ ଜଳ ଫୁଟି ବାଷ୍ପରେ ପରିବର୍ତ୍ତନର କଥା ଉଲ୍ଲେଖ କରାଗଲା ତାହାକୁ କୁହାଯାଏ ଗୁଣଗତ ପରିବର୍ତ୍ତନ । ଏହି ଅର୍ଥରେ ଗୁଣଗତ ପରିବର୍ତ୍ତନ ବୋଲି କୁହାଯାଇଥାଏ ଯେ ଜଳ ଆଉ ସେତେବେଳେ ତରଳ ରହିଲା ନାହିଁ, ବାଷ୍ପରେ ପରିଣତ ହୋଇଗଲା ।

ପ୍ରଶ୍ନ ଉଠିପାରେ ଏଠି ଯେଉଁ ଭାଇସ୍-ଭର୍ସା କଥା କୁହାଯାଇଛି ତା'ର ଅର୍ଥ କ'ଣ ? ମନେ ରଖିବା ଦରକାର ଯେ ପ୍ରଚଳିତ ଅର୍ଥରେ ଭାଇସ୍-ଭର୍ସା କହିଲେ ଯାହା ବୁଝାଏ ଏଠି ସେହି ଅର୍ଥରେ ଭାଇସ୍-ଭର୍ସା କଥାଟିକୁ ବ୍ୟବହାର କରା ଯାଉନାହିଁ । ଅର୍ଥାତ୍ ବିଷୟଟି ଏଭଳି ନୁହେଁ ଯେ ଭାଇସ୍-ଭର୍ସା କହିଲେ ଗୁଣଗତ ପରିବର୍ତ୍ତନରୁ ପୁଣି ପରିମାଣଗତ ପରିବର୍ତ୍ତନକୁ ଫେରି ଆସିବା ବୁଝାଏ । ଅର୍ଥାତ୍ ଠିକ୍ ଓଲଟା ପ୍ରକ୍ରିୟା ଘଟିଥାଏ । ବିଷୟଟି ଆଦୌ ସେଭଳି

ନୁହେଁ । ଜଳରୁ ବାଷ୍ପକୁ ଯେଉଁ ପରିବର୍ତ୍ତନର ଉଦାହରଣ ଦିଆଯାଇଛି ସେହି କଥାଟିକୁ ଧରି ଏହି ଭାଇସ୍-ଭର୍ସାର କଥା ଆଲୋଚନା କରାଯାଇପାରେ । ବିଜ୍ଞାନର ଛାତ୍ରମାନେ ଜାଣନ୍ତି ଯେ,୧୦୦ ଡିଗ୍ରୀ ସେଣ୍ଟିଗ୍ରେଡ ତାପମାତ୍ରାକୁ ନପହଞ୍ଚିଲେ ଜଳ ବାଷ୍ପରେ ପରିଣତ ହୋଇପାରେନା । କିନ୍ତୁ ବିଷୟଟି ଏଭଳି ନୁହେଁ, ସମସ୍ତ ଜଳ ବାଷ୍ପରେ ପରିଣତ ହୋଇ ନପାରିଲେ ବି ଜଳର କୌଣସି ଅଣୁ molecule ତା ପୂର୍ବରୁ ବାଷ୍ପୀଭୂତ ହୁଏ ନାହିଁ ବା ହୋଇପାରେନା । ଜଳକୁ ଯେତେବେଳେ ଉତ୍ତାପ ଦିଆଯାଏ, ସେତେବେଳେ ସମସ୍ତ ଜଳ ଫୁଟି ବାଷ୍ପୀଭୂତ ନ ହେଲେ ବି individual molecule ଅର୍ଥାତ୍ ଜଳର ବିଶେଷ ବିଶେଷ ଅଣୁ ସମଗ୍ର ଜଳ ୧୦୦ ଡିଗ୍ରୀ ସେଣ୍ଟିଗ୍ରେଡ ତାପମାତ୍ରାରେ ପହଞ୍ଚିବା ପୂର୍ବରୁ ହିଁ ବାଷ୍ପୀଭୂତ ହୋଇପାରେ- ଯେଉଁଠି ଯେଉଁଠି ୧୦୦ ଡିଗ୍ରୀ ସେଣ୍ଟିଗ୍ରେଡ ତାପମାତ୍ରା ସୃଷ୍ଟି ହୁଏ । ସୁତରାଂ ଜଳର ତାପମାତ୍ରା ଯେମିତି ଯେମିତି ବୃଦ୍ଧିପାଏ ଯାହାକୁ ପରିମାଣଗତ ପରିବର୍ତ୍ତନ କୁହାଯାଏ, ସେହି ପରିମାଣଗତ ପରିବର୍ତ୍ତନର ପ୍ରକ୍ରିୟା ଭିତରେ ପୁଣି ଜଳର କିଛି କିଛି ଅଣୁ କ୍ଷେତ୍ରରେ ସମଗ୍ର ଜଳ ୧୦୦ ଡିଗ୍ରୀ ସେଣ୍ଟିଗ୍ରେଡ ତାପମାତ୍ରାକୁ ପହଞ୍ଚିବା ପୂର୍ବରୁ ହିଁ ଗୁଣଗତ ପରିବର୍ତ୍ତନ ସାଧିତ ହୁଏ । ଏହା ବିଜ୍ଞାନ ଦ୍ୱାରା ସ୍ୱୀକୃତ । ପୁଣି ବିଶେଷ ବିଶେଷ ଅଣୁଗୁଡିକ ଏଭଳିଭାବେ ଯେମିତି ଯେମିତି ବାଷ୍ପୀଭୂତ ହୁଅନ୍ତି, ତାହା ପୁଣି ଜଳର ତାପମାତ୍ରା ବୃଦ୍ଧି ତଥା ପରିମାଣଗତ ପରିବର୍ତ୍ତନକୁ ଦ୍ରୁତ ହେବାରେ ସାହାଯ୍ୟ କରିଥାଏ । ଏହାକୁ ହିଁ ଭାଇସ୍-ଭର୍ସା ବୋଲି କୁହାଯାଏ ।

ପରିମାଣଗତ ପରିବର୍ତ୍ତନରୁ ଗୁଣଗତ ପରିବର୍ତ୍ତନର ଏହି ପ୍ରକ୍ରିୟାଟି ସମାଜ ପରିବର୍ତ୍ତନ କ୍ଷେତ୍ରରେ ମଧ୍ୟ ଲକ୍ଷ୍ୟ କଲେ ଆପଣମାନେ ବୁଝିପାରିବେ । ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାକୁ ସାମନାରେ ରଖି ବିଷୟଟିକୁ ଆଲୋଚନା କରାଯାଉ ଏବଂ ଏ କ୍ଷେତ୍ରରେ ଆମ ଦେଶ ଭାରତ ବର୍ଷର ଉଦାହରଣକୁ ସାମନାରେ ରଖି ଆଲୋଚନା କରିବା ଯୁକ୍ତିଯୁକ୍ତ ହେବ । ଆପଣମାନେ ଜାଣନ୍ତି, ପ୍ରତିଦିନ କୌଣସି ନା କୌଣସି ଆନ୍ଦୋଳନ, ବିଭିନ୍ନ ପ୍ରକାର ସାଂଗଠନିକ କାର୍ଯ୍ୟକଳାପ, ଶ୍ରେଣୀ ସଂଗ୍ରାମ, ବିଭିନ୍ନ ପ୍ରକାର ଲଢେଇ, ଆଦର୍ଶଗତ ସଂଗ୍ରାମ ପ୍ରଭୃତି ଯେଉଁଭଳିଭାବେ ହେଉ ଦେଶର ଅଭ୍ୟନ୍ତରରେ ଘଟି ଚାଲିଛି । ଏହା ଫଳରେ କେତେବଳେ ପୁଞ୍ଜିପତିଶ୍ରେଣୀ ଶକ୍ତିଶାଳୀ ହେଉଛି ତ କେତେବେଳେ ପ୍ରଗତିଶୀଳ ଶକ୍ତି ଶକ୍ତିଶାଳୀ ହେଉଛି – କ୍ରମାଗତ ଉତ୍‌ଥାନ ଓ ପତନ ଘଟି ଚାଲିଛି । ଏସବୁ ଫଳରେ ମଣିଷର ଚିନ୍ତା, ଆଚାର, ବ୍ୟବହାର, ସମସ୍ତ କ୍ଷେତ୍ରରେ କ୍ରମାଗତ ପରିବର୍ତ୍ତନ ଘଟୁଛି । କିନ୍ତୁ ଏହି ପରିବର୍ତ୍ତନଟି ଏଭଳି ନୁହେଁ ଯେ, ଏହାଦ୍ୱାରା ସମାଜର ମୌଳିକ ପରିବର୍ତ୍ତନ ଘଟିଯିବ । ମନେ କରନ୍ତୁ ଭାରତବର୍ଷରେ କ୍ଷମତା ହସ୍ତାନ୍ତର ବେଳେ ବି ଏଠାରେ ପୁଞ୍ଜିବାଦୀ ବ୍ୟବସ୍ଥା ପ୍ରତିଷ୍ଠିତ ଥିଲା । ପୁଣି ଆଜି ବି ତାହା ପୁଞ୍ଜିବାଦୀ ହିଁ ରହିଛି । କିନ୍ତୁ ଏହି ଦୁଇଟି ସମୟର ପୁଞ୍ଜିବାଦ ମଧ୍ୟରେ ଅନେକ ପାର୍ଥକ୍ୟ ଘଟି ଯାଇଛି । ଗୋଟିଏପଟେ ପୁଞ୍ଜିବାଦର ସଂକଟ, ପ୍ରଯୁକ୍ତି ବିଦ୍ୟାର ଉତ୍କର୍ଷ, ପ୍ରତିଯୋଗିତାର ସ୍ୱରୂପ – ସମସ୍ତ ବିଷୟ ଅନେକାଂଶରେ ବଦଳି ଯାଇଛି । ଅପରଦିଗରେ ଅର୍ଥନୈତିକ ସଂକଟ ଦେଶରେ ତୀବ୍ର ରୂପ ଧାରଣ କରିଛି । ଜିନିଷପତ୍ରର ମୂଲ୍ୟ ବୃଦ୍ଧି ମାରାତ୍ମକଭାବେ ଘଟି ଚାଲିଛି ଏବଂ କ୍ରମାଗତ ଏହା ବଢି ଚାଲିଛି । ଜୀବନଧାରଣର ପଦ୍ଧତି ଓ ଉପାଦାନ ଗୁଡିକ ପ୍ରତିଦିନ ବଦଳୁଛି, ଶ୍ରେଣୀ ସଂଗ୍ରାମର ତୀବ୍ରତା ମଧ୍ୟ ବୃଦ୍ଧି ପାଉଛି । କିନ୍ତୁ ଏସବୁ ସତ୍ତ୍ୱେ

ବି ପୁଞ୍ଜିବାଦ ହିଁ ରହିଛି, ପୁଣି ବୁର୍ଜୁଆମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ କ୍ରମାଗତ ବଢି ଚାଲିଛି । ମାତ୍ର ଶ୍ରମିକଶ୍ରେଣୀ ଅସଂଗଠିତ ରହିବା ଫଳରେ ଏବଂ ଶ୍ରମିକଶ୍ରେଣୀର ପାର୍ଟି ଯଥେଷ୍ଟ ଶକ୍ତିଶାଳୀ ହୋଇ ନଉଠିବା ଯୋଗୁ ବୁର୍ଜୁଆଶ୍ରେଣୀ ସେଇ ଦୁର୍ବଳତାର ସୁଯୋଗ ନେଉଛି । ସୁତରାଂ ଏକଥା ଅତ୍ୟନ୍ତ ସ୍ୱଷ୍ଟ ଯେ, ଦୈନନ୍ଦିନ ଯେଉଁ ପରିବର୍ତ୍ତନ ଗୁଡିକ ଘଟି ଚାଲିଛି ତାଦ୍ୱାରା, ପୁଞ୍ଜିବାଦର ମୌଳିକ ପରିବର୍ତ୍ତନ ଘଟୁ ନାହିଁ । ପୁଣି ମୌଳିକ ପରିବର୍ତ୍ତନ ଘଟୁ ନାହିଁ ବୋଲି କୌଣସି ପରିବର୍ତ୍ତନ ଘଟୁ ନାହିଁ, ତାହା ବି ନୁହେଁ । ଏହି ପ୍ରତିଦିନର ପରିବର୍ତ୍ତନକୁ ହିଁ କୁହାଯାଏ ପରିମାଣଗତ ପରିବର୍ତ୍ତନ । ଏହି ପରିମାଣଗତ ପରିବର୍ତ୍ତନ କ୍ରମାଗତ ଘଟୁ ଘଟୁ ତାହା ଗୋଟିଏ ସମୟରେ lead କରି ଗୁଣଗତ ପରିବର୍ତ୍ତନ ବା ବିପ୍ଳବରେ, ଯେତେବେଳେ ସମାଜରେ ଚରମ ବିପ୍ଳବୀ ପରିସ୍ଥିତିର ସୃଷ୍ଟି ହୁଏ, ସମାଜ ଅଭ୍ୟନ୍ତରରେ ଦ୍ୱନ୍ଦ୍ୱ climax ରେ ଆସି ପହଞ୍ଚେ ଯେମିତି ଋଷ ଦେଶରେ ଅର୍ଥାତ୍ ପୃଥିବୀର ଏକ ଷଷ୍ଠାଂଶ ଭୂମିରେ ୧୯୧୭ ମସିହା ନଭେମ୍ବର ମାସରେ ଯେଉଁ ପ୍ରଥମ ସଫଳ ସମାଜତାନ୍ତ୍ରିକ ବିପ୍ଳବ ଘଟିଗଲା ଯେଉଁଠି ରାଷ୍ଟ୍ର ଠାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ଆମୂଳଚୂଳ ପରିବର୍ତ୍ତନ ଘଟିଲା ଏବଂ ଶ୍ରମିକଶ୍ରେଣୀର ରାଷ୍ଟ୍ର ପ୍ରତିଷ୍ଠିତ ହେଲା– ଏହି ଧରଣର ପରିବର୍ତ୍ତନକୁ କୁହାଯାଏ ଗୁଣଗତ ପରିବର୍ତ୍ତନ, ହଠାତ୍ ପରିବର୍ତ୍ତନ, ମୌଳିକ ପରିବର୍ତ୍ତନ ବା ବିପ୍ଳବାତ୍ମକ ପରିବର୍ତ୍ତନ ।

ସୁତରାଂ, ଆପଣମାନେ ଦେଖିବାକୁ ପାଇଲେ ଯେ, ପ୍ରତିଟି ଜିନିଷ ମଧ୍ୟରେ ପ୍ରତିଦିନ, ପ୍ରତିମୁହୂର୍ତ୍ତରେ ଯେଉଁ ପରିବର୍ତ୍ତନ ଘଟେ ତାକୁ ହିଁ କୁହାଯାଏ ପରିମାଣଗତ ପରିବର୍ତ୍ତନ, ଧୀରେ ଧୀରେ ପରିବର୍ତ୍ତନ ଇତ୍ୟାଦି । କିନ୍ତୁ ଏଇ ପରିବର୍ତ୍ତନ ହେଉ ହେଉ ଯେଉଁ ମୁହୂର୍ତ୍ତରେ ବା ଯେଉଁ ସମୟରେ ଆସି ପୁରା ଜିନିଷଟି ମଧ୍ୟରେ ହିଁ ଗୋଟିଏ ଆମୂଳଚୂଳ ପରିବର୍ତ୍ତନ ଘଟେ ତାକୁ ହିଁ କୁହାଯାଏ ଗୁଣଗତ ପରିବର୍ତ୍ତନ । ମାର୍କ୍ସବାଦରେ ଏହାକୁ ହିଁ କୁହାଯାଏ ପରିମାଣଗତ ପରିବର୍ତ୍ତନ ହେଉ ହେଉ ଗୁଣଗତ ପରିବର୍ତ୍ତନ – ବିଜ୍ଞାନର ଭାଷାରେ ଏହାକୁ ହିଁ କୁହାଯାଏ continous ଏବଂ discontinous change ଫଳରେ ସମାଜରେ ଦ୍ୱନ୍ଦ୍ୱର ଚରିତ୍ର ବୁଝି ଯଦି ଆପଣ ସଚେତନଭାବେ କ୍ରିୟା କରିପାରନ୍ତି ତେବେ ସେହି ଦ୍ୱନ୍ଦ୍ୱକୁ ବିପ୍ଳବୀ ପରିଣତିକୁ ନେଇଯିବା ସମ୍ଭବ ହେବ ।

ସମାଜ ପରିବର୍ତ୍ତନ କ୍ଷେତ୍ରରେ ଏହି ଭାଇସ୍-ଭର୍ସାକୁ ବୁଝାଯିବ କିପରି ? ଏ କ୍ଷେତ୍ରରେ ମଧ୍ୟ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାକୁ ଉଦାହରଣ ହିସାବରେ ସାମନାରେ ରଖି ବିଷୟଟିକୁ ମୁଁ ଆପଣମାନଙ୍କୁ ବୁଝାଇବାକୁ ଚେଷ୍ଟା କରିବି । ଆପଣମାନେ ସମସ୍ତେ ହିଁ ଶୁଣିଛନ୍ତି ଯେ, ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାର ଅଭ୍ୟନ୍ତରରେ ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ଯେଉଁ ପରିବର୍ତ୍ତନ ଘଟି ଚାଲିଛି, ତା ଫଳରେ ଏହି ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ହେବ ନାହିଁ, ଯେତେଦିନଯାଏଁ ସମଗ୍ର ପରିସ୍ଥିତିଟି ଚୂଡାନ୍ତ ପର୍ଯ୍ୟାୟରେ ବା nodal point ରେ ନ ପହଞ୍ଚିଛି। ଏହି ପୁଞ୍ଜିବାଦୀ ସମାଜ ବ୍ୟବସ୍ଥା ମଧ୍ୟରେ ଯେତେବେଳେ ଶ୍ରେଣୀ ସଂଗ୍ରାମ ଏବଂ ସଚେତନ ପ୍ରଚେଷ୍ଟାର ମଧ୍ୟ ଦେଇ ଜଣ ଜଣ କରି କମ୍ୟୁନିଷ୍ଟ ବିପ୍ଳବୀ କର୍ମୀ ତିଆରି ହୁଅନ୍ତି ସେହି ମଣିଷମାନଙ୍କୁ ଅଲଗା କରି ବିଚାର କଲେ ଦେଖିବାକୁ ମିଳିବ ଯେ, ସେମାନଙ୍କ ଜୀବନର ମୂଲ୍ୟବୋଧ, ଦୃଷ୍ଟିଭଙ୍ଗୀ, ଆଦର୍ଶ, ଜୀବନର ଉଦ୍ଦେଶ୍ୟରୁ ଆରମ୍ଭ କରି ପ୍ରତ୍ୟେକ

କ୍ଷେତ୍ରରେ ଗୋଟିଏ ଗୁଣଗତ ପରିବର୍ତ୍ତନ ଘଟି ଯାଇଛି ।

ଧରନ୍ତୁ ଏହି ଯେ ଆପଣମାନେ ଏହି କ୍ଲାସରେ ସାମ୍ୟବାଦୀ ଶିକ୍ଷା ଗ୍ରହଣ କରୁଛନ୍ତି, ଏ କଥାର ଅର୍ଥ ଏହା ନୁହେଁ ଯେ, ସଙ୍ଗେ ସଙ୍ଗେ ଆପଣମାନଙ୍କ ଚରିତ୍ରର ଗୁଣଗତ ପରିବର୍ତ୍ତନ ଘଟିଯାଉଛି । ଗୋଟିଏ ଦିଗରେ ସଠିକ୍ ଶ୍ରମିକ୍ଶ୍ରେଣୀ ପାର୍ଟି ନେତୃତ୍ୱରେ ଶୋଷଣ – ନୀପିଡନ ବିରୁଦ୍ଧରେ ଶୋଷିତ ମଣିଷର ଆନ୍ଦୋଳନରେ ପ୍ରତ୍ୟକ୍ଷଭାବେ ଅଂଶଗ୍ରହଣ କରିବା, ଅନ୍ୟ ଦିଗରେ ଉନ୍ନତ ସର୍ବହରା ସଂସ୍କୃତିର ଭିତ୍ତିରେ ଜୀବନର ସମସ୍ତ ଦିଗକୁ ବ୍ୟାପ୍ତକରି କଠୋର ଓ କଠିନ ସଂଗ୍ରାମ ପରିଚାଳନା ମଧ୍ୟ ଦେଇ ହିଁ କେବଳମାତ୍ର ଜଣେ ବ୍ୟକ୍ତି ପକ୍ଷରେ ଏହି ସମାଜରେ ଯଥାର୍ଥରେ କମ୍ୟୁନିଷ୍ଟ ହେବା ସମ୍ଭବ । ଯେତେଦିନ ପର୍ଯ୍ୟନ୍ତ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପୁରୁଣା ଜିନିଷକୁ ମୂଳପୋଛ କରାଯାଇ ନପାରୁଛି ସେତେଦିନଯାଏ ଆପଣମାନେ ମନେ ରଖିବେ କାହା କ୍ଷେତ୍ରରେ ସମସ୍ତ ଦିଗରୁ ଗୁଣଗତ ପରିବର୍ତ୍ତନ ଘଟିବା ସମ୍ଭବ ନୁହେଁ । ଆହୁରି ଏହି ପରିବର୍ତ୍ତନର ପ୍ରକ୍ରିୟା ଚାଲୁ ଚାଲୁ ଦେଖାଯିବ ଯେ, ବିଶେଷ ବିଶେଷ ବ୍ୟକ୍ତି କ୍ଷେତ୍ରରେ ଦିନେ ମୂଳଗତ ପରିବର୍ତ୍ତନ ଘଟିଯାଇଛି, ସେମାନେ ଯଥାର୍ଥରେ କମ୍ୟୁନିଷ୍ଟ ହୋଇଯାଇଛନ୍ତି – ଯଦିଓ ସେତେବେଳେ ବି ସମାଜ ବ୍ୟବସ୍ଥାଟି ପୁଞ୍ଜିବାଦୀ ବ୍ୟବସ୍ଥା ଭାବରେ ରହିଯାଇଛି । ଏଠାରେ ବିଶେଷ ବିଶେଷ ବ୍ୟକ୍ତିଙ୍କୁ ସମାଜର ବିଶେଷ ଉପାଦାନ element ଭାବରେ ଧରିବାକୁ ହେବ । ସୁତରାଂ, ପୁରା ସମାଜ ବ୍ୟବସ୍ଥାଟି ପୁଞ୍ଜିବାଦୀ ଥିବା ସତ୍ତ୍ୱେ ବି ବିଶେଷ ବିଶେଷ ବ୍ୟକ୍ତି ଜୀବନରେ ଗୁଣଗତ ପରିବର୍ତ୍ତନ ଘଟିବା ସମ୍ଭବ ଏବଂ ଘଟୁଛି । ଆଉ ଏହି ଧରଣର କମ୍ୟୁନିଷ୍ଟ ଚରିତ୍ରର ଅଧିକାରୀ ମଣିଷ ସମାଜରେ ଯେତେ ବଢି ଚାଲିବେ ଶ୍ରେଣୀ ସଂଗ୍ରାମ କ୍ରମାନ୍ୱୟରେ ଶକ୍ତିଶାଳୀ ହେବ, ବିପ୍ଳବୀ ଆନ୍ଦୋଳନ ଜୋରଦାର ହେବ ଏବଂ ଏହା ଯେତେ ଶକ୍ତିଶାଳୀ ହେବ ସେତେ ପରିମାଣରେ ହିଁ ପରିମାଣଗତ ପରିବର୍ତ୍ତନର ପ୍ରକ୍ରିୟାକୁ ବଢେଇବାକୁ ସେତେ ଅଧିକ ସାହାଯ୍ୟ କରିବ । ଏହା ହିଁ ହେଲା ଭାଇସ୍ ଭର୍ସାର ତାତ୍ପର୍ଯ୍ୟ ।

ସୁତରାଂ, ଏହି ଆଲୋଚନାରୁ ଏକଥା ବୁଝିବାକୁ ଅସୁବିଧା ହୁଏ ନାହିଁ ଯେ, ପୁଞ୍ଜିବାଦୀ ସମାଜରେ ଆମୂଳଚୂଳ ପରିବର୍ତ୍ତନ ଘଟିବା କ୍ଷେତ୍ରରେ, ବିଶେଷ ବିଶେଷ ବ୍ୟକ୍ତି କ୍ଷେତ୍ରରେ ଯେଉଁ ଗୁଣଗତ ପରିବର୍ତ୍ତନ ଘଟୁଛି, ଗୋଟି ଗୋଟିକରି ଅସଂଖ୍ୟ କମ୍ୟୁନିଷ୍ଟ କର୍ମୀ ତିଆରି ହେଉଛନ୍ତି, ସେହି ଧରଣର କର୍ମୀ ତିଆରି କରିବା, ସେମାନଙ୍କର କମ୍ୟୁନିଷ୍ଟ ଚରିତ୍ରର ଅଧିକାରୀ ହେବା ହିଁ ଖାଲି ନୁହେଁ, ସେହି କମ୍ୟୁନିଷ୍ଟ ଚରିତ୍ରକୁ ରକ୍ଷା ଓ କ୍ରମାଗତ ଉନ୍ନତ କରିବାର ସଂଗ୍ରାମ କେତେ ଜରୁରୀ । ଅର୍ଥାତ୍, ବିଷୟଟି ଏପରି ନୁହେଁ ଯେ, ଗୋଟିଏ ପୁଞ୍ଜିବାଦୀ ଦେଶରେ ଶ୍ରେଣୀ ସଂଗ୍ରାମର ଆଘାତରେ ନିଜସ୍ୱ ନିୟମରେ ହିଁ କମ୍ୟୁନିଷ୍ଟ କର୍ମୀ ତିଆରି ହେଉଛନ୍ତି ଏବଂ ତାର ପରିଣତିରେ ପରିମାଣଗତ ପରିବର୍ତ୍ତନ ଧାରାରେ ନିଜସ୍ୱ ନିୟମରେ ହିଁ ଗୁଣଗତ ପରିବର୍ତ୍ତନ ସାଧିତ ହେଉଛି ବା ପୁଞ୍ଜିବାଦୀ ରାଷ୍ଟ୍ର ଭାଙ୍ଗି ସମାଜତାନ୍ତ୍ରିକ ରାଷ୍ଟ୍ର ଓ ସମାଜତାନ୍ତ୍ରିକ ସମାଜ ବ୍ୟବସ୍ଥା ପ୍ରବର୍ତ୍ତିତ ହେଉଛି । ଅର୍ଥାତ୍, ସମାଜ ଅଭ୍ୟନ୍ତରରେ ସଠିକ୍ ଶ୍ରମିକଶ୍ରେଣୀ ପାର୍ଟି ନେତୃତ୍ୱରେ ଜୀବନର ସମସ୍ତ ଦିଗକୁ ବ୍ୟାପ୍ତ କରି ପ୍ରତିନିୟତ ମହାନ୍ ମାର୍କ୍ସବାଦୀ ଆଦର୍ଶର ଆଧାରରେ ସଂଗ୍ରାମ ପରିଚାଳନା କରି ନପାରିଲେ ଯେ ଯଥାର୍ଥ କମ୍ୟୁନିଷ୍ଟ

ହେବା ସମ୍ଭବ ନୁହେଁ ଏବଂ ଗୋଟିଏ ଦେଶରେ ଯେ ବିପ୍ଳବ ଆପେ ଆପେ ସାଧିତ ହୋଇପାରେନା – ମୁଁ ଏହି ଦିଗଟି ପ୍ରତି ଆପଣମାନଙ୍କର ଦୃଷ୍ଟି ବିଶେଷ ଭାବେ ଆକର୍ଷଣ କରିବାକୁ ଚାହୁଁଛି । ସେଥିପାଇଁ କହୁଥିଲି ଯେ, ଭାଇସ୍‌-ଭର୍ସାର ଗୁରୁତ୍ୱ କେତେ । ଏହି ଗୁରୁତ୍ୱକୁ ସଠିକ୍ ଭାବେ ନ ବୁଝିଲେ ସ୍ୱତଃସ୍ଫୂର୍ତ୍ତତା spontaneity ତତ୍ତ୍ୱର ଶିକାର ହେବା– ଯାହାର ଅର୍ଥ, ବ୍ୟକ୍ତି ହିସାବରେ ପ୍ରତ୍ୟେକ କମ୍ୟୁନିଷ୍ଟର ଯେଉଁ ଐତିହାସିକ ଦାୟିତ୍ୱ ତାର ଗୁରୁତ୍ୱକୁ ହିଁ ଲଘୁ କରି ବିଚାର କରାଯିବ ।

## ବିରୋଧୀ ଶକ୍ତିର ଐକ୍ୟ
## Unity of Opposites

Three Principlesର ତିନୋଟି ମୂଳ ନୀତିର ଦ୍ୱିତୀୟ ନୀତିଟି ହେଉଛି, ବିରୋଧୀ ଶକ୍ତିର ଐକ୍ୟ (Unity of opposites) । ଆପଣମାନେ ସମସ୍ତେ ଜାଣନ୍ତି ଯେ, ମଣିଷ ମାତ୍ରେ ଦୋଷ ଗୁଣ ନେଇ ମଣିଷ । ଖାଲି ଗୁଣ ରହିଛି, କୌଣସି ଦୋଷ ନାହିଁ – ଏ ଧରଣର ମଣିଷ ପାଇବା ଯେମିତି ସମ୍ଭବ ନୁହେଁ, ଠିକ୍ ସେମିତି ଖାଲି ଦୋଷ ରହିଛି କୌଣସି ଗୁଣ ନାହିଁ – ଏମିତି ମଣିଷ ବି କେହି ଖୋଜି ପାଇବେ ନାହିଁ, ପାଇପାରେନା । ତାହେଲେ ଆମେ ଯେତେବେଳେ କୌଣସି ମଣିଷକୁ ଭଲ ବୋଲି କହୁ ବା କୌଣସି ମଣିଷକୁ ଖୁବ୍ ଖରାପ ବୋଲି କହୁ – ଏ କଥାଟିର ଅର୍ଥ କ'ଣ ? ଆପଣମାନେ ମନେରଖିବା ଦରକାର, ଏଠାରେ ଭଲ, ମନ୍ଦର ବିଚାର କରାହେଉଛି ଆପେକ୍ଷିକ ଅର୍ଥରେ – ଅର୍ଥାତ୍ ଯେଉଁ ମଣିଷ ମଧ୍ୟରେ ଦୋଷ ଦିଗଠାରୁ ଗୁଣ ଦିଗ ବେଶୀ, ତାକୁ ହିଁ ଆମେ କହୁ ଭଲ ମଣିଷ । ଆଉ ଯେତେବେଳେ ଦେଖାଯାଏ, କୌଣସି ଜଣେ ମଣିଷର ଯେ ଗୁଣ ନାହିଁ ତା ନୁହେଁ, କିନ୍ତୁ ତାର ଦୋଷର ଦିଗଟି ପ୍ରବଳ, ସେତେବେଳେ ତାକୁ ଆମେ କହୁଁ ମନ୍ଦ ମଣିଷ ।

କେହି ପ୍ରଶ୍ନ କରିପାରନ୍ତି ଯେ, ମଣିଷ ମଧ୍ୟରେ ଏହି ପାର୍ଥକ୍ୟ ଘଟେ କାହିଁକି ? ଏହି ପାର୍ଥକ୍ୟ ଘଟେ ଏଥିପାଇଁ ଯେ, ପ୍ରତ୍ୟେକ ମଣିଷର ଚରିତ୍ରଗତ ବୈଶିଷ୍ଟ୍ୟ କ'ଣ ହେବ, ତାହା ଏକାନ୍ତ ଭାବରେ ନିର୍ଭର କରେ ତା ନିଜ ଭିତର ଦ୍ୱନ୍ଦ୍ୱ ଉପରେ । ଏକଥା ସମସ୍ତେ ହିଁ ବୁଝି ପାରନ୍ତି ଯେ, ପ୍ରତ୍ୟେକ ମଣିଷ ମଧ୍ୟରେ ପ୍ରବୃତ୍ତି ଓ ବିବେକର ଗୋଟିଏ ଦ୍ୱନ୍ଦ୍ୱ ବା ସଂଘାତ କାର୍ଯ୍ୟକରେ । ଏଠାରେ ଗୋଟିଏ କଥା ନିହାତି ମନେ ରଖିବା ଦରକାର ଯେ, କୌଣସି ମଣିଷ ହିଁ ବିଶେଷ କୌଣସି ପ୍ରବୃତ୍ତି ବା ବିବେକ ବୋଧ ନେଇ ଜନ୍ମଗ୍ରହଣ କରେନା ଏବଂ ଏଗୁଡିକ ଅପରିବର୍ତ୍ତନୀୟ ନୁହେଁ ବା ଶାଶ୍ୱତ ନୁହେଁ । ଦ୍ୱନ୍ଦ୍ୱ ସଂଘର୍ଷର ପ୍ରକ୍ରିୟାରେ ଯେଉଁ ବ୍ୟକ୍ତିର ପ୍ରବୃତ୍ତି ବିବେକକୁ ପରାସ୍ତ କରିବାକୁ ସକ୍ଷମ ହୁଏ ସେହି ବ୍ୟକ୍ତି ନିଛକ ପ୍ରବୃତ୍ତିର ଦାସ ହୋଇଯାଏ । ସ୍ୱାଭାବିକଭାବେ ହିଁ ସେହି ମଣିଷ ମଧ୍ୟରେ ଦୋଷର ଦିଗଟି ବୃଦ୍ଧି ପାଏ, ଗୁଣର ଦିଗଟି ନୁହେଁ । ଏହି ଧରଣର ମଣିଷକୁ ଆମେ କହୁ ଖରାପ ମଣିଷ । ବିପରୀତ ଦିଗରୁ ଯେଉଁ ମଣିଷର ବିବେକ ଖୁବ୍ ସଚେତନ ଓ ସକ୍ରୀୟ, ଯେଉଁ ମଣିଷର ବିବେକ ପ୍ରବୃତ୍ତିକୁ ବଶୀଭୂତ କରିବାରେ ସକ୍ଷମ ହୁଏ, ସେହି ମଣିଷର ଗୁଣର ଦିଗଗୁଡିକ ହିଁ ଅଧିକରୁ ଅଧିକ ବିକଶିତ ହୋଇଥାଏ । ଆଉ ଏହିଭଳି ମଣିଷକୁ ଆମେ କହୁ ଭଲ ମଣିଷ । ଅର୍ଥାତ୍ ଯେଉଁଠି ପ୍ରବୃତ୍ତି

ଜୟୀ ହୁଏ, ସେଠି ମଣିଷ ହୁଏ ବ୍ୟଭିଚାରୀ, ଆଉ ବିବେକ ଜୟୀ ହେଲେ, ମଣିଷ ଜୀବନର ମୋଡ ବଦଳି ଯାଏ, ସମାଜରେ ସେ ଭଲ ମଣିଷଭାବେ ସ୍ୱୀକୃତି ପାଏ । ମାତ୍ର ଏକଥାର ଅର୍ଥ ଏମିତି ନୁହେଁ ଯେ, ଭଲ ମଣିଷ ମଧ୍ୟରେ ବି କୌଣସି ଖରାପ ବା ନୀଚ ପ୍ରବୃତ୍ତି ଉଙ୍କି ମାରିପାରେନା, ବା ମନ୍ଦ ଲୋକ ମଧ୍ୟରେ ବି କିଛି ଭଲ ଜିନିଷ ଥାଇପାରେନା – ବିଷୟଟି ସେଭଳି ନୁହେଁ ।

ସୁତରାଂ, ଏକଥା ପରିଷ୍କାର ଯେ ପ୍ରତ୍ୟେକ ମଣିଷ ମଧ୍ୟରେ ଏହି ବିବେକ ଓ ପ୍ରବୃତ୍ତିର ପ୍ରତିନିୟତ ଦ୍ୱନ୍ଦ୍ୱ ସମନ୍ୱୟ ବିଦ୍ୟମାନ ଏବଂ ଏହା ବି ଅତ୍ୟନ୍ତ ସୁସ୍ପଷ୍ଟ ଯେ ସେହି ଏକା ମଣିଷ ମଧ୍ୟରେ ବିବେକ ଓ ପ୍ରବୃତ୍ତି ସମ୍ପୂର୍ଣ୍ଣ ବିରୋଧୀ ସତ୍ତା ନେଇ ଅବସ୍ଥାନ କରେ ଏବଂ ପ୍ରତ୍ୟେକ ମଣିଷ ଏହି ଦୁଇ ବିରୋଧୀ ଶକ୍ତିର ଦ୍ୱନ୍ଦ୍ୱ ନେଇ ଅବସ୍ଥାନ କରୁଛି । ଆହୁରି ବି ଏହି ଦୁଇ ବିରୋଧୀ ଶକ୍ତି ମଧ୍ୟରେ ଯେମିତି ଦ୍ୱନ୍ଦ୍ୱ ଅଛି ସେମିତି ସେମାନଙ୍କର ସମନ୍ୱୟ ବି ରହିଛି । ଏହି ବିରୋଧୀ ଶକ୍ତି ମଧ୍ୟରେ ଐକ୍ୟ ଅଛି ବୋଲି ସମାଜରେ ଆମେ ସ୍ୱାଭାବିକ ମଣିଷ ଦେଖିବାକୁ ପାଉ । ପ୍ରବୃତ୍ତି ଓ ବିବେକର ଦ୍ୱନ୍ଦ୍ୱର ଏହି ଐକ୍ୟ ଓ ସମନ୍ୱୟ ନଘଟିଲେ ମଣିଷ ପାଗଳ ହୋଇଯାଏ, ତାର ମାନସିକ ଭାରସାମ୍ୟର ଅଭାବ ଘଟେ । ଅର୍ଥାତ୍, ଜଣେ ଭଲ ମଣିଷ ମଧ୍ୟରେ ଯେତେବେଳେ ନୀଚ ପ୍ରବୃତ୍ତି ଉଙ୍କିମାରେ ସେତେବେଳେ ସେ ବୁଦ୍ଧି ବଳରେ ସଚେତନ ପ୍ରଚେଷ୍ଟା ସାହାଯ୍ୟରେ ତାକୁ ଦମନକରେ । ଏହାଫଳରେ ହିଁ ମଣିଷ ମନରେ ଭାରସାମ୍ୟ ଠିକ୍ ରୁହେ, ନର୍ମାଲ ବା ସ୍ୱାଭାବିକ ମଣିଷ ଭାବେ ହିଁ ସେ ଅବସ୍ଥାନ କରେ । କିନ୍ତୁ କୌଣସି ମଣିଷ ଏହି ବିରୋଧୀ ଶକ୍ତି ମଧ୍ୟରେ ଐକ୍ୟ ପ୍ରତିଷ୍ଠା କରିବାକୁ ସକ୍ଷମ ନହେଲେ ଗୋଟିଏ ପ୍ରକ୍ରିୟାରେ କ୍ରମାନ୍ୱୟରେ ସେହି ମଣିଷର ଭାରସାମ୍ୟ ନଷ୍ଟ ହୋଇଯାଏ, ମାନସିକ ଦ୍ୱନ୍ଦ୍ୱରେ ଅସ୍ଥିର ହୋଇ ଦିନେ ସେ ପାଗଳ ହୋଇଯାଏ ।

ସମାଜକୁ ଲକ୍ଷ୍ୟ କଲେ ହିଁ ଏହି ବିରୋଧୀ ଶକ୍ତିର ଐକ୍ୟ (Unity of opposites) ନୀତିଟିକୁ ଆପଣମାନେ ବୁଝି ପାରିବେ । ଯେମିତି ଧରନ୍ତୁ ପୁଞ୍ଜିବାଦୀ ସମାଜରେ ବୁର୍ଜୁଆ ଶ୍ରେଣୀ ଓ ଶ୍ରମିକଶ୍ରେଣୀ ଏହି ଦୁଇ ମୂଳ ବିରୋଧୀ ଶକ୍ତି ଏକ ଅପରକୁ ଉଚ୍ଛେଦ କରିବା ପାଇଁ ଲଢୁଛି, ବୁର୍ଜୁଆ ଓ ଶ୍ରମିକ ମଧ୍ୟରେ ଏହି ଲଢେଇର ଚରିତ୍ର ହେଉଛି ଏକ ଅପରକୁ ଧ୍ୱଂସ କରିବା ପାଇଁ ଚେଷ୍ଟା କରିବା । ଆପଣମାନେ ଆଗରୁ ଶୁଣିଛନ୍ତି ଯେ, ଏହି ଧରଣର ଦ୍ୱନ୍ଦ୍ୱକୁ କୁହାଯାଏ ବିରୋଧାତ୍ମକ ଦ୍ୱନ୍ଦ୍ୱ ଅର୍ଥାତ୍ antagonistic contradiction । ସ୍ୱାଭାବିକଭାବେ ଏଠାରେ ଯେଉଁ ପ୍ରଶ୍ନଟିକୁ ଏଡାଇ ଦିଆଯାଇପାରେନା ତାହାହେଲା, ବୁର୍ଜୁଆଶ୍ରେଣୀ ଓ ଶ୍ରମିକ ଶ୍ରେଣୀର ଲଢେଇର ମୂଳ ଉଦ୍ଦେଶ୍ୟ ଯେଉଁଠି ଏକ ଅପରକୁ ଉଚ୍ଛେଦ କରିବା ସେଠାରେ ଏହି ପୁଞ୍ଜିବାଦୀ ସମାଜ ତିଷ୍ଠି ରହିଛି କିପରି ? କାହିଁକି ସମସ୍ତେ ଏହି ସମାଜର ଆଇନ୍ କାନୁନ୍, ନିୟମ-ଶୃଙ୍ଖଳା କମ୍‌ବେଶୀ ମାନି ଚାଲୁଛନ୍ତି ? ପୁଞ୍ଜିପତିଶ୍ରେଣୀର ମୁନାଫା ଲୁଟିବା ଉଦ୍ଦେଶ୍ୟରେ ସମାଜରେ ଯେଉଁ ଉତ୍ପାଦନ ହେଉଛି ସେହି ଉତ୍ପାଦନରେ ଶ୍ରମିକମାନେ ଅଂଶ ଗ୍ରହଣ କରୁଛନ୍ତି କେମିତି ? ବୁର୍ଜୁଆଶ୍ରେଣୀ ଓ ଶ୍ରମିକଶ୍ରେଣୀ ଏହି ଯେଉଁ ଦୁଇଟି ପରସ୍ପର ବିରୋଧୀ ଶକ୍ତିର ଏକ ଅପରକୁ ଉଚ୍ଛେଦ କରିବା ସଂଗ୍ରାମରେ ଲିପ୍ତ ହେବା କଥା, ସେମାନେ ପୁଣି କେମିତି ଭାବରେ ପରସ୍ପର ମଧ୍ୟରେ ସହଯୋଗୀତା ଭିତ୍ତିରେ ପୁଞ୍ଜିବାଦୀ

ଉତ୍ପାଦନ ବ୍ୟବସ୍ଥାକୁ ବଞ୍ଚେଇ ରଖିଛନ୍ତି ? ଆଉ, ଏହି ଧରଣର ଘଟଣା ଦୁନିଆରେ ଆଜି ଘଟୁଛି ତାହା ନୁହେଁ, ଇତି ପୂର୍ବେ ଏହି ଧରଣର ଘଟଣା ଘଟିଥିବାର ଦେଖାଯାଇଛି । ସେହି ପୁଞ୍ଜିବାଦ ଗଢି ଉଠିବା ଯୁଗରେ ଯେତେବେଳେ ସାମନ୍ତତାନ୍ତ୍ରିକ ସମାଜ ବ୍ୟବସ୍ଥାର ଅଭ୍ୟନ୍ତରରେ ଗଢି ଉଠିଥିବା ପୁଞ୍ଜିପତିଶ୍ରେଣୀ ସାମନ୍ତବାଦ ବିରୁଦ୍ଧରେ ଲଢେଇ କରିଛି, ସେତେବେଳେ ବି ଏହି ଘଟଣା ଘଟଛି । ଇତିହାସରେ ସାମନ୍ତତନ୍ତ୍ର ବା feudalism ଯେତେ ଦିନ ତିଷ୍ଠି ରହିଥିଲା ପରସ୍ପର ବିରୋଧୀ ସ୍ୱାର୍ଥ ନେଇ ଚାଲିବା ସତ୍ତ୍ୱେ ବି ତାହା ତିଷ୍ଠି ରହିଥିଲା ସାମନ୍ତ ପ୍ରଭୁ ଓ ବୁର୍ଜୁଆଶ୍ରେଣୀ ଏହି ଦୁଇ ଶ୍ରେଣୀର ଐକ୍ୟ ଓ ବୁଝାମଣା ଭିତ୍ତିରେ । ସେମାନେ ପରସ୍ପର ବିରୋଧରେ ଲଢେଇ କରିଛନ୍ତି, ପୁଣି ଆପୋଷ କରିଛନ୍ତି । ଆପୋଷ କରିଛନ୍ତି କାହିଁକି ? ଯେତେଦିନ ପର୍ଯ୍ୟନ୍ତ ସାମନ୍ତତନ୍ତ୍ର ବା ରାଜତନ୍ତ୍ରର ଉଚ୍ଛେଦ ଘଟାଇବା ସମ୍ଭବ ହୋଇନାହିଁ, ଉଚ୍ଛେଦ କରିବା ଭଳି କ୍ଷମତା ବା ଶକ୍ତି ଅର୍ଜନ କରାଯାଇପାରି ନାହିଁ – ସେତେଦିନଯାଏ ସେହି ସ୍ଥାୟୀ ଓ ଶକ୍ତିଶାଳୀ ରାଜଶକ୍ତି ବା ସାମନ୍ତୀ ଶକ୍ତି ସହିତ ଗଢି ଉଠିଥିବା ପୁଞ୍ଜିବାଦୀ ଶକ୍ତିକୁ ଆପୋଷ ଓ ମୀମାଂସା କରି ଚଳିବାକୁ ପଡିଛି ଏବଂ ମିମାଂସା ଯିଏ ଶକ୍ତିମାନ ତାହାର ସ୍ୱାର୍ଥର ଅନୁକୂଳରେ ହିଁ କରିବାକୁ ପଡିଛି । ନିଜର ସ୍ୱାର୍ଥକୁ ଯେତିକି ରକ୍ଷା କରାଯାଇପାରେ ବା ଯେତିକି ଶକ୍ତି ବୃଦ୍ଧି କରାଯାଇପାରେ ସେହି ଦିଗକୁ ଲକ୍ଷ୍ୟ ରଖି ବୁର୍ଜୁଆଶ୍ରେଣୀକୁ ସାମନ୍ତତନ୍ତ୍ର ସହିତ ଆପୋଷ କରି ଚାଲିବାକୁ ପଡିଛି । ଅର୍ଥାତ୍ ସାମନ୍ତତନ୍ତ୍ରକୁ ଭାଙ୍ଗିବା ଭଳି ଚୁଡାନ୍ତ ଶକ୍ତି ଯେତେଦିନ ବୁର୍ଜୁଆମାନେ ଅର୍ଜନ କରିବାକୁ ସକ୍ଷମ ହୋଇ ନାହାନ୍ତି, ସେତେଦିନ ବାରମ୍ବାର ସାମନ୍ତତନ୍ତ୍ର ସହିତ ଆପୋଷ (compromise) କରିବାକୁ ହୋଇଛି । ଏହି କାରଣରୁ ହିଁ ସାମନ୍ତତାନ୍ତ୍ରିକ ସମାଜ ବ୍ୟବସ୍ଥାରେ ବୁର୍ଜୁଆଶ୍ରେଣୀ ଓ ସାମନ୍ତ ପ୍ରଭୁ ଏହି ଦୁଇ ବିରୋଧୀ ଶକ୍ତିର ଦ୍ୱନ୍ଦ୍ୱ ଥିବା ସତ୍ତ୍ୱେ ବି ସାମନ୍ତତନ୍ତ୍ର ତିଷ୍ଠି ରହିଥିଲା – ଯେମିତି ଆଜି ପୁଞ୍ଜିବାଦ ତିଷ୍ଠି ରହିଛି ।

ଏହି ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାରେ ଆପଣମାନେ କ'ଣ ଦେଖୁଛନ୍ତି ? ଶୋଷଣରେ ପେଶି ହୋଇ କେବେ କେବେ ଶ୍ରମିକମାନେ ବିକ୍ଷୁବ୍ଧ ହୋଇ ମାଲିକ ବିରୁଦ୍ଧରେ ଆନ୍ଦୋଳନ କରୁଛନ୍ତି, ଏପରିକି ଧର୍ମଘଟ ବି କରୁଛନ୍ତି । କିନ୍ତୁ ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ଶ୍ରମିକମାନେ କ'ଣ ଧର୍ମଘଟ କରିପାରିବେ କି ? ନା, ପାରିବେ ନାହିଁ, କାରଣ, ପ୍ରତିଦିନ ଶ୍ରମିକମାନେ ଧର୍ମଘଟ କଲେ ଖାଇବେ କ'ଣ ? ଫଳରେ କାମ ନ କରି ସେମାନେ ରହିପାରନ୍ତି ନାହିଁ । ଆଉ ବିପ୍ଳବ ମାଧ୍ୟମ ଦେଇ ପୁଞ୍ଜିବାଦୀ ରାଷ୍ଟ୍ରକୁ ଉଚ୍ଛେଦ କରିବାକୁ ଚାହିଁଲେ ହିଁ ତ ଆଉ ବିପ୍ଳବ ହୋଇ ଯିବନାହିଁ । ଆପଣମାନେ ସମସ୍ତେ ଜାଣନ୍ତି ଯେ, ଧର୍ମଘଟ ଅର୍ଥ ବିପ୍ଳବ ନୁହେଁ । ଗୋଟିଏ କାରଖାନାରେ ଶ୍ରମିକମାନେ ମାଲିକ ବିରୁଦ୍ଧରେ ଲଢୁଛନ୍ତି, ଶ୍ରମିକମାନେ ଅତ୍ୟନ୍ତ ବିକ୍ଷୁବ୍ଧ ହୋଇପଡିଛନ୍ତି, ଏକଥାର ଅର୍ଥ ଏହା ନୁହେଁ ଯେ, ତତ୍କ୍ଷଣାତ୍ ବିପ୍ଳବ ହୋଇଗଲା, ଶ୍ରମିକଶ୍ରେଣୀ କ୍ଷମତା ଦଖଲ କରିନେଲା, ଆଉ ପୁଞ୍ଜିପତିଶ୍ରେଣୀ ଲୋଟା କମ୍ବଳ ନେଇ ବ୍ୟବସାୟ ବାଣିଜ୍ୟ ବନ୍ଦ କରିଦେଲା । ରାଷ୍ଟ୍ର କ୍ଷମତାରୁ ପୁଞ୍ଜିପତି ଶ୍ରେଣୀକୁ ଉଚ୍ଛେଦ କଲାଭଳି ପ୍ରୟୋଜନୀୟ ଓ ଉପଯୁକ୍ତ ଶକ୍ତି ଶ୍ରମିକଶ୍ରେଣୀ ସଞ୍ଚୟ ନ କରିପାରିବା ପର୍ଯ୍ୟନ୍ତ ଆପଣମାନେ ଯଦି ମନେ କରନ୍ତି ଯେ, ପୁଞ୍ଜିପତିଶ୍ରେଣୀ ଯେହେତୁ ଆମର ଶତ୍ରୁ, ତେଣୁ ତା ସହିତ ପୁଣି ବୈଠକ କାହିଁକି ହେବ, ବା ତା ସହିତ ପୁଣି ବୁଝାମଣା କାହିଁକି ହେବ ଏଭଳି ଭାବିଲେ ଭୁଲ

ହେବ । ଏ ପ୍ରକାର କାର୍ଯ୍ୟ ଆମେ କରିପାରୁନା । ଆମକୁ ଶ୍ରମିକମାନଙ୍କୁ ବୁଝାଇବାକୁ ହେବ ଯେ, ଏଇ ପଥରେ ସେମାନେ ନିଜର ଅନେକ ଶକ୍ତି କ୍ଷୟ କରିପାରନ୍ତି, କିନ୍ତୁ ତାହା ଦ୍ୱାରା ସେମାନେ ପୁଞ୍ଜିବାଦର କେଶାଗ୍ର ବି ସ୍ପର୍ଶ କରିପାରିବେ ନାହିଁ । ବରଂ, ଏହି ଉଗ୍ରତା ଫଳରେ କିଛି ମଣିଷ ବିଭ୍ରାନ୍ତ ହେବେ, ଯେଉଁ ସାମାନ୍ୟ ବିପ୍ଳବୀ ସଙ୍ଗଠନ ଗଢ଼ି ଉଠିଥିଲା ତା ଉପରେ ନଇଁ ଆସିବ ଅଚାନକ ଆଘାତ । ଏହି ଆଘାତ ଯଦିଓ ଆହୁରି ବି ବହୁ ପଥ ଦେଇ ଆସିପାରେ – ତାହା ଏକ ଭିନ୍ନ ଆଲୋଚନା ।

ବିପ୍ଳବର ଜଟିଳତା ସମ୍ପର୍କରେ ଯେଉଁମାନେ ବୁଝି ନାହାନ୍ତି, ସେମାନେ ଖିଆଲ ରଖିବା ଉଚିତ ଯେ, ଖାଲି 'ବିପ୍ଳବ', 'ବିପ୍ଳବ' ବୋଲି ଚିତ୍କାର କଲେ ହିଁ ବିପ୍ଳବ ହେବ ନାହିଁ । ଏହି ବିପ୍ଳବୀ ସଂଗ୍ରାମ ମଧ୍ୟରେ ନାନା ଜଟିଳତା ରହିଛି ଆଉ ଉତ୍‌ଥାନ ପତନ ରହିଛି, twist and turn ରହିଛି, ବହୁ ବୁଝାମଣା ବି ରହିଛି । 'ବିରୋଧୀ ଶକ୍ତିର ଐକ୍ୟ' ଏଇ ନୀତିର ମୂଳକଥା ହେଲା ଯେ, ଶତ୍ରୁକୁ ଉଚ୍ଛେଦ କରିବା ଭଳି ଶକ୍ତି ଅର୍ଜନ ନ କରିବା ପର୍ଯ୍ୟନ୍ତ ଏହି ଐକ୍ୟ ବା ବୁଝାମଣା କରିବାକୁ ହେବ – ଏକଥା ଠିକ୍, କିନ୍ତୁ ଏହି ବୁଝାମଣାର ପୁଣି ଉଦ୍ଦେଶ୍ୟ ହେଉଛି, ଶକ୍ତି ସଞ୍ଚୟ କରିବା, ଶତ୍ରୁକୁ ଉଚ୍ଛେଦ କରିବା ଭଳି ଉପଯୁକ୍ତ କ୍ଷମତା ଅର୍ଜନ କରିବା– କିଛି ସୁବିଧା ଆଦାୟ ବା ଶତ୍ରୁ ପାଖରେ ଆତ୍ମସମର୍ପଣ କରିବା ନୁହେଁ । ତେଣୁ ସେହି ଧରଣର ଶକ୍ତି ସଞ୍ଚୟ କରିବା ପୂର୍ବ ପର୍ଯ୍ୟନ୍ତ ଦେଖାଯାଏ ବାରମ୍ବାର ମାଲିକ ବିରୁଦ୍ଧରେ ଶ୍ରମିକର ଲଢାଇ ହେଉଛି, ପୁଣି ସେହି ଶ୍ରମିକ ହିଁ ମାଲିକ ଅଧିନରେ କାର୍ଯ୍ୟ କରୁଛି, ଉତ୍ପାଦନରେ ଅଂଶ ଗ୍ରହଣ କରୁଛି । ସୁତରାଂ, ଏହି ଯେ ଉତ୍ପାଦନ ହେଉଛି, ଉତ୍ପାଦନ ବ୍ୟବସ୍ଥା ଚାଲୁ ରହିଛି – ଏହି ସବୁକିଛି ହେଉଛି ବିରୋଧୀ ଶକ୍ତିର ଐକ୍ୟର ନୀତିକୁ ମାନି । କମ୍ୟୁନିଷ୍ଟ ଆନ୍ଦୋଳନରେ ଯେଉଁମାନେ ଏହି ନୀତିକୁ ବୁଝି ପାରିନାହାନ୍ତି, ସେମାନେ ଉଗ୍ର ବାମପନ୍ଥୀ ରାଜନୀତିର ଚର୍ଚ୍ଚା କରନ୍ତି । syndicalism ପରି ଧ୍ୱଂସାତ୍ମକ ରାଜନୀତିର ପ୍ରଶ୍ରୟ ଦେଉଛନ୍ତି – କିନ୍ତୁ ଶ୍ରମିକ ଶ୍ରେଣୀର ମୁକ୍ତିର ପଥ ଦେଖାଇ ପାରିନାହାନ୍ତି । 'ବିରୋଧୀ ଶକ୍ତିର ଐକ୍ୟ'ର ନୀତିକୁ ଆପଣମାନଙ୍କୁ ଏହିଭଳି ହିଁ ବୁଝିବାକୁ ହେବ ।

## ବିକାଶ ପଥରେ ଅବଲୁପ୍ତି, ଅବଲୁପ୍ତି ପଥରେ ବିକାଶ
### Negation of the Negation

Three Principlesବା ତିନୋଟି ମୂଳ ନିୟମର ତୃତୀୟ ନୀତିଟି ହେଉଛି, Negation of the Negation ବା ବିକାଶ ପଥରେ ଅବ୍‌ଲୁପ୍ତି, ଅବଲୁପ୍ତି ପଥରେ ବିକାଶ । ଏହି ନୀତିଟିର ଅର୍ଥ ହେଉଛି, ଦୁନିଆରେ ନିଛକ ସୃଷ୍ଟି ବା ନିଛକ ଧ୍ୱଂସ ବୋଲି କିଛି ନାହିଁ । ସୃଷ୍ଟି ଅର୍ଥ ହିଁ ହେଉଛି ଧ୍ୱଂସ, ପୁଣି ଧ୍ୱଂସ ମଧ୍ୟ ଦେଇ ନୂତନର ସୃଷ୍ଟି । ଅର୍ଥାତ୍, ବିକାଶ ପଥରେ ହିଁ ଅବଲୁପ୍ତି, ପୁଣି ଅବଲୁପ୍ତିର ପଥରେ ବିକାଶ । ଯେମିତି ଧରନ୍ତୁ ମାନବ ଦେହ । ଶାରୀରିକ ବୈଶିଷ୍ଟ୍ୟ ଦିଗରୁ ଏହି ମାନବ ଦେହରେ କେତେଗୁଡିଏ ଅଧ୍ୟାୟ ଥାଏ – ଶୈଶବ, କୈଶୋର, ଯୌବନ, ପ୍ରୌଢତ୍ୱ ଏବଂ ତାପରେ ବାର୍ଦ୍ଧକ୍ୟ । ଏହା ହେଉଛି ମାନବ ଦେହର ପରିବର୍ତ୍ତନର ବିଭିନ୍ନ ସ୍ତର ଏବଂ ଏହି ପରିବର୍ତ୍ତନର ପ୍ରତ୍ୟେକ ସ୍ତରରେ ହିଁ ଗୋଟିକର ଧ୍ୱଂସ

ମଧ୍ୟ ନେଇ ଅପରଟିର ସୃଷ୍ଟି ହୁଏ । ଯେମିତି ଗୋଟିଏ ଶିଶୁ ଦେହ ମଧ୍ୟରେ ପ୍ରତିଦିନ ଯେଉଁ ପରିବର୍ତ୍ତନ ଘଟେ, ସେହି ପ୍ରତିଦିନର ପରିବର୍ତ୍ତନକୁ ଆମେ ବୁଝି ପାରୁନା । ମାତ୍ର ଆମେ ବୁଝି ପାରୁନା – ଏକଥାର ଅର୍ଥ ଏହା ନୁହେଁ ଯେ, ଶିଶୁଟିର ଦେହରେ ପ୍ରତିଦିନ କୌଣସି ପରିବର୍ତ୍ତନ ଘଟୁ ନାହିଁ । କାରଣ, ହଠାତ୍ ଗୋଟିଏ ସମୟରେ ଆସି ଆମେ ଆବିଷ୍କାର କରୁଯେ, ଶିଶୁଟି ଆଉ ଶିଶୁ ନାହିଁ, ସେ କୈଶୋରରେ ପଦାର୍ପଣ କରିଛି । ଠିକ୍ ଅନୁରୂପଭାବେ ଦୃଷ୍ଟିରେ ପଡେ, କୈଶୋର ଅତିକ୍ରମ କରି ସେ ଯୁବକ ହୋଇଛି । ତାପରେ ପ୍ରୌଢତ୍ୱ ଏବଂ ଶେଷ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟରେ ସେ ପଦାର୍ପଣ କରିଛି । ମାନବ ଦେହର ପରିବର୍ତ୍ତନର ଏହି ପ୍ରକ୍ରିୟାକୁ ଲକ୍ଷ୍ୟ କଲେ ହିଁ ଆମେ ବୁଝି ପାରିବୁ ଯେ, ପ୍ରତି ମୁହୂର୍ତ୍ତକୁ ଧ୍ୱଂସ କରି ନପାରିଲେ ଶିଶୁ କେବେ ବି କୈଶୋରରେ ପଦାର୍ପଣ କରିପାରିବ ନାହିଁ । ଗୋଟିଏ ଶିଶୁ କୈଶୋରରେ ପାଦ ଦେଇଛି ଅର୍ଥ ହେଲା ଶୈଶବକୁ ତିଳ ତିଳ କରି ଧ୍ୱଂସ କରି କୈଶୋରରେ ପଦାର୍ପଣ କରିଛି ।

ସେହି ଏକା ପ୍ରକ୍ରିୟାରେ କୈଶୋରକୁ ତିଳ ତିଳ କରି ଧ୍ୱଂସ କରି ସେ ପୂର୍ଣ୍ଣ ଯୌବନରେ ଉପନୀତ ହୋଇଛି ଏବଂ ଯୌବନକୁ ଅତିକ୍ରମ କରି ସେ ପ୍ରଥମେ ପ୍ରୌଢତ୍ୱ, ପରେ ବାର୍ଦ୍ଧକ୍ୟ ତେଣୁ ନିଛକ ଧ୍ୱଂସ ବୋଲି କିଛି ନାହିଁ । ନିଛକ ସୃଷ୍ଟି ବୋଲି ବି କିଛି ନାହିଁ । simple negation ନୁହେଁ negation of the negation ରେ ପହଁଚିଛି । ସେହି କାରଣରୁ ହିଁ ଆମେ କହୁ– ବିକାଶର ପଥରେ ଅବଲୁପ୍ତି– ଅବଲୁପ୍ତି ପଥରେ ବିକାଶ । କ୍ରମାଗତ ପୁରାତନକୁ, ଅତୀତକୁ ଧ୍ୱଂସ କରି ନ ପାରିଲେ ନିତ୍ୟ ନୂତନର ବିକାଶ ହୁଏ ନାହିଁ । ସେହି କାରଣରୁ ସୃଷ୍ଟି ଏବଂ ଧ୍ୱଂସ ଓତଃପ୍ରୋତଭାବେ ଯୁକ୍ତ ।

ସମାଜ କ୍ଷେତ୍ରରେ ଏହି ଏକା କଥା ପ୍ରଯୁଜ୍ୟ । ସମାଜର କ୍ରମ ବିକାଶର ଇତିହାସ ଯେଉଁମାନେ ଜାଣନ୍ତି, ସେମାନେ ସମସ୍ତେ ହିଁ ଅବଗତ ଯେ, ମଣିଷ ସମାଜ ଆଦି ଅବସ୍ଥାରେ ଶ୍ରେଣୀ ବିଭକ୍ତ ନଥିଲା । ଐତିହାସିକ କାରଣରୁ ଉତ୍ପାଦନର ଗୋଟିଏ ସ୍ତରରେ ଆସି ସମାଜ ଶ୍ରେଣୀ ବିଭକ୍ତ ହେଲା । ଆଦିମ ଅବସ୍ଥାରେ ପ୍ରକୃତି nature ବିରୁଦ୍ଧରେ ମଣିଷର ଦ୍ୱନ୍ଦ୍ୱ ଥିଲା ସମାଜର ମୂଳ ଦ୍ୱନ୍ଦ୍ୱ । କିନ୍ତୁ ଯେଉଁଦିନଠାରୁ ସମାଜ ଶ୍ରେଣୀ ବିଭକ୍ତ ହେଲା, ସେହିଦିନଠାରୁ ପ୍ରକୃତି ବିରୁଦ୍ଧରେ ମଣିଷର ଯେଉଁ ସଂଗ୍ରାମ ଚାଲିଥିଲା ତାହା ସହିତ ଯୁକ୍ତ ହେଲା ଶ୍ରେଣୀ ଦ୍ୱନ୍ଦ୍ୱ । ଶ୍ରେଣୀ ବିଭକ୍ତ ସମାଜ ସୃଷ୍ଟି ହେବା ପରଠାରୁ ବିଭିନ୍ନ ସମାଜରେ ଏହି ଶ୍ରେଣୀ ସଂଗ୍ରାମର ସ୍ୱରୂପ ଯେମିତି ବଦଳିଛି, ସେମିତି ତାହା କ୍ରମାଗତ ତୀବ୍ରରୁ ତୀବ୍ରତର ହୋଇଛି, ତାହା ଆଜି ପୁଞ୍ଜିବାଦୀ ସମାଜକୁ ଆସି ଚୁଡାନ୍ତ ରୂପ ଧାରଣ କରିଛି । ସମାଜର ମୌଳିକ ବୈଶିଷ୍ଟ୍ୟ ଓ ଶ୍ରେଣୀ ବିନ୍ୟାସର ଦିଗ ପ୍ରତି ଯଦି ଲକ୍ଷ୍ୟ କରାଯିବ, ତାହେଲେ ଦେଖାଯିବ, ଶ୍ରେଣୀ ବିଭକ୍ତ ହେବାପରେ ସମାଜ ପରିବର୍ତ୍ତନର ଏହି ପ୍ରକ୍ରିୟାରେ ସମାଜର କ୍ରମ ପର୍ଯ୍ୟାୟରେ ଦାସପ୍ରଭୁ–ଦାସରେ ବିଭକ୍ତ ସମାଜ, ସାମନ୍ତତାନ୍ତ୍ରିକ ସମାଜ, ପୁଞ୍ଜିବାଦୀ ସମାଜ ଏବଂ ସମାଜତାନ୍ତ୍ରିକ ସମାଜର ସୃଷ୍ଟି ହୋଇଛି । ସମାଜ ବ୍ୟବସ୍ଥା ଓ ତାର ଶ୍ରେଣୀ ବିନ୍ୟାସକୁ ଲକ୍ଷ୍ୟ କଲେ ଏକଥା ସ୍ପଷ୍ଟଭାବେ ବୁଝିହେବ ଯେ, ଦାସ ମାଲିକ ଓ ଦାସରେ ବିଭକ୍ତ ସମାଜ– ତାହା ନିଜକୁ କ୍ଷୟ କରିବା ପଥରେ ହିଁ ପରିମାଣଗତ ଓ ଗୁଣଗତ ପରିବର୍ତ୍ତନର ମଧ୍ୟ ଦେଇ ସାମନ୍ତତାନ୍ତ୍ରିକ ସମାଜ ବ୍ୟବସ୍ଥାକୁ ଜନ୍ମ ଦେଇଛି ଏବଂ ଏହି ପ୍ରକ୍ରିୟାର ଧାରାରେ ପରେ ପରେ ସାମନ୍ତତାନ୍ତ୍ରିକ

ସମାଜ ବ୍ୟବସ୍ଥାରୁ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥା ଏବଂ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାରୁ ସମାଜତାନ୍ତ୍ରିକ ସମାଜ ବ୍ୟବସ୍ଥାର ଜନ୍ମ ହୋଇଛି । ଆମକୁ ମନେ ରଖିବାକୁ ହେବ ଯେ, ବିଶେଷ ଗୋଟିଏ ସମାଜର ମୃତ୍ୟୁ ଘଟିଲେ ବି ସାମଗ୍ରିକଭାବେ ସମାଜର ମୃତ୍ୟୁ ଘଟେ ନାହିଁ । ଘଟି ବି ପାରେନା । ପରିବର୍ତ୍ତନ ଯାହା ଘଟୁଛି, ତାହାହେଲା ଗୋଟିଏ ବିଶେଷ ସାମାଜିକ ବ୍ୟବସ୍ଥାରୁ ଅନ୍ୟ ଗୋଟିଏ ସମାଜ ବ୍ୟବସ୍ଥାକୁ ରୂପାନ୍ତର ଘଟିଲା । ସୁତରାଂ ସମାଜର କ୍ରମ ବିକାଶର ଅଗ୍ରଗତି କ୍ଷେତ୍ରରେ ମଧ୍ୟ Negation of the negation ବିକାଶ ପଥରେ ଅବଲୁପ୍ତି, ପୁଣି ଅବଲୁପ୍ତି ପଥରେ ବିକାଶର ମୂଳ ନୀତିଟି କାର୍ଯ୍ୟ କରୁଛି ।

Negation of the negation କୁ ଆଉ ଗୋଟିଏ ଦିଗରୁ ଆଲୋଚନା କରାଯାଇପାରେ । ଆପଣମାନେ ସମସ୍ତେ ହିଁ ଜାଣନ୍ତି, ବର୍ତ୍ତମାନ ପୁଞ୍ଜିବାଦୀ ରାଷ୍ଟ୍ରକୁ ଉଚ୍ଛେଦ କରିବା ସଂଗ୍ରାମରେ ସଠିକ୍ ଶ୍ରମିକ ଶ୍ରେଣୀ ପାର୍ଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ । ଖାଲି ସେତିକି ନୁହେଁ, ପୁଞ୍ଜିବାଦ ବିରୋଧୀ ସମାଜତାନ୍ତ୍ରିକ ବିପ୍ଳବ ସଫଳ ହେବାପରେ ପୁଞ୍ଜିବାଦ ଓ ସାମ୍ୟବାଦୀ ସମାଜର ମଝିରେ ଅନ୍ତବର୍ତ୍ତିକାଳୀନ (Transitional Period) ଯେଉଁ ସମାଜତାନ୍ତ୍ରିକ ସମାଜ ବ୍ୟବସ୍ଥା, ସେହି ସମୟରେ ମଧ୍ୟ ସର୍ବହରା ଏକନାୟକତ୍ୱକୁ ସୁପ୍ରତିଷ୍ଠିତ ଓ ସୁସଂହତ କରିବା କାର୍ଯ୍ୟରେ ଶ୍ରମିକଶ୍ରେଣୀର ପାର୍ଟିକୁ ଏକ କଠିନ ଓ କଠୋର ସଂଗ୍ରାମ ଚଳେଇବାକୁ ପଡିଥାଏ । ଏହି ସମୟରେ ଶ୍ରେଣୀ ଦ୍ୱନ୍ଦ୍ୱ ଓ ଶ୍ରେଣୀ ସଂଗ୍ରାମର ଅବଲୁପ୍ତି ଘଟେ ନାହିଁ । ଶ୍ରେଣୀ ସଂଗ୍ରାମ ଆହୁରି ଜଟିଳ ଓ ସୂକ୍ଷ୍ମ ରୂପ ଧାରଣ କରିଥାଏ ଆଉ ଏହି ସଂଗ୍ରାମରେ ସର୍ବହରା ଶ୍ରେଣୀ ହାତରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହତିଆର ହେଲା ଶ୍ରମିକଶ୍ରେଣୀର ପାର୍ଟି ଓ ତାର ସଠିକ୍ ନେତୃତ୍ୱକାରୀ ଭୂମିକା । ପୁଣି ସମାଜ ଅଗ୍ରଗତିର ମଧ୍ୟଦେଇ ସମାଜତାନ୍ତ୍ରିକ ସମାଜ ବ୍ୟବସ୍ଥାର ସ୍ତର ଅତିକ୍ରମକରି ମଣିଷ ଯେତେବେଳେ ସାମ୍ୟବାଦୀ ସମାଜରେ ପହଞ୍ଚିବ, ଅର୍ଥାତ୍, ଯେତେବେଳେ ସମାଜରେ ଉତ୍ପାଦନ ଓ ବଣ୍ଟନକୁ କେନ୍ଦ୍ରକରି ଦ୍ୱନ୍ଦ୍ୱର ଅବସାନ ଘଟିବ ଏବଂ ଅଧିକାଂଶ ମଣିଷର ସଂସ୍କୃତିଗତ, ରୁଚିଗତ ମାନ ଏପରି ସ୍ତରରେ ପହଞ୍ଚିବ ଯେ, ସାମାଜିକ ସ୍ୱାର୍ଥ ଓ ବ୍ୟକ୍ତି ସ୍ୱାର୍ଥ ମଧ୍ୟରେ ବିରୋଧାତ୍ମକ ଦ୍ୱନ୍ଦ୍ୱ- ମିଳନାତ୍ମକ ଦ୍ୱନ୍ଦ୍ୱରେ ରୂପାନ୍ତରିତ ହେବ, ସେଦିନ ସମାଜରେ ଶ୍ରେଣୀ ଅବଲୁପ୍ତି ସହିତ ରାଷ୍ଟ୍ର ଏବଂ ପାର୍ଟିର ବି ଅବଲୁପ୍ତି ଘଟିବ । ମନେ ରଖିବାକୁ ହେବ ଯେ, ଏହି ସର୍ତ୍ତଗୁଡିକ ପୂରଣ ନହେବା ପର୍ଯ୍ୟନ୍ତ ସାମ୍ୟବାଦୀ ସମାଜ ପ୍ରତିଷ୍ଠିତ ହୋଇପାରିବ ନାହିଁ । ଏଠାରେ ରାଷ୍ଟ୍ର ବା ପାର୍ଟିର ଏହି ଯେଉଁ ଅବଲୁପ୍ତି ଘଟିବ, ଆପଣମାନେ ମନେ ରଖିବେ, ତାହା ମଧ୍ୟ Negation of the negation ବିକାଶ ପଥରେ ଅବଲୁପ୍ତି, ଅବଲୁପ୍ତି ପଥରେ ବିକାଶର ନୀତିକୁ ଅନୁସରଣ କରି ହିଁ ଘଟିବ ।

ଯେଉଁକଥା ଆପଣମାନେ ନିଜେ ଭଲଭାବେ ବୁଝିବା ଦରକାର ଏବଂ ଦେଶର ଲୋକମାନଙ୍କୁ ବୁଝେଇବା ଦରକାର, ତାହାହେଲା, ଏହି ପୁଞ୍ଜିବାଦୀ ଶୋଷଣ ଓ ଦୁର୍ଦ୍ଦଶା ଶାଶ୍ୱତ ନୁହେଁ । ଆମ ଦେଶରେ ଏବଂ ଦୁନିଆରେ ସର୍ବତ୍ର ଏହି ପୁଞ୍ଜିବାଦୀ ବ୍ୟବସ୍ଥାର ବି ଦିନେ ମୃତ୍ୟୁ ଘଟିବ । ମାତ୍ର ଏହି ପରିବର୍ତ୍ତନ ପାଇଁ ଯାହା ପ୍ରୟୋଜନ, ତାହାହେଲା, ଜନସାଧାରଣଙ୍କ ମନରେ ଜନ୍ମ, ମୃତ୍ୟୁ, ଅର୍ଥନୈତିକ ଦୁର୍ଦ୍ଦଶା ଇତ୍ୟାଦି ବିଭିନ୍ନ ପ୍ରଶ୍ନକୁ କେନ୍ଦ୍ରକରି,

ଯେଉଁସବୁ ଭ୍ରାନ୍ତ ଧାରଣା ଛାଇ ହୋଇ ରହିଛି - ସେମାନଙ୍କ ମନରୁ ସେହି ମିଥ୍ୟା ଓ ଭ୍ରାନ୍ତ ଧାରଣାଗୁଡିକୁ ଆପଣମାନଙ୍କୁ କଟେଇବାକୁ ହେବ, ଅର୍ଥାତ୍, ସମସ୍ତ ଭ୍ରାନ୍ତ ଧାରଣାରୁ ସେମାନଙ୍କୁ ମୁକ୍ତ କରିବାକୁ ହେବ ଏବଂ ତାହା ସଙ୍ଗେ ସଙ୍ଗେ ସମାଜରେ ପ୍ରତି ମୁହୂର୍ତ୍ତରେ ଯେଉଁ ପରିବର୍ତ୍ତନ ଘଟି ଚାଲିଛି ତାର ପ୍ରକ୍ରିୟାକୁ ଆପଣମାନଙ୍କୁ ତ୍ୱରାନ୍ୱିତ କରିବାକୁ ହେବ । ଗୋଟିଏ କଥାରେ ଶ୍ରେଣୀ ସଂଗ୍ରାମକୁ ତୀବ୍ରତର କରିବା ଏବଂ ସେହି ସଂଗ୍ରାମକୁ ସଫଳ ବିପ୍ଳବର ପରିଣତିରେ ପହଞ୍ଚେଇ ଦେବା ପରି ଉପଯୁକ୍ତ ହତିହାର ହିସାବରେ ଶ୍ରମିକଶ୍ରେଣୀର ପାର୍ଟିକୁ ଆପଣମାନଙ୍କୁ ଶକ୍ତିଶାଳୀ କରିବାକୁ ହେବ, ଗଣସଂଗ୍ରାମ ଓ ଗଣଆନ୍ଦୋଳନଗୁଡିକୁ ଦୁର୍ବାର କରି ଗଢି ତୋଳିବାକୁ ହେବ । ଏହି କାର୍ଯ୍ୟ ନିର୍ଭର କରୁଛି ଆପଣମାନଙ୍କ ସମସ୍ତଙ୍କର ସଚେତନ ଭୂମିକା ପାଳନ କରିବା ଉପରେ ଏବଂ ମାର୍କ୍ସବାଦୀ ଦର୍ଶନକୁ ଖାଲି ବହି ପଢି ବା ମୁଖସ୍ତ କରି ନୁହେଁ - ଜୀବନରେ ଏବଂ କର୍ମରେ ପ୍ରୟୋଗ କରି ସମସ୍ତଙ୍କର ଉପଲବ୍ଧିକୁ ସ୍ୱଚ୍ଛ ଓ ପ୍ରାଞ୍ଜଳ କରି ଏବଂ ଯଥାର୍ଥ କମ୍ୟୁନିଷ୍ଟ ବିପ୍ଳବୀ ଚରିତ୍ରର ଉନ୍ନତ ରୁଚିଗତ ମାନ ଅର୍ଜନ କରିବା ଉପରେ । ଆପଣମାନେ ମନେ ରଖିବେ, ଏହି କାର୍ଯ୍ୟରେ ଆପଣମାନେ ଯେତେ ଦ୍ରୁତ ସଫଳତା ଅର୍ଜନ କରିପାରିବେ, ଭାରତବର୍ଷରେ ବିପ୍ଳବ ସେତେ ଅଧିକ ତ୍ୱରାନ୍ୱିତ ହେବ । ଏହି କଥା କହି ଶିକ୍ଷା ଶିବିରର ମାର୍କ୍ସବାଦୀ ଦର୍ଶନ ସଂକ୍ରାନ୍ତୀୟ ଆଲୋଚନା ମୁଁ ଏଠାରେ ଶେଷ କରୁଛି ।